R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୩୦
ତିଥି : ଦଶମୀ
୧୨ ଫେବୃଆରୀ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 130
12 February 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଜି ୧୨ ଘଣ୍ଟିଆ ଭାରତ ବନ୍ଦ



**୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନର ଡାକରା**
**ବନ୍ଦ ହେବ ଦୋକାନ ବଜାର, ଗଡ଼ିବନି ଗାଡ଼ି**
**ଅତ୍ୟାବଶ୍ୟକ ସେବା ଡାକରାରୁ ବାଦ୍**
**ବିଜେଡି, କଂଗ୍ରେସର ବନ୍ଦକୁ ସମର୍ଥନ**

ଭୁବନେଶ୍ୱର, ୧୧।୨ (ସବ୍ୟୁ) : କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି କେନ୍ଦ୍ର ସରକାରଙ୍କ ବିରୋଧରେ ଦେଶବ୍ୟାପୀ ହରତାଳ ଓ ଧର୍ମଘଟ କରିବାକୁ ୧୦ଟି ଟ୍ରେନ୍ୟୁନିଅନ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, ଚାଷୀ ବିରୋଧୀ ଏବଂ କର୍ପୋରେଟ୍ ସମର୍ଥନ ନୀତିକୁ ବିରୋଧ କରି ଏହି ବନ୍ଦ ପାଳନ କରାଯିବ । ନିଜର ହକ୍ ପାଇଁ ଶ୍ରମିକ ସଂଗଠନ ଗୁଡ଼ିକ ରାଜରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇଛି କଂଗ୍ରେସ ଓ ବିଜେଡି ।

ନୂଆ ଶ୍ରମ କୋଡ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତାତିଛନ୍ତି ବିଭିନ୍ନ ଶ୍ରମିକ ସଂଗଠନ । ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ବନ୍ଦ ଡାକରା ଦେଇଛନ୍ତି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଦେଶବ୍ୟାପୀ ବନ୍ଦ ପାଳନ ହେବ । ବନ୍ଦ ପାଳନ ସମୟରେ ସାରା ରାଜ୍ୟରେ ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇପାରେ । ସ୍କୁଲ ଓ କଲେଜ ବନ୍ଦ ରହିବା ଆଶଙ୍କା ରହିଛ ।

ବ୍ୟାଙ୍କ କର୍ମଚାରୀ ସଂଘଗୁଡ଼ିକ ଏହି ବନ୍ଦକୁ ସମର୍ଥନ କରୁଥିବାରୁ ବ୍ୟାଙ୍କ ସେବା ପ୍ରଭାବିତ ହୋଇପାରେ । ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ପେଟ୍ରୋଲ ପମ୍ପ ମଧ୍ୟ ବନ୍ଦ ହେବାର ଆଶଙ୍କା କରାଯାଉଛି । ଅନ୍ୟପଟେ ବିଜେଡି ଓ କଂଗ୍ରେସ ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇବା ପରେ ତେଜିଛି ରାଜନୀତି । ତଣୁ ଭାରତ ବନ୍ଦର ପ୍ରଭାବ ଅନେକ ରାଜ୍ୟକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । କେବଳ ଏତିକି ନୁହେଁ, ବନ୍ଦ ପାଳନରେ ୩୦ କୋଟିରୁ ଅଧିକ ଶ୍ରମିକ ସାମିଲ ହେବେ (୯ ପୃଷ୍ଠାରେ)

## ବିଧାନସଭା ବଜେଟ୍ ଅଧିବେଶନ ୧୭ରୁ

# ୧୬ରେ ବସିବ ସର୍ବଦଳୀୟ ବୈଠକ



ଭୁବନେଶ୍ୱର, ୧୧।୨ (ସବ୍ୟୁ) : ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ । ତେବେ ଏହା ପୂର୍ବରୁ ବିଧାନସଭା ଅଧିବେଶନକୁ ସୁରୁଖୁରୁରେ ପରିଚାଳନା କରିବା ଲାଗି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ୧୬ ତାରିଖରେ ସର୍ବଦଳୀୟ ବୈଠକ ବସିବ। ୧୬ ତାରିଖ ଦିନ ପୂର୍ବାହ୍ନ ୧୦.୩୦ରେ ଏହି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ସବୁ ଦଳର ପ୍ରତିନିଧିମାନେ ଯୋଗଦେବେ।

ଫେବୃଆରୀ ୧୭ରୁ ଆରମ୍ଭ ହେଉଥିବା ବିଧାନସଭା ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୮ ତାରିଖ ଯାଏ ଚାଲିବ । ପ୍ରଥମ ଦିନ ରାଜ୍ୟପାଳ ତାଙ୍କ ଅଭିଭାଷଣ ପ୍ରଦାନ କରିବେ। ଏହାପରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା କରାଯିବ। ୨୦ ତାରିଖ ଦିନ ୨୦୨୬-୨୭ (୯ ପୃଷ୍ଠାରେ)

## ଏମ୍‌ଏଚ୍‌ଏର ନୂଆ ଗାଇଡ୍‌ଲାଇନ୍

# ସରକାରୀ କାର୍ଯ୍ୟକ୍ରମରେ ବନ୍ଦେ ମାତରମର ଗାନ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୧୧।୨ : ଏଣିକି ଜାତୀୟ ସଙ୍ଗୀତ ବନ୍ଦେ ମା ତରମ୍‌ର ୬ଟି ପାରା ଗାନ କରାଯିବ। ଏହି ସଙ୍ଗୀତ ଗାନ ବେଳେ ସମସ୍ତେ ନିଜ ନିଜ ଆସନରେ ଠିଆହେବେ। ଏହାପରେ ରାଷ୍ଟ୍ରୀୟ ସଙ୍ଗୀତ ଜନଗଣମନ ଗାନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନୂଆ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ନିର୍ଦ୍ଦିଷ୍ଟ ସରକାରୀ କାର୍ଯ୍ୟକ୍ରମରେ ଏହାକୁ ଗାନ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ୩ ମିନିଟ୍ ୧୦ ସେକେଣ୍ଡର ଗୀତକୁ ସ୍ୱତନ୍ତ୍ର ରାଜକୀୟ କାର୍ଯ୍ୟକ୍ରମରେ ଗାନ କରାଯିବ। ଏହାପରେ ରାଷ୍ଟ୍ରୀୟ ସଙ୍ଗୀତ ଜନଗଣମନ ୫୨ ସେକେଣ୍ଡ ଲାଗି ଗାନ କରାଯିବ।

ପଦ୍ମ ପୁରସ୍କାର ସମେତ ବିଭିନ୍ନ ନାଗରିକ ସମ୍ମାନ ସମାରୋହ, ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ହେଉଥିବା କାର୍ଯ୍ୟକ୍ରମ ଓ ରାଜ୍ୟପାଳଙ୍କ ଅଭିଭାଷଣ ପୂର୍ବରୁ ଏହି ଦୁଇଟି ସଙ୍ଗୀତକୁ ଗାନ କରାଯିବ। ପ୍ରଥମେ ଜାତୀୟ ଗୀତ ଗାନ କରାଯିବ। ତେବେ ଏହି ନିୟମ ସିନେମା ହଲ୍ ଭଳି ସ୍ଥାନରେ ଲାଗୁ ହେବନାହିଁ। ଅତିରିକ୍ତ ଭାବରେ ସ୍କୁଲଗୁଡ଼ିକୁ ଦିନର ଆରମ୍ଭ ଜାତୀୟ ଗୀତରୁ ଆରମ୍ଭ କରିବାକୁ କୁହାଯାଇଛି। ଜାତୀୟ ଗୀତର ଅଫିସିଆଲ ଭର୍ସନ ଗାନ ସହ ପରିବେଷଣ କରାଗଲେ ଉପସ୍ଥିତ ଥିବା ଲୋକ ଛିଡା ହେବେ। ଜାତୀୟ ପତାକା ଉତ୍ତୋଳନ, ସାଂସ୍କୃତିକ ଉତ୍ସବ କିମ୍ବା ପରେଡ୍ ବ୍ୟତିତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମ ଓ ରାଷ୍ଟ୍ରପତିଙ୍କ କୌଣସି ସରକାରୀ କିମ୍ବା ସାର୍ବଜନୀନ ସମାରୋହରେ ଆଗମନ ଆଦି ଅବସରରେ ଏହି ଗୀତକୁ ପରିବେଶଷ କରାଯିବ। ଗୋଟିଏ ଉପଯୁକ୍ତ ସାର୍ବଜନୀନ ଶବ୍ଦ ବ୍ୟବସ୍ଥା ରହିବ। ବିଭିନ୍ନ ସ୍ଥାନରେ ଉପସ୍ଥିତ ଲୋକମାନେ ଗାୟକମଣ୍ଡଳୀ ସହ ଗୋଟିଏ ସ୍ୱରରେ ଏହାକୁ ଗାନ କରିପାରିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

# ଖୁବ୍‌ଶୀଘ୍ର ୨୦ ପୋଲିସ ଜିଲ୍ଲାରେ ସାଇବର ଥାନା




ଭୁବନେଶ୍ୱର, ୧୧।୨ (ସବ୍ୟୁ) : ରାଜ୍ୟରେ ବଢୁଥିବା ସାଇବର ଠକେଇ ଓ ଅର୍ଥନୈତିକ ଅପରାଧକୁ ରୋକିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି । ଏହାକୁ ନେଇ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଖୁବ୍‌ଶୀଘ୍ର ୨୦ ପୋଲିସ ଜିଲ୍ଲାରେ ଉଦ୍‌ଘାଟନ ହେବ ସାଇବର ଥାନା ।

ବୈଠକରେ ଡିଜି କ୍ରାଇମ୍‌ବ୍ରାଞ୍ଚ ବିନୟତୋଷ ମିଶ୍ର, ଅତିରିକ୍ତ ଡିଜିପି (ଆଧୁନିକୀକରଣ), ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (କ୍ରାଇମ୍‌ବ୍ରାଞ୍ଚ), ସଫିନ ଅହମ୍ମଦ କେ, ଆଇଜିପି (ଟ୍ରେନିଂ, ବିପିଏସ୍‌ପିଏ) ଅନୁପ କୁମାର ସାହୁ, ଆଇଜିପି (କ୍ରାଇମ୍‌ବ୍ରାଞ୍ଚ) ସାର୍ଥକ ଷଡଙ୍ଗୀଙ୍କ ସମେତ ରେଞ୍ଜ ଆଇଜି, ଡିଆଇଜି ଓ ଜିଲ୍ଲା ଏସ୍‌ପିମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ରାଜ୍ୟର ୨୦ଟି ପୋଲିସ ଜିଲ୍ଲାରେ ନୂତନ ସାଇବର ଥାନା ସ୍ଥାପନ ପାଇଁ ସରକାର ଅନୁମୋଦନ କରିଛନ୍ତି । ଖୁବ୍‌ଶୀଘ୍ର ଏହି ଥାନା ଗୁଡିକ ଉଦ୍‌ଘାଟନ କରାଯାଇ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରାଯିବ ।

ଏହି ଅବସରରେ ଡିଜିପି ସେହି ଥାନା ଗୁଡିକୁ ସଶକ୍ତ କରିବା ପାଇଁ ସାଇବର ତାଲିମ୍‌ପ୍ରାପ୍ତ ପୋଲିସ କର୍ମଚାରୀ ଓ ବୈଷୟିକ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ସହ ସାଇବର ଥାନାମାନଙ୍କର ଭିତ୍ତିଭୂମି ମଜଭୁତ କରିବା, ଆଧୁନିକ ସଫ୍ଟୱେୟାର ଓ ହାର୍ଡୱେୟାର କ୍ରୟ, ଆବଶ୍ୟକ କର୍ମଚାରୀ ନିୟୋଜନ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟରେ ୧୪ ସାଇବର ଓ ଅର୍ଥନୈତିକ ଅପରାଧ ଥାନା କାର୍ଯ୍ୟ କରୁଛି । ଏହି ସାଇବର ଥାନାମାନଙ୍କର କାର୍ଯ୍ୟଶୈଳୀ ଓ ସାଇବର ଅପରାଧ ନିୟନ୍ତ୍ରଣ ପଦକ୍ଷେପ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା । (୯ ପୃଷ୍ଠାରେ)

## ବିଏଲଓମାନଙ୍କୁ ସିଇଓଙ୍କ ପରାମର୍ଶ

# ଭୋଟର ତାଲିକା ସଂଶୋଧନକୁ ପ୍ରାଥମିକତା

**ପ୍ରତିଦିନ ବୁଥସ୍ତରର ସମୀକ୍ଷା ରିପୋର୍ଟ ଦିଅ**

**ଏକାମ୍ର, ମଧ୍ୟ, ଉତ୍ତର, ଜଟଣୀ ନିର୍ବାଚନ ମଣ୍ଡଳୀର ସମୀକ୍ଷା**

ଭୁବନେଶ୍ୱର, ୧୧।୨ (ସବ୍ୟୁ): ଭୋଟର ତାଲିକା ସଂଶୋଧନ, ନୂତନ ଭୋଟର ନାମ ଯୋଡ଼ା, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବିଲୋପ, ତଥ୍ୟ ସତ୍ୟାପନ ଓ ଘରେ ଘରେ ଯାଞ୍ଚ କାର୍ଯ୍ୟ,ତ୍ରୁଟି ଶୂନ୍ୟ ଭୋଟର ଲିଷ୍ଟ ସମ୍ପର୍କରେ ବୁଥ୍ ସ୍ତରୀୟ ଅଧିକାରୀ, ସୁପରଭାଇଜରମାନଙ୍କୁ ଅବଗତ କରାଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଆରଏସ୍ ଗୋପଲନ।

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଥିବା ଏକାମ୍ର ହଲରେ ଭୁବନେଶ୍ୱର ବିଧାନସଭା କ୍ଷେତ୍ରର ଏକାମ୍ର, ଉତ୍ତର, ମଧ୍ୟ ଓ ଜଟଣୀ ନିର୍ବାଚନମଣ୍ଡଳୀର ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଲନ ଅଧକ୍ଷତା କରିଥିଲେ । ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର କହିଥିଲେ, ଘର ଘର ବୁଲି ଭୋଟରମାନଙ୍କ ତଥ୍ୟ ଯାଞ୍ଚ କରି ସ୍ୱତନ୍ତ୍ର ସଘନ ସଂଶୋଧନ ମ୍ୟାପିଂ ଶତ ପ୍ରତିଶତ କରିବା ଉପରେ ଗୁରୁତ୍ୱ ଦିଆଯିବ । ପ୍ରତିଦିନ ବୁଥ ସ୍ତରରୁ ସମୀକ୍ଷା କରି ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନଙ୍କୁ ଅଗ୍ରଗତି ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ । ଯେଉଁ ବୁଥ ସ୍ତରରେ କମ ପ୍ରତିଶତ ମ୍ୟାପିଂ ହୋଇଛି, ସେ ଅଞ୍ଚଳରେ କିପରି ଶତପ୍ରତିଶତ ହୋଇପାରିବ ସେ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଏଲଓ (୯ ପୃଷ୍ଠାରେ)

## କିନ୍ନର ହତ୍ୟା ମାମଲା

# ଅଭିଯୁକ୍ତକୁ ଏନ୍‌କାଉଣ୍ଟର



ଭୁବନେଶ୍ୱର/ପିପିଲି, ୧୧।୨ (ସବ୍ୟୁ) : କିନ୍ନର ଅଞ୍ଜଳି ହତ୍ୟା ମାମଲାର ଅଭିଯୁକ୍ତ କ୍ରିଷ୍ଣା କାଣ୍ଡିଙ୍କୁ ଏନ୍‌କାଉଣ୍ଟର କରିଛି ପିପିଲି ପୋଲିସ। କ୍ରିଷ୍ଣାଙ୍କୁ ପିଛା କରିବାବେଳେ ସେ ପୋଲିସ ଉପରକୁ ଗୁଳି ଚଳାଇବାରୁ ପୋଲିସ ତା' ଉପରକୁ ପାଲଟା ଗୁଳି ଚଳାଇଥିଲା। ପୋଲିସ ଗୁଳି ବାମ ଗୋଡ଼ରେ ବାଜିଥିବାରୁ ସେ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ପୋଲିସ ତାକୁ କାବୁ କରି କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ଲାଗି ଆଣିଥିଲା । ଅବସ୍ଥା ଗୁରୁତର ଥିବାରୁ କ୍ରିଷ୍ଣାକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।


ଗତ କିଛିଦିନ ତଳେ ରାଜଧାନୀ ଉପକଣ୍ଠ ପିପିଲି ଥାନା ଅନ୍ତର୍ଗତ ସିଙ୍ଘା ନିକଟରେ କିନ୍ନର ଅଞ୍ଜଳିଙ୍କୁ କେହି ଅଜଣା ଦୁର୍ବୃତ୍ତ ହତ୍ୟା କରିଥିଲେ। ସେହି ଘଟଣାରେ କିନ୍ନର ସମାଜ ପକ୍ଷରୁ ଭୁବନେଶ୍ୱରରେ ରାସ୍ତାରୋକ ଓ ବ୍ୟବଚ୍ଛେଦ ବେଳେ କ୍ୟାପିଟାଲ ହସ୍ପିଟାଲରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। (୯ ପୃଷ୍ଠାରେ)

# ଦାନ୍ତ ଲାଗି ଦନ୍ତା ହତ୍ୟା

ଜମନକିରା, ୧୧।୨ (ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବାମରା ବନଖଣ୍ଡ ବନାଞ୍ଚଳ ଅନ୍ତର୍ଗତ ବଡ଼ରମା ରେଞ୍ଜ ଉଷାକୋଠି ଅଭୟାରଣ୍ୟ ପୁଡାଡ଼ିହି ବିଟ ଜଙ୍ଗଲ ଭିତରେ ଏକ ଦନ୍ତା ହାତୀର ମୃତ ଦେହ ମିଳିଛି । ଦନ୍ତାର ମୃତ୍ୟୁ ଦୁଇ ତିନି ଦିନ ପୂର୍ବେ ହୋଇଥିବା ଅନୁମାନ କରାଯାଉଛି। ଘଟଣା ସ୍ଥଳରେ ରହୁଥିବା ଲୋକେ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବା ପାଇଁ ଯାଇଥିବା ବେଳେ ବୁଧବାର ଦନ୍ତା ମରି ପଡ଼ିଥିବା ଜାଣି ପାରିଥିଲେ । ଏହି ଖବର ଜାଣିବା ପରେ କେତେକ ଗଣମାଧ୍ୟମ ପ୍ରତିନିଧି ମାନେ ଖବର ସଂଗ୍ରହ ପାଇଁ ଘଟଣା ସ୍ଥଳରେ ପୂର୍ବାହ୍ନ ସାଢ଼େ ୧୦ଘଣ୍ଟାରେ ପହଞ୍ଚିଥିଲେ। ସେଠାରେ ଯେତେ ପ୍ରକାର ବନ ବିଭାଗ ଅଧିକାରୀଙ୍କୁ ଅନୁରୋଧ କରିବା ସେ%୦ ଅଧିକାରୀ ବୃନ୍ଦ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଫଟୋ କିମ୍ବା ଭିଜୁଆଲ ଉତୋଳନ କରିବାକୁ ଦେଇ ନଥିଲେ । ପରେ ସାଢ଼େ (୯ ପୃଷ୍ଠାରେ)

# ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୧।୨ (ସବ୍ୟୁ) : ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଆଜି ପୁଣି ଅଦଳ ବଦଳ କରିଛନ୍ତି। ୨୦୦୮ ବ୍ୟାଚ୍‌ର ଆଇଏଏସ୍ ଅଫିସର ଭୁପିନ୍ଦର ସିଂହ ପୁନିଆଙ୍କୁ ଅତିରିକ୍ତ ଭାବେ କ୍ରୀଡା ଓ ଯୁବ ବ୍ୟାପାର ଦାୟିତ୍ୱ ଦିଆଯାଇଛି। ସେହିଭଳି ୨୦୦୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ପ୍ରଶାନ୍ତ କୁମାର ରେଡ୍ଡୀଙ୍କୁ ଅତିରିକ୍ତ ଭାବେ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିଭଳି ୨୦୧୦ର ଆଇଏଏସ୍ ଅଫିସର ରସ୍ମିତା ପଣ୍ଡାଙ୍କୁ ଏମ୍‌ଏସ୍‌ଏମ୍‌ଇର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏହାଛଡା ସେ ମଧ୍ୟ ଓର୍‌ସାକ୍‌ର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ୨୦୧୨ର ଆଇଏଏସ୍ ଅଫିସର ସୁରେନ୍ଦ୍ର କୁମାର ମୀନାଙ୍କୁ ସିଏମ୍‌ଜିଆଇର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୧୫ର ଆଇଏଏସ୍ ଅଫିସର ଏଏସ୍ ନରଭାଣେ ଙ୍କୁ ତାଙ୍କ ମୂଳ ଦାୟିତ୍ୱ ସହ ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।




## ଭାରତ-ଆମେରିକା ବାଣିଜ୍ୟିକ ଡିଲ୍‌କୁ ନେଇ ସରକାରଙ୍କୁ ଘେରିଲେ ରାହୁଲ

# ଅଭିଯୋଗର ପ୍ରମାଣ ଦେବାକୁ ରିଜିଜୁଙ୍କ ଦାବି



ନୂଆଦିଲ୍ଲୀ, ୧୧।୨ : ବଜେଟ୍ ଉପରେ ନିଜ ଅଭିଭାଷଣ ରଖି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୁଣି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଭାରତ ଓ ଆମେରିକା ବାଣିଜ୍ୟିକ ଡିଲ୍ ପ୍ରସଙ୍ଗ ଉଠାଇ ଭାରତର ଭବିଷ୍ୟତ ସହ ଆତ୍ମସମର୍ପଣ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ରାହୁଲ କହିଥିଲେ ଯେ ଏହି ଡିଲ୍ ପାଇଁ ସରକାର ଲଜ୍ଜିତ ହେବାକଥା। ଭାରତର ଶକ୍ତି ସୁରକ୍ଷାକୁ ଆମେରିକା ହାତରେ ନ୍ୟସ୍ତ କରାଯାଇଥିବାବେଳେ ଚାଷୀଙ୍କ ସ୍ୱାର୍ଥ ସହ ବୁଝାମଣା କରାଯାଇଛି। ତେବେ ରାହୁଲଙ୍କ ଭାଷଣକୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁଙ୍କ ସମେତ ଶାସକ ଦଳର ସାଂସଦମାନେ ତୀବ୍ର ବିରୋଧ କରିଥିଲେ। ମନ୍ତ୍ରୀ ଶ୍ରୀ ରିଜିଜୁ ଆଣିଥିବା ଅଭିଯୋଗର ପ୍ରମାଣ କରନ୍ତୁ ବୋଲି ରାହୁଲଙ୍କୁ ଆହ୍ୱାନ ଦେଇଥିଲେ।

ରାହୁଲ କହିଥିଲେ ଯେ ଏହି ଡିଲ୍‌ଟି ହେଉଛି ଏକ ଆତ୍ମସମର୍ପଣ (୯ ପୃଷ୍ଠାରେ)

# ଦୂର କରନ୍ତୁ ରୂପି ସମସ୍ୟା

ରୂପି ଏକ ସାଧାରଣ ସମସ୍ୟା ହେଲେ ମଧ୍ୟ ଏହା ଆମ କେଶ ଝଡ଼ିବାର ମୁଖ୍ୟ କାରଣ ସାଜିଥାଏ। ଏଥିରୁ ମୁକ୍ତି ପାଇବା ପାଇଁ ଏକ ସଠିକ୍ ହେୟାର କେୟାର ରୁଟିନ୍ ଅନୁସରଣ କରିବା ନିହାତି ଜରୁରୀ। ତେଣୁ ଘରେ କିଛି ସାଧାରଣ ପନ୍ଥା ଆପଣାଇ ମଧ୍ୟ ଏହି ସମସ୍ୟାକୁ ସମାଧାନ କରିହେବ ।

ଆଣ୍ଟି-ଡ୍ରାଣ୍ଡ୍ରଫ୍ ସାମ୍ପୁର ଚୟନ- ରୂପି ଦୂର କରିବା ପାଇଁ ସାଧାରଣ ଶାମ୍ପୁ ବଦଳରେ ମେଡିକେଟେଡ୍ ସାମ୍ପୁ ବ୍ୟବହାର କରନ୍ତୁ। ଏହା ମୁଣ୍ଡରେ ଥିବା ଫଙ୍ଗସ୍‌କୁ ନଷ୍ଟ କରିବାରେ ସାହାଯ୍ୟ କରେ। ସପ୍ତାହରେ ଅତି କମରେ ୨-୩ ଥର ଏହି ଶାମ୍ପୁ ବ୍ୟବହାର କରନ୍ତୁ।

**ମୃତ କୋଷକୁ ବାହାର କରନ୍ତୁ-** ଯେମିତି ଆମେ ଚେହେରାରୁ ମୃତ କୋଷ ବାହାର କରୁ, ସେମିତି ମୁଣ୍ଡରୁ ମଧ୍ୟ ମୃତ କୋଷ ବାହାର କରିବା ଜରୁରୀ। ଏକ ସ୍କାଲ୍ପ ସ୍କ୍ରବ୍ କିମ୍ବା ନରମ ବ୍ରସ ସାହାଯ୍ୟରେ ମୁଣ୍ଡକୁ ଧୀରେ ଧୀରେ ମସାଜ୍ କରନ୍ତୁ। ଏହା ଜମା ହୋଇ ରହିଥିବା ରୂପିକୁ ବାହାର କରିଦିଏ ଏବଂ ରକ୍ତ ସଞ୍ଚାଳନ ବୃଦ୍ଧି କରେ।



**ଉଷୁମ ତେଲରେ ମସାଜ୍ କରନ୍ତୁ-** ଅତ୍ୟଧିକ ଶୁଷ୍କତା ଯୋଗୁଁ ରୂପି ହେଉଥିଲେ, ନଡ଼ିଆ ତେଲ କିମ୍ବା ଅଲିଭ୍ ଅଏଲ୍‌କୁ ସାମାନ୍ୟ ଉଷୁମ କରି ମୁଣ୍ଡରେ ଲଗାନ୍ତୁ। ଏଥିରେ କିଛି ବୁନ୍ଦା ଟି-ଟ୍ରି ଅଏଲ୍ ମିଶାଇ ପାରିବେ, ଯାହାର ଆଣ୍ଟି-ଫଙ୍ଗାଲ୍ ଗୁଣ ରୂପିକୁ ସମ୍ପୂର୍ଣ୍ଣ ଭାବେ ଦୂର କରିବାରେ ଶକ୍ତିଶାଳୀ ହୋଇଥାଏ।

**ପ୍ରାକୃତିକ ହେୟାର ପ୍ୟାକ୍-** ଘରୋଇ ଉପଚାର ଭାବେ ଦହି ଏକ ଉତ୍ତମ ବିକଳ୍ପ। ଏକ କପ୍ ଦହିରେ ଅଧା ଲେମ୍ବୁ ରସ ମିଶାଇ ମୁଣ୍ଡରେ ଲଗାନ୍ତୁ ଏବଂ ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ଦହି କେଶକୁ କଣ୍ଡିସନିଂ କରେ ଏବଂ ଲେମ୍ବୁରେ ଥିବା ସାଇଟ୍ରିକ୍ ଏସିଡ୍ ସ୍କାଲ୍ପର ପିଏଚ୍ ସ୍ତରକୁ ସନ୍ତୁଳିତ ରଖେ।

**ତଉଲିଆକୁ ସଫା ରଖନ୍ତୁ-** ରୂପି ଏକ ସଂକ୍ରମଣ ଭଳି ବ୍ୟାପିଥାଏ। ତେଣୁ ସବୁବେଳେ ନିଜର ତଉଲିଆ ଏବଂ ତକିଆ ଖୋଳ ସଫା ରଖନ୍ତୁ। ଅନ୍ୟ କାହାର ତଉଲିଆ ବ୍ୟବହାର କରନ୍ତୁ ନାହିଁ, କାରଣ ଏହା ଦ୍ୱାରା ଫଙ୍ଗସ୍ ସଂକ୍ରମଣ ଜଣଙ୍କଠାରୁ ଅନ୍ୟଜଣଙ୍କୁ ଯାଇପାରେ।

**ଖାଦ୍ୟପେୟ ଉପରେ ଧ୍ୟାନ ଦିଅନ୍ତୁ-** କେବଳ ବାହାର ଯତ୍ନ ଯଥେଷ୍ଟ ନୁହେଁ। ଆପଣଙ୍କ ଖାଦ୍ୟରେ ଜିଙ୍କ୍, ଭିଟାମିନ୍ ବି ଏବଂ ଓମେଗା-୩ ଫ୍ୟାଟି ଏସିଡ୍‌ର ପରିମାଣ ବଢ଼ାନ୍ତୁ। ଅତ୍ୟଧିକ ଚିନି ଏବଂ ମଇଦା ଜାତୀୟ ଖାଦ୍ୟ ଖାଇଲେ ରୂପି ସମସ୍ୟା ବଢ଼ିପାରେ, ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ ।



# ସୋସିଆଲ କୋଟ୍ସ



ଜାନମ ସମଝା କରୋ ସେଟ୍‌ରେ ସଲମାନ ପାଖାପାଖି ୧୦ ଘଣ୍ଟା ଲେଟ୍‌ରେ ପହଞ୍ଚିଥିଲେ। ତେବେ ଏହି ଘଟଣା ସମସ୍ତଙ୍କୁ ବହୁତ ରଗାଇଥିଲା। ମୁଁ ମୋର ସମସ୍ତ ରାଗ ନିର୍ଦ୍ଦେଶକଙ୍କ ଉପରେ କାଢିଥିଲି ।

**ଗୁସା କପୁର, ଅଭିନେତ୍ରୀ**



ଶାହରୁଖ ଖାନଙ୍କୁ ମୁଁ ପ୍ରଥମରୁ ଜାଣିଛି । ଗୌରୀଙ୍କ ସହିତ ସେ ଭଡା ଘରେ ରହୁଥିଲେ। ତାଙ୍କ ପ୍ରତିଭା ଦେଖି ମୁଁ ସେତେବେଳେ ହିଁ ଜାଣିଥିଲି କି ସେ ଯେମିତି ହେଲେ ସୁପଷ୍ଟାର ବନିବେ ।

**ଚଙ୍କି ପାଣ୍ଡେ, ଅଭିନେତା**




ଏଭଳି ଅନେକ ଫିଲ୍ମ ନିର୍ଦ୍ଦେଶକ ଅଛନ୍ତି, ଯେଉଁମାନେ ଅନ୍ଧବିଶ୍ୱାସ ଉପରେ ଭରସା କରନ୍ତି । ଜଣେ ନିର୍ଦ୍ଦେଶକ ଫିଲ୍ମ ହିଟ ହେବ ବୋଲି ୪୨ ଦିନ ଗୋଟିଏ ସର୍ଟସ୍ ପିନ୍ଧିଥିଲେ। ହେଲେ ସେହି ଫିଲ୍ମ ଫ୍ଲପ୍ ହୋଇଥିଲା ।

**ବିଦ୍ୟା ବାଲାନ, ଅଭିନେତ୍ରୀ**

# ଲୋକ ହାତ ଦେଖାଇଲେ ରହୁଛି ଟ୍ରେନ

ଉତ୍ତରପ୍ରଦେଶରେ ଏଭଳି ଏକ ଟ୍ରେନ ଚାଲୁଛି ଯାହା ସିଗନାଲ ନୁହେଁ ବରଂ ଲୋକ ହାତ ହଲାଇଲେ ଟ୍ରେନଟି ରହୁଛି । ଏହା ଆଜି କାଲି ନୁହେଁ ବରଂ ୧୨୪ ବର୍ଷ ଧରି ଏହା ଗଡୁଛି। ଯେଉଁଠାରେ ଲୋକମାନେ ହାତ ହଲାଇ ଦେଉଛନ୍ତି ସେଠାରେ ହିଁ ଏହା ରହି ଲୋକଙ୍କୁ ଉଠାଉଛି । ଲୋକମାନେ ଏହାକୁ ପ୍ରେମରେ ଅଡ୍ଡା ବୋଲି ନାଁ ଦେଇଛନ୍ତି । ଏହା ଝାନ୍ସି କାନପୁର ରୁଟରେ ଗଡୁଛି, ଯାହାକୁ ବ୍ରିଟିଶମାନେ ଚଳାଇବା ଆରମ୍ଭ କରିଥିଲେ । ଏହାକୁ ଇଂରେଜମାନେ ୧୯୦୨ରେ ଆରମ୍ଭ କରିଥିଲେ । ଏହି ଟ୍ରେନରେ ୩ଟି ବଗି ଥିବାବେଳେ ଏହା ଘଣ୍ଟାକୁ ୩୦ କିମି ବେଗରେ ଗଡିଥାଏ। ଏହି ଟ୍ରେନଟି ନିୟମ ନୁହେଁ ବରଂ ଲୋକଙ୍କ ସହାୟତା ପାଇଁ ଗଡିଥାଏ । ଏହି ଟ୍ରେନଟି ଏଠିକାର ବାସିନ୍ଦାଙ୍କ ପାଇଁ ଖୁବ ଆବଶ୍ୟକ । ସମସ୍ତେ ଏହାକୁ ପ୍ରତିଦିନ ବ୍ୟବହାର କରନ୍ତି ଏବଂ ଅନେକ ସହଯୋଗ ପାଇଥାଆନ୍ତି । ଟ୍ରେନରେ କାର୍ଯ୍ୟ କରୁଥିବା କର୍ମଚାରୀ ମଧ୍ୟ ସବୁବେଳେ ଯାତ୍ରୀଙ୍କୁ ସାହାଯ୍ୟ କରିଥାଆନ୍ତି ।



# ଖୁବ୍ କମ୍ ସମୟରେ ଭଲହେବ କ୍ଷତ



ସାଉଥ କୋରିଆରେ ଏଭଳି ଏକ ସ୍ପ୍ରେର ଉଦ୍ଭାବନ କରାଯାଇଛି ଯାହା ଖୁବ ବଡବଡ କ୍ଷତକୁ ବି ସଙ୍ଗେସଙ୍ଗେ ଭରିଦେବ । ଏହାକୁ କୋରିଆର ଆଡଭାନ୍ସ ଇନ୍ଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ସେନା ତଥା ଅନ୍ୟ ଆପାତ୍ତକାଳୀନ ଆବଶ୍ୟକ ପାଇଁ ଏହାକୁ ନିର୍ମାଣ କରାଯାଉଛି । ସୂଚନା ଅନୁସାରେ ଏହାକୁ କ୍ଷତ ଉପରେ ସ୍ପ୍ରେ କରିବାପରେ ଏହା ରକ୍ତ ସହିତ ମିଶି ଏକ ରିଆକସନ୍ କରିଥାଏ। ଯାହାପରେ ରକ୍ତ ଏକ ନରମ ଜେଲରେ ପରିଣତ ହୋଇଯାଏ, ଯାହା କ୍ଷତକୁ ବାହାରୁ ବନ୍ଦ କରିଦିଏ । ଯାହାଫଳରେ ରକ୍ତସ୍ରାବ ବନ୍ଦ ହୋଇଯାଏ । ତେଣୁ ଏହାକୁ ତୁରନ୍ତ ରକ୍ତ ସ୍ରାବ ରୋକିବାକୁ ବ୍ୟବହାର କରିହେବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏହାକୁ ଏଲ୍ଜିନେଟ, ଗେଲନ ଗମ ଓ ଚିଟୋସନକୁ ମିଶାଇ ପ୍ରସ୍ତୁତ କରାଯାଇଛି । ତେବେ ଏହା ବର୍ତ୍ତମାନ ପରୀକ୍ଷଣ ଷ୍ଟେଜରେ ଅଛି ଆଗକୁ ଏହାକୁ ବଜାରକୁ ଅଣାଯିବାନେଇ ଯୋଜନା ରହିଥିବା ଜଣା ପଡିଛି ।

# ଘରେ ରଖନ୍ତୁ ଶାନ୍ତ ମୂର୍ତ୍ତି

ସମସ୍ତଙ୍କ ପୂଜାଘରେ ବିଭିନ୍ନ ପ୍ରକାରର ମୂର୍ତ୍ତି ପୂଜା ପାଇଥାଆନ୍ତି। ତେବେ ମୂର୍ତ୍ତି ପୂଜାକୁ ନେଇ ବାସ୍ତୁ ଶାସ୍ତ୍ରରେ ଅନେକ ନିୟମ ରହିଛି । ସେହିଭଳି ପୂଜାଘରେ କେଉଁ ମୂର୍ତ୍ତି ରଖିବେ ଏବଂ କେଉଁଭଳି ରଖିବେ ତାକୁ ନେଇ ମଧ୍ୟ କିଛି ନିୟମ ରହିଛି । ସର୍ବଦା ମୂର୍ତ୍ତିକୁ ସିଧା ରଖନ୍ତୁ, ଯେପରି ମୂର୍ତ୍ତିର ମୁହଁ ପଟ ଆପଣଙ୍କ ପଟକୁ ରହିବ । ମୂର୍ତ୍ତିକୁ ପଛପଟିଆ କେବେ ବି ରଖନ୍ତୁ ନାହିଁ । ସେହିଭଳି ଶାସ୍ତ୍ର ଅନୁସାରେ ଗଣେଶଙ୍କର ଦୁଇଟି ମୂର୍ତ୍ତି କିମ୍ବା ଫଟୋ କେବେ ବି ପୂଜା ଘରେ ରଖନ୍ତୁ ନାହିଁ । ଅଲଗା ଅଲଗା ସ୍ଥାନରେ ଜଣେ ଠାକୁରଙ୍କର ମୂର୍ତ୍ତି ରଖନ୍ତୁ, ହେଲେ ଗୋଟିଏ ସ୍ଥାନରେ ଏକାଠି ରଖନ୍ତୁ ନାହିଁ। ସେହିଭଳି କୌଣସି ଠାକୁରଙ୍କର ରାଗ ସମୟର ମୂର୍ତ୍ତି କିମ୍ବା ଫଟୋ ପୂଜା ପାଇଁ ରଖନ୍ତୁ ନାହିଁ । ସର୍ବଦା ଶାନ୍ତ ମୂର୍ତ୍ତି ପୂଜା ପାଇଁ ରଖନ୍ତୁ, ଯାହା ଫଳରେ ଘରେ ସକରାତ୍ମକତା ଉର୍ଜା ଖେଳିବ ।



# ଧମକକୁ ନେଇ ଚିନ୍ତାରେ



ରଣବୀର ସିଂଙ୍କ ଚିନ୍ତା ବର୍ତ୍ତମାନ ବଢିଯାଇଛି, ହତ୍ୟା ଧମକ ମିଳିବା ପରେ ଖୁବ ଚିନ୍ତାରେ ଅଛନ୍ତି ଅଭିନେତା । ଏକ ହ୍ୱାଟସ୍‌ଆପ୍ ଭଏସ୍ ନୋଟ୍ ଜରିଆରେ ଦୁର୍ବୃତ୍ତ ଜଣକ ଅଭିନେତାଙ୍କୁ କୋଟି କୋଟି ଟଙ୍କା ମାଗିବା ସହ ଏହି ଧମକ ଦେଇଛି। ସୂତ୍ର ଅନୁସାରେ, ଏହି ଘଟଣା ପରେ ମୁମ୍ବାଇ ପୋଲିସ ରଣବୀର ସିଂହଙ୍କ ବାନ୍ଦ୍ରାସ୍ଥିତ ବାସଭବନ ବାହାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଅତିରିକ୍ତ ପୋଲିସ ବଳ ମୁତୟନ କରିଛି। କେବେଳ ରଣବୀର ନୁହେଁ ନିକଟରେ ଏକାଧିକ ବଲିଉଡ ସେଲିବ୍ରିଟିଙ୍କୁ ହତ୍ୟା ଧମକ ସହିତ ଅର୍ଥ ଦେବା କରାଯାଉଛି । ଗତ ୩୧ ଜାନୁଆରୀରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ଘର ବାହାରେ ହୋଇଥିବା ଗୁଳିକାଣ୍ଡ ପରେ ପୋଲିସ ଏହି ମାମଲାକୁ ଅଧିକ ଗମ୍ଭୀରତାର ସହ ନେଉଛି। ରଣବୀର ନିକଟରେ ତାଙ୍କର ସୁପରହିଟ୍ ଫିଲ୍ମ 'ଧୁରନ୍ଧର'ରେ ଜଣେ ଅଣ୍ଡରକଭର ଏଜେଣ୍ଟ ଭାବେ ଦମଦାର ଅଭିନୟ କରି ବେଶ୍ ଚର୍ଚ୍ଚାରେ ଅଛନ୍ତି। ପୋଲିସ ବର୍ତ୍ତମାନ ସେହି ଭଏସ୍ ନୋଟକୁ ଫୋରେନ୍ସିକ ଯାଞ୍ଚ ପାଇଁ ପଠାଇବା ସହ ସାଇବର ସେଲ୍ ଏବଂ କ୍ରାଇମ ବ୍ରାଞ୍ଚ ସାହାଯ୍ୟରେ ଅଭିଯୁକ୍ତର ଲୋକେସନ ଟ୍ରେସ୍ କରିବାକୁ ଚେଷ୍ଟା କରୁଛି। ରଣବୀରଙ୍କୁ ମିଳିଥିବା ଏହି ଧମକ ସହ ରୋହିତ ଶେଟ୍ଟୀଙ୍କ ଘର ବାହାରେ ହୋଇଥିବା ଗୁଳିକାଣ୍ଡର କୌଣସି ସମ୍ପର୍କ ଅଛି କି ନାହିଁ, ସେ ଦିଗରେ ମଧ୍ୟ ତଦନ୍ତ ଜାରି ରହିଛି। 'ଧୁରନ୍ଧର'ର ବ୍ୟାପକ ସଫଳତା ପରେ ଏବେ ଦର୍ଶକ ଏହାର ସିକ୍ୱେଲ 'ଧୁରନ୍ଧର ୨' କୁ ଅପେକ୍ଷା କରିଛନ୍ତି, ଯେଉଁଥିରେ ଆକ୍ସନ ଏବଂ ଡ୍ରାମାର ସ୍ତର ଆହୁରି ଅଧିକ ରହିବ ବୋଲି ଆଶା କରାଯାଉଛି ।

# ଇତିହାସ

୧୨୬୬- ଦିଲ୍ଲୀ ସୁଲତାନ ନାସିରୁଦ୍ଦିନ ଶାହଙ୍କ ପରଲୋକ ।

୧୮୨୪- ଆର୍ଯ୍ୟ ସମାଜର ପ୍ରବର୍ତ୍ତକ ତଥା ପ୍ରଖର ସମାଜ ସୁଧାରକ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ।

୧୫୦୨- ଭାସ୍କୋଡ଼ାଗାମା ଲିସ୍‌ବନରୁ ଦ୍ୱିତୀୟ ଥର ପାଇଁ ଭାରତ ଅଭିମୁଖେ ବାହାରିଲେ ।

୧୬୮୯- ୱିଲିୟମ୍ ଓ ମ୍ୟାରୀଙ୍କୁ ଇଂଲଣ୍ଡର ରାଜା ଓ ରାଣୀ ରୂପେ ଘୋଷିତ କରାଗଲା ।

୧୭୩୬- ନାଦିର ଶାହ ଫ୍ରାନ୍ସର ଶାସକ ହେଲେ ।

୧୯୨୨- ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହୃତ ନେଇ ମହାତ୍ମା ଗାନ୍ଧିଙ୍କ ଘୋଷଣା।

୧୯୪୬- କୋଲକାତା ଦଙ୍ଗାରେ ୧୪ ଜଣଙ୍କର ମୃତ୍ୟୁ ।

୧୯୫୩- ସୁଡାନକୁ ନେଇ ଇଜିପ୍ଟ ଓ ବ୍ରିଟେନ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ।

୧୯୭୯- ଭାରତ ନିଜକୁ ବସନ୍ତମୁକ୍ତ ରାଷ୍ଟ୍ର ରୂପେ ଘୋଷଣା କଲା ।

୨୦୦୯- ପ୍ରସିଦ୍ଧ ଭାରତୀୟ ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନ୍‌ଙ୍କୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଡିଲିଟ୍ ଉପାଧିରେ ସମ୍ମାନିତ କରିବା ଲାଗି ଘୋଷଣା କଲା ।

# ଚିକେନ ୨.୦



**ସାମଗ୍ରୀ -** ଚିକେନ, ପିଆଜ, ରସୁଣ, ଅଦା, କାଜୁ, କଞ୍ଚାଲଙ୍କା, ଘିଅ, ଟମାଟୋ, ହଳଦି, ମିଟ ମସଲା, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ଗରମ ମସଲା, ଗୋଟା ଗରମ ମସଲା, ଧନିଆ ପତ୍ର ।

**ପ୍ରଣାଳୀ -** ପ୍ରଥମେ ଘିଅରେ ଗୋଟା ମସଲା ପକାନ୍ତୁ କିଛି ସମୟ ପରେ ମାରିନେଟ କରି ରଖିଥିବା ଚିକେନକୁ ପକାଇ ଭାଜନ୍ତୁ । ଅଳ୍ପ ସମୟ ଚିକେନ ଭାଜିହେବା ପରେ ଏଥିରେ ଅଦା ରସୁଣ ବଟାକୁ ପକାନ୍ତୁ। ଆଉ ଏକ କରେଇରେ ପିଆଜ କଟାକୁ ଗୋଲ୍ଡେନ କରି ଛାଣି ଅଲଗା ରଖନ୍ତୁ । ଚିକେନରେ ଅଦା ରସୁଣ ପକାଇ ଅଳ୍ପ ସମୟ କଷିବ । ପରେ ସମସ୍ତ ଗୁଣ୍ଡ ମସଲା ପକାଇ ଭାଜନ୍ତୁ। ଗ୍ରାଇଣ୍ଡରରେ ଛଣା ପିଆଜ ଓ କାଜୁ ପକାଇ ବାଟି ନିଅନ୍ତୁ। ସେହିଭଳି ଟମାଟୋ ଓ କଞ୍ଚା ଲଙ୍କାଙ୍କୁ ମଧ୍ୟ ବାଟନ୍ତୁ। ସମସ୍ତ ଗୁଣ୍ଡ ମସଲା କଷିହେବା ପରେ ଏଥିରେ ପିଆଜ କାଜୁ ବଟା ଓ ଟମାଟୋ ବଟାକୁ ଦେଇ ଦିଅନ୍ତୁ । ଚିକେନ ସିଝିବା ପର୍ଯ୍ୟନ୍ତ ଅଳ୍ପଅଳ୍ପ ପାଣି ଦେଇ କଷନ୍ତୁ । ଚିକେନ ସିଝିଝିବା ପରେ ଏଥିରେ ଅଳ୍ପ ପାଣି ଦିଅନ୍ତୁ ପାଣି ଫୁଟିଯିବା ପରେ ଏଥିରେ ଗରମ ମସଲା ଓ ଧନିଆ ପତ୍ର ଦେଇ ପ୍ରସ୍ତୁତ କରନ୍ତୁ ମଲାଇ ଚିକେନ ।



**ମେଷ-** ଯାତ୍ରାରେ ସତର୍କ, କାର୍ଯ୍ୟ ସଫଳ, ସମ୍ମାନଲାଭ, ଶତ୍ରୁ ସମସ୍ୟା, ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଜମି ଗଣ୍ଡଗୋଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ଗଜଲକ୍ଷ୍ମୀ।

**ବୃଷ-** କାର୍ଯ୍ୟ ବିଫଳ, ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ଶତ୍ରୁ ପରାଜିତ ଲୋକସମ୍ପର୍କ ବୃଦ୍ଧି, ଯାନବାହନେ ସମସ୍ୟା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ପ୍ରଭୁ ସ୍କନ୍ଦ।

**ମିଥୁନ-** ସ୍ୱାସ୍ଥ୍ୟରେ ଉନ୍ନତି, ବାଣିଜ୍ୟରେ ଲାଭ, ସମ୍ମାନ ପ୍ରାପ୍ତି, ବନ୍ଧୁ ଦର୍ଶନ, ଜମି ଗଣ୍ଡଗୋଳ, ମୋକଦ୍ଦମାରେ ପଡ଼ିପାରନ୍ତି, ଦେବକାର୍ଯ୍ୟରେ ଆଶକ୍ତ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୭, ଆରାଧନା- ମା ଭଗବତୀ।

**କର୍କଟ-** ସାହାଯ୍ୟ ପ୍ରାପ୍ତି, ଅଭିଳାଷ ପୂର୍ଣ୍ଣ, ଗୃହେ ଅଶାନ୍ତି, ବ୍ୟବସାୟରେ ସନ୍ତୁଷ୍ଟ, ଶତ୍ରୁ ସମସ୍ୟା, ବନ୍ଧୁ ସାହାଯ୍ୟ, ସମ୍ପତ୍ତି ଲାଭ, ଉତ୍ସବରେ ଆଗ୍ରହୀ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କଫି, ସଂଖ୍ୟା-୫, ଆରାଧନା- ଲକ୍ଷ୍ମୀ ନାରାୟଣ।

**ସିଂହ-** ଯାତ୍ରାରେ ସତର୍କ, ଅନୁଷ୍ଠାନରୁ ଲାଭ, ଶତ୍ରୁ ସମସ୍ୟା, ଶରୀର ସମସ୍ୟା, ସୁସମ୍ବାଦ,ବାଣିଜ୍ୟେ ଶତ୍ରୁତା, ସନ୍ତାନ ଲାଭ, ନୂତନ ନିଯୁକ୍ତି, ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ମାଣିକେଶ୍ୱରୀ।

**କନ୍ୟା-** ଅର୍ଥଲାଭ, ସମ୍ମାନ ପ୍ରାପ୍ତି, ଉଚ୍ଚଆଶାରେ ବିଳମ୍ବ, ଦ୍ରବ୍ୟ ପ୍ରାପ୍ତି, ସମସ୍ୟା ସମାଧାନ, ଗୃହେ ଉତ୍ସବ, ତୀର୍ଥାଟନ, ମାନସିକ ଶାନ୍ତି, ବିଦ୍ୟାରେ ସଫଳତା, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୪, ଆରାଧନା- ପ୍ରଭୁ ସୂର୍ଯ୍ୟ ନାରାୟଣ।

**ତୁଳା-** ଅର୍ଥ ସମସ୍ୟା, ବନ୍ଧୁଲାଭ, ଦୂରଯାତ୍ରା, ନୂତନ କାର୍ଯ୍ୟାରମ୍ଭ, ଗୃହେ ଅଶାନ୍ତି, ଲୋକସମ୍ପର୍କ ବୃଦ୍ଧି, ଜମିଜମା ଗଣ୍ଡଗୋଳ, ଉତ୍ସବ ପ୍ରତି ଆଗ୍ରହ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ।

**ବିଛା-** ମାନସିକ କଷ୍ଟ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ନୂତନ ସମସ୍ୟା, ଦ୍ରବ୍ୟଲାଭ, ଭୂସମ୍ପତ୍ତି ଲାଭ, ସ୍ତ୍ରୀ ସହଯୋଗ, ବନ୍ଧୁ କଷ୍ଟ, ବ୍ୟବସାୟରେ ଶତ୍ରୁତା, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା-ଭଗବାନ ବିଷ୍ଣୁ।

**ଧନୁ-** ଦୂରଯାତ୍ରା, ଅର୍ଥ ସମସ୍ୟା, ମାନସିକ ଶାନ୍ତି, ବନ୍ଧୁକଷ୍ଟ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, କର୍ମକ୍ଷେତ୍ରେ ଲାଭ, ଦ୍ରବ୍ୟ ପ୍ରାପ୍ତି, ପିଲାଙ୍କ ସମସ୍ୟା, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପିତାମାତାଙ୍କ ସେବା।

**ମକର-** ଅର୍ଥପ୍ରାପ୍ତି, ସମସ୍ୟା ସମାଧାନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ି ଚାଳନାରେ ସତର୍କ, ଗୃହେ ଅଶାନ୍ତି, ଶାରୀରିକ ସମସ୍ୟା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା- ମା ଭଗବତୀ।

**କୁମ୍ଭ-** ଦୂରଯାତ୍ରା, ବନ୍ଧୁଦର୍ଶନ, ଯାତ୍ରାରେ ବିଳମ୍ବ, ମାମଲା ସମାଧାନ, ଶୁଭଖବର, ପାରିବାରିକ ସମସ୍ୟା, ଆଶା ସଫଳ, ଶରୀର ଅସୁସ୍ଥ, ଅର୍ଥକଷ୍ଟ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ।

**ମୀନ-** ଅର୍ଥଲାଭ, ଦୂରଯାତ୍ରା, ଯାନ୍ତ୍ରିକ ସମସ୍ୟା, ଉତ୍ସବ ପ୍ରତି ଆଗ୍ରହ, ସୁସମ୍ବାଦ ପ୍ରାପ୍ତି, ବ୍ୟବସାୟରେ ଉନ୍ନତି ଶତ୍ରୁ ପରାଜିତ ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା- ପ୍ରଭୁ ଜଗନ୍ନାଥ।

**ଫାଲଗୁନ କୃଷ୍ଣପକ୍ଷ, ଦଶମୀ**
**୧୨.୨.୨୦୨୬ ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

GOVERNMENT OF INDIA
କେନାଲ, କୂପ ଏବଂ ଜଳସେଚନ ସଂପ୍ରସାରିତ, ଆଧୁନିକ ଡିଷ୍ଟ୍ରିବ୍ୟୁସନ ବ୍ୟବସ୍ଥା ଜରିଆରେ ପ୍ରତ୍ୟେକ କ୍ଷେତରେ ଜଳ ପହଞ୍ଚୁଥାଏ । ପ୍ରତ୍ୟେକ ଜଳବୁନ୍ଦା ଶସ୍ୟକୁ ପୋଷଣ କରେ, କୃଷକମାନଙ୍କ ପାଇଁ ସମୃଦ୍ଧି ସୁନିଶ୍ଚିତ କରେ ।
CBC 35101/13/0114/2526



ବିକଶିତ ଭାରତ-ରୋଜଗାର ପାଇଁ ଗ୍ୟାରେଣ୍ଟି ଓ ଆଜୀବିକା ମିଶନ (ଗ୍ରାମୀଣ) : ଭିବି-ଜୀ ରାମ ଜୀ
(ବିକଶିତ ଭାରତ - ଜୀ ରାମ ଜୀ) ଅଧିନିୟମ, ୨୦୨୫
୧୨୫ ଦିନର
ରୋଜଗାର ଗ୍ୟାରେଣ୍ଟି



# ଠକେଇ ଓ ଅର୍ଥନୈତିକ ଅପରାଧ ରୋକିବାକୁ ଡିଜିପିଙ୍କ ଉଚ୍ଚସ୍ତରୀୟ ବୈଠକ

କଟକ, (ସବ୍ୟୁ):ରାଜ୍ୟରେ ବଢୁଥିବା ସାଇବର ଠକେଇ ଓ ଅର୍ଥନୈତିକ ଅପରାଧକୁ ରୋକିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।ସୂଚନାଯୋଗ୍ୟ ଯେ, ରାଜ୍ୟର ୨୦ଟି ପୋଲିସ ଜିଲ୍ଲାରେ ନୂତନ ସାଇବର ଥାନା ସ୍ଥାପନ ପାଇଁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି । ଖୁବ ଶୀଘ୍ର ଏହି ଥାନାଗୁଡ଼ିକୁ ଉଦଘାଟନ କରାଯାଇ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରାଯିବ ।

ଏହି ଅବସରରେ ଡିଜିପି ଏହି ଥାନାଗୁଡ଼ିକୁ ସଶକ୍ତ କରିବା ପାଇଁ ସାଇବର ତାଲିମପ୍ରାପ୍ତ ପୋଲିସ କର୍ମଚାରୀ ଓ ବୈଷୟିକ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାସହ ସାଇବର ଥାନାମାନଙ୍କର ଭିତ୍ତିଭୂମି ମଜବୁତ କରିବା, ଅତ୍ୟାଧୁନିକ ସଫ୍ଟୱେୟାର ଓ ହାର୍ଡୱେୟାର କ୍ରୟ, ଆବଶ୍ୟକ କର୍ମଚାରୀ ନିୟୋଜନ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ରାଜ୍ୟରେ ବର୍ତ୍ତମାନ ୧୪ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା କାର୍ଯ୍ୟ କରୁଛି । ଏହି ସାଇବର ଥାନାମାନଙ୍କର କାର୍ଯ୍ୟଶୈଳୀ ଓ ସାଇବର ଅପରାଧ ନିୟନ୍ତ୍ରଣ ପଦକ୍ଷେପ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା ।



ଏହା ସହିତ ସିଇଆଇଆର ପୋର୍ଟାଲ ମାଧ୍ୟମରେ ଚୋରି ହୋଇଥିବା ମୋବାଇଲ ଫୋନ ଟ୍ରାକିଂ, ବେନାମୀ ବ୍ୟାଙ୍କ ଖାତା ଓ ବେନାମୀ ସିମ କାର୍ଡ ବ୍ୟବହାରକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ବିଷୟରେ ମଧ୍ୟ ଡିଜିପି ଆଲୋଚନ କରିବାସହ ଏହାକୁ ରୋକିବା ନିମନ୍ତେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହ କ୍ରାଇମବ୍ରାଞ୍ଚର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ମାସ ୨୦ ରୁ ୨୭ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଡ୍ରାଇଭ ଆୟୋଜନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି ।ନୂତନ ଭାବେ ନିଯୁକ୍ତ କର୍ମଚାରୀଙ୍କୁ ସାଇବର ଫୋରେନସିକ୍ ଓ ଆର୍ଥିକ ବିଶ୍ଳେଷଣ କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀମାନେ ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ନିଜ ନିଜ ମତାମତ ଉପସ୍ଥାପନ କରିଥିଲେ । ରାଜ୍ୟ ସରକାରଙ୍କ 'ଜିରୋ ଟଲେରାନ୍ସ' ନୀତି ଅନୁଯାୟୀ ସାଇବର ଅପରାଧୀମାନଙ୍କ ବିରୋଧରେ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ ।ଏହି ବୈଠକରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ., ଆଇଜିପି (ଟ୍ରେନିଂ, ବିପିଏସପିଏ) ଅନୁପ କୁମାର ସାହୁ, ଆଇଜିପି (କ୍ରାଇମବ୍ରାଞ୍ଚ) ସାର୍ଥକ ଷଡ଼ଙ୍ଗୀଙ୍କ ସମେତ ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଓ ଜିଲ୍ଲା ଏସପିମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

## ଏସ୍‌ଆଇ ପ୍ରଶ୍ନପତ୍ର କେଳେଙ୍କାରୀ ପ୍ରସଙ୍ଗ

# ମୁନା ମହାନ୍ତିଙ୍କୁ ହାଇକୋର୍ଟରୁ ଅନ୍ତରୀଣ ଜାମିନ୍

କଟକ,(ସ.ବ୍ୟୁ): ପୁଲିସ୍ ସବ୍ ଇନ୍ସପେକ୍ଟର (ଏସ୍‌ଆଇ) ପ୍ରଶ୍ନପତ୍ର କେଳେଙ୍କାରୀ ଘଟଣାରେ ଅନ୍ୟତମ ଅଭିଯୁକ୍ତ ମୁନା ମହାନ୍ତିଙ୍କୁ ହାଇକୋର୍ଟ ଆଜି ଅନ୍ତରୀଣ ଜାମିନ୍ ପ୍ରଦାନ କରିଛନ୍ତି । ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ଅଧିକ ଚିକିତ୍ସା ପାଇଁ ସେ ଏହି ଅନ୍ତରୀଣ ଜାମିନ୍ ଆବେଦନ କରିଥିଲେ । ହାଇକୋର୍ଟ ଏହାକୁ ମାନବିକତା ଦୃଷ୍ଟିକୋଣରୁ ବିଚାର କରି ଅଭିଯୁକ୍ତ ମୁନା ମହାନ୍ତିଙ୍କୁ ୧୫ ଦିନ ପାଇଁ ଜାମିନ୍ ପ୍ରଦାନ କରିଛନ୍ତି । ଯେଉଁଦିନ ଜାମିନ୍ ଅବଧି ଶେଷ ହେବ ଏହାର ପରଦିନ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ନଚେତ୍ ନିମ୍ନ ଅଦାଲତ ଆଇନ ଅନୁଯାୟୀ ତାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ବୋଲି ହାଇକୋର୍ଟ କହିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏହି ଆଦେଶ ଦେଇଛନ୍ତି । ପୁଲିସ୍ ଏସ୍‌ଆଇ ପ୍ରଶ୍ନପତ୍ର କେଳେଙ୍କାରୀ ଘଟଣାରେ ସିବିଆଇ ପକ୍ଷରୁ ପ୍ରାୟ ୧୬ଜଣଙ୍କୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରୁ ୧୨ଜଣ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମୁନା ମହାନ୍ତିଙ୍କ ଯକୃତ ଖରାପ ଥିବାରୁ ତାଙ୍କୁ ଜାମିନ୍ ପାଇଁ ଏକ ଅନ୍ତରୀଣ ଆବେଦନ କରାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଏ ସଂକ୍ରାନ୍ତ କାଗଜପତ୍ର ମଧ୍ୟ ଦାଖଲ କରାଯାଇଥିଲା । ଏହା ଉପରେ ସିବିଆଇକୁ ଜବାବ ରଖିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ପୂର୍ବ ଶୁଣାଣିରେ ସିବିଆଇ ପକ୍ଷରୁ ଅଦାଲତରେ ଜବାବ ଦାଖଲ କରାଯାଇନଥିଲା । ମୁନା ମହାନ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ପୁନର୍ବାର ଆଜି ଏହା ଉପରେ ଅଦାଲତରେ ଶୁଣାଣି ହୋଇଥିଲା । ହାଇକୋର୍ଟ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଆବେଦନକାରୀଙ୍କୁ ଅନ୍ତରୀଣ ଜାମିନ୍ ପ୍ରଦାନ କରିଛନ୍ତି । ଆସନ୍ତା ୧୬ ତାରିଖରେ ସମସ୍ତ ଅଭିଯୁକ୍ତଙ୍କ ନିୟମିତ ଜାମିନ୍ ଉପରେ ଶୁଣାଣି ହେବ ।

## କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ୫୩ ତମ ବାର୍ଷିକ ଉତ୍ସବ

# ନିଜସ୍ୱ ପାଣ୍ଠି ୬୨୪ କୋଟି ୭୮ ଲକ୍ଷରେ ପହଞ୍ଚିଛି :ସଭାପତି

କଟକ, (ସବ୍ୟୁ): କଟକ କେନ୍ଦ୍ର ସମବାୟ ସମିତିର ୫୩ ତମ ସାଧାରଣ ବାର୍ଷିକ ଉତ୍ସବ ସଭାପତି ପ୍ରଭାତ ଚନ୍ଦ୍ର କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ବିଗତ ବର୍ଷରେ ଜମା ସଂଗ୍ରହ ଏବଂ ଋଣ ଲଗାଣ କ୍ଷେତ୍ରରେ ବ୍ୟାଙ୍କ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ଶ୍ରୀଯୁକ୍ତ କାନୁନଗୋ କହିବା ସହ ବ୍ୟାଙ୍କର ନିଜସ୍ୱ ପାଣ୍ଠି ୬୨୪ କୋଟି ୭୮ ଲକ୍ଷ ଟଙ୍କାରେ ପହଞ୍ଚି ପାରିଥିବା କହିଥିଲେ । ସେହିପରି ଜମା ସଂଗ୍ରହ ଏବଂ ଋଣ ଲଗାଣ ଯଥାକ୍ରମେ ୨୧୮୩ କୋଟି ୭୧ ଲକ୍ଷ ଟଙ୍କା ଏବଂ ୩୭୮୭ କୋଟି ୧୬ ଲକ୍ଷ ଟଙ୍କାରେ ପହଞ୍ଚି ପାରିଛି ଯାହା ଆମର ସଫଳତାକୁ ପ୍ରତିପାଦିତ କରିଛି ବୋଲି ସେ କହିଥିଲେ । କୃଷିଋଣ ପ୍ରଦାନ ବ୍ୟତୀତ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ଅଣ ପାରମ୍ପରିକ ଋଣ ଯଥା ଆର୍ଥିକ ଅନଗ୍ରସର ପରିବାରମାନଙ୍କୁ ନିଜସ୍ୱ ଗୃହ ନିର୍ମାଣ ବା ମରାମତି ପାଇଁ "ମୋ ଘର" ଯୋଜନା, ପଞ୍ଚାୟତ ସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହାସଂଘ କାର୍ଯ୍ୟକର୍ତ୍ତା ମାନଙ୍କ ଯାତାୟତର ସୁବିଧା ନିମନ୍ତେ 'ମୋ ସ୍କୁଟର 'ଯୋଜନା ଆଦି ପାଇଁ ଋଣ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି ।

# ମନ୍ଦିରରେ ପୂଜା ପାଇଁ ଏସ୍‌ପିଙ୍କୁ ଭେଟିଲେ ଦଳିତ ପରିବାର

କେନ୍ଦ୍ରାପଡା (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ କୋଇଲିପୁର ଗ୍ରାମରେ ନିଜସ୍ୱ ପାଣ୍ଠିରେ ଦଳିତ ପରିବାର ନିର୍ମାଣ କରିଥିବା ଶିବ ମନ୍ଦିରରେ ପୂଜା କରିବାକୁ ସ୍ଥାନୀୟ କିଛି ସବର୍ଣ୍ଣ ବ୍ୟକ୍ତି ବିରୋଧ କରିବାରୁ ଦଳିତ ପରିବାର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଥିବା ଜଣାପଡିଛି । ଏହି ଦଳିତ ପରିବାର ଦୀର୍ଘ ୩୦ ବର୍ଷ ହେଲା ଉକ୍ତ ମନ୍ଦିରରେ ପୂଜାପାଠ କରି ଆସୁଥିବାବେଳେ ମନ୍ଦିରକୁ ପ୍ରବେଶ ନ କରିବା ପାଇଁ ଏମାନଙ୍କୁ ଧମକ ଚମକ ଦେଉଛନ୍ତି । ଏ ନେଇ ଏହି ପରିବାର ଅଭିଯୁକ୍ତ ମାନଙ୍କୁ ଧରିବା ସହିତ ମନ୍ଦିରରେ ପୂଜାପାଠ କରିବା ପାଇଁ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି ।

# ବିଭିନ୍ନ ଚୋରି ମାମଲାରେ ୩ଜଣ ନାବାଳକକୁ କୋର୍ଟ ଚାଲାଣ କଲା ବେତନଟୀ ପୁଲିସ

ବେତନଟୀ,(ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ବଜାରରେ କ୍ରମାଗତ ଭାବେ ବିଭିନ୍ନ ପାନ ଦୋକାନ ଏବଂ ଚା'ଦୋକାନ ମାନଙ୍କରେ ତାଲା ଭାଙ୍ଗି ବାରମ୍ବାର ଚୋରି କରୁଥିବା ୩ଜଣ ନାବାଳକଙ୍କୁ କାବୁକରି ସ୍ଥାନୀୟ ଦୋକାନୀ ପୁଲିସ ଜିମା ଦେବାପରେ ମାମଲା ରୁଜୁକରି କୋର୍ଟଚାଲାଣ କଲା ପୁଲିସ। ସୂଚନା ମୁତାବକ ବେତନଟୀର ଜୟଶ୍ରୀରାମଛକ, ଥାନାଛକ ସମେତ ବଜାରରେ ଥିବା ବିଭିନ୍ନ ପାନଦୋକାନ ଏବଂ ଚା'ଦୋକାନ ମାନଙ୍କରୁ ଗତ କିଛିମାସ ଧରି ସମୟ ସମୟରେ ଚୋରି ହୋଇ ଆସୁଥିଲା। ଏଭଳି ଚୋରି ବେତନଟୀ ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଥିଲେ ସୁଦ୍ଧା କୈଣସି ସୁରାକ ମିଳିପାରୁନଥିଲା। ଜୟ ଶ୍ରୀରାମ ଛକର ଶମ୍ଭୁନାଥ ପଣ୍ଡାଙ୍କ ପାନଦୋକାନରୁ ବାରମ୍ବାର ତାଲା ଭାଙ୍ଗି କ୍ରମାଗର ଭାବେ ହଜାର ହଜାର ଟଙ୍କାର ସାମଗ୍ରୀ ଚୋରି ଘଟଣାରେ ଅତିଷ୍ଠ ହୋଇ ଶମ୍ଭୁନାଥ ପଣ୍ଡା ଶେଷରେ ଦୋକାନ ପଛପଟେ ଛକି ରହିଥିଲେ। ବିଳମ୍ବିତ ରାତି ପ୍ରାୟ ଅଢେଇଟା ପାଖାପାଖି ସମୟରେ ୧୬-୧୭ବର୍ଷ ବୟସର ୩ଜଣ ନାବାଳକ ଏକ ଲୁହାଛଡ ନେଇ ଅମ୍ବୁନାଥଙ୍କ ଦୋକାନର ତାଲା ଭାଙ୍ଗି ଚୋରି କରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଶମ୍ଭୁନାଥ ସେମାନଙ୍କୁ ମାଡି ବସିଥିଲେ। ଜଣକୁ କାବୁ କରିବା ଭିତରେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିଲେ। ଏହାପରେ କାବୁ କରାଯାଇଥିବା ବାଳକକୁ ପୁଲିସ ଜିମା ଦିଆଯାଇଥିଲା।

## ବିରୋଧ ସତ୍ତ୍ୱେ କପିଳପ୍ରସାଦରୁ ହଟିଲା ଜବରଦଖଲ

# କାଳୀ ମଠରୁ ମୁକ୍ତ ହେଲା ୧ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମି

ଭୁବନେଶ୍ୱର(ସବ୍ୟୁ): କାଳୀ ମଠ ନାଁରେ ମାଡ଼ି ବସିଥିଲେ ଏକର ଏକର ସରକାରୀ ଜମି । ଏଠାରେ ଗଢ଼ି ଉଠିଥିଲା ବଡ଼ ବଡ଼ ଗୋଦାମ ଘର । ଏଥିସହ କେତେକ ବ୍ୟକ୍ତି ବି ମାଡ଼ିବସି ଘର ତିଆରି କରି ଦୀର୍ଘଦିନ ଧରି ରହୁଥିଲେ । ସେସବୁ ମାଟିରେ ମିଶାଇ ଦେଇଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) । ଏଥିରେ ପ୍ରାୟ ୧ ଏକର ୧୭୦ଡିସିମିଲ ସରକାରୀ ଜମିକୁ ଜବରଦଖଲମୁକ୍ତ ହୋଇଛି । ବୁଧବାର ସକାଳୁ ଉଚ୍ଛେଦ ପାଇଁ ବିଡିଏ ଏନଫୋର୍ସମେଣ୍ଟ ଟିମ କପିଳପ୍ରସାଦ ମୌଜାରେ ଥିବା କାଳୀ ମଠରେ ପହଞ୍ଚିଥିଲା । ହେଲେ ସେଠାରେ ଜବରଦଖଲକାରୀମାନେ ଏନଫୋର୍ସମେଣ୍ଟ ଟିମକୁ ବିରୋଧ କରିଥିଲେ । କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ସ୍ଥାନୀୟ ପୋଲିସର ହସ୍ତକ୍ଷେପ ପରେ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା ।



ଏୟାର ଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ମୌଜରୁ ଏକ ବଡ଼ ଧରଣର ଜବରଦଖଲ ଉଚ୍ଛେଦ କରାଯାଇଛି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଉପନିର୍ଦ୍ଦେଶକ(ସର୍ଭେ ଓ ଏନଫୋର୍ସମେଣ୍ଟ) ଚିଠି କ୍ରମେ ବିଡିଏ ଏହି ଉଚ୍ଛେଦ କରିଛି । ଉକ୍ତ ସରକାରୀ ପ୍ଲଟ ନମ୍ବର୧୩୧୮/୨୬୭୧ରେ ଅନେକ ଗୋଦାମ ଘର କରି ଭଡ଼ା ଲାଗିଥିଲା ।

ଏହି ଉଚ୍ଛେଦରେ ୭ଟି ଟିଣ ଛପର ଘର, ୨ଟି ଘର, ୫ଟି ଶୌଚାଳୟ, ଗୋଟିଏ ସୁରକ୍ଷା କର୍ମୀ ଘର, ୭ଟି ତେଜରାତି ଗୋଦାମ(୨ଟି ଛାତ ଘର, ୨ଟି ଟିଣ ଛପର ଘର ଓ ୩ଟି ଆଜବେଷ୍ଟସ ଘର), ୩ଟି ଲୁହା ଗେଟ, ୪ଟି ସାଇନ ବୋର୍ଡ ଏବଂ ୪୫୦ ଫୁଟ ଲମ୍ବର ପାଚେରୀ ମାଟିରେ ମିଶାଇ ଦେଇଥିଲା ବିଡିଏ । ପ୍ରାୟ ୧ ଏକର ୧୭୦ ଡିସିମିଲ ଜମିକୁ ମୁକ୍ତ କରାଯାଇଛି ।

## ତ୍ରିକୋଣୀୟ ପ୍ରେମ ହତ୍ୟାକାଣ୍ଡ

# ଲିଜା ଧରିଲେନି ଫୋନ୍, ଦିନେଶ ପହଞ୍ଚି କଲା ହତ୍ୟା

ଭୁବନେଶ୍ୱର, (ସବ୍ୟୁ) : ନିଳାଦ୍ରୀବିହାର ତ୍ରିକୋଣୀୟ ପ୍ରେମରୁ ଘଟିଥିବା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଦିନେଶ କହିବାନୁଯାୟୀ ପ୍ରେମିକା ଲିଜା ଫୋନ୍ ନଧରିବାରୁ ସେ ଜଗତସିଂହପୁରରୁ ଆସି ଲିଜା ରହୁଥିବା ଘର ନିକଟରେ ପହଞ୍ଚି ହତ୍ୟାକାଣ୍ଡ ଘଟାଇଲା । ବୁଧବାର ହତ୍ୟାକାରୀ ଦିନେଶକୁ ସାଙ୍ଗରେ ନେଇ ପୋଲିସ କ୍ରାଇମ୍‌ସିନ୍ ରିକ୍ରିଏସନ କରାଇଛି ।

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରୀବିହାର ସେକଟର-୨ରେ ତ୍ରିରିକୋଣୀୟ ପ୍ରେମ ପାଇଁ ଘଟିଥିବା ହତ୍ୟାକାଣ୍ଡର କ୍ରାଇମ୍ ସିନ୍ ରିକ୍ରିଏସନ କରିଛି ମୁଖ୍ୟ ଅଭିଯୁକ୍ତ ଦିନବନ୍ଧୁ ନାୟକ ଓରଫ ଦିନୋଶ । ଗତ ୮ ତାରିଖ ଦିନ ଲିଜା ଫୋନ୍ ନଧରିବାରୁ ଦିନେଶ ଜଗତସିଂହପୁରରୁ କାର୍‌ରେ ଆସି ରାତି ୧ଟା ୧୦ରେ ଲିଜା ରହୁଥିବା ଘର ନିକଟରେ ପହଞ୍ଚିଥିଲା । ଘର ଭିତରେ ସତ୍ୟବ୍ରତ ପ୍ରଧାନ ଓରଫ ବାବୁନାଙ୍କୁ ଦେଖି ବ୍ୟତିବ୍ୟସ୍ତ ହୋଇପଡିଥିଲା ଦିନେଶ । ଉଭୟେ ପ୍ରଥମେ ମାର୍‌ପିଟ୍ ହୋଇଥିଲେ । କିଛି ସମୟ ପରେ ବାବୁନା ଓ ଲିଜାକୁ ଗୋଟିଏ ଘରେ ଆଗପଟୁ ତାଲା ପକାଇ ଅନ୍ୟ ଏକ ରୁମରୁ ଛୁରି ଆଣି ବାବୁନାର ଛାତି ଓ ବେକକୁ ଆକ୍ରମଣ କରିଥିଲା ଦିନେଶ । ଗୋଟିଏ ଝିଅ ପାଇଁ ଉଜୁଡିଗଲା ଦୁଇଟି ପରିବାର ବୋଲି ବାବୁନା ଓ ଦିନେଶର ସ୍ତ୍ରୀ କହିଛନ୍ତି । ବାବୁନା ଓ ଦିନେଶ ବିବାହିତ । ତାଙ୍କର ଗୋଟିଏ ଲେଖାଏଁ ଝିଅ ଅଛି । ଦିନେଶ ୧୦ବର୍ଷ ତଳେ ପ୍ରେମବିବାହ କରିଥିବା ତାଙ୍କ ସ୍ତ୍ରୀ କହିଛନ୍ତି । ସେହିପରି ବାବୁନା ୪/୫ବର୍ଷ ହେବ ବିବାହ କରିଥିବା ବେଳେ ତାଙ୍କର ମଧ୍ୟ ଝିଅଟିଏ ଅଛି ।



ପରକ୍ରୀୟ ପ୍ରେମରେ ଦୁଇ ଯୁବକ ଲିପ୍ତ ରହିବାରୁ ଏପରି ଘଟଣା ଘଟିଲା । ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ହତ୍ୟାକାରୀ ଭାବେ ଜେଲ୍‌ରେ ଦିନ ବିତାଇବ । ହେଲେ ଯାହା ପାଇଁ ହତ୍ୟାକାଣ୍ଡ ଘଟିଲା ସେ ସୁରକ୍ଷିତ । ଜୋନ୍-୬ ଏସିପି ସୋନାଲ ସିଂ ବର୍ମାଙ୍କ କହିବାନୁଯାୟୀ ପ୍ରେମିକା ଲିଜା ବାବୁନାକୁ ଲୋକଙ୍କ ସହାୟତାରେ ହସ୍ପିଟାଲ ନେଇଥିଲା । ବର୍ତ୍ତମାନ ସୁଦ୍ଧା ହତ୍ୟାକାଣ୍ଡରେ ଲିଜାଙ୍କର କିଛି ସମ୍ପୃକ୍ତି ଥିବା ପ୍ରମାଣିତ ହୋଇନାହିଁ । ଦ୍ୱିତୀୟ ପ୍ରେମିକ ହତ୍ୟାକାଣ୍ଡର ରାଜସାକ୍ଷୀ ପ୍ରେମିକା ଲିଜା ।

ଗତ ୮ ତାରିଖ ଦିନ ପ୍ରେମ ସପ୍ତାହର ଚକୋଲେଟ୍ ଡେ' ଥିଲା । ସେଦିନ ପ୍ରଥମ ପ୍ରେମିକ ଦିନେଶ ସୋନାଲିଙ୍କୁ ଫୋନ୍ କରି କରି ବ୍ୟସ୍ତ ହୋଇପଡିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରିନଥିଲେ । ସନ୍ଧ୍ୟାବେଳେ ମଧ୍ୟ ସେହି ଅବସ୍ଥା ହୋଇଥିଲା । ମାନସିକ ଭାରସାମ୍ୟ ହରାଇ ଦିନେଶ ନିଜ କାର୍‌ରେ ଜଗତସିଂହପୁରରୁ ଭୁବନେଶ୍ୱର ଆସିଥିଲେ । ବାଟରେ ଆସିବା ବେଳେ ଅଡିଓ କଲ୍ ଓ ଭିଡିଓ କଲ କରି ବ୍ୟସ୍ତ ହୋଇପଡିଥିଲେ ମଧ୍ୟ ଲିଜା ଫୋନ୍ ରିସିଭ୍ କରିନଥିଲେ । ସେ ରହୁଥିବା ଘର ନିକଟରେ ଆସି ପହଞ୍ଚି ବାବୁନା ଓ ଲିଜାଙ୍କୁ ଦେଖି ବ୍ୟସ୍ତ ହୋଇପଡିବା ସହ ଛୁରିରେ ଆକ୍ରମଣ କଲେ । ଏହି ସମୟରେ ଜୀବନ ବଞ୍ଚାଇବା ପାଇଁ ବାବୁନା ନିଳାଦ୍ରୀବିହାର ସେକଟର-୨ରୁ ଦୌଉଡି ଦୌଉଡି ଶୈଳଶ୍ରୀବିହାର ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରେ ପଡିଯାଇଥିଲେ । ତାଙ୍କୁ ପିଛା କରୁଥିଲେ ଲିଜା ଓ ଦିନେଶ । ପୋଲିସ କହିବାନୁଯାୟୀ ବାବୁନାଙ୍କ ଜୀବନ ବଞ୍ଚାଇବା ପାଇଁ ଲିଜା ତାଙ୍କୁ ପିଛା କରି ମେଡ଼ିକାଲ ନେବାରେ ସହାୟତା କରିଥିଲେ ।

# ଜିଲ୍ଲା ପୋଲିସ ପକ୍ଷରୁ ୫ ଏପିପି ଓ ଡିଏସପିଙ୍କୁ ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ

ପୁରୀ, (ସବ୍ୟୁ): କୋର୍ଟରେ ବିଭିନ୍ନ ମାମଲାରେ ସଫଳତା ସହ ମାମଲା ପରିଚାଳନା କରି ବିଜୟୀ ହୋଇ ଥିବା ସରକାରୀ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଓ ଡିଏସପିଙ୍କୁ ପୁରୀ ପୋଲିସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ବୁଧବାର ଅପରାହ୍ନରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଏ ନେଇ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ସମାରୋହ ଅନୁଷ୍ଠିତ ହୋଇଥିଲା । ସଭାରେ ଏସ୍ପି ପ୍ରତୀକ ସିଂହ ଅଧ୍ୟକ୍ଷତା କରି ଥିଲେ । ଏସପି ଶ୍ରୀ ସିଂହ ନ୍ୟାୟାଳୟରେ ପୁଲିସ ପକ୍ଷରୁ ରୁଜୁ ହୋଇ ଥିବା ମାମଲା ଗୁଡିକୁ ସଫଳ ପରିଚାଳନା ଓ ପୀଡିତଙ୍କ ପକ୍ଷରେ ଦୃଢ଼ ଭାବରେ ମାମଲା ପ୍ରସ୍ତୁତ କରି ଦୋଷୀଙ୍କୁ ଦଣ୍ଡିତ କରାଇବାରେ ଯେଉଁ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କୁ ସମ୍ମାନିତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ପାଞ୍ଚ ଜଣ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଓ ଡିଏସପି ଶ୍ରୀମତୀ ତିଲୋତ୍ତମା ରାଉତଙ୍କୁ ସମ୍ମାନୀତ କରାଯାଇଛି । ସରକାରୀ ଓକିଲ ଓ ପୋଲିସର ସମନ୍ୱିତ ପ୍ରୟାସ ଫଳରେ ନ୍ୟାୟାଳୟରେ ଦୃଢ଼ ପ୍ରମାଣ, ଆବଶ୍ୟକ ଦଲିଲପତ୍ର ଓ ସାକ୍ଷ୍ୟ ସଠିକ୍ ଭାବରେ ଉପସ୍ଥାପନ କରାଯାଇଥିଲା । ଏହାର ଫଳସ୍ୱରୂପ ପୀଡିତଙ୍କୁ ନ୍ୟାୟ ମିଳିଥିବା ସହ ଅଭିଯୁକ୍ତ ମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏସ୍ପି ଶ୍ରୀ ସିଂ ସମ୍ମାନିତ ଅଧିକାରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି ତାଙ୍କର ବୃତ୍ତିଗତ ଦକ୍ଷତା, ଦୃଢ଼ ଆଇନ ଜ୍ଞାନ ଓ ଟିମ୍‌ୱାର୍କର ସ୍ୱୀକୃତି ଜଣାଇଥିଲେ । ସେ କହିଥିଲେ ଯେ, ଗୁଣାତ୍ମକ ତଦନ୍ତ, ସଠିକ୍ ଡକ୍ୟୁମେଣ୍ଟେସନ୍ ଓ ପ୍ରୋସିକ୍ୟୁସନ୍ ସହ ସମନ୍ୱୟ ହେଉଛି ଦଣ୍ଡନୀତିର ସଫଳତାର ମୂଳ ଚାବି । ପୁରୀ ପୋଲିସ ସଦା ପୀଡିତମାନଙ୍କୁ ନ୍ୟାୟ ଦେବା ଓ ଦୋଷୀଙ୍କୁ ଆଇନ ଅନୁସାରେ କଠୋର ଶାସ୍ତି ଦେବାରେ ପ୍ରତିବଦ୍ଧ । ଏହି ସଫଳତା ପୁରୀ ପୋଲିସର ପେଶାଦାରିତା, ଦୃଢ଼ ସଙ୍କଳ୍ପ ଓ ନ୍ୟାୟ ପ୍ରତି ପ୍ରତିଶ୍ରୁତିକୁ ପୁନଃ ସ୍ଥାପିତ କରିଛି । ଆଗାମୀ ଦିନରେ ମଧ୍ୟ ଏପରି ସମନ୍ୱିତ ପ୍ରୟାସ ମାଧ୍ୟମରେ ଜନସାଧାରଣଙ୍କ ବିଶ୍ୱାସକୁ ଅବିକଳ ରଖିବା ପାଇଁ ପୁରୀ ପୋଲିସ କାର୍ଯ୍ୟରତ ରହିବ ।



# ବେତନଟୀ ଡାକ୍ତରଖାନା ପରିଦର୍ଶନ କଲେ କାୟାକଳ୍ପ ଟିମ

ବେତନଟୀ,(ସବ୍ୟୁ)- ରାଜ୍ୟସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମୟୂରଭଞ୍ଜ ଗସ୍ତରେ ଆସିଥିବା କାୟାକଳ୍ପ ଟିମ ବୁଧବାର ସନ୍ଧ୍ୟାରେ ବେତନଟୀ ଡାକ୍ତରଖାନା ପରିଦର୍ଶନ କରିଛନ୍ତି ଓ କାୟାକଳ୍ପ ଟିମ ପକ୍ଷରୁ ଡ. ରାମକୃଷ୍ଣ ଶତପଥୀ, ଡ. ସୁଶାନ୍ତ କୁମାର ନାୟକ, ନିଲଫର ବେଗମ, ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା କାର୍ଯ୍ୟାଳୟ ପକ୍ଷରୁ ଡିପିଏମ ଅନୀଲ କୁମାର ମହାନ୍ତି ପ୍ରମୁଖ ଅଧିକାରୀଗଣ ସାମିଲ ଥିଲେ । କାୟାକଳ୍ପ ଟିମ ବେତନଟୀ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତରଖାନା ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହାପରେ ଟିମ ବେତନଟୀ ଡାକ୍ତରଖାନାର ଅନ୍ତର୍ବିଭାଗ, ବହିର୍ବିଭାଗ, ଅପରେସନ ଥିଏଟର, ଲାବୋରଟୋରୀ, ନିରାମୟ କାଉଣ୍ଟର ସମେତ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଚିକିତ୍ସାଧୀନ ରୋଗୀଙ୍କ ସହିତ ଆଲୋଚନା କରିଥିଲେ । ଡାକ୍ତରଖାନାର ପରିଷ୍କାର ପରିଛନ୍ନତା ଏବଂ ପରିମଳ ବ୍ୟବସ୍ଥା ଉପରେ କାୟାକଳ୍ପ ଟିମ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିବାର ଦେଖିବାକୁ ମିଳିଛି ।

## ପୋଲିସ ସହିତ ଜଣେ ବି ସାକ୍ଷୀ ରହୁ ନାହାନ୍ତି

# ଜେଲରୁ ମୁକୁଳି ଯିବେକି ଗ୍ୟାଙ୍ଗଷ୍ଟାର ଡି.ବ୍ରଦର୍ସ

କଟକ,(ସବ୍ୟୁ): ନୂଆବଜାର ମାଛ ମାର୍କେଟ୍ ଡବଲ ମର୍ଡର ଘଟଣାରେ ପୁଣି ଏବେ ପୁଲିସ୍‌କୁ ଏକ ବଡ଼ ଝଟ୍‌କା ଲାଗିଛି । ପୋଲିସ ସହିତ ଜଣେବି ସାକ୍ଷୀ ରହୁ ନ ଥିବାରୁ ଗ୍ୟାଙ୍ଗଷ୍ଟାର ଧଳସାମନ୍ତ ଭ୍ରାତା ଦ୍ୱୟ ଆଗାମୀ ଦିନରେ ଜେଲର ଚାରିକାନ୍ଥ ଭିତରୁ ବାହାରକୁ ଆସିବା ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଛି । ଆଜି ଆବଶ୍ୟକ ସାକ୍ଷ୍ୟ, ପ୍ରମାଣ ଅଭାବରୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ଧଳସାମନ୍ତ କୁ କଟକ ପ୍ରଥମ ଅତିରିକ୍ତ ସେସନ୍ସ ଜଜ୍ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି । ପୂର୍ବରୁ ସୁଶୀଲ ଧଳସାମନ୍ତ ଏବଂ ଅନ୍ୟ କିଛି ଅଭିଯୁକ୍ତ ମଧ୍ଯ ଏହି ଘଟଣାରେ ନିର୍ଦ୍ଦୋଷରେ ଖଲାସ ହୋଇ ସାରିଛନ୍ତି । ଏହି ମାମଲାକୁ ମିଶାଇ ଇତିମଧ୍ଯରେ ଉଭୟ ସୁଶାନ୍ତ ଏବଂ ସୁଶୀଲ ଧଳସାମନ୍ତ ପ୍ରାୟ ୨୫ରୁ ୨୬ଟି ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇ ସାରିଲେଣି । ଆଉ ମାତ୍ର ଦୁଇଟି ମାମଲା ଉଭୟଙ୍କ ବିରୋଧରେ ରହିଛି ।

ମାମଲାରୁ ଜଣାଯାଇଛି ଯେ, ୨୦୧୦ ଜାନୁଆରୀ ୯ ତାରିଖ ଦିନ ନୂଆବଜାର ମାଛ ମାର୍କେଟ୍‌ରେ ଲିଟୁଆ ଓରଫ କାମେଶ୍ୱର ସେଠୀ ମାଛ କିଣୁଥିବାବେଳେ ଚାରିଜଣ ଅଭିଯୁକ୍ତ ଦୁଇଟି ମୋଟର ସାଇକେଲ୍‌ରେ ଆସି ତା' ଉପରକୁ ଗୁଳି ଚାଳନା କରିଥିଲେ । ଲିଟୁଆକୁ ବଞ୍ଚାଇବାକୁ ଟିଟୁଆ ଓରଫ ଅନିରୁଦ୍ଧ ସେଠୀ ଆସୁଥିଲାବେଳେ ସେ ମଧ୍ୟ ଗୁଳିର ଶିକାର ହୋଇଥିଲା । ଲିଟୁଆର ଘଟଣାସ୍ଥଳରେ ଦେହାନ୍ତ ହୋଇଯାଇଥିଲାବେଳେ ଟିଟୁଆକୁ ମେଡିକାଲକୁ ନିଆଯାଉଥିଲାବେଳେ ବାଟରେ ଦେହାନ୍ତ ହୋଇଥିଲା । ଏହି ଘଟଣାରେ ପୁଲିସ୍ ପ୍ରଥମେ ଦୀପୁ, ଓମ୍, କର୍ଣ୍ଣୋଲୀ ଏବଂ ଓମ୍‌ଙ୍କ ନାମରେ ମାମଲା ରୁଜୁ କରିଥିଲା । ପରେ ଏଥିରେ ସୁଶୀଲ, ଭଜନା, ବବୁଲ ନାଁ ଯୋଡ଼ି ହୋଇଥିଲା । ୨୦୧୨ ମସିହାରେ ସୁଶୀଲ ଏହି ଘଟଣାରେ ନିର୍ଦ୍ଦୋଷରେ ଖଲାସ ହୋଇଥିଲା । ୨୦୧୬ ମସିହାରେ ପୁଲିସ୍ ସୁଶାନ୍ତ ଧଳସାମନ୍ତ ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଏହି ମାମଲାରେ ସମ୍ପୃକ୍ତ କରିଥିଲା ।୨୦୧୮ ମସିହାରେ ଏହି ଘଟଣାରେ ସୁଶାନ୍ତ ଧଳସାମନ୍ତ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ମଧ୍ୟ ନେଇଥିଲା । ଏହି ମାମଲାର ଶୁଣାଣି କଟକ ପ୍ରଥମ ଅତିରିକ୍ତ ଜିଲ୍ଲାଜଜଙ୍କ ଅଦାଲତରେ ହୋଇଥିଲା । ୩୯ ଜଣଙ୍କ ସାକ୍ଷୀ ଗ୍ରହଣ କରାଯାଇଥିଲା । ଏଥିରେ ୫ଜଣ ପୁଲିସ୍ ଅଧିକାରୀ ମଧ୍ୟ ଥିଲେ । ପୁଲିସ୍ ଅଧିକାରୀଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଜଣେ ବି ସାକ୍ଷୀ ଅଭିଯୁକ୍ତମାନଙ୍କ ବିରୋଧରେ ମୁହଁ ଖୋଲି ନଥିଲେ ।

# ସୋଆ ଆଇଏଏସ୍ ପକ୍ଷରୁ ବିଶ୍ୱ ଡାଲି ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ ପକ୍ଷରୁ ନିମାପଡ଼ାସ୍ଥିତ ରେସିଙ୍ଗା ଗ୍ରାମରେ ବିଶ୍ୱ ଡାଲି ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ନିମାପଡ଼ା ବ୍ଲକ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଡାଲି ଫସଲରେ ବୈଜ୍ଞାନିକ ପ୍ରଣାଳୀ ଅନୁସରଣ କରି କିପରି ଭାବରେ ଚାଷୀ ଭାଇ ଓ ଭଉଣୀମାନେ ଲାଭବାନ ହୋଇପାରିବେ ସେ ସମ୍ପର୍କରେ



ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଦିବସର ମହତ୍ୱ ଏବଂ ଚାଷୀ ଭାଇମାନଙ୍କ ଦ୍ୱାରା ଆଧୁନିକ ଜ୍ଞାନ କୌଶଳ ଗ୍ରହଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ସଭାରେ ଓୟୁଏଟି ଅଧିନସ୍ଥ ପୁରୀ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର, ପୂର୍ବତନ କନ୍ଧମାଳ ଜିଲ୍ଲା କୃଷି ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଜୟ କୁମାର ସାହୁ ଏବଂ ଆଲୋଚନା କରିଥିଲେ। ଏଥି ସହିତ ନିମାପଡ଼ା ବ୍ଲକରେ କିପରି ଭାବରେ ଡାଲି ଜାତୀୟ ଫସଲକୁ ଅଗ୍ରାଧିକାର ଦିଆଯାଇପାରିବ ତାହା ମଧ୍ୟ ଆଲୋଚନା କରାଯାଇଥିଲା। ଏହି ସଭାରେ କୃଷି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ ଅଧକ୍ଷତା କରି ମନୁଷ୍ୟର ଖାଦ୍ୟ ଓ ପୃଷ୍ଟି ନିରାପତା ତଥା ମୃର୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଡାଲିଜାତୀୟ ଫସଲର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

## ମହିଳାଙ୍କୁ ଅଶ୍ଳୀଳ ଭିଡ଼ିଓ ଭାଇରାଲ ଧମକ

# ଲକ୍ଷାଧିକ ଟଙ୍କା ହଡ଼ପ, ଅପରାଧୀ ଗିରଫ

ପୁରୀ, (ସବ୍ୟୁ): ଗତ କିଛି ଦିନ ପୁରୀ ଜିଲ୍ଲାରେ ସାଇବର ଥାନାରେ ରୁଜୁ ହୋଇ ଥିବା ବିଭିନ୍ନ ମାମଲାରେ ପୋଲିସକୁ ମିଳିଛି ବଡ ସଫଳତା। ଜଣେ ମହିଳାଙ୍କୁ ତାଙ୍କର ଅଶ୍ଳୀଳ ଫୋଟୋ ସୋସିଆଲ ମିଡିଆରେ ଭାଇରାଲ୍ କରିବାର ଧମକ ଦେବା ଓ ବ୍ଲାକମେଲ କରି ଲକ୍ଷାଧିକ ଟଙ୍କା ହଡ଼ପ କରିବା ଅଭିଯୋଗରେ ପୁରୀ ସାଇବର ଏବଂ ଇକୋନୋମିକ ଅଫେନ୍ସ ଥାନା ବୁଧବାର ଦିନ ଜଣେ ଅପରାଧିକୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟ ଅଭିଯୁକ୍ତର ଜାମିନ ଆବେଦନ ଖାରଜ କରିବାରୁ ପୋଲିସ ତାକୁ ଜେଲକୁ ପଠାଇ ଦେଇଛି ଏହି ସୂଚନା ଦେଇଛନ୍ତି ଜିଲ୍ଲା ଏସପି ପ୍ରତୀକ ସିଂ। ଗିରଫ ଅଭିଯୁକ୍ତର ପରିଚୟ ହେଲା ମାନସ ଜେନା(୪୫), ପିତା ପୂର୍ଣ୍ଣ ଚନ୍ଦ୍ର ଜେନା , ଜିଲ୍ଲା -ବାଲେଶ୍ୱର, ଥାନା - ବାଲିଆପାଳ, ଗ୍ରାମ-ମୁଣ୍ଡାଇ ଅଟେ। ଅଭିଯୁକ୍ତ ଠାରୁ ପୋଲିସ ୩୪ ଗୋଟି ସିମ କାର୍ଡ, ୫ ଗୋଟି ମୋବାଇଲ ଫୋନ, ୪ ଗୋଟି ଏଟିମ କାର୍ଡ, ୧ ଗୋଟି ବ୍ୟାଙ୍କ୍ ପାସ ବୁକ୍ ଓ ୧ ଗୋଟି ଚେକ୍ ବୁକ୍ ଜବତ କରିଛି। ସେ ଜଣେ ଅଭ୍ୟାସଗତ ସାଇବର ଅପରାଧି



ଓ ଠକ ଅଟେ। ଯାଜପୁର ଟମକା ଥାନାରେ ମଧ ତାର ନାମରେ ଏକ ସାଇବର ଅପରାଧ ମାମଲା ରହିଛି। ବୁଧବାର ପୂର୍ବାହ୍ନରେ ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁରୀ ଏସପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି ୨୦୨୩ ମସିହା ସେପ୍ଟେମ୍ବର ୧୪ ତାରିଖ ଦିନ ପିପିଲିର ଇତିଶ୍ରୀ ମଲ୍ଲିକ ନାମ୍ନୀ ଜଣେ ମହିଳା ପୁରୀ ସାଇବର ଥାନାରେ ଅଭିଯୋଗ କରି ଥିଲେ ଯେ ଗତ ତା ୫/୯/୨୩ ରିଖ ସମୟ ରାତ୍ର ୯ ଟାରେ ଜଣେ ଅପରିଚିତ ବ୍ୟକ୍ତି ଏକ ମୋବାଇଲ ଫୋନ ନମ୍ବର ୮୦୧୮୨୫୧୦୪୭ ରୁ ନିଜକୁ ଜଣେ ପୋଲିସ ବୋଲି ପରିଚୟ ଦେଇ କହି ଥିଲେ ତାଙ୍କର କେତେକ ଅଶ୍ଳୀଳ ଫଟୋ ତାଙ୍କ ପାଖରେ ଅଛି। ତାଙ୍କୁ ୨ ଲକ୍ଷ ୭୦ ହଜାର ଟଙ୍କା ନ ଦେଲେ ସେ ସୋସିଆଲ ମିଡିଆରେ ଭାଇରାଲ କରି ଦେବେ। ସାମାଜିକ ଲୋକ ଲଜ୍ୟାକୁ ଭୟ କରି ମହିଳା ଜଣକ ଅଭିଯୁକ୍ତ ଠକର ଦାବି ମୁତାବକ ତାଙ୍କ ଫୋନ ପେରେ ୧ ଲକ୍ଷ ୩୪ ହଜାର ଟଙ୍କା ଦେଇ ଥିଲେ। ଏନେଇ ମହିଳା ଜଣକ ୨୦୨୩ ମସିହା ସେପ୍ଟେମ୍ବର ୧୪ ତାରିଖରେ ପୁରୀ ସାଇବର ଥାନରେ ଏକ ଲିଖିତ ଅଭିଯୋଗ କରି ଥିଲେ। ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା। ତଦନ୍ତ ପରେ ପୋଲିସ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ସିଟି ଡିଏସପି ରଶ୍ମି ରଂଜନ ମହାପାତ୍ର, ସାଇବର ଥାନା ଆଇଆଇସି ଗୀତାଞ୍ଜଳୀ ନାୟକ, ଟାଉନ ଥାନା ଆଇଆଇସି ଗୋକୁଳ ରଂଜନ ଦାସ ଉପସ୍ଥିତ ଥିଲେ।

## ସୁଇଜରଲ୍ୟାଣ୍ଡ ଜାତୀୟ ସ୍ତରୀୟ ଅଲମ୍ପିକ ମୂଲ୍ୟବୋଧ କାର୍ଯ୍ୟକ୍ରମରେ ଯୋଗ ଦେବେ ପୁରୀର ଦୁଇ ଛାତ୍ର ଛାତ୍ରୀ

ପୁରୀ, (ସବ୍ୟୁ): ସୁଇଜରଲ୍ୟାଣ୍ଡରେ ଫେବୃଆରୀ ୧୦ ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଜାତୀୟ ସ୍ତରୀୟ ଆଲମ୍ପିକ ମୂଲ୍ୟବୋଧ କାର୍ଯ୍ୟ କ୍ରମ। ଏଥିରେ ଯୋଗ ଦେବେ ଓଡ଼ିଶାରୁ ୪ ଛାତ୍ର ଛାତ୍ରୀ। ଏହି ଅବସରରେ ପୁରୀ ଜିଲ୍ଲାର ଦୁଇ ଜଣ ଛାତ୍ର ଛାତ୍ରୀ ଯୋଗ ଦେବା ପାଇଁ ମନୋନୀତ ହୋଇଛନ୍ତି। ପିଏମଶ୍ରୀ ଜିଲ୍ଲା ସ୍କୁଲର ନବମ ଶ୍ରେଣୀ ଛାତ୍ର ଆରିୟ ରଞ୍ଜନ ପଟ୍ଟନାୟକ ଓ ପିଏମଶ୍ରୀ ବିଶ୍ୱମ୍ବର ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ରୀ ଅଶ୍ମି ଆରାଧା ଦେଶ ତରଫରୁ କାର୍ଯ୍ୟ କ୍ରମରେ ସାମିଲ ହୋଇ ଥିବା ରୁ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢୀ କାର୍ଯ୍ୟାଳୟ ପରିସରରେ ପୁଷ୍ପ ଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ଉଭୟ ଜିଲ୍ଲା ଶିକ୍ଷା ବିଭାଗର ଗରିମାକୁ ଜାତୀୟ ସ୍ତରରେ ପହଞ୍ଚାଇ ଥିବାରୁ ସେମାନଙ୍କୁ ଶତ ପ୍ରତିଶତ ସଫଳତା ମିଳୁ ବୋଲି ଶ୍ରୀ ପାଢ଼ୀ ଶୁଭ କାମନା କରି ଛନ୍ତି।

# ବ୍ରାଉନସୁଗର ମାମଲା : ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ଖୋର୍ଦ୍ଧା, (ସବ୍ୟୁ) : ଏକ ବ୍ରାଉନସୁଗାର ମାମଲାର ରାୟ ବିଚାର କରି ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ରଞ୍ଜୁଲତା ଲେଙ୍କା ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ଏକ ଲକ୍ଷ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଏକ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସ୍ୱପ୍ନେଶ୍ୱର ସାହି ର ମାନସ ସାହୁ(୨୬)। ମାମଲାରୁ ପ୍ରକାଶ ଗତ ୨୦୨୧ ମସିହା ଏପ୍ରିଲ ୬ ତାରିଖରେ କଟକ ଅବକାରୀ ମୋବାଇଲ ୟୁନିଟ୍ ମହିଳା ମହାବିଦ୍ୟାଳୟ ରାସ୍ତା ନିକଟରୁ ମାନସଙ୍କୁ ଧରିଥିଲା। ତାଙ୍କ ଠାରୁ ୩୨୫ ଗ୍ରାମ ବ୍ରାଉନସୁଗାର ଏବଂ ନଗଦ ୧୫ହଜାର ଟଙ୍କା ଜବତ କରିଥିଲା। ଏନଡିପିଏସ ଆକ୍ଟରେ ଅବକାରୀ ବିଭାଗ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥଲା। ଖୋର୍ଦ୍ଧା କୋର୍ଟରେ ତାଙ୍କ ମାମଲା ବିଚାରଧନ ରହିଥଲା। ଆଜି ଏହି ମାମଲାର ବିଚାର କରି କୋର୍ଟ ସାକ୍ଷ୍ୟପ୍ରମାଣ ଭିତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସତନ୍ତ୍ର ଓ ଅତିରିକ୍ତ ପ୍ଲବିକ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ବିଜେବି ଉଚ୍ଚ ବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ବହୁ ପୁରାତନ ଏତିହ୍ୟ ସମ୍ପନ୍ନ ବକ୍ସି ଜଗବନ୍ଧୁ ବିଦ୍ୟାଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟଅତିଥି ରୂପେ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ଆତ୍ମ ବିଶ୍ୱାସ ଓ କଠିନ ପରିଶ୍ରମ ମାଧ୍ୟମରେ ସଫଳତା ହାସଲ କରିବାକୁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ ଚରିତ୍ର ଗଠନ ଓ ସମାଜ ପ୍ରତି ଦାୟିତ୍ୱବୋଧ ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେବା ପାଇଁ ମତ ପ୍ରକାଶ କରିଥିଲେ। ସେ ବିଦ୍ୟାଳୟକୁ ଏକ ମନ୍ଦିର ସଦୃଶ ଅଭିହିତ କରିଥିଲେ। ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷିକାଙ୍କ ଭୂମିକାକୁ ଦୃଢ଼ ପ୍ରଶଂସା କରିଥିଲେ।ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ ଓ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଏହି ଉତ୍ସବରେ ଯୋଗଦେଇ ବିଦ୍ୟାଳୟର ଶୈକ୍ଷିକ ଉନ୍ନତି ,ଶୃଙ୍ଖଳା ଓ ଛାତ୍ର ଛାତ୍ରୀଙ୍କର ପ୍ରତିଭାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରାଯାଇଥିଲା।

## ସିଆଇଆଇ ଜାତୀୟ ବିଦ୍ୟୁତ ସୁରକ୍ଷା ପ୍ରତିଯୋଗିତା ୨୦୨୫

# ଜିନ୍ଦଲ ଷ୍ଟେନଲେସ୍‌ର ହିସାର ୟୁନିଟ ସ୍ୱର୍ଣ୍ଣ ସମ୍ମାନରେ ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ଦେଶର ପ୍ରମୁଖ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦକ ଜିନ୍ଦଲ ଷ୍ଟେନଲେସ୍ ର ହିସାର ୟୁନିଟ୍ "ବେଷ୍ଟ କେସ୍ ଷ୍ଟଡି ଅନ ଇଲେକ୍ଟ୍ରିକାଲ ସେଫ୍ଟି ରିସ୍କ ମ୍ୟାନେଜମେଂଟ (ଲାର୍ଜ)" ବର୍ଗରେ ସ୍ୱର୍ଣ୍ଣ ସମ୍ମାନରେ ସମ୍ମାନିତ ହୋଇଛି । ଚତୁର୍ଥ ଜାତୀୟ ବିଦ୍ୟୁତ ସୁରକ୍ଷା, ବିଦ୍ୟୁତ ଗୁଣବତା ଏବଂ ଭରସାଯୋଗ୍ୟ ସର୍କଲ ପ୍ରତିଯୋଗିତା ଆଭାଷୀ ମାଧ୍ୟମରେ କନଫିଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ତରଫରୁ ୧୬ ଏବଂ ୧୭ ଡିସେମ୍ବର ୨୦୨୫ରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅଟୋମୋବାଇଲ୍ସ, ଇଲେକ୍ଟ୍ରିକାଲ ସୁଇଚ୍ ଗିଅର ନିର୍ମାଣ ଏବଂ ଶକ୍ତି ସମେତ ଦେଶର ବିଭିନ୍ନ ଅଗ୍ରଣୀ ସଂସ୍ଥାମାନେ ଅଂଶଗ୍ରହଣ କରିଥିଲେ । ଏହି ସମ୍ମାନ ବିଦ୍ୟୁତ ସୁରକ୍ଷା ବିପତି ପରିଚାଳନା କ୍ଷେତ୍ରରେ ଜିନ୍ଦଲ ଷ୍ଟେନଲେସ୍, ହିସାର ୟୁନିଟ ତରଫରୁ ଏହାର ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ନିଆଯାଉଥିବା ସଂଗଠିତ ଏବଂ ପ୍ରତିରୋଧାତ୍ମକ ପଦକ୍ଷେପକୁ ଦର୍ଶାଉଛି । ବିପଦର ଚିହ୍ନଟ, ବିପଦର ପ୍ରଭାବ ସମ୍ପର୍କରେ ମୂଲ୍ୟାଙ୍କନ କରିବା, ଇଞ୍ଜିନିୟରିଂ ଓ ପ୍ରାଶାସନିକ ନିୟନ୍ତ୍ରଣ, ନିୟମିତ ଅଡିଟ୍ ଏବଂ ନିରନ୍ତର ଭାବରେ ଦକ୍ଷତାର



ବିକାଶ କରିବା ଆଦି ଦିଗରେ କମ୍ପାନୀର ନିଆଯାଉଥିବା ଢାଂଚାଗତ ପଦକ୍ଷେପ ଯୋଗୁଁ ଏହି ସମ୍ମାନ ମିଳିଛି । ଏହି ସଫଳତା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, "ଜିନ୍ଦଲ ଷ୍ଟେନଲେସ୍ ରେ ସୁରକ୍ଷିତ ଭାବରେ ଆମର କାର୍ଯ୍ୟ ପରିଚାଳନା ପାଇଁ ଆମେ ପ୍ରତିବଦ୍ଧ । ଏହି ସମ୍ମାନ ଆମର ବିପତି ପରିଚାଳନା, ସୁଦୃଢ଼ ପ୍ରଣାଳୀ ଏବଂ ସୁରକ୍ଷା ସର୍ବୋପରି ସଂସ୍କୃତି ପ୍ରତି ଥିବା ଅନୁଶାସନକୁ ପ୍ରତିଫଳିତ କରୁଛି । ଏଥିସହିତ ଏ ଦିଗରେ ଆମର ପ୍ରକ୍ରିୟାଗୁଡ଼ିକୁ ଆହୁରି ସୁଦୃଢ଼ କରିବା ପାଇଁ ଏହା ଆମକୁ ଉତ୍ସାହିତ କରୁଛି" । ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସ୍ ହିସାର ୟୁନିଟର ମୁଖ୍ୟ ଶ୍ରୀ ବିଜୟ ବିନ୍ଦଲିସ କହିଛନ୍ତି, "ଏହି ସମ୍ମାନ ଆମର ପ୍ରତ୍ୟେକ ଦିନର ତ୍ୱରିତ ଭାବରେ ବିପତିର ଚିହ୍ନଟ କରିବା ଏବଂ ସଂଗଠିତ ଭାବରେ ସେଗୁଡ଼ିକର ସମାଧାନ କରିବା ଦିଗରେ ନିଆଯାଉଥିବା ପଦକ୍ଷେପକୁ ସମ୍ମାନ ଜଣାଇଛି । ଏଥିପାଇଁ ସୁରକ୍ଷା ନିୟମକୁ ପାଳନ କରିବା ଏବଂ ସମସ୍ତଙ୍କ ସହଯୋଗ ଯୋଗୁଁ ହିସାର ୟୁନିଟରେ ସୁରକ୍ଷା ସର୍ବୋପରି ହୋଇ ରହିଛି"। ଜାତୀୟ ବିଦ୍ୟୁତ ସୁରକ୍ଷା, ବିଦ୍ୟୁତ ଗୁଣବତା ଏବଂ ଭରସାଯୋଗ୍ୟ ସର୍କଲ ପ୍ରତିଯୋଗିତା ଦେଶର ଶ୍ରେଷ୍ଠ ସୁରକ୍ଷା ଏବଂ ଶକ୍ତି ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିବାର ଲକ୍ଷ୍ୟ ରଖିଛି । ଯଦ୍ୱାରା ସେମାନେ ପ୍ରତିଯୋଗିତା କରିବା ସହିତ ନିଜ ନିଜ ସଂସ୍ଥାରୁ ସର୍ବୋତମ ଅଭ୍ୟାସଗୁଡ଼ିକୁ ସର୍ବସମ୍ମୁଖକୁ ଆଣିପାରିବେ ।

## ଏଆଇ-ଚାଳିତ ଶାସନ କ୍ଷେତ୍ରରେ ଓଡ଼ିଶାର ଅଭିନବ ପଦକ୍ଷେପ

# ଆରାୱତ୍ ସହ ହାତ ମିଳାଇଲା ନଗର ଉନ୍ନୟନ ବିଭାଗ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ସ୍ଥାୟୀ, ଭବିଷ୍ୟତ-ଉପଯୋଗୀ ଏବଂ ନାଗରିକ-କୈନ୍ଦ୍ରିକ ସହର ଗଠନ ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଗୃହ ନିର୍ମାଣ ଓ ନଗର ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଶ୍ରୀମତୀ ପାଢୀ କହିଛନ୍ତି ଯେ, "ଓଡ଼ିଶା ନିଜର



ଉନ୍ନୟନ ବିଭାଗ ଏବଂ ଆଇଆଇଟି କାନପୁରର ଆରାୱତ୍ ରିସର୍ଚ୍ଚ ଫାଉଣ୍ଡେସନ' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ସହଭାଗିତା ମାଧ୍ୟମରେ ରାଜ୍ୟର ସହରାଞ୍ଚଳ ପ୍ରଶାସନରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗକୁ ଅଧିକ ସୁଦୃଢ଼ କରାଯିବ। ଗୃହ ସହରଗୁଡ଼ିକୁ କେବଳ ସ୍ମାର୍ଟ ନୁହେଁ, ବରଂ ଅଧିକ ସମ୍ବେଦନଶୀଳ ଏବଂ ସମାବେଶୀ କରିବାକୁ ପ୍ରତିବଦ୍ଧ। ଏହି ସହଭାଗିତା ଇଓ ସହାୟତାରେ ସହରାଞ୍ଚଳ ସେବା ପ୍ରଦାନକୁ ଉନ୍ନତ କରିବ ଏବଂ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପ୍ରଭାବଶାଳୀ କରିବ।"

ଆରାୱତ୍ ରିସର୍ଚ୍ଚ ଫାଉଣ୍ଡେସନର ସିଇଓ ଅମର ନାଥ କହିଛନ୍ତି ଯେ, ସରକାର ଏବଂ ପ୍ରତିଷ୍ଠିତ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଏଭଳି ସହଯୋଗ ଦ୍ୱାରା ଇଓ ସମାଧାନଗୁଡ଼ିକୁ ନାଗରିକଙ୍କ ଆବଶ୍ୟକତା ଅନୁଯାୟୀ ବିକଶିତ କରାଯାଇପାରିବ। ଇଜର୍ ଓଡ଼ିଶାରେ ଏକ ଦୃଢ଼ ଏବଂ ଦାୟିତ୍ୱପୂର୍ଣ୍ଣ ଇଓ ବ୍ୟବସ୍ଥା ଗଠନ ପାଇଁ ପୂର୍ଣ୍ଣ ସହଯୋଗ କରିବ। ଏହି ସହଭାଗିତା ମାଧ୍ୟମରେ ଇଜର୍ ବିଭାଗର ଇଓ ଇନୋଭେସନ ପାର୍ଟନର ଭାବରେ କାର୍ଯ୍ୟ କରିବ ଏବଂ ବୈଷୟିକ ସହାୟତା ପ୍ରଦାନ କରିବ। ନଗର ଉନ୍ନୟନ ବିଭାଗ ମଧ୍ୟରେ ଏକ ସ୍ୱତନ୍ତ୍ର ଏଆଇ-ପିଏମ୍‌ୟୁ ପ୍ରତିଷ୍ଠା କରାଯିବ, ଯାହା ଇଓ କାର୍ଯ୍ୟକ୍ରମ ଗୁଡ଼ିକର ସମନ୍ୱୟ ରକ୍ଷା କରିବ। ରାଜ୍ୟ ପାଇଁ ଏକ ଦୀର୍ଘକାଳୀନ ଇଓ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ, ଯାହା ପୌରସଂସ୍ଥା ଗୁଡ଼ିକରେ ବୈଷୟିକ ସଂସ୍କାର ଆଣିବ.ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନୈତିକ ଏବଂ ସ୍ୱଚ୍ଛ ପ୍ରୟୋଗ ପାଇଁ ତାଲିମ ପ୍ରଦାନ କରାଯିବ। ଖାରବେଳ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ଟିମର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଡିଜେ ସାଉଣ୍ଡ ଉପରେ ରୋକ ଲାଗିବ କେବେ ?

# ହଇରାଣ ହେଉଛନ୍ତି ହୃଦରୋଗୀ ଏବଂ ବରିଷ୍ଠ ନାଗରିକ

ଜଟଣୀ, (ସବ୍ୟୁ): ବର୍ତ୍ତମାନ ବିବାହ ଋତୁ ପାଇଁ ଜଟଣୀରେ ଥିବା ପ୍ରତ୍ୟକ ମଣ୍ଡପ ତଥା ସହର ଚଳଚଞ୍ଚଳ ହୋଇଥିବା ବେଳେ ବରଯାତ୍ରୀ ରୋଷଣୀରେ ପ୍ରକମ୍ପିତ ହେଉଛି ଡିଜେ । ଡିଜେ ସାଉଣ୍ଡରେ ଅସ୍ତବ୍ୟସ୍ତ ସହରବାସୀ,ଲୋକେ ଭୁଲିଗଲେଣି ପାରମ୍ପରିକ ବାଦ୍ୟ । ଏହି ପରିପ୍ରେକ୍ଷୀରେ ଜଟଣୀ ମୁଖ୍ୟରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବରଯାତ୍ରୀ ପ୍ରୋସେସନରେ ଡିଜେର ବିକଟାଳ ଶବ୍ଦରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ ପଥାଚାରି । ସୂଚନା ମୁତାବକ ସହରର ମୁଖ୍ୟରାସ୍ତାରେ ଥିବା ପଞ୍ଜାବ ବ୍ୟାଙ୍କ ପାର୍ଶ୍ୱରେ ଥିବା "ଧର୍ମଶାଳା"ରେ ଅନୁଷ୍ଠିତ ହେଉଥିବା ବିବାହ କାର୍ଯ୍ୟରେ ସାମିଲ ହେବାକୁ ବରଯାତ୍ରୀ ପ୍ରସେସନ ରେ ଆସୁଥିବା ଫ୍ରେଣ୍ଡ ଅଡିଓ ଭି ୨ ନାମକ ଡିଜେ ସଂସ୍ଥାର ସାଉଣ୍ଡର ଅତ୍ୟଧିକ ଶବ୍ଦ ପ୍ରଦୂଷଣ ହେତୁ ବାଧ ହୋଇ ଜଟଣୀ ଥାନା ଅଧିକାରୀ ଅଙ୍କୁଶ ଲଗାଇଥିବା ଦେଖିବାକୁ ମିଳିଥିଲା । ଭାରତରେ ଡିଜେ ସାଉଣ୍ଡର ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ୨୦୦୦ ଅନୁସାରେ ରାତି ୧୦ ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଲାଉଡ଼ ସ୍ପିକର ବ୍ୟବହାରର ନିଷେଧ ନିୟମ ଅଛି । ଆବାସିକଏବଂ ବାଣିଜ୍ୟିକ ଅଂଚଳରେ ଦିନରେ ୬୫ ଡିବି ଏବଂ ରାତ୍ରରେ ୫୫ ଡିବି । କିନ୍ତୁ ସାର୍ବଜନୀନ ସ୍ଥାନରେ ଲାଉଡ଼ ସ୍ପିକର ବ୍ୟବହାର ପାଇଁ ଅନୁମତି ପାଇଥିବା ସ୍ଥଳେ ଶବ୍ଦ ପ୍ରଦୂଷଣ ଉପରେ କୌଣସି ନିୟମ ନଥିବା ଜଣାପଡେ । ବିଗତ ଦିନରେ ଖୋରଧା ଅଂଚଳରେ ଲକ୍ଷ୍ମୀ ପୂଜା ଭଷାଣିରେ ଡିଜେରେ ବ୍ୟବହାର ଲେଜର ଲାଇଟ ପାଇଁ ୧୦୦ରୁ ଉର୍ଦ୍ଧ୍ୱ ମୋବାଇଲ ଖରାପ ହୋଇଯାଇଥିଲା । ତେବେ ଗଣେଶ ପୂଜା ଭସାଣି ବେଳେ କେବଳ ଡିଜେକୁ ବ୍ୟାନ କରିବା ପାଇଁ ପ୍ରଶାସନ ତତ୍ପର ହେଉଥିବା ବେଳେ ବିବାହ ରୋଷଣୀରେ କଣ ପାଇଁ ପ୍ରଶାସନିକ ସ୍ତରରେ ଧୃତରାଷ୍ଟ୍ର ଭୂମିକା ଅବଲମ୍ବନ କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ଏଥିପ୍ରତି ଜଟଣୀ ଥାନାଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଜନବିରୋଧୀ ବିଦ୍ୟୁତ୍ ଆଇନ୍ ପ୍ରତ୍ୟାହାର ଓ ସ୍ମାର୍ଟ ମିଟର ଲଗାକୁ ବିରୋଧ

ଚୌଦ୍ୱାର,(ସ.ବ୍ୟୁ.) : ବିଦ୍ୟୁତ୍ ଶୁଳ୍କ ୟୁନିଟ୍ ପିଛା ୫୮ପଇସାକୁ ବୃଦ୍ଧି କରିବା ପାଇଁ ସରକାର ପ୍ରସ୍ତାବ ଦେବା, ରାଜ୍ୟବାସୀଙ୍କ ଟିକସରୁ ୭୪୫କୋଟି ଟଙ୍କା ଆଦାନୀକୁ ଦେଇ ସ୍ମାର୍ଟ ମିଟର କିଣିବା, ସ୍ମାର୍ଟ ମିଟର ଲଗାଇବାକୁ ଉପଭୋକ୍ତାମାନଙ୍କୁ ବାଧ୍ୟ କରିବା, ପୋଲିସ୍ ଲଗାଇ ଧମକାଇବା, ଅତିରିକ୍ତ ବିଦ୍ୟୁତ୍ ସଂଯୋଗ ଟଙ୍କା ଦାବି କରିବା ଏବଂ କେନ୍ଦ୍ର ସରକାର 'ବିଦ୍ୟୁତ୍ ବିଲ ୨୦୨୫'କୁ ପାସ୍ କରାଇ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଶୋଷଣ କରି ଘରୋଇ ପୁଞ୍ଜିପତିମାନଙ୍କୁ ମୁନାଫା ଦେବା ଆଦି ଦାବିକୁ ବିରୋଧ କରି ଦେଶର ଶ୍ରମିକ, କୃଷକ, କର୍ମଚାରୀ, ସଂଗଠନ ଓ ବିଦ୍ୟୁତ୍ ଉପଭୋକ୍ତା ସଂଘମାନେ ଆସନ୍ତା ୧୨ତାରିଖରେ '୧୨ ଘଂଟିଆ ଭାରତ ବନ୍ଦ' ଡାକରା ଦେଇଛନ୍ତି । ଏହାକୁ ସମର୍ଥନ କରିବା ସହ ଏଭଳି ଜନବିରୋଧୀ ବିଦ୍ୟୁତ୍ ଆଇନ୍ ପ୍ରତ୍ୟାହାର ଓ ସ୍ମାର୍ଟ ମିଟର ବିରୁଦ୍ଧରେ ଟାଙ୍ଗୀ-ଚୌଦ୍ୱାର ଉପଭୋକ୍ତା ମଂଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା । ଯେଉଁଥିରେ ୧୭ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଉପସ୍ଥାପନ କରାଯାଇ ଏହି ସର୍ବବ୍ୟାପୀ ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଟାଙ୍ଗୀ-ଚୌଦ୍ୱାର ବିଦ୍ୟୁତ୍ ଉପଭୋକ୍ତା ମଂଚ ପକ୍ଷରୁ ବଳରାମ ସ୍ୱାଇଁ, ଜୟ ସିଂ, ବିଷ୍ଣୁଚରଣ ସାହୁ, ଝୁଲେନ୍ଦ୍ର ନାୟକ, ମୋନାଲିସା ଦାସ, ମଙ୍ଗରାଜ ବେହେରା, ସୁବାସ ଚନ୍ଦ୍ର ଦଳାଇ, ନିର୍ମଳ ସ୍ୱାଇଁ, ଭଗବାନ ସାହୁ, ଅଜୟ ବେହେରା, ପ୍ରଦ୍ୟୁମ୍ନ ତରାଇ, ବିଜୟ କୁମାର ବେହେରା, ପ୍ରସନ୍ନ କୁମାର ବେହେରା, ଲକ୍ଷ୍ମୀଧର ବାରିକ, ହରିହର ପରିଡ଼ା, ରମେଶ ନାୟକ, ପ୍ରତାପ କୁମାର ଜେନା, ରମେଶ ବେହେରା ଓ ଅଜୟ ନାୟକ ପ୍ରମୁଖ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ତରଫରୁ ନିବେଦନ କରାଯାଇଛି ।

# ଜାତୀୟ ଜାଇକା ବନୀକରଣ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ହୋଟେଲ ମେ'ଫେୟାର କନଭେନସନଠାରେ ଜାଇକା ସହାୟତା ପ୍ରାପ୍ତ ବନୀକରଣ ପ୍ରକଳ୍ପର ୧୪ତମ ଜାତୀୟ କର୍ମଶାଳା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ଏହି ବର୍ଷର ପ୍ରାସଙ୍ଗିକ ବିଷୟବସ୍ତୁ "ଭବିଷ୍ୟତ ପାଇଁ ପ୍ରସ୍ତୁତ ବନୀକରଣ: ଜଳବାୟୁ ସହନଶୀଳତା, ଡିଜିଟାଲ୍ ରୂପାନ୍ତରଣ ଏବଂ ସ୍ଥାୟୀ କାଷ୍ଠ ଅର୍ଥନୀତି" ଉପରେ ଆଧାରିତ ଏହି କାର୍ଯ୍ୟକ୍ରମ ଭାରତର ବନୀକରଣ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ବିକାଶର ସମନ୍ୱୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସଦୃଶ। ଫେବୃଆରୀ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ତିନିଦିନିଆ କର୍ମଶାଳାକୁ ଓଡ଼ିଶା ବନ ପ୍ରକଳ୍ପ ଉନ୍ନୟନ ସଂସ୍ଥା-ଦ୍ୱିତୀୟ ପର୍ଯ୍ୟାୟ (ଓଏଫ୍ଏସଡିପି-ଓ୨) ଏବଂ ଜାପାନ ଇଣ୍ଟରନ୍ୟାସନାଲ କୋପରେସନ ଏଜେନ୍ସି (ଜାଇକା) ମିଳିତ ଭାବେ ଆୟୋଜନ କରିଛନ୍ତି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଛନ୍ତି ଯେ, ବିଶ୍ୱ ଜଳବାୟୁ ସଙ୍କଟର ମୁକାବିଲା, ପରିବେଶ ସୁରକ୍ଷା ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ନିର୍ବାହ କ୍ଷେତ୍ରରେ ସୁସ୍ଥ ବନ୍ୟ ପରିସଂସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଆନ୍ତର୍ଜାତିକ ସହଯୋଗର ପରିବର୍ତ୍ତନଶୀଳ ପ୍ରଭାବ ଉପରେ ଆଲୋକପାତ



କରିବା ସହ ଭାରତର ପ୍ରାକୃତିକ ସମ୍ପଦ ଏବଂ ଅସହାୟ ଜନସାଧାରଣଙ୍କ ସୁରକ୍ଷା ପାଇଁ ଜାପାନ ସରକାର ଓ ଜାଇକା ର ନିରନ୍ତର ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଛନ୍ତି।

ନିଜର ଅଭିଭାଷଣରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଏହି ସହଭାଗିତା ଆଦିବାସୀ ସମ୍ପ୍ରଦାୟ, ଅନୁସୂଚିତ ଜାତି ଏବଂ ପଛୁଆ ବର୍ଗର ସ୍ୱାର୍ଥ ରକ୍ଷା କରିବାରେ ସହାୟକ ହୋଇଛି। ଓଏଫ୍ଏସ୍‌ଡିପି ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମାର୍ଚ୍ଚରେ ଶେଷ ହେବାକୁ ଯାଉଥିବାରୁ, ସେ ଏହାର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, "ସମୃଦ୍ଧ ଓଡ଼ିଶା ୨୦୩୬" ଏବଂ "ବିକଶିତ ଭାରତ ୨୦୪୭" ର ବ୍ୟାପକ ସଂକଳ୍ପକୁ ପୂରଣ କରିବା ପାଇଁ ଓଡ଼ିଶା ନିମନ୍ତେ ଏହି ସହଯୋଗ ଅତ୍ୟନ୍ତ ଆବଶ୍ୟକ। ଏହି ଉଦଘାଟନୀ ସମାରୋହରେ ବରିଷ୍ଠ ନୀତି ନିର୍ଦ୍ଧାରକ ଏବଂ ଆନ୍ତର୍ଜାତିକ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଜାଇକା ଇଣ୍ଡିଆର ମୁଖ୍ୟ (ଡେଭଲପମେଣ୍ଟ ଅପରେସନ୍ସ) ବିନୀତ ଏସ୍. ସରିନ୍ ଏବଂ ବରିଷ୍ଠ ପ୍ରତିନିଧି ୱାକାମାସୁ ଏଇଜି ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଇଜି (ଇଏପି) କେ.ବି. ସିଂ, ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀ ମୁଖ୍ୟ ଡ. କେ. ମୁରୁଗେସନ ଏବଂ ଓଏଫ୍ଏସ୍‌ଡିପିର ପ୍ରକଳ୍ପ ନିର୍ଦ୍ଦେଶକ ଜି. ରାଜେଶ ଉପସ୍ଥିତ ଥିଲେ। ଏହି ନେତୃବୃନ୍ଦ ଆଗାମୀ ତିନି ଦିନ ପାଇଁ ଡିଜିଟାଲ୍ ରୂପାନ୍ତରଣ ଏବଂ ସହନଶୀଳ ବନ ପରିଚାଳନା ଉପରେ ଏକ ରଣନୈତିକ ରୂପରେଖ ପ୍ରସ୍ତୁତ କରିଛନ୍ତି।

## 'ଏସିଆନ୍ ପେଣ୍ଟସର ହୋୟାର ଦି ହାର୍ଟ ଇଜ୍'ର ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ପେଣ୍ଟସ ଏବଂ ଡି'କୋର୍ କମ୍ପାନୀ ଏସିଆନ୍ ପେଣ୍ଟସ ତାହାର ଅତ୍ୟନ୍ତ ଆଦରଣୀୟ ହୋମ୍ ଡି'କୋର ଏବଂ କାହାଣୀ କଥନକାରୀ ସିରିଜ୍ ଏସିଆନ୍‌ପେ ଣ୍ଟସ ହୋୟାର ଦି ହାର୍ଟ ଇଜ୍'ର ୯ମ ସିଜନ୍ ସହିତ ପ୍ରତ୍ୟାବର୍ତ୍ତନ କରିଛି। ଚଳିତ ସିଜନରେ ଭାରତର କେତେକ ସର୍ବାଧିକ ପ୍ରଶଂସିତ ବ୍ୟକ୍ତିବିଶେଷ ଯଥା: ସୋନାକ୍ଷୀ ସିହ୍ନା ଓ ଜାହିର ଇକ୍‌ବାଲ, ଗୌତମ ଗମ୍ଭୀର, କୀର୍ତ୍ତି ସୁରେଶ ଓ ଅଚର୍ଚନା ପୂରନ୍ ସିଂ ଓ ପରମିତ ସେଠୀ ଏବଂ ଅମନ ଓ ପ୍ରିୟା ଗୁପ୍ତାଙ୍କ ପାଞ୍ଚଟି ସ୍ୱତନ୍ତ୍ର ବାସଗୃହ ସ୍ଥାନ ପାଇଛି। ପ୍ରତ୍ୟେକଟି ବାସଗୃହ ଷ୍ଟାଇଲ,ଭୌଗୋଳିକ ସ୍ଥିତି ଏବଂ ବ୍ୟକ୍ତିତ୍ୱ ଦୃଷ୍ଟିକୋଣରୁ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ସେଗୁଡିକ ଆଦର, ସଚ୍ଚୋଟତା ଏବଂ ମଜଭୁତ ଭାବଗତ ସଂଯୁକ୍ତିକୁ ସହଭାଗୀତା କରୁଛନ୍ତି।

## ୩ୟ ଜଟଣୀ ପଥ ଉତ୍ସବ ହେବ ଭକ୍ତିମୟ

# ମହାଶିବରାତ୍ରି ଅବସରରେ ଭଜନକୁ ଦିଆଯିବ ଗୁରୁତ୍ୱ

ଜଟଣୀ, (ସବ୍ୟୁ) : ଜଟଣୀରେ ଅନୁଷ୍ଠିତ ହେବାକୁ ଯାଉଥିବା "ତୃତୀୟ ପଥ ଉତ୍ସବ" ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ବ୍ଲକ କାର୍ଯ୍ୟାଳୟ ପରିସରରେ ପଥ ଉତ୍ସବ କମିଟି ଅଧକ୍ଷ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ନେତୃତ୍ୱରେ ଏବଂ ଡଃ ରୁଷି ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୧୫ତାରିଖ ରବିବାର ଦିନ ମହାଶିବରାତ୍ରୀ ଦିନ ଜଟଣୀ ବିକାଶ ପରିଷଦ ଦ୍ୱାରା ପରିଚାଳିତ ୩ୟ ଜଟଣୀ ପଥ ଉତ୍ସବ ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ପଥ ଉତ୍ସବର ମୂଖ୍ୟ ଆବାହକ ଡଃ ରୁଷି ପଟ୍ଟନାୟକ ସୂଚନା ଦେଇଛନ୍ତି । ଅଧକ୍ଷ ଶ୍ରୀ ବଡ଼ଜେନା କହିଲେ ଯେ ମୁଁ ଜଟଣୀ ବାସୀଙ୍କ ନିକଟରେ କୃତଜ୍ଞ ଯେ ସେମାନେ ବହୁସଂଖ୍ୟାରେ ଆସି ପ୍ରଥମ ଓ ଦିତୀୟ ପଥ ଉତ୍ସବ ବହୁ ମାତ୍ରାରେ ସଫଳତା ଦେଉଛନ୍ତି,




ଏଥର ତୃତୀୟ ପଥ ଉତ୍ସବ ଯେହେତୁ ୧୫ତାରିଖ ଦିନ ମହାଶିବରାତ୍ରୀ ପଡୁଚି ତେଣୁ ୩ୟ ପଥ ଉତ୍ସବକୁ ଶିବ ରାତ୍ରି ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଛି । ତେଣୁ ଏଥି ପାଇଁ ୨୦ଫୁଟ ଉଚ୍ଚ ଏକ ଶିବ ମୂର୍ତ୍ତି ଅୟୋଜନ କରାଯାଇଛି ବୋଲି ଅଭିନେତା ଓ ପଥ ଉତ୍ସବ ମୁଖ୍ୟ ଆବାହକ ଡଃ ରୁଷି ପଟ୍ଟନାୟକ କହିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ଦୁଇ ପ୍ରତିନିଧି ମନୋଜ ନନ୍ଦ ଓ ସତୀଶ ଶର୍ମା, ଯୁଗ୍ମ ଆବାହକ ଡଃ ଉମାକାନ୍ତ ପଟ୍ଟନାୟକ, ଅଗ୍ନିଶମ ବିଭାଗ ଅଧିକାରୀ ଲକ୍ଷ୍ମଣ ବେହେରା, ଲିଟୁ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ବନ୍ଦଘରୁ ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣା

# ସୁପରିକଳ୍ପିତ ହତ୍ୟା ଅଭିଯୋଗ, ଗାଁରେ ଉତ୍ତେଜନା

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ତେଲୁଗୁ ସାହିରେ ଏକ ବନ୍ଦଘରୁ ଲାଛମି ଦୋରା ନାମ୍ନୀ ଜନୈକା ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣାକୁ ନେଇ ଏବେ ତାଙ୍କ ସ୍ୱାମୀ କେ.ରାଜଗୋପାଳ ଦୋରାଙ୍କ ପକ୍ଷରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଥିବା ଘଟଣା ଗାଁରେ ଚାପା ଉତ୍ତେଜନା ସୃଷ୍ଟି କରିବା ସହ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ପୂର୍ବରୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଏବେ ଅଭିଯୋଗ ପରେ ତାହା ଭିନ୍ନ ମୋଡ ନେଇଛି। ପ୍ରକାଶ ଯେ, ଗତ ଫେବୃଆରୀ ୫ ତାରିଖ ଦିନ ଅପରାହ୍ନ ସାଢେ ଚାରିଟା ବେଳେ ଲାଛମିଙ୍କ ବଡ ଝିଅ ସ୍କୁଲରୁ ଫେରି ଭିତର ପଟୁ ବନ୍ଦ ଥିବା ଘର କବାଟ ବାଡାଇଥିଲା। କେହି କବାଟ ନଖୋଲିବାରୁ ସେ ବାରିପଟ ଖୋଲାଦ୍ୱାର ଦେଇ ଘର ଭିତରକୁ ପ୍ରବେଶ କରିଥିଲା। ସେଠାରେ ସେ ତା'ର ମାଆଙ୍କ ମୃତ ଶରୀର ଫ୍ୟାନରୁ ଏକ ଲୁଗା ସାହାଯ୍ୟରେ ଝୁଲିଥିବା ଦେଖିବାକୁ ପାଇଥିଲା। ଏନେଇ ପ୍ରଥମେ ସାହିବାସିନ୍ଦା ଏବଂ ପରେ ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ଘଟଣା ସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଏପରି ଥିଲା ଯେ ଝୁଲନ୍ତା ମୃତା ମହିଳାଙ୍କ ଆଣ୍ଠୁ ଚଟାଣକୁ ଲାଗିଥିଲା ବେଳେ ଶରୀରର ଅଙ୍ଗପ୍ରତ୍ୟଙ୍ଗରେ ରକ୍ତ ଲାଗିବା ସହ ଓଠ ଓ ମୁହଁରେ ଆଘାତ ଲାଗିଥିଲା। ଅନ୍ୟପକ୍ଷରେ ଘରେ ମହିଳାଙ୍କ ଅନ୍ତବସ୍ତ୍ର ଏଣେତେଣେ ପଡିଥିବା ଦୃଷ୍ଟିଗୋଚର ହୋଇଥିଲା। ସେଠାରୁ ପୋଲିସ ଶବକୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା। ଏନେଇ କେସ୍ ନଂ- ୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ମୃତା ମହିଳାଙ୍କ ସ୍ୱାମୀ କିଛି ସନ୍ଦିଗ୍ଧ ଯୁବକଙ୍କ ନାମ ଉଲ୍ଲେଖ କରି ଏହା କେତେକ ଯୌନପିପାସୁଙ୍କ ଦ୍ୱାରା ରଚିତ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଗତ ଫେବୃୟାରୀ ୯ ତାରିଖ ଦିନ ବୁଗୁଡାରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିବା ପରେ ଘଟଣାଟି ଭିନ୍ନ ମୋଡ ନେଉଥିବା ଜଣାଯାଇଛି।

# ନୂତନ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଉପକଣ୍ଠ ଫାଷ୍ଟଗେଟ ଡୁଡୁମା କଲୋନୀ ନିକଟରେ ବିଏମସି ଦ୍ୱାରା ନିର୍ମିତ ବସଷ୍ଟାଣ୍ଡ ଉଦଘାଟିତ ହୋଇଛି । ରାଜ୍ୟ ଖଣି ଇସ୍ପାତ ଓ ପରିବହନ ମନ୍ତ୍ରୀବିଭୁତି ଭୂଷଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ବସ ଷ୍ଟାଣ୍ଡକୁ ଉଦଘାଟନ କରିଥିଲେ। ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଲା, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ମହାନଗରନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ର, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ସଚିବ ରମେଶ ହାଁସଦା, ବିଏମସି ୪ନଂ ୱାର୍ଡ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଲା ସମେତ ରାସ୍ତା କୋଠାବାଡି ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ଗେଟବଜାର ଫ୍ଲାଏ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଗେଟ ବଜାର ଠାରୁ ଫାଷ୍ଟଗେଟ ରାସ୍ତା ଦେଇ ଭାରିଯାନ ଯାତାୟତକୁ ବାରଣ କରାଯାଇଥିଲା । ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ଫାଷ୍ଟଗେଟ ଡୁଡୁମା କଲୋନୀ ନିକଟରେ ୩.୫ ଏକର ଜମିରେ ନିର୍ମିତ ଏହି ଅସ୍ଥାୟୀ ବସଷ୍ଟାଣ୍ଡରେ ମାର୍କେଟ କମ୍ପ୍ଲେକ୍ସ, ଡ଼ର୍ମିଟେରୀ, ୱାସିଙ୍ଗ ଷ୍ଟେସନ, ଚାର୍ଜିଙ୍ଗ ଷ୍ଟେସନ, ଫ୍ୟୁଲ ଷ୍ଟେସନ ନିର୍ମାଣ ସହିତ ସମନ୍ୱିତ ବିକାଶ ପ୍ରତି ଗୁରୁତ୍ୱ ପ୍ରଦବ କରାଯିବ । ଏହି ଅସ୍ଥାୟୀ ବସଷ୍ଟାଣ୍ଡରୁ ଯାତ୍ରୀମାନେ ଆସିକା, ଭଞ୍ଜନଗର, ଫୁଲବାଣୀ, ବୌଦ୍ଧ, କୋରାପୁଟ, ଜୟପୁର, ମାଲକାନଗିରି, ଦିଗପହଣ୍ଡି ସମେତ ଗଜପତି, ମୋହନା ରାୟଗଡାକୁ ବସ୍‌ରେ ଯାତାୟାତ କରିବେ ବୋଲି ପରିବହନ ମନ୍ତ୍ରୀ ବିଭୁତି ଜେନା ସୁଚନା ପ୍ରଦାନ କରିଛନ୍ତି । ବ୍ରହ୍ମପୁରରେ ରିଙ୍ଗ ରୋଡ କାର୍ଯ୍ୟକୁ ତ୍ୱରାନିତ କରାଯାଇଛି । ରିଙ୍ଗରୋଡ କାର୍ଯ୍ୟକ୍ଷମ ହେବା ପରେ ଫାଷ୍ଟଗେଟର ଏହି ବସଷ୍ଟାଣ୍ଡକୁ ଆସିବା ପାଇଁ ସମସ୍ତ ସୁବିଧା ରହିଛି, ଏଣୁ ଆଗାମୀ ଦିନରେ ଏହି ଅସ୍ଥାୟୀ ବସଷ୍ଟାଣ୍ଡ କିଭଳି ସ୍ଥାୟୀ କରାଯିବ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯିବ ବୋଲି କହିଛନ୍ତି ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର । ବସଷ୍ଟାଣ୍ଡ ନିକଟରେ ଥିବା ଜମିକୁ ଆବଶ୍ୟକତା ମୁତାବକ ଓପିଟିସିଏଲକୁ ପ୍ରଦାନ କରିବା ପରେ ବଳକା ଜମିକୁ ଏହି ବସଷ୍ଟାଣ୍ଡରେ ମିଶାଇ ଏକ ବଡ଼ ବସଷ୍ଟାଣ୍ଡ କରାଯିବାକୁ ଲକ୍ଷ ରହିଛି ବୋଲି କହିଛନ୍ତି ବ୍ରହ୍ମପୁର ବିଧାୟକ। ଏହି ପରିପ୍ରେକ୍ଷିରେ ଛତ୍ରପୁର, କଟକ, ଭୁବେନେଶ୍ୱର ଏବଂ ଆନ୍ଧ୍ରପ୍ରଦେଶରୁ ଆସୁଥିବା ବସ ଗୁଡିକ ହଳଦିଆପଦର ବସଷ୍ଟାଣ୍ଡ ଦେଇ ସହାରକୁ ପ୍ରବେଶ କରିବେ। କୋର୍ଟପେଟା ଛକରୁ ନୁଆଁ ବସଷ୍ଟାଣ୍ଡ ରୋଡରେ କୌଣସି ବସ ଯାତାୟାତ କରିବ ନାହିଁ ବୋଲି କହିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାଷନ । ବସଷ୍ଟାଣ୍ଡ ଉଦଘାଟନ ପରେ କିଛି ବସ ସେଠାରୁ ଯାତାୟାତ ଆରମ୍ଭ କରିଥିଲା । କିଛି ବସ ମାଲିକ ଏହି ବସ ଷ୍ଟାଣ୍ଡ କୁ ଆସିବା ପାଇଁ ବିରୋଧ କରୁଥିବା ବେଳେ ଜନସ୍ୱାର୍ଥ୍ୟକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟ କରିବା ଉଚିତ ବୋଲି ପରିବହନ ମନ୍ତ୍ରୀ ସୁଚନା ପ୍ରଦାନ କରିଥିଲେ । ଏହି ଅବସରରେ ଅଟୋ ଚାଳକ ସଙ୍ଘ, ଗଞ୍ଜାମ ଜିଲ୍ଲା ଟ୍ରକ ମାଲିକ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଡ୍ରିମ୍‌ସରେ ଆମନ୍ତ୍ରୟତେ-୨୦୨୬



କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସର ସଫଳତାର ଶିକ୍ଷାସମାପ୍ତ କରିଥିବା ବିଦ୍ୟାର୍ଥୀ ପାଇଁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆମନ୍ତ୍ରୟତେ-୨୦୨୬ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ ବୃତ୍ତିଗତ ଜୀବନରେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରି ପିତାମାତା ଓ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଦିଗଦର୍ଶନ ଦେଇଥିଲେ । ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶିକା ପ୍ରଫେସର ଡା.ନିରୂପମା ଚୟନୀ, ପରାମର୍ଶଦାତା ପ୍ରଫେସର ସୁଶାନ୍ତ କୁମାର ଦାସ, ସ୍କଲ ଅଫ ଏଗ୍ରିକଲଚର ଡିନ୍ ଡ. କୁମ୍ଭକର୍ଣ୍ଣ ରାଉତ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀ ମାନେ ଭଲ ମଣିଷର ପରିଚୟ ନେଇ ସେବାକୁ ବ୍ରତ ଭାବରେ ଗ୍ରହଣ କଲେ ସମାଜ ମଧ୍ୟ ସେମାନଙ୍କୁ ସମ୍ମାନ କରିବ ବୋଲି କହିଥିଲେ । ଛାତ୍ରୀ ସୋମିୟା ବେଗମ୍ ଓ ମୌସୁମୀ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପିକା ଅଙ୍କିତା ପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ ରଂଗାରଂଗ ନୃତ୍ୟଗୀତ ପରିବେଷଣ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଗୋସାଣିନୁଆଗାଁ ଥାନା ଅଂଚଳରେ ଥିବା ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ହତ୍ୟା ଉଦ୍ୟମ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଡିମ୍ବିରା ବାଉରୀ ସାହିର ସୁବାସ ଦାସ(୪୨)। ମାମଲା ନଂ ୫୪/୨୬ ରେ ତାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେହିପରି ଘଟଣାର ତଦନ୍ତ ଜାରି ରହିଛି। ଘଟଣାରୁ ପ୍ରକାଶ ଯେ ଗୋସାଣିନୁଆଗାଁ ଅଞ୍ଚଳର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚସି))ରେ ଶିବ ଶଙ୍କର ସାବତ କାମ କରନ୍ତିଛ ମଙ୍ଗଳବାର ସେ ସେଠାରେ କାର୍ଯ୍ୟରତ ଥିଲେଛ ଜଣେ ମହିଳା ଏବଂ ତାଙ୍କର ସମ୍ପର୍କୀୟ ସୁବାସ ଦାସ ହସ୍ପିଟାଲ ଆସି ତାଙ୍କ ସହ ଝଗଡା କରିଥିଲେ। ସେଠାରେ ସେମାନେ ଶିବ ଶଙ୍କରଙ୍କ ଗଳା ଚିପି ହତ୍ୟା ଉଦ୍ୟମ କରିବା ସହ ତାଙ୍କ ମୋବାଇଲ ଫୋନ୍ ଓ ଚଷମା ଭାଙ୍ଗି ଦେଇଥିଲେ। ଏହାସହିତ ସେଠାରେ କାର୍ଯ୍ୟରତ ଜଣେ ନର୍ସିଂ ଅଫିସର ଏହାର ପ୍ରତିବାଦ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ସେମାନେ ଧମକ ଦେଇଥିଲେ । ପରେ ଏନେଇ ଆହତ ବ୍ୟକ୍ତି ଶିବ ଶଙ୍କର ଥାନାରେ ଅଭିଯୋଗ କରିଥିଲେ।

# ଗଞ୍ଜେଇ ଜବତ, ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ଛକ ନିକଟରୁ ବେଆଇନ ଭାବେ ଚାଲାଣ ହେଉଥିବା ୯୨ କେଜି ଗଂଜେଇ ଜବତ କରିଛି । ଏହି ମାମଲାରେ ଅବକାରୀ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ କର୍ଣ୍ଣାଟକ ମନହଲିର ସବୀର ଅଲି (୨୬) ଓ ଗଜପତି ଅଡ଼ବାର ସାଇନୋଶ ନାଇକ(୨୪)। ମାମଲା ନଂ ୬୧୮/ ୨୫-୨୬ ରେ ଉଭୟ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଘଟଣାର ତଦନ୍ତ ଜାରି ରହିଛି। ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନରେ ଏକ କାର (ନମ୍ବର- ଏପି ୪୦ ସିଏଚ ୯୯୯୩ ) ଦ୍ୱାରା ଗଞ୍ଜାଇ ଚାଲାଣ ହେଉଥିବା ଖବର ମିଳିଥିଲା। ଫାଷ୍ଟଗେଟ ଠାରେ ଅବକାରୀ ବିଭାଗ ଛକି ରହିଥିଲା। ବ୍ରହ୍ମପୁର ସହର ଭିତରକୁ ପ୍ରବେଶ କରୁଥିବା ଉକ୍ତ କାରକୁ ଅଟକାଇ ଯାଞ୍ଚ ବେଳେ ୪ଟି ଜରି ବ୍ୟାଗରେ ମୋଟ ୯୨ କେଜି ଗଞ୍ଜା ଜବତ କରାଯାଇଥିଲା। ଜେରା ବେଳେ ସେମାନେ ଉକ୍ତ ଗଞ୍ଜେଇ ଗଜପତିରୁ ଆଣି ମୁମ୍ବାଇ ଚାଲାଣ କରୁଥିବା ବେଳେ ଧରାପଡିଥିବା କହିଛନ୍ତି। ଏନେଇ ଅବକାରୀ ବିଭାଗ ଡ଼ିଏସପି ସ୍ମୃତିକାନ୍ତ ରାଉତ ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି ।

# ବାରିପଦା କଳାକାର ପରିବାରର ସାଧାରଣ ପରିଷଦ ବୈଠକ

ବାରିପଦା, (ସବ୍ୟୁ) : ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାରର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ଆଗାମୀ ଦିନରେ ପରିବାରର କାର୍ଯ୍ୟସୂଚୀ ଉପରେ ଆଲୋକପାତ କରିଥିଲେ । ସଭ୍ୟ ଦେୟ, ଶିଶୁ ନାଟକ ମହୋତ୍ସବ, ଆଗାମୀ ଜୁନ ମାସରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ମୟୂରଭଞ୍ଜର ୫ଟି ନାଟ୍ୟସଂସ୍ଥାକୁ ନେଇ ନାଟକ ମହୋତ୍ସବର ଆୟୋଜନ ଅବସରରେ ମାର୍ଚ୍ଚ ୧୦ତାରିଖ ସୁଦ୍ଧା ପାଣ୍ଡୁଲିପି ଦାଖଲ, ୫ ଜଣିଆ ଚୟନ କମିଟି ଗଠନ, ଏପ୍ରିଲ ୧ ତାରିଖରୁ ନୂତନ ସଭ୍ୟ ଗ୍ରହଣ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି ସଭାରେ ବରିଷ୍ଠ ଅଭିନେତା ନିର୍ଦ୍ଦେଶକ ତଥା ସଦସ୍ୟ କ୍ଷୀରୋଦ ବିହାରୀ ସିଟ, ଚିନ୍ମୟ ଦାସ ପଟ୍ଟନାୟକ, ଅନ୍ନଦା ଶଙ୍କର ଦାଶ, ଡଃ ପ୍ରକାଶ ଚନ୍ଦ୍ର ଦାଶ, ଡଃ କୁମରମଣୀ ନାୟକଙ୍କ ସମେତ ପ୍ରସନ୍ନ କୁମାର ମହାନ୍ତି, ପ୍ରଦୀପ ସରଘରିଆ, ସୋମନାଥ ସିଂହ, ଜ୍ଞାନ ରଞ୍ଜନ ପଣ୍ଡା, ସମରେନ୍ଦ୍ର ବସା, ଡଃ ସତ୍ୟନାରାୟଣ ଦାସ, ଗୁହିରାମ ଜେନା, ସରୋଜ ଶତପଥି, ଜ୍ୟୋତିଶଙ୍କର ପଟ୍ଟନାୟକ, ବ୍ରିଜେନ୍ଦ୍ର କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତ ପ୍ରଦାନ କରିଥିଲେ ଓ କୋଷାଧ୍ୟକ୍ଷ୍ୟ ରଣଜିତ ସାହୁ ଆୟବ୍ୟୟ ଅଟକଳ ପ୍ରଦାନ କରିଥିଲେ । ଏହି ଅବସରରେ ରାଜ୍ୟ ସ୍ତରରେ ସମ୍ବର୍ଦ୍ଧିତ ହୋଇଥିବା ବରିଷ୍ଠ ଅଭିନେତା ନିର୍ଦ୍ଦେଶକ କ୍ଷୀରୋଦ ବିହାରୀ ସିଟ ଓ ଡଃ କୁମରମଣୀ ନାୟକଙ୍କୁ ପରିବାର ତରଫରୁ ସମ୍ମାନିତ କରି ସମସ୍ତେ ଅଭିନନ୍ଦନ ଜଣାଇଥିଲେ ।

# ବଡ଼ସାହି ବିଧାୟକଙ୍କ ସମୀକ୍ଷା ବୈଠକ

ବାରିପଦା, (ସବ୍ୟୁ) : ଆଜି ବେତନଟୀ ପଂଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ବଡସାହି ବିଧାୟକ ସନାତନ ବିଜୁଳିଙ୍କ ଅଧ୍ୟକ୍ଷତାରେ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଅତିରକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାଃ ବିଜୟ କୁମାର ଦାଶ, ବାରିପଦା ପିଏଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ଏସିଏଫଏସ. କେ. ମେହେରବାନ ଅଲ୍ଲୀ, ତହସିଲଦାର ଚନ୍ଦ୍ରଜିତ ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମିନତୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିବାବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକସ୍ତରୀୟ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ ପାଇଁ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଧାୟକ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିବାସହ କହିଥିଲେ ଯେ, ଆମେ ସମସ୍ତେ ଆମ ନିଜ ନିଜ କର୍ତ୍ତବ୍ୟ ସୂଚାରୁ ରୂପେ ସମ୍ପାଦନ କରିବା ଯଦ୍ଦ୍ୱାରା ଲୋକମାନେ ଯୋଜନାର ସୁଫଳ ପାଇ ପାରିବେ। ଉକ୍ତ ବୈଠକରେ ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ସାହି ଓ ବେତନଟୀ ବ୍ଲକରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନା ଗୁଡିକର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ଉପରେ ମାନ୍ୟବର ବିଧାୟକ ସମୀକ୍ଷା କରିଥିଲେ। ମୁଖ୍ୟତଃ ସ୍ୱାସ୍ଥ୍ୟ, ବନ, କୃଷି, ଉଦ୍ୟାନ କୃଷି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଶିକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ,କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ମେଗା ଉଠା ଜଳସେଚନ, କୃଷି, ଉଦ୍ୟାନ କୃଷି, ସାଧାରଣ ଯୋଗାଣ, ମାଇନିଂ, ପ୍ରାଣୀ ଚିକିତ୍ସା, ମତ୍ସ୍ୟ, ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା, ଶ୍ରମ ବିଭାଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଗମନାଗମନ, ଇତ୍ୟାଦି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଯଦି କିଛି ପ୍ରତିବନ୍ଧକ ଥାଏ ତେବେ ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଲେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ବିଭାଗଗୁଡିକ ପାଇଁ ବିଭିନ୍ନ ସ୍କିମରେ ଜିଲ୍ଲାକୁ ଆସୁଥିବା ବାର୍ଷିକ ସରକାରୀ ପାଣ୍ଠିର ପରିମାଣ ଏବଂ ସମୁଦାୟ ପାଣ୍ଠି ପରିମାଣ ମଧ୍ୟରୁ ବଡ଼ସାହି ଓ ବେତନଟୀ ବ୍ଲକ ପାଇଁ ଉଦ୍ଦିଷ୍ଟ ପରିମାଣ କେତେ ଓ ଏହା କିପରି ବିନିଯୋଗ ହୋଇଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତହସିଲରୁ ଇସ୍ୟୁ ହେଉଥିବା ବିଭିନ୍ନ ପ୍ରକାର ସାର୍ଟିଫିକେଟ ପାଇବାରେ ଲୋକମାନେ ଯେମିତି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ତହସିଲଦାର ମାନଙ୍କୁ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାର, ବଡ଼ସାହି ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ବନଜା ଦାସଙ୍କ ତତ୍ତ୍ୱାବଧାନରେ ଉକ୍ତ ବୈଠକ ପରିଚାଳନା କରାଯାଇଥିଲା ଏବଂ ବୈଠକ ପରିଚାଳନାରେ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ

ଛତ୍ରପୁର, (ସବ୍ୟୁ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲା ବ୍ୟାଙ୍କ ସମୂହ ପକ୍ଷରୁ ଅର୍ଥପରାମର୍ଶଦାତା କମିଟି ବୈଠକ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ୩୪ ବ୍ୟାଙ୍କର୍ ସମୁଦାୟ ୪୫୪ ଟି ଶାଖା ଅଛି । ୨୦୨୫ ଡିସେମ୍ବର ମାସ ଶେଷ ସୁଦ୍ଧା ସମସ୍ତ ବ୍ୟାଙ୍କରେ ମୋଟ ୩୪୨୭୯ କୋଟି ଟଙ୍କା ଜମା ରଖିଥିବା ବେଳେ ମୋଟ ୨୩୭୪୮ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି । ଯାହାକି ଲକ୍ଷ୍ୟ ଧାର୍ଯ୍ୟର ଶତକଡା ୬୯. ୨୮ ପ୍ରତିଶତ ରହିଛି । ଏତଦବ୍ୟତୀତ ସମୂହ ବ୍ୟାଙ୍କ୍ ତରଫରୁ ଡିସେମ୍ବର ସୁଦ୍ଧା ମୋଟ ୧୧୪୭୬ କୋଟି ପ୍ରାଥମିକତା କ୍ଷେତ୍ରରେ ଋଣ ପ୍ରଦାନ କରିଛନ୍ତି । କୃଷି କ୍ଷେତ୍ରରେ ୬୯ ପ୍ରତିଶତ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ କ୍ଷେତ୍ରରେ ୭୨ ପ୍ରତିଶତ ଏବଂ ଶିକ୍ଷା ଓ ଗୃହ କ୍ଷେତ୍ରରେ ୩୨ ପ୍ରତିଶତ ଏବଂ ୪୨ ପ୍ରତିଶତ ଋଣ ପ୍ରଦାନ କରାଯାଇଛି। ଏଥିସହ ବ୍ୟାଙ୍କ ମାନଙ୍କ ଦ୍ୱାରା ଅଣ ପ୍ରାଥମିକତା କ୍ଷେତ୍ରରେ ମୋଟ ୬୪୯୮ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି । ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନା ସଫଳ ରୂପାୟନ ଓ କାର୍ଯ୍ୟକ୍ଷମ କରିବା ପାଇଁ ଅଧ୍ୟକ୍ଷ ସମସ୍ତ ବ୍ୟାଙ୍କ୍ ଏବଂ ଜିଲ୍ଲାସ୍ତରୀୟ ସମସ୍ତ ଜିଲ୍ଲା ଅଧିକରୀମାନଙ୍କୁ ଜିଲ୍ଲାପାଳ ଉପଦେଶ ଦେଇଥିଲେ । ରାଜ୍ୟ ସରକାରଙ୍କ ପ୍ରଚଳିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ଆଗାମୀ ମାର୍ଚ୍ଚ ୨୫ ସୁଦ୍ଧା ଆବେଦନ ହୋଇଥିବା ସମସ୍ତ ଋଣଦାତାକୁ ଋଣ ପ୍ରଦାନ କରିବା ପାଇଁ ନିର୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ୟୁନିଅନ ବ୍ୟାଙ୍କ କ୍ଷେତ୍ରୀୟ ମୁଖ୍ୟ ଏଲ. ସଂଗୀତା କୁଜୁନ, ଆରବିଆଇ ଏଲଡ଼ିଓ ରାହୁଲ କାନ୍ତ, ନାବାର୍ଡ ଡ଼ିଡ଼ିଏମ ସଂଜୀବ ମିଶ୍ର ଏବଂ ଏଲ୍‌ଡିଏମ୍ ହିମାଚଂଳ ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ବ୍ୟାଙ୍କର ଅଧିକାରୀ ଏବଂ ସହକାରୀ ଅଧିକାରୀମାନେ ଯୋଗ ଦେଇଥିଲେ । ଶେଷରେ ଏଲ୍‌ଡିଏମ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଦର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ଗୋପାଳପୁର, (ସବ୍ୟୁ): କନିଷି ହାଟ ଠାରେ ନୂତନ ଭାବେ ନିର୍ମିତ ହୋଇଥିବା ସଦର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଆଜି ଉଦଘାଟିତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ନୀତି ଶେଖର, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡାକ୍ତର ଶ୍ରବଣା ବିବେକ ଏମ, କନିଷି ସରପଞ୍ଚ ବି ସୁଜ୍ଞାନୀ ଦେବୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଗୋଳନ୍ଥରା ଥାନା ଅଧିକାରୀ ତଥା ଡିଏସପି ବିବେକାନନ୍ଦ ସ୍ୱାଇଁଙ୍କ ସମେତ ସମସ୍ତ ଥାନାର ଥାନା ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଯେ ଗତ ୨୦୧୪ ମସିହାରେ ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚରେ ପୁଲିସ ହାଉସିଙ୍ଗ ଏବଂ ୱେଲଫୟାର କରପୋରେର୍ସନ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ମଧ୍ୟରେ ପ୍ରାୟ ୫/୬ ବର୍ଷ ତଳୁ ଏହାର ନିର୍ମାଣ କାମ ସରିଥିବା ବେଳେ ଏହି କୋଠାର ଉଦଘାଟନ ନହୋଇ ପାରି ପଡ଼ିରହିଥିଲା। ଦୀର୍ଘ ବର୍ଷ ପରେ ଆଜି ଏହା ଉଦଘାଟନ ହେବା ସହ ଏଠାରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଆରମ୍ଭ ହେବା ପରେ ସ୍ଥାନୀୟ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିରେ ପରିବର୍ତ୍ତନ ଆସିବା ସହ ଅସାମାଜିକ କାର୍ଯ୍ୟକଳାପ ଉପରେ ବ୍ରେକ ଲାଗିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ବିଜେପି ସରକାର ବିରୁଦ୍ଧରେ ବିଜେଡିର ରଣହୁଙ୍କାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଦାବିପତ୍ର ପ୍ରଦାନ



ବାରିପଦା, (ସବ୍ୟୁ) : ରାଜ୍ୟରେ ବିଜେପି ସରକାର ଶାସନ ଭାର ଗ୍ରହଣ କରିବା ପରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଚାଷୀ ମାରଣା ନୀତି, ଲଘୁ ଖଣିଜ ପଦାର୍ଥ ବ୍ୟାପକ ଚୋରା ଚାଲାଣ, ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତି ଓ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଛି। ଯାହା ବିରୁଦ୍ଧରେ ମୟୂରଭଞ୍ଜ ଜିଲ୍ଲା ବିଜୁଜନତା ଦଳ ପକ୍ଷରୁ ବିରାଟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରି ବିଜେପି ସରକାର ବିରୁଦ୍ଧରେ ଆନ୍ଦୋଳନର ରଣ ହୁଙ୍କାର ଦେଇଛନ୍ତି। ବିଜେପି ସରକାର ରାଜ୍ୟର ଶାସନ ଭାର ଗ୍ରହଣ କରିବା ପରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ନିୟମିତ ଭାବେ ବ୍ୟାପକ ଲଘୁ ଖଣିଜ ଚୋରା ଚାଲାଣ ହେଉଛି। ଏ ବାବଦରେ ବିଜେପି ସରକାର ଜାଣି ମଧ୍ୟ ରୋକିବା ବଦଳରେ ଅଧିକ ଦେଖଣାହାରି ସାଜିଛନ୍ତି। ଦିନକୁ ଦିନ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଶୂନ୍ୟ ରହିଛି। ଏହାସହିତ ଚାଷୀ ମାରଣ ନୀତିରେ ଧାନ ମଣ୍ଡିରେ କଟନୀ ଛଟନୀ କରି ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଛି। ବିଜେପି ସରକାର ଧାନ ମିଲର ମାନଙ୍କ ହାତ ବାରିସି ସାଜିଛନ୍ତି। ଚାଷୀଟି ମଣ୍ଡି ମିଲର ମାନଙ୍କ ଦ୍ୱାରା ସମସ୍ୟାରେ ଧନ୍ଦୀ ହେଉଥିଲେ ସୁଦ୍ଧା ସମସ୍ୟାର ସମାଧାନ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। କଟନୀ ଛଟନୀ ବନ୍ଦ କରିବା ପାଇଁ ମଣ୍ଡି ଗୁଡିକରେ ସ୍ପେଶାଲ ସ୍କ୍ୱାଡ ନିୟୋଜିତ କରିବା ଆବଶ୍ୟକ ଅଟେ। କିନ୍ତୁ ବିଜେପି ସରକାର ନିଦାବିଷ୍ଟ ସାଜି ମିଲର ମାନଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି। ଏହାସହିତ ବାରିପଦା ଓ ଅନ୍ୟାନ୍ୟ ସ୍ଥାନରେ ଥିବା ବହୁ ପୁରାତନ ବସ୍ତି ଗୁଡିକ ଭାଙ୍ଗି ଦିଆଯାଇ ଲୋକମାନଙ୍କୁ ନିରାଶ୍ରୟ କରାଯାଉଛି। ଲୋକେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନପାଇ ରାସ୍ତା କଡରେ ପଡି ରହୁଛନ୍ତି। ଯାହାକି ବିଜେପି ସରକାରଙ୍କ ନଜରକୁ ଦେଖା ଯାଉନାହିଁ। ବିଜେପି ସରକାର ଜିଲ୍ଲା ପ୍ରଶାସନକୁ ହାତବାରିସି କରି ଗରିବ ଲୋକମାନଙ୍କ ଘର ଭାଙ୍ଗି ବାସହୀନ କରିବା ଅତି ନିନ୍ଦନୀୟ ଅଟେ। ଆଗକୁ ଏଥିରେ ବିରତ ନହେଲେ ବିଜେଡ଼ି ପକ୍ଷରୁ ଆନ୍ଦୋଳନ ଆହୁରି ତିବ୍ରତର କରାଯିବ ବୋଲି ନେତୃମଣ୍ଡଳୀ ମାନେ ଚେତାବନୀ ଦେଇଛନ୍ତି। ହଜାର ହଜାର କର୍ମୀମାନଙ୍କ ଯୋଗଦାନରେ ବିଜେଡିର ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲା ସମସ୍ତ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା, କର୍ମୀ ସାମିଲ ହୋଇ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଜନ ମାରଣା ନୀତି ବିରୁଦ୍ଧରେ ପ୍ରତିବାଦ କରିଥିଲେ। ଆଗାମୀ ଦିନରେ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲ୍ଲା ଉପ ସଭାପତି ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ-୨ ସଭାପତି ଡାଃ ଦେବାଶିଷ ମାର୍ଣ୍ଡି, ରାଜ୍ୟ ପ୍ରବକ୍ତା ପ୍ରିୟବ୍ରତ ମାଝୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରଞ୍ଜିତା ମାର୍ଣ୍ଡି, ନଗରପାଳ ସୀମା ଦାସ, ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, କାଶୀନାଥ ରଣା, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ସମ୍ପାଦକ ଲଲାଟେନ୍ଦୁ ବେହେରା, ଜିଲ୍ଲା ପରିଷଦ ସଦ୍ୟସ ନରେନ୍ଦ୍ର ହାଁସଦାଃ, ଦୁର୍ଗା ପ୍ରସାଦ ମାର୍ଣ୍ଡି, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିମୟୀ ମିଶ୍ର, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ବିଜୁ ଛାତ୍ର ଜନତା ଦଳ ସଭାପତି ସୁନୀଲ ନାୟକ, ସମସ୍ତ ୱାର୍ଡ କାଉନସିଲର, ବ୍ଲକ ଅଧକ୍ଷ ପ୍ରମୁଖ ସମେତ ହଜାର ହଜାର ସଂଖ୍ୟକ ମହିଳା ଓ ପୁରୁଷ ମାନେ ସାମିଲ ହୋଇ ବିଜେପି ସରକାରଙ୍କ ବିରୁଦ୍ଧରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି।

## ବିଜେପି ପକ୍ଷରୁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ

# ଅର୍ଥନୀତିକୁ ସଶକ୍ତ ଓ ବିକଶିତ ଭାରତ ଗଠନ ଲକ୍ଷ୍ୟ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ (ପୂର୍ବ) ଶାଖା ଭାରତୀୟ ଜନତା ପାର୍ଟି ପକ୍ଷରୁ ବାରିପଦା ସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ କେନ୍ଦ୍ରୀୟ ବଜେଟ୍' ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଛି। କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନା ଏବଂ ଏହାର ଜନକଲ୍ୟାଣକାରୀ ଦିଗଗୁଡିକୁ ନେଇ ଉପସ୍ଥିତ ନେତୃବୃନ୍ଦ ଆଲୋଚନା କରିଥିଲେ। ରାଜ୍ୟ ପାଇଁ କେନ୍ଦ୍ର ବଜେଟରେ ରହିଥିବା ବିଭିନ୍ନ ଯୋଜନା, ଭିତ୍ତିଭୂମି ବିକାଶ ଏବଂ ସାଧାରଣ ଜନତାଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଦେଶର ଅର୍ଥନୀତିକୁ ସଶକ୍ତ କରିବା ସହ ବିକଶିତ ଭାରତ ଗଠନ ଦିଗରେ ଏହି ବଜେଟ୍ ଏକ ପ୍ରମୁଖ ପଦକ୍ଷେପ ବୋଲି ଦଳ ପକ୍ଷରୁ କୁହାଯାଇଛି। ସେହିପରି ଏହି ବଜେଟରେ ଓଡ଼ିଶାରେ ସହରୀ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଦିଗଗୁଡିକ ଉପରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଲୋକପାତ କରିଥିଲେ ଏବଂ ବିକାଶମୁଖି ବଜେଟ୍ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ବାଙ୍ଗିରିପୋଷୀ ବିଧାୟିକା ସଞ୍ଜଲୀ ମୁର୍ମୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି କାନ୍ଦରା ସୋରେନ ଓ ବିଜେପି ଜିଲ୍ଲାସଭାପତି ପ୍ରମୁଖ ଉପସ୍ଥିତ ରହିଥିଲେ।

# ୧୦କେଜି ଗଞ୍ଜେଇ ଜବତ, ଜଣେ ଗିରଫ




ତାଳଚେର, (ସବ୍ୟୁ): ତାଳଚେର ଅବକାରୀ ଦ୍ୱାରା ଟାଉନଥାନା ଅନ୍ତର୍ଗତ ବସଷ୍ଟାଣ୍ଡ ନିକଟରେ ଆତର୍କିତ ଚାଉକରି ୧୦କେଜି ଗଞ୍ଜେଇ ଯାହାର ମୂଲ୍ୟ ୧ଲକ୍ଷ ଟଙ୍କା ହେବା ଜବତ କରିଥିବା ଘଟଣା ମାଫିଆଙ୍କ ମହଲରେ କୋକୁଆ ଭୟ ସୃଷ୍ଟି କରିଛି । ସୂଚନାମୂତାବକ ଅବକାରୀ ନୀରିକ୍ଷକ ଉମାକାନ୍ତ ସ୍ୱାଇଁ କୌଣସି ସୂତ୍ରରୁ ଖବର ପାଇ ତାଳଚେର ବସଷ୍ଟାଣ୍ଡ ଠାରେ ଚାଇକରି ଆଠମଲ୍ଲୀକ ଗ୍ରାମର ଗଜେନ୍ଦ୍ର ପାତ୍ର (୨୯)ଙ୍କ ଠାରୁ ୧୦କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ସୂତ୍ରରୁ ଜଣାପଡ଼ିଛି । ଚାଉରେ ଏସଆଇ ମାନସ ପ୍ରଧାନ, ସରୋଜ ସାହୁ, ପୁପୁନା ପ୍ରଧାନ ସାମିଲ ଥିଲେ । ଏହି ଗଞ୍ଜେଇ ଆଠମଲ୍ଲୀକରୁ କେନ୍ଦୁଝରକୁ ଚାଲାଣ କରାଯାଉଥିଲା ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ।

### ସାତକୋଶିଆ ବିସ୍ଥାପନ ପ୍ରକ୍ରିୟାରେ ଓଏଚ୍ଆରସିଙ୍କ ଅଙ୍କୁଶ

# ବିସ୍ଥାପନରେ ଜାଲିଆତି, ତଦନ୍ତ ନିର୍ଦ୍ଦେଶ



ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲାର ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଂଚଳରୁ ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ଯୋଜନାରେ ୨୦୧୮ ମସିହା ଠାରୁ ଆରମ୍ଭ ହୋଇଥିଲା । ପ୍ରଥମେ ବ୍ୟାଘ୍ର ସଂରକ୍ଷଣ ଅଂଚଳର କୋର ଏରିଆରୁ ୭୮ ଟି ପରିବାରକୁ ବିସ୍ଥାପନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ୨୦୨୨ ବର୍ଷ ଠାରୁ କୋର ଏରିଆ ବାହାର ଗ୍ରାମ ଏପରିକି ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ଏରିଆର ବାହାର ଗ୍ରାମକୁ ପର୍ଯ୍ୟାୟକ୍ରମେ ବେଆଇନ୍ ଭାବେ ବିସ୍ଥାପନ କରାଯାଇଥିଲା । ସାତକୋଶିଆ ଅଂଚଳର ଗ୍ରାମବାସୀ ବନ ବିଭାଗ ବେଆଇନ୍ ବିସ୍ଥାପନ ସମ୍ବନ୍ଧରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଗ୍ରାମବାସୀଙ୍କ ଅଭିଯୋଗକୁ ଶୁଣା ଯାଇ ନଥିଲା । ଗାଁ ରେ ଭୂମିହୀନ, ଗରିବ, ଘର ନଥିବା ଲୋକଙ୍କୁ ଉସୁକାଇ ଏବଂ ୨୦ ଲକ୍ଷ ପ୍ୟାକେଜ୍ର ପ୍ରଲୋଭନ ଦେଖାଇ ବନ ବିଭାଗ ଗାଁ ଗୁଡିକୁ ବିଭାଜନ ନୀତିରେ ଦୁଇ ଭାଗ କରିଥିଲା। ଗାଁ ବିସ୍ଥାପନ ସପକ୍ଷବାଦୀ ଓ ବିପକ୍ଷବାଦୀ ପୂର୍ବତ୍ତନ ଡିଏଫଓ ସରୋଜ କୁମାର ପଣ୍ଡା କରାଇ ଗାଁକୁ ବିସ୍ଥାପନ କରିବାରେ ସଫଳ ହୋଇଥିଲେ । ଏପରିକି ଯେଉଁ ମାନେ ବିସ୍ଥାପନକୁ ବିରୋଧ କରିଥିଲେ ସେମାନଙ୍କୁ କ୍ଷତିପୂରଣ ଦେବାରୁ ବଂଚିତ କରିଥିଲେ । ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ଯୋଜନା କେବଳ ବ୍ୟାଘ୍ର ପ୍ରକଳ୍ପର କୋର ଏରିଆରୁ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ କୋର ଏରିଆ ବାହାରୁ ବେଆଇନ୍ ଭାବେ ଗ୍ରାମ ଗୁଡିକୁ ଉଠାଯାଇଥିଲା । ସରକାରୀ ନୀତି ନିୟମ ଓ ଗାଇଡଲାଇନ୍କୁ ଉପେକ୍ଷା କରି ମନଇଚ୍ଛା ସର୍ଭେ କରାଯାଇ କୋଟିକୋଟି ଟଙ୍କା ସପକ୍ଷବାଦୀଙ୍କୁ ପ୍ରଦାନ କରାଯାଇଥିଲା । ଭୂର୍କୁଣ୍ଡି ଗ୍ରାମରେ ଆଦୌ ଗ୍ରାମସଭା ହୋଇନଥିବା ବେଳେ ଗ୍ରାମବାସୀଙ୍କୁ ଜୋରଜବରଦସ୍ତ ଧମକାଇ ବାସଚ୍ୟୁତ କରାଯାଇଥିଲା। ଭୂମିହୀନ, ଘର ନଥିବା ଏବଂ ଭଲ ଘର ନଥିବା ଲୋକ ମାନଙ୍କୁ ୨୦ ଲକ୍ଷ ଦେଇ ଉଠିଯିବାକୁ ବାଧ୍ୟ କରାଯାଇଥିଲା। ଗ୍ରାମ ବିସ୍ଥାପନ ନେଇ ଗାଁ ରେ କୋକୁଆ ଭୟ ସୃଷ୍ଟି କରାଯାଇ ଜୋରଜବରଦସ୍ତ କରାଯାଇଥିଲା । ବିସ୍ଥାପିତ ପରିବାର ତାଲିକା ଲୁଚାଛପାରେ ହୋଇଥିଲା । ଟୁଲୁକା ଗ୍ରାମବାସୀ ବିସ୍ଥାପନକୁ ଦୃଢ ବିରୋଧ କରି ଗ୍ରାମସଭାରୁ ଉଠି ଯାଇଥିଲେ ସୁଦ୍ଧା ଗ୍ରାମକୁ କଳେବଳେ ବିସ୍ଥାପନ କରାଯାଇଥିଲା । ଓଡିଶା ମାନବ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ ୩୭ ଟି କେସର ବିଚାର ଗତ ୯ ତାରିଖରେ କରିଥିବା ଜଣାଯାଇଛି । ଓଡିଶା ମାନବ ଅଧିକାର ଆୟୋଗଙ୍କ ପକ୍ଷରୁ ସାତକୋଶିଆର ବିସ୍ଥାପନର ୩୭ଟି କେସର ବିଚାର କାରାଯାଇଥିବା ଏବଂ ବିସ୍ଥାପନକୁ ସ୍ଥଗିତ ରଖାଯିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାକୁ ଅଂଚଳବାସୀ ନ୍ୟାୟ ପାଇଥିବା ପ୍ରକାଶ କରିଛନ୍ତି। ଅଭୟାରଣ୍ୟବାସୀଙ୍କ ପକ୍ଷରୁ ଆଗକୁ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠିତ ହେବା ପରେ ତଦନ୍ତ ପ୍ରକ୍ରିୟାରେ ସଂପୂର୍ଣ୍ଣ ସହଯୋଗ କରିବାକୁ ଦୋଳ ସାସମଲ, ଭରତ କୁମାର ଜାନୀ, ନୀଳକଣ୍ଠ ସାହୁ, ଅନ୍ତର ସାମଲ, ଜୟରାମ ସାହୁ , ଫକୀର ଜାନୀ, ମଂଗୁଲୁ ପଧାନ ପ୍ରମୁଖ ଅଭିଯୋଗକାରୀ ପ୍ରକାଶ କରିଛନ୍ତି ।

### ପରଜଙ୍ଗ ଅଞ୍ଚଳରେ ଯାତ୍ରୀବାହୀ ଟ୍ରେନ ସେବା ବିଳମ୍ବ

# ସାଂସଦ – ବିଧାୟକଙ୍କ ପ୍ରତିଶ୍ରୁତି ପାଣିର ଗାର

ପରଜଙ୍ଗ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାପରଜଙ୍ଗ ଅଞ୍ଚଳବାସୀ ଯାତ୍ରୀବାହୀ ଟ୍ରେନ ସେବାରୁ ବଞ୍ଚିତ ହୋଇ ରହିଛନ୍ତି। ଏହି ସେବା ବିଳମ୍ବ ହେଉଥିବା ବେଳେ ସାଂସଦ ଏବଂ ବିଧାୟକଙ୍କ ପ୍ରତିଶୃତି ପାଣିର ଗାର ବୋଲି ସାଧାରଣରେ ଆଲୋଚନା ହେଉଛି।

ପରଜଙ୍ଗ ଅଞ୍ଚଳ ଏକ କୃଷି ବହୁଳ ଅଞ୍ଚଳ ଯେଉଁଠାରେ ଜନସାଧାରଣ କୃଷି ଉପରେ ନିର୍ଭର କରି ଚଳନ୍ତି। ସ୍ୱାଧୀନତାର ୭୮ ବର୍ଷ ବିତି ଯାଇଥିଲେ ମଧ୍ୟ ପରଜଙ୍ଗ ଅଞ୍ଚଳବାସୀ ଟ୍ରେନ ସେବାରୁ ବଞ୍ଚିତ ରହିଛନ୍ତି। ନିଜ ନିଜର ଚାଷଜମି ହରାଇ ଏବେ କେତେକ ଲୋକ ଧାନ ଗଣ୍ଡେ ପାଇବାରୁ ବଞ୍ଚିତ ହେଉଛନ୍ତି। ଗମନାଗମନ ପାଇଁ ୩୫ କି.ମି. ଚାଇଁପାଳ ଷ୍ଟେସନକୁ ଯିବାକୁ ପଡ଼ିଥାଏ। ୧୯୯୭ ମସିହାରେ ରେଳମନ୍ତ୍ରୀ ରାମବିଳାସ ପାଶୱାନ କହିଥିଲେ ଯେ ତାଳଚେରରୁ ଢୁବୁରୀ ନୂଆ ରେଳପଥ ନିର୍ମାଣ କରାଯାଇ ତୁରନ୍ତ ପାସେଞ୍ଜର ଟ୍ରେନ ଚାଲିବ । ଦୀର୍ଘ ୨୩ ବର୍ଷ ପରେ ୨୦୨୦ ମସିହାରେ ପରଜଙ୍ଗ ଦେଇ ଟ୍ରେନ ଚଳାଚଳ ପାଇଁ ଜମି ଅଧିଗ୍ରହଣ କରାଗଲା । ଟ୍ରେନ ଚଳାଚଳ ପାଇଁ ସ୍ଥାନୀୟ ଲୋକେ ମାନେ ନିଜର ଶହଶହ ଏକର ଚାଷଜମି ଭାଗ ମାଗୁ ମୂଲ୍ୟରେ ସରକାରଙ୍କ ହାତକୁ ଦେଇ ଥିଲେ। ଦୀର୍ଘ ଦିନ ପରେ ଅନୁଗୁଳ ଜିଲ୍ଲା ବୁଢ଼ାପଙ୍ଗ ଠାରୁ ଯାଜପୁର ସୁକିନ୍ଦା ପର୍ଯ୍ୟନ୍ତ ପ୍ରାୟ ୮୫ କି.ମି ଟ୍ରେନ ଲାଇନ ନିର୍ମାଣ ହେଲା। ପ୍ରାୟ ୮ ବର୍ଷ ତଳେ ପ୍ରଥମ କରି ଟ୍ରେନ ଚଳାଚଳ ପାଇଁ ସ୍ଥାନୀୟ ବିଧାୟକ ଓ ଏମ୍ .ପି ନୂତନ ରେଳ ଷ୍ଟେସନର ଉଦଘାଟନ କରି ଜନ ସାଧାରଣଙ୍କୁ କହିଲେ ଯେ, ମାସେ ଦୁଇମାସ ମଧ୍ୟରେ ପାସେଞ୍ଜର ଟ୍ରେନ ଅନୁଗୁଳରୁ ଯାଜପୁର ଚାଲିବ । ପାସେଞ୍ଜର ଟ୍ରେନ ଯିବାର ଦୂରର କଥା ପ୍ରତିଦିନ ଅପ୍ ଡାଉନ୍ ପ୍ରାୟ ୪୦ଟି ମାଲବାହୀ ଟ୍ରେନ ଚାଲିବାର ନାଁ ଡବଲ ଇଞ୍ଜିନ ସରକାର ଧରୁ ନାହାଁନ୍ତି। ବାରମ୍ବାର ଏ ସମ୍ବନ୍ଧେ ଜଣାଇଲେ ମଧ୍ୟ, ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଜନସାଧାରଣଙ୍କୁ ପାସେଞ୍ଜର ଟ୍ରେନ ଦେଖାଇବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନ ସାନ ମାଲବାହୀ କୋଇଲା, ଆଇରନ୍, କ୍ରୋମାଇଟ ଇତ୍ୟାଦି ଖଣିଜ ପଦାର୍ଥ ପରିବହନ ହେଉଛି। କୋଷ୍ଟାଲ ଷ୍ଟକର୍ୟାଡ କରି, ଟ୍ରେନ ବଗି ଲୋଡ୍ ହେବା ଫଳରେ କୋଇଲା ଗୁଣ୍ଡ ଉଡ଼ି ପରଜଙ୍ଗ ଅଞ୍ଚଳରେ କୋଇଲା ଗୁଣ୍ଡ ମାନ ବିଲବାଡ଼ି, ଗଛପତ୍ର, ଘର ଇତ୍ୟାଦିରେ ପଡ଼ିବା ସହ ଏ ଅଞ୍ଚଳର ବାୟୁ ପ୍ରଦୁଷିତ ହେବାରେ ଲାଗିଛି। ସାଂସଦ ରୁଦ୍ରନାରାୟଣ ପାଣି ପାର୍ଲିଆମେଣ୍ଟରେ ଅନୁଗୁଳ-ଯାଜପୁର ପାସେଞ୍ଜର ଟ୍ରେନ ଯିବା ପାଇଁ ଦାବି କରି ଆସୁଥିଲେ ମଧ୍ୟ କେହି ଏଦିଗରେ ନଜର ଦେଉ ନାହାଁନ୍ତି। ତୁରନ୍ତ ପାସେଞ୍ଜର ଟ୍ରେନ ଯାତାୟାତ କରିବାର ବ୍ୟବସ୍ଥା କରାନଗଲେ ଅଞ୍ଚଳବାସୀ ଡବଲ ଇଞ୍ଜିନ ସରକାରକୁ ଉଚିତ ଜବାବ ଦେବେ ବୋଲି ଜନସାଧାରଣ ମତ ପ୍ରକାଶ କରିଛନ୍ତି।

# ବାଟବଣା ନିଶ୍ଚିତ କର୍ମନିଯୁକ୍ତି ଯୋଜନା

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ପଞ୍ଚାୟତରେ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅର୍ଥରେ ରାସ୍ତାକାମ, ପୋଖରୀ ଖୋଳା, ଜଳ ନିଷ୍କାସନ ପାଇଁ କାଡା ଡ୍ରେନେଜ୍ ମାନ ନିର୍ମାଣ ଚାଲୁଛି। ଗରୀବ ଶ୍ରେଣୀର ଲୋକମାନେ କାର୍ଯ୍ୟରେ ନିୟୋଜିତ ହୋଇ ଏହି କାର୍ଯ୍ୟ କରିବାର ନିତି ନିୟମ ଥିବା ବେଳେ ଠିକାଦାର ଓ କନିଷ୍ଠ ଯନ୍ତ୍ରୀ ମାନଙ୍କ ମଧୁଚନ୍ଦ୍ରିକା ଫଳରେ ରାତି ଅଧିଆ ରାସ୍ତାରେ ମୋରମ ବଦଳରେ ମାଟି ପକାଇବା ଏବଂ ଜେସିବି ମେସିନ ଦ୍ୱାରା ଟେଳା ମାଟିକୁ ଭାଙ୍ଗି ଚାପି ଦେବା ଇତ୍ୟାଦି ଦେଖିବାକୁ ମିଳୁଛି। ମୁଲିଆ ଲଗାଇ କୌଣସି କାର୍ଯ୍ୟ ହୋଇ ନାହିଁ। ସଙ୍ଗେ ସଙ୍ଗେ ମଷ୍ଟର ରୋଲ ତିଆରି କରାଇ ଜାଲି ଦସ୍ତଖତରେ ବିଲ କରାଯାଉଛି । ଏଭଳି କାର୍ଯ୍ୟ ପରଜଙ୍ଗ ବ୍ଲକ ହେଡ୍ କ୍ୱାଟର ପଞ୍ଚାୟତ, ଲୋଧଣୀ ଇତ୍ୟାଦି ଗ୍ରାମ ମାନଙ୍କରେ ହୋଇଥିବା ଅଭିଯୋଗ ହେଉଛି। ଏ ସମ୍ବନ୍ଧେ ବ୍ଲକ କର୍ମଚାରୀ ମାନଙ୍କୁ ପଚାରିଲେ କୁହନ୍ତି ଆମେ ସେ ବିଷୟରେ କିଛି ଜାଣି ନାହୁଁ । କାମ ହୋଇଥିବା ସାହି ନିକଟରେ ହରିଜନ ଆଦିବାସୀ ଶ୍ରେଣୀର ଦିନ ମଜୁରିଆ ଲୋକ ମାନେ ବସବାସ କରି ରହିଛନ୍ତି। ଅଧିକ ଲାଭ ପାଇବା ଆଶାରେ ଦିନ ମଜୁରିଆ ଶ୍ରେଣୀର ଲୋକମାନଙ୍କୁ ଉପେକ୍ଷା କରାଯାଇ ମେସିନ ଦ୍ୱାରା ମାଟି ଖୋଳି ଟିପର, ଟ୍ରାକ୍ଟର ଦ୍ୱାରା ମାଟି ବୋହାଯାଇ ଖଳିମାଟି ପକାଯାଇଛି। ଏହି ସଂସ୍ଥାଟି ପରଜଙ୍ଗ ଗ୍ରାମର ଲୋକମାନଙ୍କର ଜାତୀୟ ରାଜପଥ ୫୩ ନଂ କୁ ଯାତାୟାତ ରାସ୍ତା ଏବଂ ରାତି ଅଧରେ ବସରୁ ଓହ୍ଲାଇ ଆସିବାର ଏକ ମାତ୍ର ସଟକଟ ରାସ୍ତା ଅଟେ। ଏଭଳି କାର୍ଯ୍ୟ ଶାସକ ଦଳର କର୍ମୀମାନେ କରୁଥିବା ଏବଂ ବଦଳି ଭୟରେ ବ୍ଲକ ପ୍ରଶାସନ ମୁହଁ ଖୋଲୁ ନଥିବା ଅଭିଯୋଗ ହୋଇଛି। ଚୁପ୍ ରହିଲେ ଠିକ୍ ଭାବେ ପି.ସି ବିଲ୍ ବେଳେ ମିଳିଯାଉଛି । ଯାହା ଫଳରେ ମାହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁଛି ଯୋଜନା ସରକାରଙ୍କର ଲକ୍ଷ୍ୟ ଠାରୁ ବହୁ ଦୂରରେ ରହିଛି।

# ସତ୍ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ



ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ସତସଙ୍ଗ ବିହାର ପରିସରରେ ବିଶେଷ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସତସଙ୍ଗ ବିହାର ସପ୍ରରି କୁମୁଦ ଚନ୍ଦ୍ର ପ୍ରଧାନ ମାତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ବିଶେଷ ପ୍ରାର୍ଥନା ଓ କୀର୍ତ୍ତନର ଆୟୋଜନ ହୋଇଥିଲା । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଜିତ ଶତପଥି, ଶୋଭାରାଣୀ ଜେନା, ଗୁରୁ ଭ୍ରାତା ଅର୍ଜୁନ କୁମାର ରାଉଳ, ଦିଲ୍ଲୀପ ପାତ୍ର, ପ୍ରଶାନ୍ତ ହୋତା, ରାଜକିଶୋର ନାୟକ, ସୁକାନ୍ତ ଭାଇ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରି ସତସଙ୍ଗ ଉପରେ ପ୍ରବଚନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଦିନ ତମାମ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ।

### ହାତୀ ଆକ୍ରମଣରେ ୩ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ବିଧାୟକ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ଲୋଚାପଲୀ ଗ୍ରାମରେ ହାତୀ ଆକ୍ରମଣରେ ୩ଜଣ ମୃତ ଓ ଆହତଙ୍କ ପରିବାରକୁ ପୂର୍ବତନ ବିଧାୟକ ସୁଧୀର ସାମଲ ଭେଟିବା ସହିତ ସମବେଦନା ଜଣାଇଛନ୍ତି। ଜୀବନ ଜୀବିକା ପାଇଁ ଜଙ୍ଗଲରୁ କାଠ ସଂଗ୍ରହ କରି ନିଜ ପରିବାର ଚଳାଉଥିବା କାଇମାଟି ପଞ୍ଚାୟତ ଲୋଚାପଲି ଗ୍ରାମର ୩ ଜଣ ମହିଳା ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ବେଳେ ଅନ୍ୟ ୬ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏଭଳି ଏକ ଦୁଃଖଦ ଖବର ପାଇ ବୁଧବାର ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ବିଜୁ ଜନତା ଦଳର ଏକ ଟିମ୍ ସହିତ ଲୋଚାପଲି ଗ୍ରାମରେ ପହଞ୍ଚି ମୃତ୍ୟୁ ବରଣ କରିଥିବା ଓ ଆହତ ହୋଇଥିବା ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଶ୍ରୀ ସାମଲ ଏଭଳି ଏକ ଅତି ଦୁଃଖଦ ଘଟଣା ପାଇଁ ଜଙ୍ଗଲ ବିଭାଗ ଓ ଜିଲ୍ଲା ପ୍ରଶାସନର ଅପାରଗତା ପାଇଁ ଆଜି ୩ଟି ନିରୀହ ଜୀବନ ଚାଲିଗଲା। ରାଜ୍ୟ ସରକାର ଓ ଢେଙ୍କାନାଳ ଜିଲ୍ଲାର ବନ ବିଭାଗର ଚରମ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଗଲା। ଏପରି ଦୁଃଖ ଓ କଷ୍ଟ ସମୟରେ ଫରେଷ୍ଟର ଏହାକୁ ସଡକ ଦୁର୍ଘଟଣା କହିବା ଲଜ୍ୟା ଓ ନିନ୍ଦାର ବିଷୟ ବୋଲି କହିଥିଲେ । ଏହାକୁ ଦୃଢ଼ ନିନ୍ଦା କରିବା ସହିତ ଏ ଘଟଣା ପାଇଁ ଯେଉଁ ମାନେ ଦାୟୀ ସେମାନଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ କରିଥିଲେ ।ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତଥା ବନ ବିଭାଗ ମୃତ୍ୟୁ ବରଣ କରିଥିବା ପରିବାର ଓ ଆହତ ପରିବାରକୁ କ୍ଷତି ପୂରଣ ଦେବା ସହିତ ଚିକିତ୍ସା ସୁବିଧା ଓ ସରକାର ସ୍ତରରେ ଥିବା ସମସ୍ତ ସୁବିଧା ଯୋଗାଇ ଦେବାକୁ ଦାବୀ ମଧ୍ୟ କରିଛନ୍ତି । ଦଳର ରାଜ୍ୟ ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ଏ ବିଷୟରେ ଅବଗତ କରାଇ ଏହାକୁ ବିଧାନସଭାରେ ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯିବ ବୋଲି କହିଥିଲେ ।

# ଶ୍ରମିକ ସଙ୍ଗଠନ ପକ୍ଷରୁ ବାଇକ୍ ରାଲି

ତାଳଚେର, (ସବ୍ୟୁ): ତାଳଚେର କୋଇଲା ଖଣି ଶ୍ରମିକସଙ୍ଗଠନ ପକ୍ଷରୁ ଶ୍ରମଆଇନକୁ ବିରୋଧ କରି ହିଙ୍ଗୁଳା ଜିଏମ ଅଫିସ୍ ଠାରୁ ଲିଙ୍ଗରାଜ ଜିଏମ ଅଫିସ୍ ପର୍ଯ୍ୟନ୍ତ ବାଇକରାଲି କରାଯାଇଛି। ଏହି ବାଇକ ରାଲି ଆସନ୍ତାକାଲି ୪ଟି ଶ୍ରମ ସଂହିତା ଏବଂ ଅନ୍ୟାନ୍ୟ ଦାବିକୁ ସମର୍ଥନ କରି ଅନୁଷ୍ଠିତ ହେବାକୁ ଥିବା ଭାରତବନ୍ଦ ସପକ୍ଷରେ ଜନସଚେତନ ପାଇଁ ଆୟୋଜିତ ହୋଇଛି । ଆସନ୍ତାକାଲି ରାଲି ସକାଳ ୧୦.୩୦ରେ ହିଙ୍ଗୁଳାରୁ ବାହାରି ଭରତପୁର, ସିଡ଼ବ୍ଲୁଏସ୍ ତାଳଚେର, ଜଗନ୍ନାଥ ଅଂଚଳ, ତାଳଚେର ଅଂଚଳ, ଭୁବନେଶ୍ୱରୀ ଅଂଚଳ ଇତ୍ୟାଦି ଦେଇ ୧୨.୩୦ରେ ଲିଙ୍ଗରାଜ ଜିଏମ ଅଫସରେ ପଂହଚିବ ବୋଲି ଏଆଇଟିୟୁସିର ସାଧାରଣ ସମ୍ପାଦକ ପ୍ରକାଶ କରିଛନ୍ତି।

# ହିନ୍ଦୋଳ ମହାବିଦ୍ୟାଳୟରେ ସମ୍ମାନ କାର୍ଯ୍ୟକ୍ରମ

ହିନ୍ଦୋଳ, (ସବ୍ୟୁ): ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ୧୦ ତାରିଖ ଦିନ ବିଭାଗୀୟ ମୁଖ୍ୟ ସୁରେଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଭାଗର ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ବିଭାଗର ଅନ୍ୟତମ ଅଧ୍ୟାପକ ବ୍ରଜ କିଶୋର ବେହେରା ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମଣ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ଅଧିନରେ ସିବିସିଏସ୍ ପରୀକ୍ଷାର ସଂସ୍କାର ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ରୂପେ ସିମିନଇସ୍ଥିତ ଆଞ୍ଚଳିକ ( ଡ଼ିଗ୍ରୀ) ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ଧରଣୀଧର ସେଠୀ ଯୋଗଦାନ କରି ଜାତୀୟ ଶିକ୍ଷାନୀତି ପରୀକ୍ଷା ପଦ୍ଧତି ସମ୍ପର୍କରେ ଅବତାରଣା କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଅଙ୍କିତା ସାହୁ , ଜ୍ୟୋର୍ତିମୟୀ ସାହୁ , ପ୍ରିୟଙ୍କା ସାହୁ ପ୍ରମୁଖ ପ୍ରୋଜେକ୍ଟ ମାଧ୍ୟମରେ ନିଜର ସନ୍ଦର୍ଭ ଉପସ୍ଥାପନା କରିଥିଲେ । ସେହିପରି ପୂର୍ବାହ୍ନରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବିଭାଗୀୟ ଅଧ୍ୟାପନା ପ୍ରକୋଷ୍ଠରେ ବିଭାଗର ସମ୍ମାନ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ମୁଖ୍ୟ ଶଲ୍ୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଶୁଭ୍ରକାନ୍ତ ପାଣି ମୁଖ୍ୟବକ୍ତା ରୂପେ ଯୋଗଦେଇ ବିଭାଗର ଛାତ୍ର ଛାତ୍ରୀ ମାନଙ୍କୁ ପ୍ରସଙ୍ଗ ଆଧାରରେ ବିଜ୍ଞାପନ କଳା ଓ ସାହିତ୍ୟ ଉପରେ ଗବେଷଣାତ୍ମକ ତଥ୍ୟ ଉପସ୍ଥାପିତ କରିଥିଲେ । ଅତିଥି ଭାବେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ଯୋଗଦେଇ ଆଲୋଚନାଚକ୍ରର ଆବଶ୍ୟକତା ଉପରେ ନିଜସ୍ୱ ମତ ରଖିଥିଲେ । ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ନାୟକ ଆଲୋଚନାର ପ୍ରସଙ୍ଗ ଉପରେ ମାର୍ଗ ଦର୍ଶନ ଦେଇଥିଲା ବେଳେ ବିଭାଗର ଅନ୍ୟତମ ଅଧ୍ୟାପକ ମୁରଲୀ କିଶୋର ଜେନାମଣି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଅନୁଷ୍ଠିତ ଶିକ୍ଷା ଓ ଭାଷା ସାହିତ୍ୟ ସମ୍ମାନରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।

# ସ୍ଥାୟୀ ପ୍ରଧାନଶିକ୍ଷକଙ୍କ ସହ କିରାଣି ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ପିଏମଶ୍ରୀ ରାଧା ମାଧବ ଉଚ୍ଚ ବିଦ୍ୟାଳୟ ଏବେ ଅନେକ ସମସ୍ୟା ଦେଇ ଗତି କରୁଛି । ସ୍ଥାୟୀ ପ୍ରଧାନ ଶିକ୍ଷକ ସହ କିରାଣୀ ପଦପି ଦୀର୍ଘ ଦିନ ହେବ ଖାଲି ପଡିଥିବା ବେଳେ ପୂରଣ କରାଯାଉନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଏନେଇ ବାରମ୍ବାର ଜିଲା ଶିକ୍ଷା ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଫଳରେ ବୁଧବାର ଦିନ ପାଇକସାହି ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଏକ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ଏହାର ଏକ ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଆଠମଲ୍ଲିକ ବିଧାୟକଙ୍କୁ ପ୍ରଦାନ କରିଛନ୍ତି । ଅଞ୍ଚଳବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସରକାର ଓ ଗ୍ରାମବାସୀଙ୍କ ପକ୍ଷରୁ ପାଇକସାହି ଠାରେ ୧୯୭୬ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୦୩ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଏହି ବିଦ୍ୟାଳୟରେ ଦୀର୍ଘ ଦିନ ହେବ ପ୍ରଧାନ ଶିକ୍ଷକ ପଦପି ଖାଲି ପଡିଛି । ୨୦୨୦ ମସିହା ଠାରୁ କିରାଣୀ ପଦପି ଖାଲି ପଡିଥିବା ବେଳେ ଶିକ୍ଷା ବିଭାଗ ପକ୍ଷରୁ କେବଳ ସପ୍ତାହକୁ ୩ ଦିନ ପାଇଁ ଅନ୍ୟତ୍ର ହାଇସ୍କୁଲର କିରାଣୀଙ୍କୁ ପଠାଇ କାମ ଚଳାଯାଉଛି । ଲୁହାସିହା ହାଇସ୍କୁଲରେ କିରାଣୀକୁ ଏହି ବିଦ୍ୟାଳୟରେ ସପ୍ତାହକୁ ୩ ଦିନ କାର୍ଯ୍ୟ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପୁଣି ତାଙ୍କୁ ଅନ୍ୟତ୍ର ହାଇସ୍କୁଲକୁ ଡେପୁଟିଟେସନ ପଠାଯାଇଛି । ଯାହାକି ଏହି ବିଦ୍ୟାଳୟରେ କିଣାଣୀ କାମ କରିବା ଅସୁବିଧା ହେଉଛି । ଉକ୍ତ ବିଦ୍ୟାଳୟର ଛାତ୍ରୀ ନିବାସ ପରିଚାଳନାରେ ମଧ୍ୟ ଅସୁବିଧା ସୃଷ୍ଟି ହେଉଛି । ତୁରନ୍ତ ଏକ ସ୍ଥାୟୀ ପ୍ରଧାନ ଶିକ୍ଷକ ସହ କିଣାଣୀ ନିଯୁକ୍ତି ପାଇଁ ଦାବି ହୋଇଛି । ନଚେତ ଆଗାମୀ ଦିନ ରେ ବିଦ୍ୟାଳୟ ସମୁଖରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ କଡା ଚେତାବନୀ ଦେଇଛନ୍ତି ।

# ଶକ୍ତି ଉତ୍ତୋଳନରେ ଅନୁଗୁଳ ଜିଲ୍ଲା କ୍ରୀଡାବିତଙ୍କ ବାଜିମାତ




ଗୋଡିବନ୍ଧ,(ସବ୍ୟୁ): ଅନୁଗୁଳ ଜିଲ୍ଲାର ଗୋଡ଼ିବନ୍ଧ ନିବାସୀ କ୍ରୀଡାବିତ୍ ଶ୍ରୀ କୀର୍ତ୍ତନ ବେହେରାଙ୍କ ଗାରିମା ସାରା ଅନୁଗୁଳ ଜିଲ୍ଲାକୁ ଗୌରବାନ୍ୱିତ କରିଛି। ଶ୍ରୀ ବେହେରାଙ୍କ ପ୍ରଦତ୍ତ ଶିକ୍ଷାରେ ଫେବୃଆରୀ ୬ ରୁ ୮ ତାରିଖରେ ୩ଦିନି ଧରି ହୋଇଥିବା ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଅନୁଗୁଳ ଜିଲ୍ଲାର କ୍ରୀଡାବିତ ବାଜିମାତ କରିଛନ୍ତି। ଜିଲ୍ଲାର କ୍ରୀଡାବିତ୍ ମାନଙ୍କୁ ୪ଟି ସ୍ୱର୍ଣ୍ଣ ୨ଟି ରୌପ୍ୟ, ୪ଟି କାଂସ୍ୟ ପଦକ ସହ ସମୁଦାୟ ୧୦ଟି ପଦକ ମିଳିଛି। ଓଡ଼ିଶା ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ଭୁବେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ଆୟୋଜିତ ଏହି ପ୍ରତିଯୋଗିତାରେ ସଫଳତା ମିଳିଥିବା କ୍ରିଡ଼ାଗୁରୁ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ରାଜ୍ୟର ୩୨ତମ ପ୍ରତିଯୋଗିତାରେ ସାରା ରାଜ୍ୟରୁ ୩୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇ ସେଥି ମଧ୍ୟରୁ ଅନୁଗୁଳ ଜିଲ୍ଲା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ତଥା ଆନ୍ତର୍ଜାତୀୟ ପାୱାର ଲିଫ୍ଟର ଶ୍ରୀ କୀର୍ତ୍ତନ ବେହେରା ଓ ଟିମ୍ ମ୍ୟାନେଜର ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଗୁଳ ଜିଲ୍ଲାର ୧୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଅନେକ ଜାତୀୟ ପଦକ ବିଜେତା ଶ୍ରୀ ଯଜ୍ଞାଦତ୍ତ ଭୁକ୍ତା( ସ୍ୱର୍ଣ୍ଣ), ଜାତୀୟ କ୍ରିଡାବିତ ସୁଚିତ୍ରା ବେହେରା(ରୌପ୍ୟ), ଓ ଅନ୍ୟ ପ୍ରତିଯୋଗୀ ମଧ୍ୟରେ ଶ୍ରୀମତୀ ନିୟତି ବର୍ମନ୍ ନାଏକ(କାଂସ୍ୟ), ସମୀର ପ୍ରଧାନ(ରୌପ୍ୟ), ସୁବୋଧ ସାହୁ(ସ୍ୱର୍ଣ୍ଣ), ସୁଜି ବେହେରା(ସ୍ୱର୍ଣ୍ଣ), ଶିବମ ଭୁକ୍ତା (ସ୍ୱର୍ଣ୍ଣ) ବିନୋଦ ପ୍ରଧାନ (କାଂସ୍ୟ), ନାଗେଶ୍ୱର ନାଏକ (କାଂସ୍ୟ), ସୁଧୀର ବେହେରା (କାଂସ୍ୟ) ସହ ଅନ୍ୟ ପ୍ରତିଯୋଗୀ ଅଭିନବ ଦାସ୍, ଏକଲବ୍ୟ ମହାପାତ୍ର, କ୍ରିଷ୍ଣା ଗୋଚ୍ଛାୟତ, ପ୍ରମୁଖ ଅଂଶଗ୍ରହଣ କରି ଜିଲ୍ଲା ପାଇଁ ସର୍ବାଧିକ ୧୦ଟି ପଦକ ହାସଲ କରି ଅନୁଗୋଳ ଜିଲ୍ଲାକୁ ଗୌରାବାନିତ୍ୱ କରିଥିଲେ । ଏହି ପ୍ରତିଯୋଗିତାର ଉଦଯାପନ ଦିବସରେ ରାଜ୍ୟ ଶକ୍ତି ଉତ୍ତୋଳନ ସାଧାରଣ ସଂପାଦକ ଡାକ୍ତର ହରିପ୍ରସାଦ ପଟ୍ଟନାୟକ, କୀର୍ତ୍ତନ ବେହେରା ଓ ଅଜୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ଏହି ସଫଳତାରେ ଚାରିଆଡ଼େ ଖୁସିର ଲହରୀ ଖେଳି ଯାଇଛି ।

### ସରକାରୀ ଦପ୍ତର ଗୁଡ଼ିକରେ ହେଉନି ଲୋକଙ୍କ କାର୍ଯ୍ୟ

# ଅଭିଯୋଗ କଲେ ମଧ୍ୟ ବାବୁମାନେ ଶୁଣୁନାହାନ୍ତି ଗୁହାରୀ

ତାଳଚେର ,(ସବ୍ୟୁ) : ତାଳଚେରରେ ଥିବା ବିଭିନ୍ନ ସରକାରୀ ଦପ୍ତର ଗୁଡ଼ିକରେ କିପରି କାର୍ଯ୍ୟ ହେଉଛି ଓ ଲୋକେ କେତେ ଉପକୃତ ହେଉଛନ୍ତି ତାହାର ସମୀକ୍ଷା କରିବ କିଏ? ଏସମ୍ପର୍କ ଯଦି ଗଣମାଧ୍ୟମ ପ୍ରତିନିଧିଙ୍କର କିଛି ଦାୟୀତ୍ୱ ଲୋକଙ୍କ ପାଇଁ ରହିଛି, ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବାବୁ ଭାୟା ମାନଙ୍କୁ କିଛି ପଚାରିଲେ ସେମାନେ ନାଲି ଆଖି ଦେଖାଇବା ସହ ସେଭଳି କିଛି ସନ୍ତୋଷ ଜନକ ଉତ୍ତର ପ୍ରଦାନ କରୁଥିବା ଦୃଷ୍ଟିକୁ ଆସୁନାହିଁ। ଏହାର ମୁଖ୍ୟକାରଣ ଜିଲ୍ଲା ପ୍ରଶାସସନ ଠାରୁ ଆରମ୍ଭକରି ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନେ ଗୋଟିଏ ନୌକାରେ ନାବିକ ହୋଇଥିବା ବେଳେ ଲୋକଙ୍କ ଅଭିଯୋଗ ଶୁଣିବା ତ ଦୂରର କଥା ଗଣମାଧ୍ୟମ ପ୍ରତିନିଧିଙ୍କ କଥା ପଚାରେ କିଏ? ଏହାକୁ ନେଇ ଏବେ ଚର୍ଚ୍ଚା ଯୋରଧରିଛି। ଏହାର ଉଦାହରଣ ନିଆଯାଇପାରେ ତାଳଚେର ତହସିଲ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଲୋକେ ଖର୍ଚ୍ଚାନ୍ତ ହୋଇ ଆସିଥାନ୍ତି। ମାତ୍ର ସେମାନଙ୍କର କାର୍ଯ୍ୟ କେତେ ଦିନ ଓ କେତେ ଟଙ୍କା ହାତଗୁଞ୍ଜା ଦେଲେ ହୋଇଥାଏ ତାହା ଭୂକ୍ତଭୋଗୀ ହିଁ କହି ପାରିବ। ବିଭିନ୍ନ ଜମିଜମା ସଂକ୍ରାନ୍ତ, ଗଣ୍ଡାଗୋଳ, ଚୋରୀ ବିଭିନ୍ନ ମାମଲା ନେଇ ସର୍ବସାଧାରଣ ଲୋକଟିଏ ଥାନା ବାବୁଙ୍କୁ ଭରଷା କରି ଦୌଡ଼ି ଆସିଥାଏ। ମାତ୍ର ସେମାନେ ଥାନାରୁ କେତେ ନ୍ୟାୟ ଓ ବ୍ୟବହାର ପାଇଥାନ୍ତି ତାହା ଚର୍ଚ୍ଚାର ମୁଖ୍ୟବିନ୍ଦୁ ପାଲଟିଥାଏ। ସରକାର ସ୍ୱଚ୍ଛଶାସନ ଯୋଗାଇଦେବା ନେଇ ଡ଼ିମଡ଼ିମ ପିଟି ଆସୁଥିବା ବେଳେ ଏହାର ବାସ୍ତବ ଚିତ୍ର ସମୀକ୍ଷା କରିବ କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ତାଳଚେର ତାଳବେଢ଼ା ଗ୍ରାମ ଠାରୁ ଆରମ୍ଭ କରି ବହ୍ଳର ପର୍ଯ୍ୟନ୍ତ ୧୪୯ ନମ୍ବର ଜାତୀୟ ରାଜପଥ ନିର୍ମାଣକୁ ନେଇ ଏନଏଚଆଇ କାର୍ଯ୍ୟାଳୟ ପକ୍ଷରୁ ଏବେ ଘର ଛାଡ଼ିବା ପାଇଁ ଡ଼ାକବାଜିଯନ୍ତ୍ର ଓ ନୋଟିସ୍ ମାଧ୍ୟମରେ ତାଗିଦ୍ କରାଯାଉଛି। ୧୪୯ନମ୍ବର ଜାତୀୟ ରାଜପଥକୁ ପ୍ରଶସ୍ତିକରଣ କରିବା ନେଇ ପୂର୍ବରୁ ଯେଉଁ ସର୍ଭେ କରାଯାଇଛି ତାହା କେତେ ସଠିକ ତଦନ୍ତ ସାପେକ୍ଷ। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ତାଳଚେର ଏନଏଚଆଇ ବିଭାଗର ଜମି ଅଧିଗ୍ରହଣ ସଂକ୍ରାନ୍ତରେ। କିନ୍ତୁ କ୍ଷତିଗ୍ରସ୍ତ ପ୍ରଜାଟି ତାର କେତେ ନ୍ୟାୟ ପାଉଛି ଓ କିଭଳି ନ୍ୟାୟ ଦିଆଯାଉଛି ତାହା ଅଫିସରେ ରହିଥିବା ମାଳମାଳ ଅଭିଯୋଗ ପତ୍ର ଓ କୋର୍ଟରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ମମାଲାରୁ ହିଁ ସ୍ପଷ୍ଟ ପ୍ରମାଣିତ। କୌଣସି ବ୍ୟକ୍ତି ଅଭିଯୋଗ ପତ୍ର ଦାଖଲ କଲେ ମଧ୍ୟ ତାଙ୍କୁ ଏଅଫିସରୁ ସେ ଅଫିସ୍ ଚକ୍କର କାଟିବାକୁ ପଡୁଛି ଏବଂ ଏହାକୁ କର୍ଣ୍ଣପାତ କରୁ ନାହନ୍ତି ବୋଲି ରାଜପଥରେ ଜମି ହରାଉଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଲୋକ ଏହା ମଧ୍ୟ କହୁଛନ୍ତି କି, ଯଦି ସରକାରଙ୍କ ସରକାରୀ ବାବୁମାନେ ଲୋକଙ୍କ ଗୁହାରୀ କର୍ଣ୍ଣପାତ ନକରିବେ ତେବେ ସେମାନେ କହିବେ କାହାକୁ ବୋଲି ପ୍ରଶ୍ନ ମଧ୍ୟ କରୁଛନ୍ତି। ଏହି ଜମି ଅଧିଗ୍ରହଣ ପାଇଁ ତହସିଲ କାର୍ଯ୍ୟାଳୟ ମୁଖ୍ୟ ହୋଇଥିବା ବେଳେ ତହସିଲ ବାବୁ ଭାୟାମାନେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କେତେ ନ୍ୟାୟ ପ୍ରଦାନ କରୁଛନ୍ତି ତାହା ଜଣେ କ୍ଷତିଗ୍ରସ୍ତ ପ୍ରଜାହିଁ ସ୍ପଷ୍ଟ କହିପାରିବ। ଏପରିସ୍ଥଳେ କ୍ଷତିଗ୍ରସ୍ତ ପ୍ରଜାମାନେ କିପରି ନ୍ୟାୟ ପାଇବେ ଏଥିରୁ ସରକାରୀ ବାବୁଙ୍କର କାର୍ଯ୍ୟ ଦକ୍ଷତା ଓ ସରକାରଙ୍କର ନୀୟମାବଳୀ ସନ୍ଦେହ ଘେରକୁ ଟାଣି ନେଉଛି। ତେଣୁ ରାଜ୍ୟ ସରକାର, ସଡ଼କ ପରିବହନ ମନ୍ତ୍ରୀ ଓ ଅନୁଗୋଳ ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

## ପାଣିଟ୍ୟାଙ୍କର ଧକ୍କାରେ ସ୍କୁଲ ପିଅନର ମୃତ୍ୟୁ
# ରାସ୍ତା ଉପରେ ଶବ ରଖି ପ୍ରତିବାଦ କଲେ ଛାତ୍ରଛାତ୍ରୀ



ନୀଳଗିରି,(ସବ୍ୟୁ):ରାସ୍ତା କାମରେ ଜନୈକ ଠିକା ସଂସ୍ଥାର ପାଣି ଟେଙ୍କଲୋରି ଡ୍ରାଇଭର ର ବେପରୱା ଗାଡି ଚାଳନା ପାଇଁ ପାଣି ଟେଙ୍କଲର ଧକ୍କାରେ ସ୍କୁଲର କାର୍ଯ୍ୟରତ ପିଅନର ଆଜି ପ୍ରାଣହାନି ଘଟିଛି। କ୍ଷତି ପୂରଣ ଦାବିରେ ସ୍କୁଲର ଛାତ୍ରଛାତ୍ରୀ ରାସ୍ତା ଉପରେ ଶବ ରଖି ପ୍ରତିବାଦ କରିଥିଲେ । ଦୁର୍ଘଟଣାଟି ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି-ବରଣାସାହି ୧୯ ନମ୍ବର ରାଜ୍ୟ ରାଜପଥ ବେଲିପାଳ ପେଟ୍ରୋଲ ଟାଙ୍କି ପାଖରେ। ନୀଳଗିରି ବ୍ଲକ ଗଡ଼ପିଢ଼ି ପଂଚାୟତ ଅସନବଣୀ ଗ୍ରାମର ସ୍ୱର୍ଗତ ରୁଦ୍ରୟା ସିଂଙ୍କ ପୁଅ ବାବୁଲି ବନ୍ଧୁ ସିଂ (୫୪) ବେଲିପାଳ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ପିଅନ ଥାଇ ପ୍ରତିଦିନ ଭଳି ଆଜି ସକାଳ ପ୍ରାୟ ୮,୧୫ ମିନିଟ ସମୟରେ ସ୍କୁଲ କର୍ମସ୍ଥଳ ବେଲିପାଳ ବିଦ୍ୟାଳୟ କୁ ଓଡ଼ି୦୧ କି ୨୨୪୦ ନମ୍ବର ବିଶିଷ୍ଟ ହୋଣ୍ଡା ସାଇନ ମଟର ସାଇକେଲ ରେ ଯାଉଥିଲେ। ପେଟ୍ରୋଲ ଟାଙ୍କି ନିକଟବର୍ତ୍ତୀ ରାସ୍ତା କାମରେ ନିୟୋଜିତ ଶ୍ରୀଦୁର୍ଗା କନଷ୍ଟ୍ରକସନ କମ୍ପାନୀ ପାଣି ଟେଙ୍କଲୋରି ହଠାତ ସଡ଼କ ଡକୁ ରାସ୍ତା ଉପରକୁ ଉଠିଥିଲା। ଫଳରେ ଟେଙ୍କଲର ଓ ବାଇକ ଉଭୟ ମୁହାଁ ମୁହିଁ ଧକ୍କା ହେବାରୁ ବାବୁଲି ବନ୍ଧୁ ଗାଡ଼ିରୁ ଛିଟିକି ରାସ୍ତାରେ ପଡ଼ିଥିଲେ। ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ବାବୁଲିଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସ୍ଥଳରେ ବରହମପୁର ପୋଲିସ ପହଞ୍ଚି ଟ୍ୟାଙ୍କଲୋରି ଓ ବାଇକକୁ ଜବତ କରିଥିଲା। ତେବେ ଉତ୍ୟକ୍ତ ଜନତା ଏବଂ ବିଦ୍ୟାଳୟର ଛାତ୍ର ଛାତ୍ରୀ ପୂର୍ବାହ୍ନ ୯ ଟାରୁ ୧୧,୩୦ ମିନିଟ ପର୍ଯ୍ୟନ୍ତ ରାସ୍ତା ଉପରେ ଶବରଖି ପ୍ରତିବାଦ କରିଥିଲେ ।ଗ ରାସ୍ତା ରୋକ ଫଳରେ ରାସ୍ତାର ଉଭୟ ପାଶର୍ବରେ ଗାଡ଼ି ରୋକିବା ଫଳରେ ରାସ୍ତା ଜାମ ହୋଇ ସାଧାରଣ ଜୀବନ ଯାତ୍ରା ଠପ ହୋଇଥିଲା। ସାଧାରଣ ଯାତ୍ରୀ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ପ୍ରାୟ ୧୧,୩୦ ମିନିଟ ସମୟରେ ଠିକା ସଂସ୍ଥା ର କର୍ତ୍ତୃପକ୍ଷ ଘଟଣା ସ୍ଥଳୀରେ ପହଞ୍ଚି ବୁଝାସୁଝା କରିଥିଲେ। ଦାବୀ ମୁତାବକ କମ୍ପାନୀ କ୍ଷତିପୂରଣ ବାବଦକୁ ୩ ଲକ୍ଷ ଟଙ୍କା ଏବଂ ଅନ୍ତେଷ୍ଟି କ୍ରିୟା ପାଇଁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିବାପରେ ରାସ୍ତାରୋକ ହଟିଥିଲା।ବାବୁଲି କୁ ବରହମପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।

## ପାଚେରୀ ଭାଙ୍ଗିଲେ, ପନିପରିବା ନଷ୍ଟ କଲେ ହାତୀପଲ

ଢେଙ୍କିକୋଟ, (ସବ୍ୟୁ) : ଘଟଗାଁ ବ୍ଲକ ଅନ୍ତର୍ଗତ କେନ୍ଦୁଆପଡା ଗ୍ରାମରେ ଗତକାଲି ଜଙ୍ଗଲୀ ହାତୀପଲ ଉତ୍ପାତ ଆରମ୍ଭ କରିଦେଇଛନ୍ତି । ଲୋକଙ୍କ ପନିପରିବା ନଷ୍ଟ କରିବା ସହିତ ପାଚେରି ଭାଙ୍ଗିଛନ୍ତି । ଗ୍ରାମର ବୀରବର ମହାନ୍ତ ଙ୍କର ଅନେକ କ୍ଷତି ହୋଇଛି । ସେହିପରି ହାତୀପଲ କାଳିଆ ମହାନ୍ତ, ଓ ଭାସ୍କର ମହାନ୍ତ ଙ୍କ ଘର ଭାଙ୍ଗିଛନ୍ତି । ଗ୍ରାମବାସୀ ହାତୀପଲ କୁ ଘଉଡ଼ାଇବା ପରେ ହାତୀପଲ ନିକଟବର୍ତ୍ତୀ ଜଙ୍ଗଲ ରେ ଛପି ରହିଛନ୍ତି । ବନବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚିଥିଲେବି ହାତୀପଲ କୁ ଘଉଡାଇ ପାରିନାହାନ୍ତି ।

## ଗୋଟିଏ ଦିନରେ ୩ ନାବାଳିକା ନିଖୋଜ

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକ ଧୁସୁରି ଥାନା ଅଂଚଳରୁ ଗୋଟିଏ ଦିନରେ ୩ ଜଣ ନାବାଳିକା ନିଖୋଜ ହୋଇଥିବା ଜଣାପଡିଛି। ଏଥିରେ ଯମଜ ଭଉଣୀ ରହିଥିବା ଜଣାପଡିଛି। ଗ୍ରାମୀୟ ଉଜପଦା ଅଂଚଳର ରବୀନ୍ଦ୍ର ସେଠୀଙ୍କ ୧୭ବର୍ଷୀୟା ଦୁଇ ଝିଅ ଗତ ରବିବାର ଦିନ ଠାରୁ ଘରୁ ନିକଟସ୍ଥ ମାର୍କେଟକୁ ଆସି ଫେରି ନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଧୁସୁରି ପୁଲିସ କେସ ନଂ-୫୬/୨୬ରେ ଅପହରଣ ମାମଲା ରୁଜୁ କରିଛି। ସେହିପରି କଟସାହି ପଂଚାୟତ ବେଲେମା ଗ୍ରାମ ନିକଟ ମହୀଦେବ ସାହିର ପ୍ରଶାନ୍ତ କୁମାର ପାତ୍ରଙ୍କ ୧୭ବର୍ଷୀୟା ଝିଅ ମଧ୍ୟ ଦୁଇ ଦିନ ଧରି ନିଖୋଜ ଥିବା ଅଭିଯୋଗ ହୋଇଛି। ଏନେଇ ଧୁସୁରି ଥାନାରେ କେସ ନଂ-୫୭/୨୬ରେ ଏକ ଅପହରଣ ମାମଲା ରୁଜୁ ହୋଇଛି।

## କୃମି ବଟିକା ଖାଇ ୩୦ ଛାତ୍ରଛାତ୍ରୀ ଅସୁସ୍ଥ

ଢେଙ୍କିକୋଟ ,(ସବ୍ୟୁ) :ଘଟଗାଁ ବ୍ଲକ ଅନ୍ତର୍ଗତ କେନ୍ଦୁଆପଡା ଆବାସିକ ଆଶ୍ରମ ଉଚ୍ଚ ବିଦ୍ୟାଳୟରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଉକ୍ତ ବିଦ୍ୟାଳୟର ୩୦ରୁ ଅଧିକ ଛାତ୍ରଛାତ୍ରୀ କୃମି ନାସକ ବଟିକାଖାଇ ଅସୁସ୍ଥ ହୋଇ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି ହୋଇଛନ୍ତି । ତେବେ କୃମି ବଟିକା ଖାଇ ଛାତ୍ରଛାତ୍ରୀ ଅସୁସ୍ଥ ହେବା ସହିତ ବାନ୍ତି ହେବା ମୁଣ୍ଡ ବୁଲାଇବା, ଓ ଅବେ୍ ହେବା ଲକ୍ଷଣ ଦେଖାଦେଇଥିଲା । ସଭିଙ୍କୁ ଦୁଇଘଣ୍ଟା ବିଳମ୍ବରେ ପ୍ରଧାନଶିକ୍ଷକ ଦାମୋଦର ପଣ୍ଡା ଘଟଗାଁ ମେଡିକାଲୁ ନେଇଥିଲେ । କିଛି ତୁରନ୍ତ ସୁସ୍ଥ ଅନୁଭବ କରିଥିବା ବେଳେ ଅନ୍ୟ ମାନଙ୍କୁ ସାଲାଇନ ଲାଗିଥିଲା । ଖବରପାଇ ଅଭିଭାବକ ମାନେ ଡାକ୍ତରଖାନାରେ ଭିଡ ଜମେଇଥିଲେ । ସର୍ବମୋଟ ୭୫୦ ଜଣ ଛାତ୍ରଛାତ୍ରୀ କୃମି ବଟିକା ଖାଇଥିଲେ । ମୁଖ୍ୟଡାକ୍ତର ମୁକ୍ତିକାନ୍ତ ନାୟକ ସଭିଙ୍କର ଚିକିତ୍ସା କରିଥିଲେ । କୃମି ବଟିକା ର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇଥିଲେ ।

## ଶିକ୍ଷକଙ୍କ ଘରେ ପଶିଲେ ୮ଜଣିଆ ସଶସ୍ତ୍ର ଡକାୟତି ଗ୍ୟାଙ୍ଗ
# ଶିକ୍ଷକ ଗୁରୁତର, ଗିରଫ ଡକାୟତକୁ କୋର୍ଟଚାଲାଣ

ବେତନଟୀ,(ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟା ପାଖାପାଖି ୭ ଘଟିକା ସମୟରେ ଘଟି ଯାଇଛି ଏକ ବଡ଼ ଧରଣର ଡକାୟତି । ୮ ଜଣିଆ ଡକାୟତି ଗ୍ୟାଙ୍ଗ

### ଅନ୍ୟ ସମସ୍ତ ଅଭିଯୁକ୍ତ ଗିରଫ

ଘରେ ପଶି ଘର ମାଲିକଙ୍କୁ ପ୍ରହାର ମାଡ ମାରିବା ସହ ଲୁଟି ନେଲେ ଲକ୍ଷାଧିକ ଟଙ୍କା ସହ ସୁନାଗହଣା । ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ବୁଧବାର କୋର୍ଟ ଚାଲାଣ କଲା ବୈଶିଙ୍ଗା ପୁଲିସ । ବୁଧବାର ରାତି ୮ ଘଟିକା ସୁଦ୍ଧା ଏହି ଘଟଣାରେ ଜଡିତ ଅନ୍ୟ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବା ସହ ଏ ନେଇ ଏକ ପ୍ରେସ ମିଟ କରିବ ବୈଶିଙ୍ଗା ପୁଲିସ । ପ୍ରାପ୍ତ ସୂଚନା ମୁତାବକ ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମର ଚିନ୍ମୟ ମିଶ୍ର(୫୨) ଜଣେ ସଂସ୍କୃତ ବିଭାଗର ଶିକ୍ଷକ ଅଟନ୍ତି । ସେ ମଙ୍ଗଳବାର ସନ୍ଧ୍ୟା ସମୟରେ ଗ୍ରାମ ଦେବୀ ମା ଶିତଳାଙ୍କ ମନ୍ଦିରକୁ ସନ୍ଧ୍ୟା ଆଳତୀ ପାଇଁ ଯାଇ ଘରକୁ ଫେରିଥିଲେ । ଏହି ସମୟରେ ତାଙ୍କର ସ୍ତ୍ରୀ ଶିକ୍ଷୟିତ୍ରୀ ଥିବାରୁ ସ୍ଥାନୀୟ ବାଳିକା ବିଦ୍ୟାଳୟର ହଷ୍ଟେଲକୁ ଯାଇଥିଲେ ଏବଂ ତାଙ୍କର ଦୁଇ ପୁଅ ଭୁବନେଶ୍ୱର ଯାଇଥିଲେ । ଯୋଜନାବଦ୍ଧ ଭାବେ ଶିକ୍ଷକ ଶ୍ରୀ ମିଶ୍ର ଏକୁଟିଆ ଥିବାର ସୁଯୋଗ ନେଇ ଡକାୟତି ଗ୍ୟାଙ୍ଗର ପ୍ରଥମେ ଦୁଇ ଜଣ ଘରର ବାହାର ପଟକୁ ଆସି ଶିକ୍ଷକ ଶ୍ରୀ ମିଶ୍ରଙ୍କୁ ତାଙ୍କର ସାନ ପୁଅ ପୂର୍ଣ୍ଣେନ୍ଦୁ ମିଶ୍ର(ପୁପୁନୁ ନନା) ଙ୍କୁ ଖୋଜିଥିଲେ । ସେ କହିବା ବେଳକୁ ଉକ୍ତ ୨ଜଣ ଚୋର ତାଙ୍କୁ ମାଡ ମାରି ଘର ଭିତରକୁ ଠେଲି ନେଇ ଆସିଥିଲେ । ସଙ୍ଗେ ସଙ୍ଗେ ଲୁଚି ରହିଥିବା ଅନ୍ୟ ୬ଜଣ ଚୋର ଘର



ଭିତରକୁ ପଶି ଆସିବା ସହ ଶ୍ରୀମିଶ୍ରଙ୍କୁ ପିଟିବା ସହ ମାରଣାସ୍ତ୍ର ପ୍ରହାର କରି ତାଙ୍କର ଗୋଡ଼ ହାତ ବାନ୍ଧି ଦେଇଥିଲେ । ଏହି ସମୟରେ ଶିକ୍ଷକଙ୍କ ଘରୁ ନଗଦ ଟଙ୍କା ସହ ସୁନାଗହଣା ଲୁଟି ନେଇଥିଲେ । ସେ ଚିତ୍କାର କରି ବାରୁ ସଙ୍ଗେ ସଙ୍ଗେ ସମସ୍ତ ଚୋର ବାଇକ ଯୋଗେ ଖସିଯାଇଥିଲେ। କୌଶଳ କ୍ରମେ ଜଣେ ଡକାୟତ ବାଇକ ଯୋଗେ ଯାଇପାରିନଥିଲା ଏହି ସମୟରେ ଗ୍ରାମବାସୀଙ୍କ ଦ୍ୱାରା ସେହି ଡକାୟତଟି ଧରା ପଡ଼ିଯାଇଥିଲା । ଧରିବା ମାତ୍ରେ ତାକୁ ଇଲେକ୍ଟ୍ରି ଖୁଣ୍ଟରେ ବାନ୍ଧି ଉତ୍ୟକ୍ତ ଗ୍ରାମବାସୀ ନିର୍ଘୁମ ଛେଚି ବୈଶିଙ୍ଗା ପୁଲିସକୁ ଖବର ଦେବା ସହ ଗୁରୁତର ଆହତ ଶିକ୍ଷକ ଚିନ୍ମୟ ମିଶ୍ରଙ୍କୁ ୧୦୮ ଯୋଗେ ବେତନଟୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ ପୁଣି ଗ୍ରାମବାସୀ ଧରା ପଡ଼ିଥିବା ଚୋରକୁ ଛାଡ଼ି ନଥିଲେ । ଫଳରେ ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳ ଏବଂ ଥାନାଧିକାରୀ ଶ୍ରୀ ଦାସ ଲୋକଙ୍କୁ ବୁଝାସୁଝା କରିବା ସହ ପ୍ରତିଶୃତି ଦେବା ପରେ ଯାଇ ରାତି ପ୍ରାୟ ୯.୩୦ରେ ଯାଇ ସେମାନେ ଉକ୍ତ ଚୋରକୁ ବୈଶିଙ୍ଗା ପୁଲିସକୁ ହସ୍ତାନ୍ତର କରିଥିଲେ । ଏ ନେଇ ଆହତ ଶିକ୍ଷକଙ୍କ ପୁଅ ପୂର୍ଣ୍ଣେନ୍ଦୁ ମିଶ୍ର ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ୬୩/୨୬ର ଏକ ମାମଲା ରୁଜୁ କରିବା ସହ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ଗିରଫ ହୋଇଥିବା ଅଭିଯୁକ୍ତକୁ ବିଭିନ୍ନ ଦଫାରେ ବୁଧବାର ଅପରାହ୍ନ ସମୟରେ କୋର୍ଟ ଚାଲାଣ କରିଛି ବୈଶିଙ୍ଗା ପୁଲିସ । ଅଭିଯୁକ୍ତ ଜଣକ ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଗାନ୍ଧିବେଡ଼ିର ଗ୍ରାମର ତାପସ କୁମାର ଦାଶ (୩୨) ଅଟନ୍ତି । ଏଥିରେ ଜଡିତ ଅନ୍ୟ ୭ଜଣ ଅଭିଯୁକ୍ତଙ୍କୁ ବୁଧବାର ରାତି ୮ ଘଟିକା ସୁଦ୍ଧା ବିଭିନ୍ନ ସ୍ଥାନରୁ ଗିରଫ କରିଥିବା ବେଳେ ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ । ଏହି ସମସ୍ତ ଅଭିଯୁକ୍ତ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଅଧୀନରେ ଅଟନ୍ତି । ଏହି ଘଟଣାରେ ଅଭିଯୁକ୍ତଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି । ଆସନ୍ତାକାଲି ଗୁରୁବାର ଏହି ଘଟଣାକୁ ନେଇ ବୈଶିଙ୍ଗା ପୁଲିସ ଏକ ପ୍ରେସ ମିଟ କରାଯିବା ନେଇ ସୂଚନା ମିଳିଛି ।

## ୫ ବେଆଇନ ପଥର ବୋଝେଇ ଡମ୍ପର ଜବତ

ସୋର, (ସବ୍ୟୁ) : ସୋର ତହସିଲ ପକ୍ଷରୁ ଚଢାଉ କରାଯାଇ ୫ଟି ପଥର ବୋଝେଇ ଡମ୍ପର ଜବତ କରାଯାଇ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ମଧ୍ୟାହ୍ନରେ ପଥର ଚାଲାଣ ହେଉଥିବାର ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ୧୬ ନମ୍ବର ଜାତୀୟ ରାଜପଥରେ ଚଢାଉ କରିଥିଲେ। ଏହି ସମୟରେ ବାଗୁଡିରୁ ପଥର ବୋଝେଇ କରି ଆସୁଥିବା ଓଡି ୦୪ ଏଫ ୫୫୮୫,ଓଆର ୦୯ଜି ୪୩୧୧,ଓଆର ୦୦ସି ୨୦୨୯,ଓଡି ୦୨ଏବି ୨୩୧୧ ଓ ଓଡି ୧୬ଡି ୪୯୧୪ ନମ୍ବର ବିଶିଷ୍ଟ ୫ଟି ପଥର ବୋଝେଇ ଡମ୍ପର ରାଜପଥ କଡରେ ଥିବା ଧଳ ଷ୍ଟକ ପଏଣ୍ଟ ଭିତରରେ ଲୁଚିଯାଇଥିଲେ। ଏହା ଜାଣିପାରି ତହସିଲଦାର ଶ୍ରୀ ମଲ୍ଲିକ ସେଠାରେ ଚଢାଉ କରି ୫ଟି ଡମ୍ପରକୁ ଜବତ କରିବା ସହିତ ଖଣି ଓ ପରିବହନ ବିଭାଗକୁ ଖବର ଦେଇଥିଲେ। ଜବତ ଗାଡି ଗୁଡିକୁ ତହସିଲ ଓ ଥାନା ପରିସରରେ ରଖାଯାଇଛି। ଗାଡିଗୁଡିକରୁ ଫାଇନ ଆଦାୟ ପରେ ଛଡାଯିବ ବୋଲି ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି। (ଫଟୋ)

## କଣ୍ଟେନର-କାର୍ ଧକ୍କା : ୫ ଗୁରୁତର

ସୋର, (ସବ୍ୟୁ) :ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଏକ କାର ଆଗରେ ଚାଲୁଥିବା କଣ୍ଟେନରକୁ ଧକ୍କା ଦେବା ଫଳରେ ୫ ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ ବୁଧବାର ଭୋର ସମୟରେ ଓଡ଼ି ୩୩ ଏଭି ୯୪୩୪ ବିଶିଷ୍ଟ ଏକ ଏର୍ଟିଗା କାରରେ ୫ ଜଣ ଯାତ୍ରୀ ମୟୂରଭଞ୍ଜ କୁଳିଅଣାରୁ କାକଟପୁର ଅଭିମୁଖେ ଯାଉଥିଲେ। ତଳନଗର ନିକଟରେ ଆଗରେ ଯାଉଥିବା ଏକ କଣ୍ଟେନରକୁ ଧକ୍କା ଦେବା ସହିତ ରାସ୍ତା କଡରେ ଥିବା ଏକ ଦୋକାନ ଭିତରକୁ ଗାଡିଟି ପଶିଯାଇଥିଲା। ଘଟଣା ସ୍ଥଳରୁ କଣ୍ଟେନରଟି ଫେରାର ହୋଇଯାଇଥିବା ବେଳେ କାରରେ ଥିବା ପାଞ୍ଚ ଜଣଙ୍କ ମଧ୍ୟରୁ ତିନିଜଣ ଆହତ ହୋଇଥିବା ବେଳେ ଡ୍ରାଇଭର ଓ ତାଙ୍କ ନିକଟରେ ବସିଥିବା ଯାତ୍ରୀ ଅତି ଗୁରୁତର ଆହତ ହୋଇଥିଲେ। ଖବର ପାଇ ଜାତୀୟ ରାଜପଥ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଅବସ୍ଥା ଗୁରୁତର ଥିବାରୁ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## କାନ୍ଥ କଣା କରି ସୁନା ଦୋକାନରୁ ଚୋରି

ଠାକୁରମୁଣ୍ଡା ,(ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ନିକଟ ଠାକୁରମୁଣ୍ଡା ବଜାର ରେ ଥିବା ଦୁର୍ଗା ଜୁଏଲାରୀ ଦୋକାନରୁ ମଙ୍ଗଳବାର ରାତିରେ କାନ୍ଥ କଣା କରି ସୁନା ଏବଂ ରୂପା ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମଙ୍ଗଳବାର ରାତି ପ୍ରାୟ ୮ ଟା ସମୟରେ ଦୋକାନୀ ରାଜେନ୍ଦ୍ର କୁମାର ସାହୁ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳ ୮ ଟା ସମୟରେ ରାଜେନ୍ଦ୍ର ଦୋକାନ ଖୋଲିବାକୁ ଆସି ଦେଖନ୍ତି ଦୋକାନ କାନ୍ଥ କଣା କରି ଚୋରି ସବୁ ଗହଣା ଚୋରି ହୋଇଯାଇଛି । ସଙ୍ଗେ ସଙ୍ଗେ ରାଜେନ୍ଦ୍ର ଠାକୁରମୁଣ୍ଡା ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଠାକୁରମୁଣ୍ଡା ଥାନା ଅଧିକାରୀଣୀ ସାବିତ୍ରୀ ଦଳେଇ ଘଟଣା ସ୍ଥଳରେ ପହଞ୍ଚି ତିନୋଟି ଗ୍ୟାସ ସିଲିଣ୍ଡର ଏବଂ ଗ୍ୟାସ କଟର, ପେଞ୍ଚକସ ପଡ଼ିଥିବା ଦେଖିବାକୁ ପାଇ ବାରିପଦା ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ମଗାଇଥିଲେ। ଅପରାହ୍ନ ୪ ଟା ସମୟରେ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦୋକାନୀ ଙ୍କ ଲିଖିତ ଅଭିଯୋଗ ଅନୁସାରେ ରୁପା ଗହଣା ୧୧ କିଲୋଗ୍ରାମ ସୁନା ୧୧୦ ଗ୍ରାମ ର ଅଳଙ୍କାର ସହିତ ଦୋକାନ ରେ ଲାଗିଥିବା ସିସିଟିଭି ର ହାଡଡିସ୍କକୁ ମଧ ଚୋର ମାନେ ନେଇ ଚାଲି ଯାଇଛନ୍ତି। ଠାକୁରମୁଣ୍ଡା ଥାନା କେଶ ନମ୍ବର ୧୪/୨୦୨୬ ଦଫା ୩୦୫ (ଅ)୩୩୧(୪)ବିଏନ୍ ଏସ ରେ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି ଠାକୁରମୁଣ୍ଡା ଥାନା। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଚୋରଙ୍କ କୌଣସି ସୁରାକ ମିଳିନାହିଁ।

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ,୪ ଅଟକ

ଆଗରପଡ଼ା,(ସବ୍ୟୁ):ଘରଲୋକ ଅପେରା ଦେଖୁଥିବାବେଳେ ଘରେ ପଶି ଦୁର୍ବୃର୍ତ୍ତମାନେ କଳାକନା ବୁଲାଇଲେ। ଏହି ପରି ଅଘଟଣ ଘଟିଛି ଆଗରପଡ଼ା ଥାନା ଅନ୍ତର୍ଗତ ଆଡ଼ିଆ ଗ୍ରାମରେ। ମଙ୍ଗଳବାର ଅପେରା ସୋ ଗାଁରେ ଚାଲିଛି,ନିରଞ୍ଜନ ମଲ୍ଲିକଙ୍କ ପରିବାର ଘରେ ଚାବି ଦେଇ ଅପେରା ନାଟକ ଉପଭୋଗ କରୁଛନ୍ତି। ତାଙ୍କ ପୁଅ ଆଶୁତୋଷ କୌଣସି କାରଣରୁ ବିଳମ୍ବିତ ରାତିରେ ଅପେରା ଦେଖୁ ଦେଖୁ ଘରକୁ ଆସିଥିଲେ। ସେ ଘରଦ୍ୱାର ଖୋଲା ପଡ଼ିଥିବାର ଦେଖି ଭିତରକୁ ଯିବାରୁ ତାଙ୍କୁ ଦେଖି ୨ଜଣ ଦୁର୍ବୃର୍ତ୍ତ ଚମ୍ପଟ ମାରିଥିଲେ। ଅନ୍ୟ ଜଣଙ୍କୁ ଆଶୁତୋଷ କାବୁ କରିବାକୁ ଚେଷ୍ଟା କରୁଥିବା ବେଳେ ଦୁର୍ବୃର୍ତ୍ତ ଜଣଙ୍କ ହାତରେ ଧରିଥିବା ଏକ ସ୍କ୍ରୁ-ଡ୍ରାଇଭରରେ ତାଙ୍କ ବେକକୁ ଭୂଷି ଦେଇଥିଲା। ଏହାକୁ ଭ୍ରୂକ୍ଷେପ ନକରି ଆଶୁତୋଷ ଦୁର୍ବୃର୍ତ୍ତକୁ ଜାବୋଡ଼ି ଧରି ଲୋକଙ୍କୁ ଡାକିଥିଲେ। ଲୋକମାନେ ଆସି ଦୁର୍ବୃର୍ତ୍ତକୁ ଧରି ଥାନା ଜିମା ଦେଇଥିଲେ। ନିରଞ୍ଜନଙ୍କ ଘରୁ ଆଲମୀରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣ ଓ ରୂପା ଅଳଙ୍କାର ସହ ଏଥିରେ ଥିବା ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଚୋରୀ ହୋଇଥିବାର ଜଣାପଡ଼ିଛି। ଧାମନଗର ଥାନା ଅନ୍ତର୍ଗତ ଚିଲପଦୀ ଗ୍ରାମରେ ଘର ବୋଲି ଦୁର୍ବୃର୍ତ୍ତ ପୋଲିସ ଆଗରେ କହିଛି। ଏହି ସଂପର୍କରେ ଥାନା କେସ ନଂ୩୧/୨୬ରେ ମାମଲା ରୁଜୁ କରି ନୂତନ ଥାନାଧିକାରୀ ରାଜେଶ ସେଠୀ ଅଧିକ ତଦନ୍ତ ଜାରି ରଖିଛନ୍ତି।

## କେନ୍ଦୁଝର ରିଂ ରୋଡ୍ ଜମି ଅଧିଗ୍ରହଣ ପରେ ଆରମ୍ଭ ହେବ ଟେଣ୍ଡର ପ୍ରକ୍ରିୟା : ମୁଖ୍ୟ ନିର୍ମାଣ ଯନ୍ତ୍ରୀ

କେନ୍ଦୁଝର (ସ୍ୱପ୍ର) : କେନ୍ଦୁଝରକୁ ବିକାଶପଥରେ ଆଗେଇ ନେବା ପାଇଁ ନୂତନ ମୋହନ ସରକାର ଜିଲ୍ଲା ପାଇଁ ଆଉ ଏକ ଭେଟି ଦେଇଛନ୍ତି । ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ କେନ୍ଦୁଝର ସହରର ଚତୁଃପାର୍ଶ୍ୱରେ ରିଂ ରୋଡ୍ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତ । ପୂର୍ତ୍ତ ବିଭାଗ ପକ୍ଷରୁ ସର୍ଭେ ପରେ ଏହାର ଅଟକଳ କରାଯାଇଥିଲା । ୩ଟି ପଞ୍ଚାୟତ ଦେଇ ଜାତୀୟ ରାଜପଥ ୨୦ରୁ ୪୯ ନଂ ରାଜପଥକୁ ସଂଯୋଗ କରିବ । ମୋଟ ୧୦ କିଲୋମିଟର ରାସ୍ତା ପାଇଁ ପ୍ରାକ୍ ନକସା ପ୍ରସ୍ତୁତ କରାଯାଇଛିଛ ୨୦ ନଂ ରାଜପଥର ଜାମୁ ନାଳିଆ ଠାରୁ ୪ ଲେନ୍ ରିଂ ରୋଡ୍ ୪୯ ନଂ ରାଜପଥର ଝାରବେଲଦା ନିକଟରେ ମିଶ୍ରଣ ହେବ । ଏହି ରାସ୍ତା ନିର୍ମାଣ ପାଇଁ ୪୩୯ କୋଟି ଟଙ୍କା ଏବଂ ଜମି ଅଧିଗ୍ରହଣ ପାଇଁ ୨୦୦ କୋଟି ଟଙ୍କା ଅଲଗା ବ୍ୟୟବରାଦ କରାଯାଇଛି । ଜମି ଅଧିଗ୍ରହଣ ଶେଷ ପରେ ଟେଣ୍ଡର ପ୍ରକ୍ରିୟା କରାଯାଇ ରାସ୍ତା କାମ ଆରମ୍ଭ ହେବ । ୨୦୨୯ ସୁଦ୍ଧା ରାସ୍ତା କାମ ସଂପୂର୍ଣ୍ଣ ହେବ ବୋଲି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ ମହାନ୍ତି କହିଛନ୍ତି ।

ଖଣି, ଖାଦାନ ଜିଲ୍ଲା ହୋଇଥିବାରୁ କେନ୍ଦୁଝରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଉତ୍କଟ ହେଉଛି । ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ସହିତ ଯାନବାହାନ ବଢ଼ି ଚାଲିଥିବା ବେଳେ ଖଣିଜ ପଦାର୍ଥ ବୋଝେଇ ଗାଡି ପାଇଁ ସଡ଼କ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କେନ୍ଦୁଝରରେ ଏକ ରିଂ ରୋଡ୍ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । କେନ୍ଦୁଝର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ରିଂ ରୋଡର ଶିଳାନ୍ୟାସ କରିଛନ୍ତି । ୨୦ ନଂ ରାଜପଥ ନେଙ୍କଡାଘର ଠାରୁ ଡିମ୍ୱୋ, ନେଲୁଙ୍ଗ ଦେଇ ଏହି ରିଂ ରୋଡ୍ ଝାରବେଲଦା ଠାରେ ଜାତୀୟ ରାଜପଥ ୪୯ ସହିତ ସଂଯୋଗ କରାଯିବ । ଫଳରେ ସହର ମଧ୍ୟରେ ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣରେ ସଫଳତା ମିଳିବ ବୋଲି କୁହାଯାଉଛି । ଏହି ରିଂ ରୋଡ୍ ନିର୍ମାଣ ପାଇଁ ରାଜ୍ୟ ସରକାର ଅନୁଦାନ ବ୍ୟବସ୍ଥା କରିଛନ୍ତି । ସମୁଦାୟ ୭୫.୩୦୧ ଏକର ଜମି ଦେଇ ଏହି ରାସ୍ତା ନିର୍ମାଣ କରାଯିବ । ସେଥିମଧ୍ୟରୁ ୪୧.୦୫୪ ଘରୋଇ ଜମି, ୧୮.୭୭୯ ସରକାରୀ ଜମି ଓ ୧୫.୪୬୮ ଜଙ୍ଗଲ କିସମର ଜମି ଦେଇ ରିଂ ରୋଡ୍ ନିର୍ମାଣ ହେବ । ନରଣପୁର ପଞ୍ଚାୟତର ଜାମୁନାଳିଆ, ଜଳଙ୍ଗଡିହା, ଅଲଣାପଦା ଗ୍ରାମ ଦେଇ ରାସ୍ତା ନିର୍ମାଣ ହେବ । ଡିମ୍ୱୋ ପଞ୍ଚାୟତର ଖଳପା, ତେନ୍ତୁଳିନଣ୍ଡା, ବାଇଗଣପଶି, ଡିମ୍ୱୋ ଏବଂ ଚକ ଗ୍ରାମ, ନେଲୁଙ୍ଗ ପଞ୍ଚାୟତର ନେଲୁଙ୍ଗ ଓ ଝାରବେଲଦା ମୋଟ ୧୦ଟି ଗ୍ରାମ ଦେଇ ଏହି ପ୍ରସ୍ତାବିତ ରାସ୍ତା ହେବାକୁ ଯାଉଛି । ଉକ୍ତ ରିଂ ରୋଡରେ ୧୧ଟି ବାଙ୍କ, ୩ଟି ମୁଖ୍ୟ ଛକ, ୨ଟି ସ୍ଥାନରେ ପୋଲ, ଗୋଟିଏ ସ୍ଥାନରେ ଉଡ଼ନ୍ତା ପୋଲ ଏବଂ ଗୋଟିଏ ସ୍ଥାନରେ ବନ୍ୟପ୍ରାଣୀଙ୍କ ପାଇଁ ଅଣ୍ଡରପାସ୍ ନିର୍ମାଣ ହେବ ବୋଲି ପୂର୍ତ୍ତବିଭାଗ ପକ୍ଷରୁ କୁହାଯାଇଛି । ରିଂ ରୋଡ୍ ନିର୍ମାଣପରେ ଡିମ୍ୱୋ ଓ ନେଲୁଙ୍ଗ ଅଞ୍ଚଳର ମଧ ଗୁରୁତ୍ୱ ବଢ଼ିଯିବ । ମୁମ୍ବାଇ-କଲିକତା ଯିବା ପାଇଁ ଆଉ କେନ୍ଦୁଝର ସହର ଦେଇ ଯିବା ବଦଳରେ ବାଇପାସରେ ଯାନବାହାନ ଯାତାୟାତ ଯୋଗୁ ସହର ମଧ୍ୟରେ ଦୁର୍ଘଟଣା ଅନେକ ମାତ୍ରାରେ ନିୟନ୍ତ୍ରଣ ହୋଇପାରିବ । ଏବେ ନେଙ୍କଡାଘର ଠାରୁ ରିଂ ରୋଡରେ ୪୯ ନମ୍ବର ରାଜପଥକୁ ସଂଯୋଗ ଯୋଗୁ ବିପର୍ଯ୍ୟସ୍ତ ଟ୍ରାଫିକ୍ ସମସ୍ୟା ଅନେକ ପରିମାଣରେ ହ୍ରାସ ପାଇବା ସହିତ ଅଳ୍ପ ସମୟ ମଧ୍ୟରେ ଲୋକେ ନିଜର ଗନ୍ତବ୍ୟ ପଥରେ ପହଞ୍ଚି ପାରିବେ । ଏହି ନୂତନ ରାସ୍ତାର ଆଲୋକୀକରଣ ଓ ଜନସାଧାରଣଙ୍କ ନିରାପତ୍ତା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ୮କୋଟି ଟଙ୍କା ବ୍ୟୟରେ ସୋଲାର ହାଇମାଷ୍ଟ ଲାଇଟ୍ ଲଗାଯିବ ।

ଏହି ରାସ୍ତା ଉପରେ ପଡୁଥିବା ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାର୍ଯ୍ୟରେ ରୂପାନ୍ତରଣ କରିବା ପାଇଁ, ପ୍ରସ୍ତାବିତ ରାସ୍ତା ପାଇଁ ଗଛ କାଟିବା ପାଇଁ ଓ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରିବା ପାଇଁ ୧୦କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଜମି ଅଧିଗ୍ରହଣ ୧ ବର୍ଷ ମଧ୍ୟରେ ସଂପୂର୍ଣ୍ଣ ହେବା ପରେ ଟେଣ୍ଡର କରାଯିବ । ଟେଣ୍ଡର ପ୍ରକ୍ରୀୟା ଶେଷ ହେବା ପରେ ଏହି କାମ ପାଇଁ ଚୁକ୍ତି ହେବାର ୨୪ମାସ ମଧ୍ୟରେ କାମ ସମାପ୍ତ ହେବ । ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପରେ ଏବେ ଜମି ଅଧିଗ୍ରହଣ ଆରମ୍ଭ ହୋଇଯିବଛ ଆସନ୍ତାବର୍ଷ ଜାନୁଆରୀରେ ଟେଣ୍ଡର ଆହ୍ୱାନ କରାଯିବ । ରିଂ ରୋଡ୍ ଜମି ଅଧିଗ୍ରହଣ ଜୋରସୋରରେ ଆରମ୍ଭ କରାଯିବ ବୋଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା କହିଛନ୍ତି ।

## ଚେକ୍ ବାଉନ୍ସ ମାମଲାରେ ଦଣ୍ଡିତ

ନୀଳଗିର,(ସବ୍ୟୁ):ନୀଳଗିରି ବ୍ଲକ ଅଧିନସ୍ଥ କେ ମାହାଲ ଗ୍ରାମର ହେମନ୍ତ କୁମାର ମହାନ୍ତି ଙ୍କ ସ୍ତ୍ରୀ ଶ୍ରୀମତୀ ଶିଖା ମହାନ୍ତି,ମର୍ଦ୍ଦରାଜ ପୁର ଗ୍ରାମର ମନ୍ମଥ ଆଚାର୍ଯ୍ୟ ଙ୍କ ଠାରୁ ନୂତନ ଗୃହ ନିର୍ମାଣ କରିବା ପାଇଁ୧୯-୧୨ -୨୦୨୦ ରିଖରେ ୩,୫୦,୦୦୦୦ ଟଙ୍କା ଓ ୨୦-୦୧-୨୦୨୧ ରେ ରିଖରେ, ୧,୫୦,୦୦୦ ଟଙ୍କା, ମୋଟ ୫୦୦୦୦ଲକ୍ଷ ଟଙ୍କା ଧାର ନେଇ ୬ମାସ ଭିତରେ ପରିଷଦ କରିବେ ବୋଲି ପ୍ରତିଶୃତି ଦେଇଥିଲେ।ମାତ୍ର ପରବର୍ତ୍ତୀ ଅବସ୍ଥାରେ ଧାର ଟଙ୍କା ପରିଶୋଦ କରି ନପାରି, ୨-୬-୨୦୨୨ରିଖରେ ୨ଟି ଚେକ ୫୦୦୦୦୦ ଲକ୍ଷ ଟଙ୍କା ମନ୍ମଥ ଆଚାର୍ଯ୍ୟ ଙ୍କୁ ପ୍ରଦାନ କରିଥିଲେ। ଯାହାକି ପରବର୍ତୀ ଅବସ୍ଥାରେ ଚେକ ଦୁଇଟି ବାଉନ୍ସ ହୋଇଯାଇଥିଲା । ମନ୍ମଥ ଆଚାର୍ଯ୍ୟ ଏ ନେଇ ନୀଳଗିରି ଏସଡିଜେମ ଅଦାଲତ ରେ ୬୮/୨୨ଏକମୋକଦ୍ଦମା ମୁଦାଲା ଙ୍କ ବିରୋଧ ରେ କରିଥିଲା। ଆଜି ନୀଳଗିରି ଏସ ଡି ଜିଏମ କୋର୍ଟ ରେ ଗୁରୁତ୍ୱ ପୂର୍ଣ୍ଣ ରାଏ ପ୍ରକାଶ ପାଇଛି। ମୁଦାଲା ଙ୍କୁ ଦୋଷୀ ସାବ୍ୟସ୍ତ କରି ୧,୫୦,୦୦୦ ଟଙ୍କା ଚେକ ବାବଦ କୁ ୨ଲକ୍ଷ କ୍ଷତିପୂରଣ ଦେବା ସହ ୧ବର୍ଷ ଜେଲ ଦଣ୍ଡ ଶୁଣାଣି କରିଛନ୍ତି । ସେହିପରି ୩,୫୦,୦୦୦ଟଙ୍କା ଚେକ ବାବଦକୁ ୪,୫୦,୦୦୦ ଟଙ୍କା କ୍ଷତି ପୂରଣ ମୁଦାଲାଙ୍କୁ ଦେବା ସହ ଏକ ବର୍ଷ ଜେଲ ଦଣ୍ଡ ଶୁଣାଣି କରିଛନ୍ତି। ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅମେରେନ୍ଦ୍ର ପଟ୍ଟନାୟକ ମୋକଦ୍ଦମା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଅମୀୟ କୁମାର ନାୟକ, ବିନୟ କୁମାର ପ୍ରଧାନ ସହଯୋଗ କରୁଥିଲେ।

## ବିସିଇଟିରେ ସ୍ନାତକ ଦିବସ ଓ ପୁରାତନ ଛାତ୍ର ମିଳନ ସହିତ କରିସ୍ମା-୨୦୨୬ ଉଦ୍‌ଘାଟିତ




ବାଲେଶ୍ୱର, (ସବ୍ୟୁ) : ସେରଗଡ଼ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି) ଠାରେ ଏହାର ବାର୍ଷିକ କ୍ରିଡ଼ା ଓ ସଂସ୍କୃତିର ପର୍ବ କରିସ୍ମା – ୨୦୨୬ ମହାସମାରୋହରେ ଉଦ୍ଘାଟିତ ହୋଇଯାଇଛି। ଏଥିସହିତ ଅନୁଷ୍ଠାନରୁ ନିକଟରେ ଉତୀର୍ଣ୍ଣ ହୋଇଥିବା ଛାତ୍ର-ଛାତ୍ରୀମାନଙ୍କୁ ବିପିୟୁଟି ପାସ୍ ସାର୍ଟିଫିକେଟ ପ୍ରଦାନ କରାଯାଇ ସ୍ନାତକ ଦିବସ ପାଳନ କରାଯାଇଥିଲା। ଅନୁଷ୍ଠାନର ସହ ଉପସଭାପତି ଶ୍ରୀମତୀ ରାଜଶ୍ରୀ ସ୍ୱାଇଁ, ନିର୍ଦ୍ଦେଶକ ଡ. ରତିକାନ୍ତ ସାହୁ, ଅଧ୍ୟକ୍ଷ ଡ. ଶିବେନ୍ଦ୍ର କୁମାର ଘରାଇ, ଉପାଧ୍ୟକ୍ଷ ଜ୍ୟୋତିରଞ୍ଜନ ରାଉତ, ଆଇ.କିଉ.ଏସି. ମୁଖ୍ୟ ଡ. ଧିରେନ୍ଦ୍ର କୁମାର ଜେନା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଡ. ଜ୍ୟୋର୍ତିମୟୀ ଓଜା, ଡିନ୍ ଷ୍ଟୁଡେଣ୍ଟ ଏଫୟାସରସ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ତତ୍‌ପରେ ପୁରାତନ ଛାତ୍ର ଛାତ୍ରୀମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ର ସଂସଦର ସମ୍ପାଦକ ଇଂ ସୌମ୍ୟରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ର ସଂସଦର ଉପସଭାପତି ଇଂ ସୁରେନ୍ଦ୍ର ନାଥ ଭଗତ, ଯୁଗ୍ମ ସମ୍ପାଦକ ଇଂ. ପ୍ରଦୀପ କୁମାର ମହାନ୍ତି ଓ କୋଷାଧ୍ୟକ୍ଷ ଇଂ. ତାପସ ଦାସ ଉପସ୍ଥିତ ଥିଲେ। ଛାତ୍ର ଛାତ୍ରୀମାନେ ସେମାନଙ୍କର ବିଗତ ଦିନର ସ୍ମୃତି ଉଦ୍ରେକକାରୀ ଘଟଣାବଳୀର ବ୍ୟାଖ୍ୟା କରିଥିଲେ। କରିସ୍ମା – ୨୦୨୬ର ପ୍ରାରମ୍ଭରେ ଅଗ୍ରପୂଜ୍ୟ ଭଗବାନ ଶ୍ରୀ ଗଣେଷ ଓ ଶ୍ରୀଶ୍ରୀ ସାଇନାଥଙ୍କ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବ୍ୟାସ କବି ଫକୀରମୋହନ ଏବଂ ଏଫ୍. ଏମ୍. ଇ.ସି.ଟି.ର ପ୍ରତିଷ୍ଠାତା ସ୍ୱର୍ଗତଃ ନିତ୍ୟାନନ୍ଦ ବିଶ୍ୱାଳଙ୍କର ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅନୁଷ୍ଠାନର ଉପ ସଭାପତି ଅଭିଷେକ ବିଶ୍ୱାଳ, ସହ ଉପ ସଭାପତି ଶ୍ରୀମତୀ ରାଜଶ୍ରୀ ସ୍ୱାଇଁ, ନିର୍ଦ୍ଦେଶକ ଡ. ରତିକାନ୍ତ ସାହୁ, ଅଧ୍ୟକ୍ଷ ଡ. ସିବେନ୍ଦ୍ର କୁମାର ଘରାଇ, ଉପାଧ୍ୟକ୍ଷ ଜ୍ୟୋତିରଞ୍ଜନ ରାଉତ, ଡିନ୍ ଏକାଡେମି ଇଂ. ସରୋଜ କୁମାର ପାତ୍ର, ଆଇ.କ୍ୟୁ.ଏ.ସି. ମୁଖ୍ୟ ଡ. ଧିରେନ୍ଦ୍ର କୁମାର ଜେନା ଏବଂ ଅନୁଷ୍ଠାନର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଡଉଦ୍ଘାଟିତ ହୋଇଥିଲା। ଉକ୍ତ ଉଦ୍ଘାଟନ ଉତ୍ସବରେ ବିଗତ ୨୫ ବର୍ଷର ଅଭିବୃଦ୍ଧିକୁ ନେଇ ସନ୍ତୋଷ ପ୍ରକଟ କରିବା ସହିତ ଆଗାମୀ ଦିନର ଏହାର ଉତରୋତ୍ତର କାମନା କରିଥିଲେ। ମଂଚାସୀନ ପଦାଧିକାରୀଗଣ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ନିଜ ନିଜର ମତପୋଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକମ ପ୍ରାରମ୍ଭରେ ଓଡ଼ିଶ୍ରୀ ନୃତ୍ୟଶିଳ୍ପୀ ଇପ୍‌ସିତା ପାଲ ଏବଂ ଉତ୍‌କର୍ଷ ନାୟକଙ୍କ ଭଜନରେ ଦର୍ଶକ ବିଭୋରିତ ହୋଇଯାଇଥିଲେ। ଅନୁଷ୍ଠାନର ପୂର୍ବବର୍ଷର ଛାତ୍ର ଗୀତିକାର ଇଂ ଜ୍ୟୋତିଆଦିତ୍ୟ ମିଶ୍ର ସଙ୍ଗୀତ ଏବଂ ଇଂ ଶ୍ରୀତମ କୁମାର ସିଂହ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଲୋ ରେବୀ ନାଟକଟି ବହୁ ହୃଦୟସ୍ପର୍ଶୀ ହୋଇଥିଲା। ପାରମ୍ପାରିକ ବେଶଭୂଷାରେ ସଜ୍ଜିତ ହୋଇଥିବା ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ର୍ୟାମ୍ପ ସୋ ପରିବେଷିତ ହୋଇଥିଲା। ଉକ୍ତ ଉଦ୍ଘାଟନୀ ଉତ୍ସବରେ ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ପ୍ରଶାସନିକ କର୍ମଚାରୀ ଏବଂ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟମଣ୍ଡିତ କରିଥିବାରୁ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ଟ୍ରଷ୍ଟି ତଥା ସମ୍ପାଦିକା ଶ୍ରୀମତୀ ସୁବ୍ରତା ବିଶ୍ୱାଳ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅବସରପ୍ରାପ୍ତ ଓଏମସି କର୍ମଚାରୀଙ୍କ ବୈଠକ



କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ଶୁଆକାଟି ଓଏମସି ଗନ୍ଧମାର୍ଦନ ସଭା ଗୃହରେ ଓଏମସି କର୍ମଚାରୀ ସଂଘ ଆନୁକୂଲ୍ୟରେ ଅବସରପ୍ରାପ୍ତ ଓଏମସି କର୍ମଚାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଏମସି ଗନ୍ଧମାର୍ଦ୍ଦନ ତାର ପାରିପାର୍ଶିକ ବିକାଶ ଏବଂ ଖଣିର ସୁବିଧା ଅସୁବିଧା,ଆଞ୍ଚଳିକ ସୁବିଧା ଅସୁବିଧା ଉପରେ ଚିନ୍ତନ ମନ୍ଥନ କରିବା ପାଇଁ ଅଫିସ କମ୍ୟୁନିଟି ହଲରେ ଗୋଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଆଞ୍ଚଳିକ ପ୍ରବନ୍ଧକ ପଙ୍କଜ କୁମାର ମହାନ୍ତ ଏବଂ ମାଇନ୍ସ ମ୍ୟାନେଜର ଉଦୟ ଶଙ୍କର ପଟ୍ଟନାୟକ ତଥା ସିଏସଆର୍ ନୋଡାଲ ଅଫିସର ସଂଜୀବ ସାମଲ ଗ୍ରାମବାସୀମାନଙ୍କ ଉନ୍ନତି ସହିତ ଖଣିର ବିକାଶ ଏବଂ ଆଗକୁ ଖଣି ଅଧ୍ୟୁଷିତ ଅଞ୍ଚଳର ସାର୍ବଜନୀନ ବିକାଶ କିପରି ହୋଇ ପାରିବ ଏହା ଉପରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଖଣି ପ୍ରବନ୍ଧକ ଏବଂ ସିଏସଆର୍ ନୋଡାଲ ଅଫିସରଙ୍କ ସହିତ ବିଜେପି ଜିଲ୍ଲା ସଭାପତି ତଥା ଓଏମସି କର୍ମଚାରୀ ସଂଘର ଉପଦେଷ୍ଟା ଶୁକଦେବ ମହାନ୍ତ ଯୋଗଦେଇଥିବା ବେଳେ ଖଣି ରୁ ଅବସର ଗ୍ରହଣ କରିଥିବା ଉଚ୍ଚତମ କର୍ତ୍ତୃପକ୍ଷ ଯେଉଁମାନଙ୍କର ଏହି ଖଣି ତଥା ଏହି ଅଞ୍ଚଳ ବିଷୟରେ ବିଶେଷ ଅଭିଜ୍ଞତା ରହିଛି ଏବଂ ଓଏମସି କର୍ମଚାରୀ ସଂଘ ର କର୍ମ କର୍ତ୍ତା ମାନଙ୍କୁ ନେଇ ଏହି ଖଣିରେ କାର୍ଯ୍ୟରତ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ କଲ୍ୟାଣ ପାଇଁ କିଭଳି ସୁବିଧା ସୁଯୋଗ ପ୍ରସ୍ତୁତ ହେବ ତଥା ଖଣି କ୍ଷେତ୍ରର ବିକାଶ ହେବ ସେସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ଏଥିରେ ପୂର୍ବତନ ଖଣି ପ୍ରବନ୍ଧକ ଶିବନାରାୟଣ ପାତ୍ର,ପି.ସି ମହାପାତ୍ର,ଏସ.ଏସ ବାରିକ,ପି.କେ ସାହୁ,ବିଜୟ ବେହେରା,ଅମ୍ବିକା ମହାପାତ୍ର,ଅଭିରାମ ସାହୁ, ଜଗନ୍ନାଥ ପାତ୍ର,ଶ୍ରମ ମଙ୍ଗଳ ଅଧିକାରୀ ଅର୍ଜୁନ ସାହୁ ସପନ ଭଟ ମିଶ୍ର,ଅଶୋକ ସାହୁ ଏବଂ ଓଏମସି କର୍ମଚାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ପବିତ୍ର ମୋହନ ହୋତା ଉପ ସଭାପତି ଅମୂଲ୍ୟ ସାମଲ ତଥା ବର୍ତ୍ତମାନର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ,ଉପ ସଭାପତି ରାଜୀବ କୁମାର ହୋତା ପ୍ରମୁଖ ବୈଠକରେ ସାମିଲ ହୋଇ ବିଭିନ୍ନ ବିଷୟ ରଖିଥିଲେ।

# ରଞ୍ଜନ ହତ୍ୟାକାରୀ ଗିରଫ, ପ୍ରେମିକାର ଭିଣୋଇ ମୁଖ୍ୟ ହତ୍ୟାକାରୀ

ଭଣ୍ଡାରିପୋଖରୀ,(ସବ୍ୟୁ) : ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିରିଡି ରେଲଲାଇନ ପାର୍ଶ୍ୱରୁ ଗତ ୫ରାତ୍ରରେ ଯୁବକର ମୃତଦେହ ପୁଲିସ ଉଦ୍ଧାର କରି ହତ୍ୟା ମାମଲା ରୁଜୁ କରିଥିଲା। ହତ୍ୟାର ଶିକାର ହୋଇଥିବା ବନ୍ତ ଥାନା ଅନ୍ତର୍ଗତ ଟିଲୋ କଣ୍ଟାପଡା ଗ୍ରାମର ଯୁବକ ରଞ୍ଜନ ଦାସ ଓରଫ ରାଜା(୨୦)କୁ ହତ୍ୟା ଘଟଣାକ୍ରମ ପୁଲିସ ଆଜି ଗଣମାଧମ ସମ୍ମୁଖରେ ଉନ୍ମୋଚିତ କରିଛି। ଉପଖଣ୍ଡ ପୁଲିସ ଅଧିକାରୀ ଅନିରୁଦ୍ଧ ମୁଦୁଲି ଥାନାରେ ଗଣମାଧମକୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ପୁଲିସ ସୂଚନା ମୁତାବକ ବନ୍ତ ଥାନା ଅନ୍ତର୍ଗତ ଟିଲୋ କଣ୍ଟାପଡା ଗ୍ରାମର ରଞ୍ଜନ ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିରିଡି ଗ୍ରାମର ଜନୈକା ଯୁବତୀଙ୍କୁ ପ୍ରେମ କରୁଥିଲା। ଉଭୟଙ୍କ ମଧ୍ୟରେ ଗତ କିଛି ବର୍ଷ ଧରି ଅନ୍ତରଙ୍ଗ ସମ୍ପର୍କ ଥିଲା। ମାତ୍ର ଗତ ୬ ମାସ ଧରି ପ୍ରେମିକା ପ୍ରେମ ସମ୍ପର୍କରୁ ଏକତରଫା ଭାବେ ଓହରି ଯାଇଥିଲା। ବେଙ୍ଗାଲୁରରେ ରହୁଥିବା ରଞ୍ଜନ ପ୍ରେମିକାକୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଉଦ୍ୟମ ଚଳାଇଥିଲା। ସମ୍ପର୍କର ପରିସମାପ୍ତି ପାଇଁ ପ୍ରେମିକା ଜଣକ ବେଙ୍ଗାଲୁରରେ ରହୁଥିବା ରଞ୍ଜନକୁ ବିରିଡିକୁ ଡକାଇଥିଲା। ଡାକରା ପାଇ ରଞ୍ଜନ ଗତ ୪ ତାରିଖରେ ମଞ୍ଜୁରୀରୋଡରେ ପହଞ୍ଚିଥିଲା। ପ୍ରେମିକା ଜଣକ କଲେଜରୁ ଫେରୁଥିବା ସମୟରେ ବିରିଡି ରେଳ ଧାରଣା ପାର୍ଶ୍ୱରେ ରଞ୍ଜନ ବସିଥିବା ଦେଖି ପ୍ରେମିକାର ଭିଣୋଇ କୁଲଣା ଗ୍ରାମର ନିଳମଣୀ ଓଝା(୨୩)ଙ୍କୁ ଫୋନ ଯୋଗେ ଜଣାଇଥିଲା। ନିଳମଣୀ ପ୍ରେମିକା ବଡଭଉଣୀ ସାଙ୍ଗ(ନାବାଳିକା)ଙ୍କୁ ବାଇକରେ ନେଇ ବିରିଡିରେ ପହଞ୍ଚିଥିଲେ। ପ୍ରେମିକା, ପ୍ରେମିକା ବଡଭଉଣୀ ସାଙ୍ଗ ଓ ପ୍ରେମିକାର ଭିଣୋଇ ବିରିଡି ରେଳଧାରଣା ନିକଟରେ ବସିଥିବା ରଞ୍ଜନ ପାଖକୁ ଯାଇ ୪ ତାରିଖ ଅପରାହ୍ନରେ ପ୍ରେମ ସମ୍ପର୍କରୁ ଓହରି ଯିବାକୁ ପ୍ରବର୍ତ୍ତାଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ରଞ୍ଜନ ସେମାନଙ୍କୁ ପଥର ଫିଙ୍ଗିଥିଲା। ଏହି ସମୟରେ ରଞ୍ଜନ ପଛରେ ଥିବା ପ୍ରେମିକାର ଭିଣୋଇ ନିଳମଣୀ ପଥର ଯୋଗେ ରଞ୍ଜନର ମୁଣ୍ଡ ପଛକୁ ଛେଚି ଦେଇଥିଲା। ରଞ୍ଜନ ଅଚେତ ହୋଇଯିବା ପରେ ୩ ଜଣ ଯାକ ମିଶି ଗିଲବାଡି ସହାୟତାରେ ରଞ୍ଜନ ବେକକୁ ଚିପି ମାରି ଦେଇଥିଲେ। ସେହିଦିନ ସନ୍ଧ୍ୟାରୁ ରଞ୍ଜନର ଫୋନ ବନ୍ଦ ରହିଥିଲା। ରଞ୍ଜନର ମୃତଦେହ ବିରିଡି ରେଳ ଲାଇନ ପାର୍ଶ୍ୱରେ ପଡିଥିଲା ବୋଲି ୫ ତାରିଖ ଅପରାହ୍ନ ୪ଟା ସମୟରେ ଭିଣୋଇ ସରୋଜଙ୍କୁ ସୂଚନା ମିଳିଥିଲା। ରଞ୍ଜନ ଭିଣୋଇ ସରୋଜ ଦାସଙ୍କ ଥାନାରେ ଅଭିଯୋଗ କରିଥିଲେ। ଏଥିପୂର୍ବରୁ ସଂପୃକ୍ତ ପ୍ରେମିକା ଓ ସମ୍ପର୍କୀୟମାନେ ରଞ୍ଜନକୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ଆଧାରରେ ଥାନାରେ ୬୦/୨୬ନଂ ମାମଲା ରୁଜୁ ହୋଇଥିଲା। ପୁଲିସ ଅଧିକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ଘଟଣାର ଆଖିଦେଖା ସାକ୍ଷୀ ନଥିଲା। ସନ୍ଧାନୀ କୁକୁର, ବୈଜ୍ଞାନିକ ଅନୁସନ୍ଧାନକାରୀ ଦଳ ଓ ପାରିପାର୍ଶ୍ୱିକ ପ୍ରମାଣ ଆଧାରରେ ତଦନ୍ତକାରୀ ଦଳ ହତ୍ୟାକାରୀଙ୍କ ନିକଟରେ ପହଞ୍ଚିଥିଲା। ସନ୍ଦିଗ୍ଧମାନଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ହତ୍ୟାକାରୀମାନଙ୍କୁ ମଙ୍ଗଳବାର ଗିରଫ କରାଯାଇ ହତ୍ୟାରେ ବ୍ୟବହୃତ ପଥର, ୨ଟି ଗିଲବାଡି ଓ ୪ ଟି ମୋବାଇଲ ଫୋନ ଜବତ କରାଯାଇଥିଲା। ଆଜି ସନ୍ଧ୍ୟାରେ ହତ୍ୟାକାରୀମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରୁ ନାବାଳିକା ହତ୍ୟାକାରୀ ୨ ଜଣଙ୍କୁ ଜୁଭେନାଇଲ ହୋମକୁ ପଠାଯାଉଥିବା ଜଣାଯାଇଛି। ଫାଇଲଫଟୋ-ରଞ୍ଜନ, କ୍ରାଇମସିନ ଓ ପୁଲିସ ସୂଚନା ।

(ଶ୍ରୀମଦ୍ଭଗବଦ୍ ଗୀତା ୨/୩୪)

ସାଂଖ୍ୟଯୋଗଃ

ଶ୍ରୀଭଗବାନୁବାଚ

ଅକୀର୍ତ୍ତିଞ୍ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍।
ସମ୍ଭାବିତସ୍ୟ ଚାକୀର୍ତ୍ତି ର୍ମରଣାଦତିରିଚ୍ୟତେ ।। ୩୪ ।।
ଅପି ଚ ପ୍ରାଣୀମାନେ ଚିରକାଳବ୍ୟାପୀ ତୁମର ଅଯଶ ଘୋଷଣା କରିବେ, ସମ୍ମାନିତ ଲୋକର ଅଯଶ ମରଣ ଅପେକ୍ଷା ମଧ୍ୟ ଅଧିକ ଅଟେ । ୩୪ ।।

# ଲୋକସଭା ବାଚସ୍ପତିଙ୍କ ଅନାସ୍ଥା ପ୍ରସ୍ତାବ

ଗତ ଫେବୃଆରୀ ୧୦ ତାରିଖରେ (୨୦୨୬) ଲୋକସଭାର ବାଚସ୍ପତି ଓମ ବିର୍ଲାଙ୍କ ବିରୋଧରେ କଂଗ୍ରେସ ସମେତ ମିଳିତ ବିରୋଧୀ ଦଳର ୧୧୯ ଜଣ ସାଂସଦ ଅନାସ୍ଥା ପ୍ରସ୍ତାବର ନୋଟିସ ଦେଇଛନ୍ତି । ମାତ୍ର ତୃଣମୂଳ କଂଗ୍ରେସ ଓ ଆପ୍ ଦଳ, ବିରୋଧୀ ଦଳରେ ଥିଲେ ମଧ୍ୟ ସେମାନେ କେହି ଏହି ନୋଟିସରେ ସ୍ୱାକ୍ଷର କରି ନାହାନ୍ତି । ବାଚସ୍ପତି ଶ୍ରୀ ବିର୍ଲା ଏଥିଯୋଗୁଁ ଲୋକସଭାରେ ଆଉ ଅଧ୍ୟକ୍ଷତା ନ କରି ଦୂରେଇ ରହିଛନ୍ତି । ନୀତି ଓ ଆଦର୍ଶ ତଥା ନିୟମ ଦୃଷ୍ଟିରୁ ବାଚସ୍ପତି ଶ୍ରୀ ବିର୍ଲା ଲୋକସଭା ଅଧିବେଶନରେ ଯୋଗ ନ ଦେଇ ଦୂରେଇ ରହିବା ଠିକ୍ ବୋଲି ମନେ ହେଉଛି ।

ଲୋକସଭାରେ ୧୯୮୭ ମସିହାରେ ବଳରାମ ଝାକଡ଼ ବାଚସ୍ପତି ଥିବା ସମୟରେ ତାଙ୍କ ବିରୋଧରେ ମଧ୍ୟ ଅନାସ୍ଥା ପ୍ରସ୍ତାବ ଆସିଥିଲା । ତାଙ୍କ ପୂର୍ବରୁ ଲୋକସଭାର ପ୍ରଥମ ବାଚସ୍ପତି ଜି.ଭି. ମଭଲଙ୍କରଙ୍କ ବିରୋଧରେ ୧୯୫୪ରେ ମଧ୍ୟ ଅନାସ୍ଥା ପ୍ରସ୍ତାବ ଆସିଥିଲା । ସେହିପରି ୧୯୬୬ରେ ତତ୍କାଳୀନ ବାଚସ୍ପତି ହୁକୁମ ସିଂଙ୍କ ବିରୋଧରେ ମଧ୍ୟ ଅନାସ୍ଥା ନୋଟିସ ଦିଆଯାଇଥିଲା । ମାତ୍ର ଯଥେଷ୍ଟ ସଂଖ୍ୟାରେ ସମର୍ଥନ ନଥିବାରୁ ତାହା ଲୋକସଭାରେ ହୁକୁମ ସିଂଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗ୍ରହଣୀୟ ହୋଇ ନଥିଲା । ଯେ ପର୍ଯ୍ୟନ୍ତ ଏହି ଅନାସ୍ଥା ପ୍ରସ୍ତାବ ଉପରେ ନିଷ୍ପତ୍ତି ନ ହୋଇଛି, ବାଚସ୍ପତି ଓମ ବିର୍ଲା ଲୋକସଭା ଅଧିବେଶନରେ ଅଧ୍ୟକ୍ଷତା କରିବେ ନାହିଁ । ଅନାସ୍ଥା ନୋଟିସ ଦେଇଥିବା ୧୧୯ ଜଣ ବିରୋଧୀ ସାଂସଦଙ୍କର ଏହା ଏକ ପ୍ରକାର ବିଜୟ ବୋଲି ମନେ ହେଲେ ମଧ୍ୟ, ତାହା ସାମୟିକ ବୋଲି କୁହାଯାଇ ପାରିବ । ବରଂ ଶ୍ରୀ ବିର୍ଲାଙ୍କର ଏହା ନୈତିକ ବିଜୟ ବୋଲି କୁହାଯିବ ।

ଲୋକସଭାର ବାଚସ୍ପତିଙ୍କ ବିରୋଧୀ ଦଳର ଏହି ଅନାସ୍ଥା ପ୍ରସ୍ତାବ ଦ୍ୱାରା ହଟାଇ ଦେବା ଏତେ ସହଜ ବୋଲି ମନେ ହେଉନାହିଁ । ଲୋକସଭାରେ ଏବେ ସଦସ୍ୟଙ୍କ ସଂଖ୍ୟା ୫୪୨ । ଏନ୍‌ଡିଏ (ଜାତୀୟ ଗଣତାନ୍ତ୍ରିକ ମେଣ୍ଟ)ର ସାଂସଦଙ୍କ ସଂଖ୍ୟା ୨୯୩ରୁ ଊର୍ଦ୍ଧ୍ୱ ଥିବାବେଳେ (ସାଙ୍ଗରେ ନଥିଲେ ମଧ୍ୟ ଶାସକ ଦଳ ପକ୍ଷରେ ସବୁବେଳେ ଭୋଟ ଦେଇ ଆସୁଛନ୍ତି) ସେହିପରି ବିରୋଧୀ କଂଗ୍ରେସ ଓ ସେମାନଙ୍କ ଇଣ୍ଡିମେଣ୍ଟ ସହଯୋଗୀ ଦଳକୁ ମିଶାଇଲେ ସାଂସଦମାନଙ୍କ ସଂଖ୍ୟା ୨୩୩ ହେବ । ଅବଶ୍ୟ ତୃଣମୂଳ କଂଗ୍ରେସର ୨୮ ଜଣ ସାଂସଦ ଓ ଆପ୍ ଦଳର ୩ ଜଣ ସାଂସଦ ଏହି ଅନାସ୍ଥା ପ୍ରସ୍ତାବର ନୋଟିସରେ ସ୍ୱାକ୍ଷର କରି ନାହାନ୍ତି । ଲୋକସଭା ନିୟମାବଳିର ଅନୁଚ୍ଛେଦର ୯୪ (ଗ) ଅନୁଯାୟୀ ଏଥିରେ ସ୍ୱାକ୍ଷର କରିଥିବା ୧୧୯ ଜଣ ସାଂସଦ ବଜେଟ ଅଧିବେଶନ ପରବର୍ତ୍ତୀ ବିରତି ସମୟ ପରେ ଏହି ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନାରେ ଭାଗ ନେବେ । ଲୋକସଭାର ବାଚସ୍ପତି ଶ୍ରୀ ବିର୍ଲା, ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କୁ ପ୍ରକାଶ ପାଇ ନଥିବା ଗୋଟିଏ ପୁସ୍ତକରୁ କିଛି ଅଂଶ ଉଦ୍ଧାର କରି କହିବାର ସୁଯୋଗ ଦେଇ ନଥିଲେ । କାରଣ ଭାରତର ପୂର୍ବତନ ପଦାତିକ ବାହିନୀର ସେନା ମୁଖ୍ୟ ଏମ୍.ଏମ୍. ନରଭାଣେଙ୍କଦ୍ୱାରା ଲିଖିତ ଏକ ପୁସ୍ତକ ଯାହା ଭାରତରେ ପ୍ରକାଶିତ ହୋଇନାହିଁ, ରାହୁଲ ଗାନ୍ଧି ତାହାର ଦୃଷ୍ଟାନ୍ତ ଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ କିଛି କହିବାକୁ ଚାହୁଁଥିଲେ । ପୁସ୍ତକରୁ କିୟଦଂଶ ଅବଶ୍ୟ 'କାରାଭାନ' ପତ୍ରିକାରେ ପ୍ରକାଶ ପାଇଥିଲା । ଲୋକସଭା ନିୟମାବଳିର ଅନୁସରଣ କରି ବାଚସ୍ପତି ଶ୍ରୀ ବିର୍ଲା ଅନୁଚ୍ଛେଦ ୯୬ (୧) ଅନୁଯାୟୀ ଲୋକସଭାର ଏହି ଅଧିବେଶନରେ ସଭାପତିତ୍ୱ କରୁନାହାନ୍ତି । ଅବଶ୍ୟ ନୋଟିସଟି ଲୋକସଭାରେ ଗୃହୀତ ହୋଇନାହିଁ । ମାତ୍ର ଶ୍ରୀ ବିର୍ଲା ଲୋକସଭାରେ ଅଧ୍ୟକ୍ଷତା ନ କରିବାକୁ ନିଷ୍ପତ୍ତି ନେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

କଂଗ୍ରେସ, ଡି.ଏମ୍.କେ ଓ ସମାଜବାଦୀ ପାର୍ଟିର ସାଂସଦମାନେ ଏହି ଅନାସ୍ଥା ପ୍ରସ୍ତାବ ନୋଟିସ ଜରିଆରେ ବାଚସ୍ପତିଙ୍କୁ ବହିଷ୍କାର କରିବାକୁ ଚାହୁଁଛନ୍ତି । ଟି.ଏମ୍.ସି. ବା ତୃଣମୂଳ କଂଗ୍ରେସ ବିରୋଧୀ ଦଳରେ ଥିଲେ ମଧ୍ୟ ଏଥିରେ ସ୍ୱାକ୍ଷର କରିନାହାନ୍ତି । ତୃଣମୂଳ କଂଗ୍ରେସ ୨୮ ଜଣ ସାଂସଦ ଏହି ଅନାସ୍ଥା ପ୍ରସ୍ତାବର ଭୋଟରେ ଭାଗ ନେବ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ । ଯଦି ତୃଣମୂଳ କଂଗ୍ରେସ ଭୋଟ ଦେବାରୁ ବିରତ ରହେ, ତେବେ କଂଗ୍ରେସ ଓ ଇଣ୍ଡି ମେଣ୍ଟର ଭୋଟ ଦେବାକୁ ଥିବା ସାଂସଦଙ୍କ ସଂଖ୍ୟା ୨୦୭ ହେବ । ଯଦିଓ ତୃଣମୂଳ କଂଗ୍ରେସ ଇଣ୍ଡିମେଣ୍ଟ ସହ ମିଶି ଅନାସ୍ଥା ପ୍ରସ୍ତାବରେ ଭୋଟ ଦିଏ, ତଥାପି ଇଣ୍ଡି ମେଣ୍ଟର ସଂଖ୍ୟା ଯଥେଷ୍ଟ ହେବ ନାହିଁ ବୋଲି ମନେ ହେଉଛି । ଲୋକସଭାର ଏହି ଅଧିବେଶନ ଫେବୃଆରୀ ୧୩ ଯାଏଁ ଚାଲିବା ପରେ ବିରତି ଆରମ୍ଭ ହେବ ଏବଂ ପୁନର୍ବାର ଗୃହର ଅଧିବେଶନ ମାର୍ଚ୍ଚ ୯ରୁ ଆରମ୍ଭ ହେବ । ଏନ୍.ଡି.ଏ.ର ୨୯୩ ସାଂସଦ ଏହି ଅନାସ୍ଥା ପ୍ରସ୍ତାବକୁ ବିରୋଧ କଲେ, ଇଣ୍ଡିମେଣ୍ଟ ପକ୍ଷରେ ଏହି ପ୍ରସ୍ତାବ ଜରିଆରେ ଲୋକସଭାର ବାଚସ୍ପତି ଶ୍ରୀ ବିର୍ଲାଙ୍କୁ ବହିଷ୍କାର କରିବା ସହଜ ହେବ ନାହିଁ । ମାତ୍ର ଗଣଯୋଗାଯୋଗ ମାଧ୍ୟମରେ ଏପରି ଏକ ପ୍ରସ୍ତାବ ଆସିଥିଲା ଓ ଏହା ହେବା ପର୍ଯ୍ୟନ୍ତ ବିରୋଧୀ ଦଳଗୁଡ଼ିକ ସାମାନ୍ୟ ଉଷ୍ମତା ଅନୁଭବ କରିବେ, ଏଥିରେ ସନ୍ଦେହ ନାହିଁ ।

କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ,
ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।
ମହାତ୍ମା ଗାନ୍ଧି

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ଆଜିର ଅନୁଚିନ୍ତା:

# 'ସଂପଦ କାଳେ ସର୍ବେ ସଖା'



ରତ୍ନାକର ରାଉତ

ଓଡ଼ିଶାର ଗ୍ରାମାଞ୍ଚଳରେ ଗୋଟିଏ ଲୋକକଥା ବହୁଳ ଭାବରେ ପ୍ରଚଳିତ ଅଛି, 'ପୁଷ ମାସରେ ମୂଷା ମାନଙ୍କର ହଜାରେ ପତି' । ଏହି ସମାନ ଭାବ ସଂପର୍କରେ ଖୁବ୍ ଲୋକପ୍ରିୟ ଭାଗବତ ବାଣୀ ମଧ୍ୟ ଅଛି,

*'ସଂପଦ କାଳେ ସର୍ବେ ସଖା/*
*ବିପଦେ ନ ଦିଅନ୍ତି ଦେଖା ।'*

କ୍ଷମତା, ଧନସଂପଦ ଓ ଯୌବନରେ ଯେତେବେଳେ ମଣିଷ ପ୍ରମତ୍ତ ହୋଇଯାଏ, ସେତେବେଳେ ଅନେକ ବନ୍ଧୁ, ସହଯୋଗୀ, ଶୁଭାକାଂକ୍ଷୀମାନଙ୍କର ଖୁବ୍ ଭିଡ଼ ଲାଗେ । ରୋଗ ଶରୀର ମଧ୍ୟକୁ କେଉଁ ବାଟରେ ପଶିଆସିଲା ପରି, ସେହି ମତଲବୀ ଲୋକମାନେ ମଣିଷ ସହିତ କେଉଁ ଫନ୍ଦିରେ ଆସି ସଂପର୍କୀୟ ହୋଇ ଯୋଡ଼ି ଯାଆନ୍ତି, ସେହି ସମୟରେ ପଦାଧିକାରୀ ମଣିଷକୁ ସେ ଭେଦ ଆଦୌ ଜଣାପଡ଼େନି । ପରନ୍ତୁ ସେମାନଙ୍କୁ ସେ ଦୂରେଇ ଦେବ କଣ ବରଂ ଅତି ନିଜର, ଆପଣାର ଭାବି ସେମାନଙ୍କୁ ସେ ଆପଣେଇ ନେବାର ପ୍ରାୟତଃ ଦେଖାଯାଏ ।

ମାତ୍ର ଯେତେବେଳେ ସମୟର ଅବଲୀଳା କ୍ରମେ କ୍ଷମତା, ପ୍ରତିପତ୍ତି, ପ୍ରତିଷ୍ଠା ଓ ଧନ ସଂପଦ ମଣିଷ ପାଖରୁ ଅପସରି ଯାଏ, ସେତେବେଳେ ସେହି ଲୋକମାନଙ୍କ ମଧ୍ୟରୁ କାହାର ଦେଖା ନ ଥାଏ । ବିପଦ ଆପଦରେ ପଡ଼ିଲେ, ରୋଗଶୋକ ଭୋଗିଲେ ଅବା ଦୁର୍ଭାଗ୍ୟବଶତଃ ଅସହଣୀୟ ଆର୍ଥିକ ସଂକଟର ସମ୍ମୁଖୀନ ହେଲେ ସେ ହତଭାଗ୍ୟ ମଣିଷକୁ ନିଜର ସବୁ ବୋଝକୁ ନିଜେ ଏକା ଏକା ବୋହି ଜିଇଁବାକୁ ପଡ଼େ । ସେତେବେଳେ ସେହି ପୁରୁଣା ଲାଭାର୍ଥୀମାନଙ୍କ ମଧ୍ୟରୁ କାହାରି ସହଯୋଗର ହାତ ଅମାବାସ୍ୟାର ଜହ୍ନ ପରି ଦୁଷ୍ପ୍ରାପ୍ୟ ହୋଇଯାଏ । ସଂକଟ ସମୟରେ ସେଦିନର କାମିୟାବ ମଣିଷ ଅତୀତ କଥାକୁ ଭାଳି ମନସ୍ତାପ ଓ ପଶ୍ଚାତାପ କରେ ଏବଂ ଖୁବ୍ ଦୁଃଖ ପାଏ ।

ଭକ୍ତକବି ମଧୁସୂଦନ ରାଓଙ୍କ ନିମ୍ନୋକ୍ତ ପଂକ୍ତିଟି ପ୍ରତ୍ୟେକ ସଂସାରୀ ମଣିଷଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ଓ ଉପାଦେୟ ।

*'ବାଲ୍ୟ କାଳୁ ଧନ ଧର୍ମ ମୁଁ ସଂଚିବି/*
*ଏ ଜୀବନ ଅନିଶ୍ଚିତ/*
*କେଜାଣି କାହାର କାଳି ମୃତ୍ୟୁ କାଳ /*
*ହୋଇଯିବ ଉପଗତ ।'*

ଏହି ପଦରେ ସଭଙ୍କ ନିମନ୍ତେ କବିଙ୍କର ବାର୍ତ୍ତା ହେଲା, ବାଲ୍ୟ କାଳରୁ ସଭିଏଁ ଧର୍ମ ରୂପକ ଧନ ଅର୍ଜନ କରି ନିଜ ପାଇଁ ସଞ୍ଚୟ କରିବା ଉଚିତ । କାରଣ ସଂସାରରେ ମଣିଷର ଜୀବନ ଅନିଶ୍ଚିତ । କେତେଦିନ କିଏ ଏହି କ୍ଷଣସ୍ଥାୟୀ ଅଳୀକ ଦୁନିଆରେ ବଞ୍ଚିରହିବ ତାହା କାହାକୁ ଜଣାନାହିଁ । ହୁଏତ ଆଜିର ଏହି ଜୀବନ ଆସନ୍ତା କାଲିକୁ ନ ଥିବ । ଭକ୍ତକବିଙ୍କ ନିମ୍ନୋକ୍ତ ପଦରେ ଜୀବନର ଅଳୀକତାକୁ ଅତି ସୁନ୍ଦର ଭାବେ ପରିବେଷଣ କରାଯାଇଛି,

*'ରେ ଆତ୍ମନ୍ ନିଦ୍ରା ପରିହରି/*
*ଫେଡ଼ି ଚିନ୍ତାର ଲୋଚନ /*
*କର କର ନିରୀକ୍ଷଣ/*
*ନିଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି/*
*ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରି/*
*କି ବେଗରେ ଯାଉ ଅଛି ଚାଲି ।'*

ତେଣୁ ଉଚ୍ଛୁର ନ କରି ନିଜର ମହତ କର୍ମ ବଳରେ ପିଲାଟି ଦିନରୁ ଧର୍ମ ଅର୍ଜନ କଲେ, ତାହା ଜୀବନକୁ ମହିମାନ୍ୱିତ କରିଥାଏ ଏବଂ ବର୍ତ୍ତମାନର ଜୀବନକୁ ମଙ୍ଗଳମୟ କରିବା ସହିତ ଭଲ କର୍ମଫଳ ପ୍ରାରବ୍ଧ ଭାବେ ପରଜନ୍ମର ସମ୍ବଳ ରୂପେ ସାଥୀରେ ଯାଇଥାଏ ।

ଶରୀର କ୍ଷୟିଷ୍ଣୁ, ମାତ୍ର ଜୀବନ ଏକ ନିରନ୍ତର ପ୍ରବାହ, ତେଣୁ ତାହାର ଆଦୌ ଅନ୍ତ ନ ଥାଏ । ମଣିଷ ସଂସାରକୁ ଆସିଲା ବେଳେ ଏକା ଆସିଥାଏ, ସାଥୀରେ ପୂର୍ବଜନ୍ମର ସଂସ୍କାର ଓ ପ୍ରାରବ୍ଧ ବ୍ୟତିରେକ ଆଉ କେହି ଆସି ନ ଥାନ୍ତି, ଠିକ୍ ସେହିପରି ଏଠାରୁ ବାହୁଡ଼ିଯିବାବେଳେ ସାଥୀରେ କେହି ଯାଆନ୍ତି ନାହିଁ, କେବଳ ଯିବାବେଳେ ପୁଞ୍ଜି ଭାବେ ସାଥୀରେ ଥାଏ ନିଜର ଅର୍ଜିଥିବା ଧର୍ମ ଅର୍ଥାତ୍ ଭଲ କର୍ମଫଳ ଓ ସଂସ୍କାର, ଯାହା ପ୍ରାରବ୍ଧ ଭାବରେ ପରଜନ୍ମକୁ ସୁଗମ ଓ ସୁଖମୟ କରିଥାଏ ।

**ଶରୀର କ୍ଷୟିଷ୍ଣୁ, ମାତ୍ର ଜୀବନ ଏକ ନିରନ୍ତର ପ୍ରବାହ, ତେଣୁ ତାହାର ଆଦୌ ଅନ୍ତ ନ ଥାଏ । ମଣିଷ ସଂସାରକୁ ଆସିଲା ବେଳେ ଏକା ଆସିଥାଏ, ସାଥୀରେ ପୂର୍ବଜନ୍ମର ସଂସ୍କାର ଓ ପ୍ରାରବ୍ଧ ବ୍ୟତିରେକ ଆଉ କେହି ଆସି ନ ଥାନ୍ତି, ଠିକ୍ ସେହିପରି ଏଠାରୁ ବାହୁଡ଼ିଯିବାବେଳେ ସାଥୀରେ କେହି ଯାଆନ୍ତି ନାହିଁ, କେବଳ ଯିବାବେଳେ ପୁଞ୍ଜି ଭାବେ ସାଥୀରେ ଥାଏ ନିଜର ଅର୍ଜିଥିବା ଧର୍ମ ଅର୍ଥାତ୍ ଭଲ କର୍ମଫଳ ଓ ସଂସ୍କାର, ଯାହା ପ୍ରାରବ୍ଧ ଭାବରେ ପରଜନ୍ମକୁ ସୁଗମ ଓ ସୁଖମୟ କରିଥାଏ ।**

ଏହା ଆମ ସନାତନ ଧର୍ମର ମୂଳକଥା, ଯେଉଁଠି ବିଶ୍ୱାସ ଅଟଳ ଥାଏ ପୂର୍ବ ଓ ପରଜନ୍ମରେ ଏବଂ ଏହି ଗୋଟିଏ ଜନ୍ମରେ ସବୁକିଛି ଆରମ୍ଭ ଓ ଶେଷ ହୋଇଯାଏ ନାହିଁ । ତେଣୁ ମୋହ ମାୟା ଭରା ସଂସାରରେ କେହି କାହା ସହିତ ସାଥୀ ହୋଇ ଏଠାରୁ ଯାଆନ୍ତି ନାହିଁ କିମ୍ବା ଏଠାରେ ନିଜ ମାଲିକାନାରେ ଥିବା ଏବଂ ମୋର ନିଜସ୍ୱ ବୋଲି ଦାବୀ କରୁଥିବା କୌଣସି ପାର୍ଥିବ ବସ୍ତୁକୁ ସାଥୀରେ ନେଇଯାଇ ହୁଏ ନାହିଁ ।

ମଣିଷ ଏକୁଟିଆ ଆସିଥାଏ ଏବଂ ଶେଷରେ ଯିବାବେଳେ ଏକୁଟିଆ ସଭିଙ୍କୁ ଓ ସବୁକିଛି ଏଠାରେ ଛାଡ଼ିଦେଇ ବାହୁଡ଼ିଯାଏ । ଜୀବନର ଏହି ଅନିଶ୍ଚିତ ଯାତ୍ରାକୁ ଦୃଷ୍ଟିରେ ରଖି କବି ସଂସାରରେ ଜୀବନକୁ କିପରି ସଫଳ ଓ ସୁନ୍ଦର କରାଯାଇ ପାରିବ, ସେହି ମାର୍ଗ ପ୍ରଦର୍ଶନ କରିଛନ୍ତି ।

ଅତଏବ ପ୍ରତ୍ୟେକ ନିଜ ଜୀବନର ପ୍ରାକ୍ କାଳରୁ ବୁଝିଯିବା ବାଞ୍ଛନୀୟ, କ୍ଷମତା, ପ୍ରତିପତ୍ତି, ଧନସଂପତ୍ତି ଓ ଯୌବନ ସବୁ କ୍ଷଣସ୍ଥାୟୀ ।

*'ସୁଖ ବୋଲି ଯାହା ଜନନେତ୍ରେ ଦିଶେ/*
*ହାତେଆସେ ହାତୁଁ ପଡ଼ିବା ପାଇଁ ସେ/*
*ସୁଖ ନୁହଁଇଟି ଅଟଇ ସେ ଧୂମ/*
*ଅନ୍ୟ ନାମ ତାର ଆକାଶ କୁସୁମ ।'*

କେବଳ ନିଜ ଜୀବନ ସତ୍ୟ ଆଉ ସବୁ ମିଥ୍ୟା, ଅବାସ୍ତବ, ଅଳୀକ ଓ ଭ୍ରମ ।

ସବୁବେଳେ ସଂସାରରେ ମଣିଷ ଏକୁଟିଆ, ଏକଲା । ସେ ଏକା ଏକା ଆସିଛି ସଂସାରକୁ, ଏକା ଏକା ସବୁ ଦୁଃଖ, ସୁଖ ଭୋଗିବ ଏବଂ ପରିଶେଷରେ ଏକା ଏକା ବାହୁଡ଼ିଯିବ ଏ ସଂସାରରୁ । କେହି ତାର ବ୍ୟକ୍ତିଗତ ପୀଡ଼ା ଓ ଦୁଃଖ କଣଣ ଲାଘବ କରିପାରିବେ ନାହିଁ ।

ତେଣୁ ସଂସାରରେ ସଂପର୍କ ଓ ସହଯୋଗର ଆଶା ବହୁତ ବଡ଼ ଭ୍ରାନ୍ତି । ସେ ଭ୍ରାନ୍ତିରୁ ମୁକୁଳି ପାରିଲେ ଜୀବନରୁ ନାନାଦି ବିଭ୍ରାନ୍ତି ଓ ନିରାଶା ଦୂରେଇ ଯିବ ଏବଂ ବ୍ୟକ୍ତି ତା' ଜୀବନକାଳରେ ସଫଳ ସାମାଜିକ ଓ ସାଂସାରିକ ଜୀବନ ଜିଇଁ ପାରିବ । କେବଳ କାମନା ନୁହେଁ, ପ୍ରତ୍ୟାଶା ହିଁ ଅନେକ ସମୟରେ ମଣିଷର କଠିନ ଦୁଃଖର କାରଣ ହୋଇଥାଏ । ବିଖ୍ୟାତ କବି କାଜି ନଜରୁଲ ଇସଲାମ ସେଥିପାଇଁ ଉଦ୍‌ଘୋଷଣା କରିଥିଲେ, ସବୁରି ଉପରେ ମନୁଷ୍ୟ ସତ୍ୟ, ତା' ଉପରେ ଆଉ କିଛି ନାହିଁ । ତେଣୁ ସଂସାରରେ ମଣିଷର ନିଜର ସର୍ବାଙ୍ଗୀନ ବିକାଶହିଁ ସମାଜର ସାମଗ୍ରିକ ବିକାଶରେ ସହାୟକ ହୋଇଥାଏ ।

**(ଶ୍ରୀ ରାଉତ ଜଣେ କବି ଓ ସମାଲୋଚକ ତଥା ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ)**

ଭୁବନେଶ୍ୱର
ମୋ- ୯୪୩୭୦୩୮୨୨୮୧

# ଆୟୁର୍ବେଦର ଉତ୍କୃଷ୍ଟ ରସାୟନ ଶିଳାଜୀତ



ଡାକ୍ତର ଦୀନବନ୍ଧୁ ମହାରଣା

ଆୟୁର୍ବେଦୀୟ ଚିକିତ୍ସାରେ ଅନେକ ରୋଗର ଉପଚାର ପାଇଁ ବ୍ୟବହୃତ ହେଉଥିବା ଏକ ଉତ୍କୃଷ୍ଟ ରସାୟନ ଦ୍ରବ୍ୟ ହେଉଛି- ଶିଳାଜୀତ । ଗ୍ରୀଷ୍ମଋତୁରେ ପ୍ରଚଣ୍ଡ ସୂର୍ଯ୍ୟକିରଣ ଉତ୍ତପ୍ତ ହିମାଳୟର ଶିଳାଖଣ୍ଡରୁ କଳା ଆଲକାତାର ସଦୃଶ ଯେଉଁ ଗାଢ଼ାସ୍ରାବ ବାହାରିଥାଏ, ତାହା ହେଉଛି ଶିଳାଜୀତ । ଏହି କଳା ରଙ୍ଗଯୁକ୍ତ ମୃଦୁ, ଭାରୀ, ଚିକ୍କଣ ତଥା କଟୁ ରସଯୁକ୍ତ ଦ୍ରବ୍ୟ ଶିଳାଜୀତକୁ ଆସଫାଲ୍‌ଟ କୁହାଯାଏ। ଏହି ପ୍ରକୃତିଜାତ ଦ୍ରବ୍ୟ ମଧ୍ୟରେ ରହିଛି ଶରୀର ପାଇଁ ଅତ୍ୟାବଶ୍ୟକ ଅନେକ ଖଣିଜ ଦ୍ରବଣ ଓ ପୋଷକତତ୍ତ୍ୱ ।

ବିଗତ ୩୫୦୦ ବର୍ଷଧରି ଆୟୁର୍ବେଦୀୟ ଚିକିତ୍ସା ପରମ୍ପରାରେ ବୈଦ୍ୟମାନେ ଶିଳାଜୀତକୁ ଔଷଧ ରୂପେ ଉପଯୋଗ କରି ଆସୁଛନ୍ତି । ବିଭିନ୍ନ ପ୍ରାଚୀନ ଆୟୁର୍ବେଦ ଗ୍ରନ୍ଥରେ ଏହାର ଉଚ୍ଚପ୍ରଶଂସା କରାଯାଇଛି ।

ଆୟୁର୍ବେଦ ଗ୍ରନ୍ଥ ଅନୁସାରେ ଶିଳାଜୀତ କଫ, ମୂତ୍ରପଥୁରୀ, ମଧୁମେହ, ମୂତ୍ରରୋଗ, କ୍ଷୟ ବା ଯକ୍ଷ୍ମା, ବାତରକ୍ତ, ଅର୍ଶ, ପାଣ୍ଡୁରୋଗ (ରକ୍ତହୀନତା), ଅପସ୍ମାର, ଉନ୍ମାଦ, ସର୍ବାଙ୍ଗଶୋଥ, କୁଷ୍ଠ, କୃମି ତଥା ଉଦର ରୋଗକୁ ନଷ୍ଟ କରୁଥିବା ଏକ ଅତି ଉତ୍କୃଷ୍ଟ ଔଷଧ ଅଟେ । ଏହାକୁ ନିୟମିତ ସେବନ କରି ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟ ଓ ପୌରୁଷହାନୀ ତଥା ଦୁର୍ବଳତାକୁ ଦୂର କରାଯାଇପାରିବ । ଯୌନ କ୍ଷମତା ବୃଦ୍ଧି ପାଇଁ ମଧ୍ୟ ଏହା ଉପଯୋଗୀ ପ୍ରମାଣିତ ହୋଇଛି । ଏଥିରେ ପୌରୁଷ ଶକ୍ତି ବୃଦ୍ଧି, ବହୁମୂତ୍ର ଏବଂ ମୂତ୍ରାଶୟ ଶିଥିଳତା ତଥା ପୌରୁଷ ଗ୍ରନ୍ଥି ବୃଦ୍ଧି ଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାର ଅଦ୍‌ଭୁତ ଔଷଧୀୟ ଗୁଣ ରହିଛି ।

ଆୟୁର୍ବେଦର ସୁପ୍ରସିଦ୍ଧ ଶାସ୍ତ୍ରକାର ମହର୍ଷି ବାଣଭଟ୍ଟ ମଧୁମେହ ବା ବହୁମୂତ୍ର ରୋଗ ନିବାରଣରେ ଶିଳାଜୀତର ଅଦ୍ଭୁତ ଗୁଣ ତଥା ପ୍ରଭାବର ଉଚ୍ଚପ୍ରଶଂସା କରି ଉଲ୍ଲେଖ କରିଛନ୍ତି ଯେ- 'ଯେଉଁ ବ୍ୟକ୍ତି ମଧୁମେହରେ ପୀଡ଼ିତ ହୋଇଥିବେ କିମ୍ବା ଯେଉଁ ରୋଗୀର ମଧୁମେହ ରୋଗର ଅତି ଜଟିଳ ଅବସ୍ଥାରେ ଉପନୀତ ହୋଇଥିବ, ଯଦି ସେହି ରୋଗୀ ପ୍ରତିଦିନ ୧୫-୨୦ ଗ୍ରାମ ମାତ୍ରାରେ ଶୁଦ୍ଧ ସୂର୍ଯ୍ୟତାପୀ ଶିଳାଜୀତ ସେବନ କରିବେ ତେବେ ୩-୫ ମାସ ମଧ୍ୟରେ ନିଶ୍ଚିତ ରୂପେ ନିଜ ରୋଗରୁ ମୁକ୍ତ ହୋଇପାରିବେ ଏବଂ ପୁନର୍ବାର ନବଯୁବକ ଭଳି ଶକ୍ତି ପ୍ରାପ୍ତ କରିପାରିବେ । ସେହିପରି ବିଧିପୂର୍ବକ ଶିଳାଜୀତ ସେବନ କରି ଦୁର୍ବଳତା, ଭ୍ରମ, ଶ୍ୱାସ, ପ୍ଲୀହାବୃଦ୍ଧି, ଧମନୀ କାଠିନ୍ୟ, ଅର୍ଶ, ଉଦରକୃମି, ଅଗ୍ନିମାନ୍ଦ୍ୟ ଓ ନପୁଂସକତା ଆଦି ଯାବତୀୟ ରୋଗ ବିକାରରୁ ମୁକ୍ତି ମିଳିଥାଏ ।

ଆୟୁର୍ବେଦାଚାର୍ଯ୍ୟ ମହର୍ଷି ଚରକ ଶିଳାଜୀତର ବହୁମୁଖୀ ଔଷଧୀୟଗୁଣ ଓ ଉପଯୋଗୀତା ବିଷୟରେ ନିଜସ୍ୱ ଯୁକ୍ତି ସ୍ଥାପନ କରିଛନ୍ତି ଯେ- 'ସଂସାରରେ ଏହିପରି କୌଣସି ରୋଗ ନାହିଁ, ଯାହାକି ଯୋଗ୍ୟ ଅନୁପାନ ଓ ଉଚିତ୍ ପଥ୍ୟ ପାଳନ ସହିତ ଶୁଦ୍ଧ ଊଳାଜୀତ ସେବନ ଦ୍ୱାରା ଆରୋଗ୍ୟ ହୋଇ ପାରିବ ନାହିଁ । ସେହିପରି ଆୟୁର୍ବେଦର ପ୍ରାୟ ସମସ୍ତ ଗ୍ରନ୍ଥରେ ଶିଳାଜୀତର ଔଷଧୀୟ ଗୁଣର ଉଚ୍ଚ ପ୍ରଶଂସା କରାଯାଉଛି ।

ଆଧୁନିକ ଚିକିତ୍ସା ବିଜ୍ଞାନ ଦ୍ୱାରା ମଧ୍ୟ ଶିଳାଜୀତର ଔଷଧୀୟ ଗୁଣବତ୍ତା ପ୍ରମାଣ ସିଦ୍ଧ ହୋଇଛି । ଏହା ବିଷୟରେ ରୁଷ ଦେଶର 'ଲେନିନ୍‌ଗ୍ରାଡ୍ ମେଡ଼ିକାଲ ଇନ୍‌ଷ୍ଟିଚ୍ୟୁଟ୍'ର ଡାକ୍ତର ପୀ-ଦେନୀସେଙ୍କୁ ନିଜର ଦୀର୍ଘଦିନର ଗବେଷଣା ପରେ ପ୍ରମାଣ କରି ଦେଖାଇଛନ୍ତି ଯେ ମାଂସପେଶୀ, ସ୍ନାୟୁମଣ୍ଡଳୀ ଓ ଅସ୍ଥିସମ୍ବନ୍ଧୀୟ ରୋଗରେ ଶିଳାଜୀତ ଅତ୍ୟନ୍ତ ଉପଯୋଗୀ ଅଟେ ।

କେବଳ ସେତିକି ନୁହେଁ, ମାଂସକ୍ଷୀଣତା, ସନ୍ଧିଶୂଳ, ଅସ୍ଥିକ୍ଷୟ (ଅଷ୍ଟିଓପୋରୋସିସ) ଓ ସ୍ନାୟୁବିକ ଦୁର୍ବଳତା ଭଳି ଅତି ସଙ୍କଟଜନକ ପରିସ୍ଥିତିରେ ମଧ୍ୟ ଏହା ଶୀଘ୍ର ଆରୋଗ୍ୟ ପ୍ରଦାନ କରିଥାଏ । ସେହିପରି ଡାକ୍ତର ଭି.ରୀସ ନାମକ ଅନ୍ୟ ଜଣେ ପାଶ୍ଚାତ୍ୟ ଚିକିତ୍ସା ବିଜ୍ଞାନୀ ପେଟର ବ୍ରଣ ରୋଗରେ ଶିଳାଜୀତ ସେବନ ଦ୍ୱାରା ୮୦ ପ୍ରତିଶତ ଆରୋଗ୍ୟ ଲାଭ କରିବା ପ୍ରମାଣ କରିଛନ୍ତି । କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ଏହା ସହାୟକ ହେଉଥିବାରୁ ମେଦବହୁଳଗ୍ରସ୍ତ ବା ମୋଟା ଲୋକମାନେ ନିଜର ଓଜନ କମାଇବା ପାଇଁ ଏହାକୁ ଔଷଧ ଭାବରେ ସେବନ କରିପାରିବେ । ବିଶ୍ୱର ଅନେକ ଦେଶରେ ଏହାର ବହୁମୁଖୀ ଔଷଧୀୟ ଗୁଣ ତଥା ଉପଯୋଗିତାକୁ ଚିକିତ୍ସା ବିଜ୍ଞାନୀମାନେ ନିର୍ବିବାଦରେ ସ୍ୱୀକାର କରିଛନ୍ତି ।

ଶିଳାଜୀତ ମିଳେ କିପରି?

ଶିଳାଜୀତ ପ୍ରକୃତିରେ ପାର୍ବତ୍ୟାଞ୍ଚଳର ବଡ଼ ବଡ଼ ଶିଳାଖଣ୍ଡରୁ ସ୍ରାବ ରୂପେ ମିଳିଥାଏ । ଏହି ଖଣିଜ ଶିଳାଜୀତ ସ୍ରାବରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଶୁଦ୍ଧ ଶିଳାଜୀତ ରହିଥାଏ । ଅବଶିଷ୍ଟ ମାଟି ଓ ଅନ୍ୟାନ୍ୟ ଅପଦ୍ରବ ମିଶି ରହିଥାଏ । ବାସ୍ତବରେ, ଶିଳାଜୀତ ପଥର ବା ଧାତୁରୁ ଉତ୍ପନ୍ନ ହୁଏ ନାହିଁ ।

ଅଧିକନ୍ତୁ, ଏହାର ଉତ୍ପତ୍ତିରେ ଏକ କ୍ଷାର ଯୁକ୍ତ ଗୁଳ୍ମ ବନସ୍ପତି, ଯାହାକି ପାହାଡ଼ର ଶିଳାଖଣ୍ଡ ମଧ୍ୟରେ ଉତ୍ପନ୍ନ ହୋଇଥାଏ, ତାହାର ରସ ଉପଯୋଗ ହୋଇଥାଏ । 'ୟୁଫୋର୍ବିୟା ରାୟଲିୟାନା' ନାମକ ଏକ କ୍ଷାରଯୁକ୍ତ ବନସ୍ପତିର ଦୁଗ୍ଧ ବା ରସ ଶିଳାଖଣ୍ଡ ଉପରେ ଜମିରହି କାଳାନ୍ତରରେ ଶିଳାଜୀତରେ ରୂପାନ୍ତରିତ ହୋଇଥାଏ । ଏଥିରେ କ୍ରମଶଃ ପାର୍ବତୀୟ ଖଣିଜ ମିଶିଯାଏ । କେତେକ ବିଦ୍ୱାନ ଶିଳାଜୀତକୁ ଖଣିଜର ଏକ ଯୌଗିକ ରୂପେ ମଧ୍ୟ ବିବେଚନା କରନ୍ତି ।

ଶିଳାଜୀତ ନେପାଳ, ତିବ୍ବତ, ଉତ୍ତର ପାକିସ୍ତାନ, ଭୁଟାନ, ଗିଲଗିଟ୍, କୁମାଇଁ ଏବଂ ଗଢ଼ୱାଲ ଆଦି ଉତ୍ତର ଭାରତୀୟ ପାର୍ବତ୍ୟ ପ୍ରଦେଶମାନଙ୍କରୁ ମିଳିଥାଏ । ପ୍ରକୃତିରେ ମୁକ୍ତ ଅବସ୍ଥାରେ ମିଳୁଥିବା ଶିଳାଜୀତ ଶୁଦ୍ଧ ନୁହେଁ, ତେଣୁ ସେବନ କରିବା ପୂର୍ବରୁ ଏହାକୁ ଶୁଦ୍ଧ କରିବାକୁ ପଡ଼ିଥାଏ । ବିଶୁଦ୍ଧ ଶିଳାଜୀତ ଶୁଖିଗଲେ, ତାହା ଭଙ୍ଗୁର ଜଳରେ ଦ୍ରବଣୀୟ ପ୍ରକୃତିର ଅଟେ । ଏହାକୁ ଚୂର୍ଣ୍ଣକରି ଜଳରେ ପକାଇଲେ ଜଳ ଈଷତ ଲାଲ ଦେଖାଯାଏ । ଏହି ଅର୍ଦ୍ଧଘନ ପଦାର୍ଥରୁ ଗୋମୂତ୍ର ସଦୃଶ ଗନ୍ଧ ଆସେ ।

**ଶିଳାଜୀତର ଔଷଧୀୟ ତତ୍ତ୍ୱ :**

ଶୁଦ୍ଧ ରୂପେ ପ୍ରାପ୍ତ ଶିଳାଜୀତରେ କେତେକ ରାସାୟନିକ ତତ୍ତ୍ୱର ଉପସ୍ଥିତି ହିଁ ଏହାକୁ ଏକ ଔଷଧରେ ପରିଣତ କରିଛି । ଶୁଦ୍ଧ ଶିଳାଜୀତର ରାସାୟନିକ ବିଶ୍ଳେଷଣରୁ ଜଣାଯାଇଛି ଯେ- ଏଥିରେ ବୋଇକ ଏସିଡ୍ ୮.୫୮ ପ୍ରତିଶତ, ହିପ୍ପ୍ୟୁରିକ୍ ଏସିଡ୍ ୬.୧୩ ପ୍ରତିଶତ, ଫ୍ୟାଟି ଏସିଡ୍ ୧.୩୬ ପ୍ରତିଶତ, ଆଲବ୍ୟୁମିନୋଏଡ୍‌ସ ୧୬.୧୨ ପ୍ରତିଶତ, ରେଜିନ୍ ଏବଂ ୱାକ୍ସିଦ୍ରବ୍ୟ ୨.୪୪ ପ୍ରତିଶତ, କ୍ୟାଲସିୟମ ୭.୮ ପ୍ରତିଶତ, ଅଭ୍ରକ ୧.୩୫ ପ୍ରତିଶତ, ନିର୍ଯ୍ୟାସ ୧୭.୩୨ ପ୍ରତିଶତ, ବନସ୍ପତି ଉପାଦାନ ୨୮.୭୫ ପ୍ରତିଶତ ଏବଂ ଜଳୀୟାଂଶ ୧୦.୭୫ ପ୍ରତିଶତ ରହିଛି ।

ଶିଳାଜାତରେ ଥିବା ଉପରୋକ୍ତ ରାସାୟନିକ ତତ୍ତ୍ୱ ଏହାର ଔଷଧୀୟ ଗୁଣର ପରିଚାୟକ । ସମସ୍ତ ରସଦ୍ରବ୍ୟ ଅର୍ଥାତ୍ ଖଣିଜ ତତ୍ତ୍ୱଯୁକ୍ତ ଦ୍ରବ୍ୟ ମଧ୍ୟରେ ଶ୍ରେଷ୍ଠ ହୋଇଥିବାରୁ ଆୟୁର୍ବେଦାଚାର୍ଯ୍ୟମାନେ ଏହାକୁ 'ମହାରସ' କହିଛନ୍ତି ।

ଆୟୁର୍ବେଦୀୟ ଚିକିତ୍ସାରେ ବ୍ୟବହୃତ ହେଉଥିବା ଅନେକ ସୁପ୍ରସିଦ୍ଧ ଔଷଧ, ଯଥା- ଚନ୍ଦ୍ରପ୍ରଭାବଟୀ (ଶିଳାଜୀତ ବଟି), ପୂର୍ଣ୍ଣଚନ୍ଦ୍ର ରସ, ରସେନ୍ଦ୍ରବଟୀ, ଶିବାଗୁଟିକା, ସର୍ବମେହାନ୍ତକ ରସ, ଶିଳାଜତ୍ୱାଦି ଲୌହ ଓ ବଟୀ, ଆରୋଗ୍ୟବର୍ଦ୍ଧନୀ ବଟୀ ଆଦିରେ ଶିଳାଜୀତ ମୁଖ୍ୟ ଦ୍ରବ୍ୟ ଭାବରେ ପ୍ରୟୋଗ ହୋଇଥାଏ ।

ଓ.ଏମ୍.ପି. ଛକ, କଟକ-୩
ମୋ-୯୪୩୭୦୪୩୧୦୩

# ଅନୁଭବରୁ ଶିକ୍ଷା

ଡକ୍ଟର ତପନ କୁମାର ଦାଶ

ତର୍କ କିମ୍ବା ପାଣ୍ଡିତ୍ୟ ଯେତେ ପ୍ରଖର ହୋଇଥାଉ ନା କାହିଁକି ଅନୁଭବ ପାଖରେ ହାର ମାନିବା ନିଶ୍ଚିତ । ଏକଦା ରାମକୃଷ୍ଣ ପରମହଂସ ଏବଂ ସେ ସମୟର ଜଣେ ପ୍ରଖ୍ୟାତ ତର୍କନିଷ୍ଠ ବିଦ୍ୱାନଙ୍କ ମଧ୍ୟରେ ଈଶ୍ୱରଙ୍କ ସତ୍ତାକୁ ନେଇ ଏକ ଭାବଗର୍ଭକ ଆଲୋଚନା ହୋଇଥିଲା । ବିଦ୍ୱାନ ଜଣଙ୍କର ମତ ଥିଲା, ଈଶ୍ୱର ନାହାନ୍ତି ଏବଂ ଏହା କେବଳ ଏକ ଅନ୍ଧବିଶ୍ୱାସ । ସେ ଏହାକୁ ସିଦ୍ଧ କରିବା ପାଇଁ ଖୁବ୍ ଚମତ୍କାର ଢଙ୍ଗରେ ଅନେକ ଅକାଟ୍ୟ ଯୁକ୍ତି ରଖିଥିଲେ । ଏକାଗ୍ରତାର ସହ ଶୁଣୁଥିବା ରାମକୃଷ୍ଣ କହିଲେ, ମହାଶୟ, ଆପଣଙ୍କର ଯୁକ୍ତି ଶତ ପ୍ରତିଶତ ନିର୍ଭୁଲ ।

ମୋ ପାଖରେ ଏହି କଥାକୁ ଖଣ୍ଡନ କଲା ଭଳି କୌଣସି ଉପାୟ କିମ୍ବା ସାମର୍ଥ୍ୟ ନାହିଁ । ମାତ୍ର ମୋର ନିଜସ୍ୱ ଅନୁଭବ ଏହାକୁ ଗ୍ରହଣ କରିବାକୁ ଦେଉନାହିଁ । ବରଂ ଆପଣଙ୍କୁ ଦେଖିବା ପରେ ମୋର ସେହି ଧାରଣା ଆହୁରି ଦୃଢ ହେଉଛି । କାରଣ, ଆପଣଙ୍କ ଭଳି ଜ୍ଞାନୀ ଓ ବୁଦ୍ଧିମାନ ମନୁଷ୍ୟର ସୃଷ୍ଟି କେବଳ ସେହି ସର୍ବଶ୍ରେଷ୍ଠ ପରମେଶ୍ୱରଙ୍କ ଦ୍ୱାରା ହିଁ ସମ୍ଭବ ଏବଂ ମୋର ବିଶ୍ୱାସ ଆପଣଙ୍କ ପରି ମହାନ ବିଦ୍ୱାନ ଅନେକ ଦିନ ପର୍ଯ୍ୟନ୍ତ କେବଳ ଏହି ଶବ୍ଦର ଖେଳ ବା ତର୍କରେ ସନ୍ତୁଷ୍ଟ ହୋଇ ରହିପାରିବେ ନାହିଁ । କେବେ ନା କେବେ ସେହି ଦିବ୍ୟ ଅନୁଭୂତି ପାଇଁ ଚିରନ୍ତନ ସତ୍ୟର ଅନ୍ୱେଷଣରେ ଲାଗି ପଡିବେ । ତର୍କ ମାଧ୍ୟମରେ ପ୍ରତ୍ୟେକ କଥାକୁ ସିଦ୍ଧ କିମ୍ବା ଅସିଦ୍ଧ ପ୍ରମାଣ କରାଯାଇପାରେ । ମାତ୍ର ଆଧ୍ୟାତ୍ମିକ ଜଗତରେ ଏହା ସମ୍ପୂର୍ଣ୍ଣ ମୂଲ୍ୟହୀନ । ପ୍ରକୃତ ଜ୍ଞାନ ବା ବୋଧ ପାଇଁ ନିଜସ୍ୱ ଅନୁଭବ ହିଁ ଏକମାତ୍ର ପନ୍ଥା ।

ଜନ୍ମରୁ ନେତ୍ରହୀନ ଜଣେ ବ୍ୟକ୍ତିଙ୍କୁ ଆଲୋକ ବିଷୟରେ ଯେତେ ଉପମା କିମ୍ବା ଉଦାହରଣ ଦେଇ ବୁଝାଇଲେ ବି ସେ ତାହାର ଅସ୍ତିତ୍ୱ ବିଷୟରେ ଅନଭିଜ୍ଞ ରୁହନ୍ତି ଏବଂ ଯେଉଁ ପଦାର୍ଥକୁ ସ୍ପର୍ଶ କରି ଅନୁଭବ କରି ହେଉନାହିଁ କିମ୍ବା ତାହା ଅନ୍ୟ କେଉଁ ବସ୍ତୁ ସହ ସଂଘାତ ଜନିତ ଶବ୍ଦ ସୃଷ୍ଟି କରୁନାହିଁ ତାହାର ଅସ୍ତିତ୍ୱ ଅସମ୍ଭବ ! ଏପରି ତର୍କ ମାଧ୍ୟମରେ ଆଲୋକ ଏକ ଭ୍ରମ ବୋଲି ପ୍ରମାଣ ମଧ୍ୟ କରିପାରନ୍ତି । କେବଳ ଚକ୍ଷୁର ଉପଚାର ମାଧ୍ୟମରେ ଦୃଷ୍ଟିଶକ୍ତି ପାଇ ପାରିଲେ ପ୍ରକାଶର ଦିବ୍ୟତାକୁ ବୁଝିହୁଏ ।

ଅନ୍ୟ ସମସ୍ତ ପ୍ରୟାସ ମୂଲ୍ୟହୀନ । ସେହିପରି ଭଗବତ୍ ସତ୍ତା କେବଳ ଏକ ଅନୁଭବର ବିଷୟ । ଶାସ୍ତ୍ରଜ୍ଞାନ, ବିଶ୍ୱାସ, ଧାର୍ମିକ ଅନୁଷ୍ଠାନ ଇତ୍ୟାଦି ଏହି ଅନୁଭବ ଦିଗରେ ସାମାନ୍ୟ ସହଯୋଗ କରିପାରେ ମାତ୍ର ଯେତେବଡ଼ ସଂଖ୍ୟାକୁ ଶୂନରେ ଗୁଣିଲେ ଗୁଣଫଳ ଶୂନ ହେବା ପରି ନିଜସ୍ୱ ଅନୁଭବ ବିନା ଏଗୁଡିକ କେବଳ ଆଉ କେବଳ କିଛି ଲୌକିକ ପ୍ରକ୍ରିୟା ଭିନ୍ନ ଅନ୍ୟ କିଛି ହୋଇ ନପାରେ ।

ଅଧ୍ୟକ୍ଷ, ଦୀକ୍ଷା ମିଶନ,ପିପିଲି, ପୁରୀ
ମୋ -୯୪୩୯୮୭୦୫୧୬

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି...

ବୋଲି ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଦାବି କରାଯାଉଛି । ତେଣୁ ସାରା ଦେଶରେ ତାଲା ପଡ଼ିବା ସହ ଅଖଚକ ବନ୍ଦ ହେବା ଏକ ପ୍ରକାର ସ୍ପଷ୍ଟ ବୋଲି କୁହାଯାଉଛି ।

ଭାରତ ବନ୍ଦ ଡାକରାରେ ଅଂଶଗ୍ରହଣ କରୁଥିବା ପ୍ରମୁଖ ଟ୍ରେଡ୍ୟୁନିଅନଗୁଡ଼ିକ ମଧ୍ୟରେ ରହିଛନ୍ତି ସିଆଇଟିୟୁ, ଏଆଇଟିୟୁସି, ଆଇଏନଟିୟୁସି, ଏଚ୍ଏମଏସ୍, ଏଆଇସିସିଟିୟୁ, ଏଲପିଏଫ୍ ଓ୍ୟୁଟିୟୁସି । ସେପଟେ ଏହି ବନ୍ଦ ଡାକରାକୁ ନେଇ ବିଜେପି କହିଛି, ଯେଉଁମାନେ ଶ୍ରମିକମାନଙ୍କୁ ନେଇ ରାଜନୀତି କରୁଛନ୍ତି ସେମାନେ ଶ୍ରମ କାର୍ଡକୁ ବିରୋଧ କରୁଛନ୍ତି । କେନ୍ଦ୍ରର ଶ୍ରମ ସଂସ୍କାର ଏବଂ ଆର୍ଥିକ ନୀତିକୁ ବିରୋଧ କରି ଏହି ବନ୍ଦ ଆୟୋଜିତ କରାଯାଇଥିବା ଶ୍ରମିକ ସଂଗଠନମାନେ କହିଛନ୍ତି । ସେପଟେ ବନ୍ଦକୁ କୃଷକ ସଂଗଠନଗୁଡ଼ିକର ସମର୍ଥନ ଆହୁରି ପ୍ରଭାବିତ କରିବ ବୋଲି କହିଛି ଶ୍ରମିକ ସଂଗଠନ ।

### ୧୭ରେ...

ଆର୍ଥିକ ବର୍ଷ ଲାଗି ବଜେଟ୍ ଉପସ୍ଥାପନ କରାଯିବ । ଏହାପରେ ୨୪ ତାରିଖ ଠାରୁ ମାର୍ଚ୍ଚ ୯ ତାରିଖ ଯାଏ ଅଧିବେଶନ ବନ୍ଦ ରହିବ । ୯ ତାରିଖରୁ ବଜେଟ୍‌ରେ ବିଭିନ୍ନ ବିଭାଗ ଲାଗି ବରାଦ ଅର୍ଥ ସମ୍ପର୍କରେ ଆଲୋଚନା କରାଯିବ । ଏପ୍ରିଲ ୮ ଯାଏ ବିଧାନସଭାର ଅଧିବେଶନ ଶେଷ ହେବ ।

### ଖୁବ୍‌ଶୀଘ୍ର...

ଏହା ସହିତ ଏସ୍ଇଆଇଆର୍ ପୋର୍ଟାଲ ମାଧ୍ୟମରେ ଚୋରି ହୋଇଥିବା ମୋବାଇଲ ଫୋନ୍ ଟ୍ରାକିଂ, ବେନାମୀ ବ୍ୟାଙ୍କଖାତା ଓ ବେନାମୀ ସିମ୍‌କାର୍ଡ ବ୍ୟବହାରକାରୀଙ୍କ ବିରୋଧରେ କଠୋର ନେବା ବିଷୟରେ ମଧ୍ୟ ଡିଜିପି ଆଲୋଚନା କରିବା ସହ ଏହାକୁ ରୋକିବା ନିମନ୍ତେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

କ୍ରାଇମ୍‌ବ୍ରାଞ୍ଚର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ମାସ ୨୦ ରୁ ୨୭ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଡ୍ରାଇଭି ଆୟୋଜନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ । ନୂତନ ଭାବେ ନିଯୁକ୍ତ କର୍ମଚାରୀଙ୍କୁ ସାଇବର, ଫୋରେନ୍‌ସିକ୍ ଓ ଆର୍ଥିକ ବିଶ୍ଳେଷଣ କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ସମୀକ୍ଷା ବୈଠକରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀମାନେ ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ନିଜ ନିଜ ମତାମତ ଉପସ୍ଥାପନ କରିଥିଲେ । ରାଜ୍ୟ ସରକାରଙ୍କ ଜିରୋ ଟଲେରାନ୍ସ ନୀତି ଅନୁଯାୟୀ ସାଇବର ଅପରାଧୀଙ୍କ ବିରୋଧରେ ଦୃଢ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି ।

### ଭୋଟର...

ଓ ସୁପରଭାଇଜରମାନଙ୍କୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଅଞ୍ଚଳରେ ଏକ କ୍ୟାମ୍ପ କରି ଆଶା, କର୍ପୋରେଟରମାନଙ୍କ ଦ୍ୱାରା ଲୋକମାନଙ୍କୁ ସଚେତନତା କରି ସେମାନଙ୍କ ମ୍ୟାପିଂକୁ ତ୍ୱରାନ୍ୱିତ କରିବା ଦିଗରେ ଆଲୋଚନା କରିଥିଲେ ।

ଏସଆଇଆର ସମ୍ବନ୍ଧରେ ଅଧିକରୁ ଅଧିକ ଭୋଟରମାନଙ୍କ ମଧ୍ୟରେ ସଚେତନତା, ଇସିଆଇ ନେଟ ଆପ ଡାଉନଲୋଡ କରି ବୁକ ଏ କଲ ଉଇଥ ବିଏଲଓ ମାଧ୍ୟମରେ ଭୋଟର ମାନେ କିପରି ନିଜର ମ୍ୟାପିଂ ଓ ନିଜର ଭୋଟର ତାଲିକା ବିଷୟରେ ସନ୍ଦେହ ଦୂର କରିବା ବିଷୟରେ ସଚେତନତା ବୃଦ୍ଧି କରିବା ଉପରେ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ଅଧିକାରୀମାନେ ବିଏଲଓମାନଙ୍କୁ ସତର୍କତା, ପାରଦର୍ଶିତା ଓ ନିଷ୍ପକ୍ଷତା ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ନିର୍ବାଚନ କାର୍ଯ୍ୟରେ କୌଣସି ତ୍ରୁଟି ନହେବା ପାଇଁ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଜୋର ଦିଆଯାଇଥିଲା ।

ଏହି ବୈଠକରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଡେ଼ପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ, ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

### ଅଭିଯୁକ୍ତକୁ...

ପିପିଲି ଥାନା ପୋଲିସ ଜଣେ କିନ୍ନରଙ୍କ ଏତଲା ଆଧାରରେ ଅଞ୍ଜଳି ହତ୍ୟାର ମାମଲା ରୁଜୁ କରି ତଦନ୍ତ କରୁଥିଲା । ସିଫା ନିକଟରୁ ଭୁବନେଶ୍ୱର ଓ ପୁରୀ ପର୍ଯ୍ୟନ୍ତ ରାସ୍ତାରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରି ଅପରାଧୀକୁ ଖୋଜ ଖବର କରୁଥିବାବେଳେ କେତେକ କିନ୍ନରଙ୍କ ସମେତ ୧୦ ଜଣଙ୍କୁ ଜେରା କରି ପୋଲିସ ବୟାନ ରେକର୍ଡ କରିଥିଲା ।

ଅଭିଯୁକ୍ତ କ୍ରିଷ୍ଣା ସମ୍ପର୍କରେ ପୋଲିସ ସୂଚନା ପାଇ ତାକୁ ଧରିବା ପାଇଁ ତା' ଘର ନିକଟ କୋଣାର୍କ ଠାରୁ ନିମାପଡା ପିପିଲି ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଜାଲ ବିଛାଇଥିଲା । ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ କ୍ରିଷ୍ଣା ପିପିଲି ବାଇପାସ୍ ଓଭରବ୍ରିଜ୍ ନାଇରା ପେଟ୍ରୋଲ ପମ୍ପ ନିକଟରେ ଯାଉଥିବା ଖବରପାଇ ପୋଲିସ ତାକୁ ପିଛା କରିଥିଲା । ଏହାଦେଖି କ୍ରିଷ୍ଣା ଭୟଭୀତ ହୋଇ ପୋଲିସ ଉପରକୁ ଗୁଳି ଚଳାଇଥିଲା । ପୋଲିସ ପାଲଟା ଗୁଳି ଚଳାଇବାରୁ କ୍ରିଷ୍ଣା ଆହତ ହୋଇ ପଡିଯାଇଥିଲା । ତାକୁ ଚିକିତ୍ସା ପାଇଁ କଟକ ପଠାଯାଇଥିବାବେଳେ ସେ ସୁସ୍ଥ ହେଲେ ହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

### ଦାନ୍ତ...

୧୧ ଟା ପରେ ବାମରା ଡିଏଫଓ ବିକ୍ରମଦେବ ପଟ୍ଟନାୟକ ପହଞ୍ଚିଥିଲେ । ତାଙ୍କୁ ମଧ୍ୟ ଗଣମାଧ୍ୟମ ପ୍ରତିନିଧି ମାନେ ଫଟୋ ଓ ଭିଜୁଆଲ ନେବା ପାଇଁ ଅନୁରୋଧ କରିଥିଲେ । ମାତ୍ର ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ଅନୁମତି ଦେଇ ନଥିଲେ । ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଛି କି, ଘଟଣାର ସତ୍ୟାସତ୍ୟ ଲୁଚାଇବା ସହ ଖବରକୁ ଚାପି ଦେବା ପ୍ରୟାସ କରାଯାଉଥିଲା । ବାରମ୍ବାର ଅନୁରୋଧ ପରେ ଅପରାହ୍ନ ୪ ଟାରେ ଫଟୋ ଉଠାଇବାବାକୁ ଅନୁମତି ଦେଇଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ ଗତ ବର୍ଷ ମଧ୍ୟ ଦୁଇଟି ହାତୀ ଏକା ସାଙ୍ଗରେ ମୃତ୍ୟୁ ହୋଇଥିଲା । ହାତୀଙ୍କ ମୃତ୍ୟୁ ସଂଖ୍ୟା ବଢୁ ଥିବା ବେଳେ ବନ ବିଭାଗ ହାତୀ ମୃତ୍ୟୁର ସଠିକ କାରଣ ନ ଖୋଜି ଚୁପ ରହିବା ବୁଦ୍ଧିଜୀବୀ ମହଲରେ ବନ ବିଭାଗ କାର୍ଯ୍ୟ ପ୍ରତି ସନ୍ଦେହ ସୃଷ୍ଟି କରୁଛି । ହାତୀର ଦାନ୍ତ ସୁରକ୍ଷିତ ଥିବା ବେଳେ ବ୍ୟବଚ୍ଛେଦ ପରେ ପ୍ରକୃତ ମୃତ୍ୟୁର କାରଣ ଜଣା ପଡିବ ବୋଲି ଡିଏଫଓ ପଟ୍ଟନାୟକ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଦାନ୍ତ ପାଇଁ ମାଫିଆ ମାନେ ହତ୍ୟା କରି ଥାଇ ପାରନ୍ତି ବୋଲି ସାଧାରଣରେ ଆଲୋଚନା ଓ ଗୁଞ୍ଜରଣ ହେଉଛି । ଘଟଣା ସ୍ଥଳରେ ଡିଏଫଓଙ୍କ ସମେତ ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ, ବିଟ ଗାର୍ଡ ଉପସ୍ଥିତ ଥିବା ବେଳେ ସାଇଣ୍ଟିଫିକ ଦଳ ଓ ପ୍ରାଣୀ ଚିକିତ୍ସକ ପ୍ରମୁଖ ଉପସ୍ଥିତ ରହି ବ୍ୟବଚ୍ଛେଦ ପରେ ମାଟିରେ ପୋତି ଦେଇଥିବା ଜଣାଯାଇଛି ।

### ଅଭିଯୋଗର...

ଦେଢ଼ ବିଲିୟନ୍ ଭାରତୀୟଙ୍କୁ ଆତ୍ମସମର୍ପଣ କରାଯାଇଛି । ବିଜେପି ତାର ଆର୍ଥିକ ଢ଼ାଞ୍ଚାକୁ ସୁରକ୍ଷିତ କରିବା ପାଇଁ ଏଭଳି କରୁଛି । ଏହା ଅତ୍ୟନ୍ତ ଦୁଃଖଦାୟକ । ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ଆତ୍ମସମର୍ପଣ ନୁହେଁ, ଭାରତୀୟମାନଙ୍କର ଭବିଷ୍ୟତର ଆତ୍ମସମର୍ପଣ । ଭାରତର ଶକ୍ତି ସୁରକ୍ଷା ଆମେରିକାକୁ ପ୍ରଦାନ କରାଯାଇଛି । ଚାଷୀଙ୍କ ସ୍ୱାର୍ଥ ସହ ବୁଝାମଣା ହୋଇଛି । ଆମେରିକା ଭାରତକୁ ପାକିସ୍ତାନ ସହ ସମାନ ଦୃଷ୍ଟିରେ ନଦେଖୁ । ବିଶ୍ୱରେ ଚାଲିଥିବା ଭୌଗୋଳିକ ରାଜନୈତିକ ବିବାଦରେ ଶକ୍ତି ଓ ଆର୍ଥିକ କ୍ଷେତ୍ରକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି । ଋଷ୍‌ରୁ ତେଲ କିଣିବା ଉପରେ ଆମେରିକା ପ୍ରତିବନ୍ଧ ଲଗାଇଛି । ଯାହା ଫଳରେ କି ଶକ୍ତି ସୁରକ୍ଷା ପ୍ରଭାବିତ ହେବ । କୌଣସି ପ୍ରଧାନମନ୍ତ୍ରୀ ଏଭଳି ଚୁକ୍ତିକୁ ସ୍ୱାକ୍ଷର କରିନଥାନ୍ତେ ।

ରାହୁଲଙ୍କ ଭାଷଣ ଉପରେ ଆପତ୍ତି ଉଠାଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜିଜୁ କହିଥିଲେ ଯେ ରାହୁଲ ଜଣେ ସାଧାରଣ ସଦସ୍ୟ ନୁହଁନ୍ତି । ସେ ହେଉଛନ୍ତି ବିରୋଧୀ ଦଳ ନେତା । ସେ ଯେତେବେଳେ ଯେଉଁ କଥା କହିବେ ତାହା ଅନେକ ଗୁରୁତ୍ୱ ବହନ କରେ । ମୁଁ ବିରୋଧୀ ଦଳ ନେତାଙ୍କ ନିକଟରେ ଦାବି କରୁଛି ଯେ ସେ ଯେଉଁ ଗୁରୁତ୍ୱର ଅଭିଯୋଗ ଉଠାଇଛନ୍ତି ତାହାକୁ ପ୍ରମାଣିତ କରନ୍ତୁ । ବାରମ୍ବାର ସେ ଗୋଟିଏ କଥାକୁ ଉଲ୍ଲେଖ କରୁଛନ୍ତି । ସେ ଏହାକୁ ପ୍ରମାଣିତ କରନ୍ତୁ । ରାହୁଲ ତୁରନ୍ତ ଜବାବ ଦେଇ କହିଥିଲେ ଯେ ମୁଁ ଏହାକୁ ବର୍ତ୍ତମାନ ପ୍ରମାଣିତ କରିବାକୁ ଚାହେଁ । ମୋତେ ଏଥିଲାଗି ସୁଯୋଗ ଦିଆଯାଉ ।

# ଅନୁଦାନ ପାଇଁ ଉଚ୍ଚସ୍ତରୀୟ କମିଟି ସହ ଆଲୋଚନା ସଫଳ

ସୋର, (ସବ୍ୟୁ) : ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ୫ଜଣିଆ ପ୍ରତିନିଧି ମଣ୍ଡଳୀର ବୈଠକ ସତ୍ୟନଗର ସ୍ଥିତ ତୋଷାଳୀ ଭବନର ଆମ କଲେଜ ଆମ ଗୌରବ ସମ୍ମିଳନୀ କକ୍ଷରେ ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ସହ ସଫଳତାର ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିଧାୟକ ବାବୁସିଂ, ବିଧାୟକ ଏକାମ୍ର ଭୁବନେଶ୍ୱରଙ୍କ ବ୍ୟକ୍ତିଗତ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ । ସଂଘର ଦାବି ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଏବଂ ଅଣଅନୁଦାନ ମହାବିଦ୍ୟାଳୟରେ ୦୧ ଜୁନ ୨୦୦୮ ରୁ ୦୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ କମିଟି ସମ୍ମୁଖରେ ଦୃଢ଼ ଭାବରେ ଉପସ୍ଥାପନା କରାଯାଇଛି । ସଂଘର ଦାବିକୁ ଯୁକ୍ତିଯୁକ୍ତ ପ୍ରମାଣ କରିବା ପାଇଁ ସଂଘର ସଭାପତି ବିଶ୍ୱରଂଜନ ଦାସ କମିଟି ସମ୍ମୁଖରେ ବଳିଷ୍ଠ ତଥ୍ୟ ଭିତ୍ତିକ ପ୍ରମାଣ ପତ୍ର ଉପସ୍ଥାପନ କରିଛନ୍ତି । ମାନନୀୟ ଉଚ୍ଚସ୍ତରୀୟ କମିଟିର ସଂଘ ସହିତ ଦୀର୍ଘ ଦେଢ଼ ଘଣ୍ଟା ଧରି ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ସଂଘର ଯୁକ୍ତିଯୁକ୍ତ ଦାବିକୁ ସହୃଦୟତାର ସହ ଗ୍ରହଣ କରିଛନ୍ତି । ଉଚ୍ଚସ୍ତରୀୟ କମିଟି ଅବିଳମ୍ବେ ୨୦୦୮ ରୁ ୨୦୧୮ ଅନୁଦାନ ନିମନ୍ତେ ମାନନୀୟ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଆଜିର ବୈଠକରେ ସଂଘର ପ୍ରତିନିଧି ମଣ୍ଡଳରେ ସଂଘର ସଭାପତିଙ୍କ ସମେତ ସମ୍ପାଦକ ପ୍ରିୟବ୍ରତ ମହାପାତ୍ର ଆବାହକ ନୀଲୁ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ବାପୁଜୀ ମହାପାତ୍ର ଏବଂ କଟକ ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ ।

# ତିନିଦିନିଆ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ନୀଳଗିରି, (ସବ୍ୟୁ) : ନୀଳଗିରି ଉପଖଣ୍ଡ ସଦର ମହକୁମାରେ ତିନିଦିନିଆ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ର ପାତି ମେଳା -୨୦୨୫-୨୬ ଉଦଯାପିତ ହୋଇଯାଇଛି । ଏହି ମେଳାକୁ କୃଷି ଯନ୍ତ୍ର ପାତି ମେଳା ଅଧକ୍ଷ ତଥା ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଉଦଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସରୋଜ କୁମାର ବେହେରା , କୃଷି ଉଦ୍ୟାନ ସହକାରୀ ଉପ - ନିର୍ଦ୍ଦେଶକ ଗୋପୀନାଥ କର, କୃଷି ଜିଲ୍ଲା ଅଧିକାରୀ ଡ. ସମତା ମହାନ୍ତ, ଗୋଷ୍ଠୀ କୃଷି ଅଧିକାରୀ ଶ୍ରୀମତୀ ମିତାଲି ନାୟକ ସମେତ ଅନ୍ୟାନ୍ୟ ସମ୍ମାନୀତ ଅତିଥି ଗଣ ଯୋଗ ଦେଇଥିଲେ । ଏହି ମେଳାରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥି ବୃନ୍ଦ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଭରପୁର ସୁଯୋଗ ନେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଗୋ - ସୁଗୋମ ପୋର୍ଟାଲ ଜରିଆରେ ବିଭିନ୍ନ ପ୍ରକଳ୍ପ ନିମନ୍ତେ ସହାୟତା ରାଶି ପ୍ରଦାନ କରାଯାଉଥିବା ସଂପର୍କରେ ଅବଗତ କରିଥିଲେ । ରାସାୟନିକ ସାର ବଦଳରେ ଜୈବିକ ପଦ୍ଧତିରେ ସାର୍ ପ୍ରସ୍ତୁତ କରି ଜମିରେ ବ୍ୟବହୃତ୍ ଗୁଣବତ୍ତା ଖାଦ୍ୟ ଶସ୍ୟ ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଜିର ଉଦଯାପନୀ ଦିବସରେ ଉଭୟ ନୀଳଗିରି ଓ ଔପଦା ବ୍ଲକର ଚାଷୀ ମାନଙ୍କୁ ନେଇ ବିଭିନ୍ନ ଚାଷ ସମ୍ବନ୍ଧୀୟ ଆଲୋଚନା ଚକ୍ର ପାଠଶାଳ । ଅନୁଷ୍ଠିତ ହୋଇଥିଲା । ଏତଦ୍ ଭିନ୍ନ ବିଭିନ୍ନ କୃଷି କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ହିତାଧିକାରୀଙ୍କୁ ମାନପତ୍ର ଉପଢୌକନ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ମେଳାରେ କୃଷି ଯନ୍ତ୍ର ପାତି ପ୍ରଦର୍ଶନ ଓ ସରକାରୀ ଯୋଜନା ମାଧ୍ୟମରେ ବିଭିନ୍ନ ବର୍ଗର ଚାଷୀ ମାନଙ୍କୁ ଧାର୍ଯ୍ୟ ରିହାତି ମୂଲ୍ୟରେ ସମସ୍ତ ଭିତ୍ତିକ ଯନ୍ତ୍ର ପାତି ବିକ୍ରୟ କରାଯାଇଥିଲା । ଏହି ମେଳାରେ କୃଷି ଯନ୍ତ୍ର ପାତି ଉତ୍ପାଦକ ସଂସ୍ଥା ,ବିଭିନ୍ନ କୃଷି ଆନୁଷଙ୍ଗିକ ବିଭାଗ, ମିଲେଟ ମିଶନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉଭୟ ବ୍ଲକର କୃଷି ଆନୁଷଙ୍ଗିକ ବିଭାଗର କର୍ମକର୍ତ୍ତା ସହ ମୋଟ ୫୦ ଗୋଟି ଷ୍ଟଲ୍ ର କର୍ମକର୍ତା ସାମିଲ ହୋଇଥିଲେ ।

## ତ୍ରୈମାସିକ ସାହିତ୍ୟ ପତ୍ରିକାର ଲୋକାର୍ପଣ ଉତ୍ସବ

ବାଲେଶ୍ୱର, (ସବ୍ୟୁ) : ମାଟି ମଣିଷର ପରିଚୟ ଆଦିଭୂମି ତ୍ରୈମାସିକ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ଦଶରଥ ହେମ୍ବ୍ରମ ଓ ସମ୍ପାଦିକା ଡ. କ୍ଷୀରୋଦିନୀ ବେହେରାଙ୍କ ଉଦ୍ୟମରେ ପ୍ରକାଶିତ ମକର ବିଶେଷାଙ୍କ-୨୦୨୬ ବଲାଙ୍ଗୀ ଡିଗ୍ରୀ ସଭାଗୃହରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ଗହଣରେ କଲେଜର ଅଧକ୍ଷ ଡ. ରନିକର ସିଂହଙ୍କ ପୌରୋହିତ୍ୟରେ ଉନ୍ମୋଚିତ ହୋଇଯାଇଛି । ଉନ୍ମୋଚନ ଉତ୍ସବରେ ସହଯୋଗୀ ସମ୍ପାଦକ କବି ଜୁମର ନାଥ ପାତ୍ର, ବ୍ୟଙ୍ଗକବିପ୍ରଭାକର ସାହୁ ରେମୁଣି, କବି ସ୍ୱିପ୍ନା ସାମନ୍ତରାୟ, ଓଡ଼ିଆ ଅଧ୍ୟାପକ ପ୍ରହ୍ଲାଦ କୁଅଁର ଓ ଫକୀର ମୋହନ ସାହିତ୍ୟ ପରିଷଦର କାର୍ଯ୍ୟ ନିର୍ବାହୀ ସଦସ୍ୟ ଡ. ସାରଂଗଧର ତ୍ରିପାଠୀ ମିଳିତ ଭାବରେ ପତ୍ରିକାଟିକୁ ଉନ୍ମୋଚନ କରି ଏହା ସବୁବର୍ଗର ପାଠକ ପାଇଁ କିପରି ଗ୍ରହଣୀୟ ଓ ଆଦରଭାଜନ ହୋଇପାରିଛି ବକ୍ତବ୍ୟରେ ମତ ରଖିଥିଲେ । ପ୍ରହ୍ଲାଦ କୁଅଁର ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହେଶ୍ୱର ଭୂୟାଁଙ୍କ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିର, (ସବ୍ୟୁ) : ସି ପି ଆଇ (ଏମ୍) ନେତା ମହେଶ୍ୱର ଭୂୟାଁଙ୍କ ଶ୍ରଦ୍ଧାଞ୍ଜଳି ସଭା ନରଣପୁର ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ । ଉକ୍ତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସି ପି ଆଇ (ଏମ୍) ଜିଲ୍ଲା ସମ୍ପାଦକ ଶିଶିର ହୁଇ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି ନିର୍ମଳ ନାୟକ, ଭାଗବାନ ମହାନ୍ତି, ମନୋରଞ୍ଜନ ସାହୁ, ଶ୍ୟାମ ସିଂ, ରାମଚନ୍ଦ୍ର ସିଂ, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମଣ ସ, ଦିବାକର ବାରିକ, ଶୁକଦେବ ଦାସ, ଉଗ୍ରସେନ ଦାସ, ଅମରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସାଥୀ ମହେଶ୍ୱର ଭୂୟାଁଙ୍କ ସ୍ମୃତି ଚାରଣ କରିଥିଲେ । ମହେଶ୍ୱର ଭୂୟାଁ ଙ୍କ ଅବର୍ତ୍ତମାନରେ ପାର୍ଟିର ବଡ କ୍ଷତି ହୋଇଛି ବୋଲି ସମସ୍ତ ନେତୃମଣ୍ଡଳୀ ବକ୍ତବ୍ୟରେ କହିଥିଲେ ।

# ଗୁରୁ ରବି ଦାସଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର, (ସବ୍ୟୁ) : ପ୍ରାୟ ୧୪ ଶହ ଶତାବ୍ଦୀରେ ଉତ୍ତରପ୍ରଦେଶର ବାରଣାସୀ ଠାରେ ମାଘ ପୂର୍ଣ୍ଣିମାରେ ଜନ୍ମଗ୍ରହଣ କରିଥିବା ସନ୍ଥ ଶିରୋମଣି ଗୁରୁ ରବି ଦାସ ସନାତନ ହିନ୍ଦୁ ଧର୍ମର ଏକ ଅମୂଲ୍ୟ ରନି ଥିଲେ, ସମାଜରେ ଏକତା, ସମରସତା ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଛୁଆଁ ଅଛୁଆଁ ଭେଦଭାବ ବିରୁଦ୍ଧରେ ତାଙ୍କର ଅବଦାନ ଅତୁଳନୀୟ ଥିଲା । ସେ ଚମାର ( ମୋଚି ) ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ବେଦ ଉପନିଷଦ ଉପରେ ଗଭୀର ଜ୍ଞାନ ଥିଲା ଓ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପରମ ଉପାସକ ଥିଲେ । ସେହି ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ୬୪୯ ତମ ଜନ୍ମ ଜୟନ୍ତୀ ସପ୍ତାହ ଅବସରରେ ଆଜି ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଅତ୍ୟନ୍ତ ଭାବପୂର୍ଣ୍ଣ ସମାବେଶରେ ପାଳିତ ହୋଇଯାଇଛି । ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ରାଜ୍ୟ ପଦାଧିକାରୀ ପୂର୍ବତନ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ଜେନା ମୁଖ୍ୟ ବକ୍ତା ଭାବେ ଓ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବକ୍ତା ଭାବେ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ରବିନ୍ଦ୍ର କୁମାର ଜେନା, ମହିଳା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଜିଲ୍ଲା ଉପସଭାପତି ସୁକୁମାର ଦାସ ସନ୍ଥ ରବି ଦାସଙ୍କ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Khordha vide No. 188, dt.20.01.2026, I Swarnalata Sundaray,W/o-Dhiren Sundaray, resident of Vill-Saradhapur,Po-Gadasanput,Ps-Khordha sadar, Dist-Khordha,Pin-752060, Odisha declare that I have changed the name of my minor son Tegeswar Sundaray (old name) to Jageswar Sundaray (new name). Henceforth he shall be known as Jageswar Sundaray for all purposes.

**AFFIDAVIT**

By virtue of an affidavit sworn before Executive Magistrate, Betnoti, dated 11/02/26 I, SANTOSH NAIk Address:- AT - Dantiamuhan PO- Dantiamuhan, PS- Betnoti DIST- Mayurbhanj, PIN-757029,Odisha declare that I have changed my son name from "GAYAN DEEP NAIK to GYANADIP NAIK " Henceforth, I shall be known as " GYANADIP NAIK " for all purposes

Sd/- (SANTOSH NAIK)

**AFFIDAVIT**

By virtue of an affidavit sworn before the Executive Magistrate,Hindol on dated. 6.2.2026. I Smita Simran Mohapatra, W/o- Bhabani Sankar Mohapatra resident of Village-Kantakul, Po-Nuabag,Ps-Hindol, Dist- Dhenkanal, Pin-759021 (Odisha) declare that I have changed my name from Dipanjali Naik to Smita Simran Mohapatra. Henceforth, I shall be known as Smita Simran Mohapatra for all purposes.

Sd/- Smita Simran Mohapatra

**AFFIDAVIT**

By virtue of an affidavit sworn before the Executive Magistrate,Hindol on dated. 6.2.2026. I Bhabani Sankar Mohapatra, S/o-Purnachandra Mohapatra resident of Village-Kantakul, Po-Nuabag, Ps-Hindol, Dist-Dhenkanal, Pin-759021 (Odisha) declare that I have changed my name from Prashant Naik to Bhabani Sankar Mohapatra. Henceforth, I shall be known as Bhabani Sankar Mohapatra for all purposes.

Sd/- Bhabani Sankar Mohapatra

**AFFIDAVIT**

By virtue of an affidavit sworn before the Executive Magistrate,Hindol on dated. 6.2.2026. I Purnachandra Mohapatra, S/o- Srinibas Naik, resident of Village-Kantakul, Po-Nuabag, Ps-Hindol, Dist-Dhenkanal, Pin-759021 (Odisha) declare that I have changed my surname (title) from "Naik" to "Mohapatra". Henceforth, I shall be known as Purnachandra Mohapatra instead of Purnachandra Naik for all purposes.

Sd/- Purnachandra Mohapatra

**NOTIFIED AREA COUNCIL, KESINGA**

13001/156/2526

**Tender Call Notice No. 238/NAC(K) Dt. 09.02.2026**

The Notified Area Council, Kesinga invites offline bid in single cover system.

| | | |
|---|---|---|
| Total No. of work | : | 19 (Nineteen) |
| Approx. value of work (Maximum) | : | Rs. 109244.00 to Rs. 294118.00 |
| Period of availability of tender for Bidding | : | From 10.02.2026 10.00 A.M. to 19.02.2026 up to 05.00 P.M. |
| Date & Time of opening | : | 21.02.2026 at 4.00 P.M. |
| Class of Contractor | : | Class "D" or Class "C" |

Sd/- Executive Officer, N.A.C., Kesinga

OIPR : 13001/13109/1/25-26/0001

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୭୪
13001/181/2526 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୮୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା: ୨୫ **ବିଜ୍ଞାପନ** ତା : ୨୦.୦୧.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗୃହର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦଖଲ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ କୃଷ୍ଣଚନ୍ଦ୍ର ପରିଡ଼ା, ପିତା- ସ୍ୱର୍ଗତ ଲକ୍ଷ୍ମୀଧର ପରିଡ଼ା, ସା-ସାଲୁଣି, ପୋ- ନରେନ୍ଦ୍ରପୁର, ଥାନା- ବାଣପୁର, ଜିଲ୍ଲା-ଖୋର୍ଦ୍ଧା | ଏମ୍‌ଆଇଜି-୨-୨୭ (MIG-2-27) କମ୍ପୋଜିଟ ହାଉସିଂ ସ୍କିମ୍, ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା | ୧. ହେମଲତା ଦେଈ (ସ୍ତ୍ରୀ) ୨. ଅଶ୍ୱିନୀ କୁମାର ପରିଡ଼ା (ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/25-26/0048

**ଦ.ପୂ. ରେଳପଥ-ଟେଣ୍ଡର**

ଏକମାତ୍ର ଟେଣ୍ଡର ଆଧାରରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଖଡ଼ଗପୁର ବିଭାଗର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର(ଜି)ଙ୍କ ଦ୍ୱାରା ଏବଂ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଗ୍ରହଣ କରାଯିବ ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର୍ ପ୍ରାପ୍ତ ହୋଇଥିଲେ ଅଗ୍ରାହ୍ୟ କରାଯିବ । କ୍ରମିକ ସଂଖ୍ୟା, ଇ-ଟେଣ୍ଡର ନୋଟିସ୍ ସଂଖ୍ୟା ଓ ତାରିଖ : କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଇଏମଡି : (୧) ୯୦-ଇଏଲ-କେଜିପି-୨୦୨୫-୨୬, ତାରିଖ ୦୯.୦୨.୨୦୨୬, ଖଡ଼ଗପୁର ଡିଭିଜନ ଅଧୀନରେ ବିଭିନ୍ନ ଷ୍ଟେସନରେ ପ୍ଲାଟଫର୍ମ ଏଣ୍ଡ ଷ୍ଟେସନ ନାମ ଫଳକର ଆଲୋକିକରଣ ବ୍ୟବସ୍ଥା, ଟେଣ୍ଡର ମୂଲ୍ୟ : ଟ. ୩୭,୪୮,୫୦୬.୨୯, ଇଏମଡି : ଟ. ୭୫,୦୦୦/- । (୨) ୯୫-ଇଏଲ-କେଜିପି-୨୦୨୫-୨୬, ତାରିଖ : ୦୯.୦୨.୨୦୨୬, ଝାଡ଼ସୁଗୁଡାରେ ମହିଳା ଆରପିଏଫ ଟ୍ରେନ୍ ଏସ୍କର୍ଟିଂ ଷ୍ଟାଫ୍ ପାଇଁ ୧୦ ଶଯ୍ୟା ବିଶିଷ୍ଟ ବିଶ୍ରାମ କକ୍ଷ ନିର୍ମାଣ ସହ ସଂପୃକ୍ତ ଇଲେକ୍ଟ୍ରିକାଲ (ଜି) କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ଟ. ୨,୬୦,୭୬୬.୮୬, ଇଏମଡି : ଟ. ୫,୨୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : (ଟ.ରେ) : ଉଭୟ ପାଇଁ ଶୂନ୍ୟ । ବନ୍ଦ/ଖୋଲା ତାରିଖ ଓ ସମୟ : ୧୬.୦୩.୨୦୨୬ ର ୧୫.୦୦ ଘଣ୍ଟା (ଉଭୟ ପାଇଁ) । ଟେଣ୍ଡରଟି ଏହି ୱେବସାଇଟ୍ http://www.ireps.gov.in ରେ ଦେଖିପାରିବେ । ଟେଣ୍ଡରଦାତା/ବିଡରଙ୍କ ପାଖରେ ଶ୍ରେଣୀ-୩ ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ୍ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । PR-1172)

**OFFICE OF THE SUPERINTENDING ENGINEER POTTERU IRRIGATION DIVISION, BALIMELA**

32001/74/2526 e-mail Id : eepid78@gmail.com

**e-Procurement Notice No.- SE-PID-BML-02/ 2025-26**

| | | | |
|---|---|---|---|
| 1. | Type of Works | : | Building Work. |
| 2. | Total No. of Works | : | One (1) No. |
| 3. | Estimated Cost | : | 53.31 Lakhs |
| 4. | Period of Completion | : | 120 (One Hundred Twenty) days |

| Procurement Officer | Bid Identification No. | Bid Amount (Rs. in Lakhs) | Availability & Submission of Bids-on line |
|---|---|---|---|
| Superintending Engineer, Potteru Irrigation Division, Balimela, Kalkangiri | SE-PID-BML-02(1)/2025-26 | 53.31 Lakhs | From 17.02.2026 10.00 A.M. to 27.02.2026 5.00 P.M. |

Date of opening of the Technical Bid: - 02.03.2026 at 11.00 A.M Further details can be seen from the Govt. Website www.tender50rissa.gov.in

Sd/- Superintending Engineer
Potteru Irrigation Division, Balimela

OIPR : 32001/32052/1/25-26/0001

**OFFICE OF THE SR. GENERAL MANAGER (ELECTRICAL)**
UPPER INDRAVATI HYDRO ELECTRIC PROJECT, MUKHIGUDA
DIST : KALAHANDI-766026, ODISHA, E-mail : sgmel_uihep@ohpcltd.com/semeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542802, 2545526, Fax : 2542102, E-Mail: ohpc.co@gmail.com/md@ohpcltd.com
WEB : www.ohpcltd.com, CIN : U40101OR1995SGC003963

32001/79/2526

**NOTICE INVITING TENDER No. UIHEP-50/2025-26 DATE 06.02.2026**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firm / reputed service provider having similar works experience for the work as mentioned below.

| Description of work | Cost of tender paper (Non-refndable) in Rs. | EMD in shape of DD/Banker's Cheque only (Refundable) in Rs. | Period of Sale/download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Painting of outer metallic surface of 4 Nos of B/F Valve and it's auxilaries of UIHEP, Mukhiguda | 2,360/- (inclusive of GST) | 2,080 | From 13.02.2026 to 26.02.2026 up to 12.00 Hrs. | 26.02.2026 (up to 13.00 Hrs.) | 26.02.2026 at 16.30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR : 32001/32136/1/25-26/0037 Sd/- C&P Head, UIHEP, Mukhiguda

**ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳା**

13001/187/2526

**E-Procurement Notice**
No. 192 / NAC Dt. 5.02.2026
**BID Identification No. UDLN-03/2025-26**

Bid Document consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

| | | | |
|---|---|---|---|
| 1. | Name of the Work | : | As mentioned in DTCN |
| 2. | No. of works | : | 06 nos. |
| 3. | Estimated Cost | : | As per Work List |
| 4. | Period of Completion | : | As per DTCN |
| 5. | Date and Time of Bidding | : | 10.00 AM of 06.02.2026 |
| 6. | Last date and time for receipt | : | 18.02.2026 up to 3.30 P.M. |
| 7. | Bids received online shall be opened on | : | 18.02.2026 from 04.00 P.M. onwards |
| 8. | Name and address of the Officer Inviting Bid | : | Executive Officer, Udala NAC |

Further details can be seen from the e-procurement portal i.e. https://tendersodisha.gov.in/nicgep/app.

Sd/- Executive Officer
Udala NAC, Udala

OIPR : 13001/13162/1/25-26/0002

**OFFICE OF THE SUPERINTENDING ENGINEER, GANJAM (R&B) DIVISION NO-II, BERHAMPUR**
**GOVERNMENT OF ODISHA**

Phone No. : / Fax No. : 0680-2233996
E-mail : sernb2ganam@gmail.com

34001/57/2526

**Quotation Notices**
**Short Auction sale Notice No. 06 of 2025-26**

Ltr. No. 1132 / Dated. 06.02.2026

| | | | |
|---|---|---|---|
| 1. | Name of the work | : | Demolition of existing old building inside premises of Old Collectorate building for the proposed New Collectorate building at Chatrapur. |
| 2. | Reserve Price | : | i) Rs.37,60,557.00 (Excluding GST) |
| 3. | EMD to be deposited (In shape as N.S.C / Post Office savings bank account / Post office time deposit account / Kisan Viskas Patra / Bank Guarantee) | : | i) Rs. 9,40,200.00 |
| 4. | Period of Completion | : | 1 (One) Calendar Month |
| 5. | Receipt of Quotation | : | 16.02.2026 to 25.02.2026 up to 5.00 pm |
| 6. | Date & Time of Opening of Quotation. | : | 26.02.2026 at 11.30 A.M |
| 7. | Name and address of the Officer inviting Quotation | : | Superintending Engineer, Ganjam (R&B) Division No-II, Berhampur. |
| 8. | Submission of Quotation | : | The quotation should submit in sealed cover by personal delivery in the box placed for the purpose in the office of the undersigned / Registered Post / Speed Post during working hours |

Any other information can be heard during working office hours.

Sd/- Superintending Engineer
Ganjam (R&B) Division No-II

OIPR : 34001/34080/1/25-26/0001

**OFFICE OF THE ROURKELA MUNICIPAL CORPORATION, ROURKELA**

13001/160/2526

**INVITATION FOR BID**
**No. 1745 Dated. 06.02.2026**
**Bid Identification No.MC/RMC/08/2026**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/08/2026 for 07 nos. Civil work with value of Rs. 4.88 lakh to 26.10 Lakh.

1. Bid documents will be available in website www.tendersorissa.gov.in from 07.02.2026.
2. Bids must be submitted on "online" on or before 16.02.2026 by 17,00 hours.
3. Bids shall be opened at 11.00 hours on 17 .02.2026 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Sd/- Municipal Commissioner,
Rourkela Mupicipal Corporation

OIPR : 13001/13131/1/25-26/0035

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ପି.ଏମ୍.ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଖୋର୍ଦ୍ଧା, (ସବ୍ୟୁ): ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ରଥଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ତଥା 'ଆମରି ସତ୍ୟ' ପତ୍ରିକାର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ଏକ ଦିକ୍ଷାନ୍ତ ଭାଷଣ ମାଧ୍ୟମରେ ଭଲ ମଣିଷ ହୋଇ ସମାଜର କାମ କରିବା ମା'ଶବ୍ଦର ସଂଜ୍ଞା ଓ ସରୂପ ତଥା ଦୁନିଆରେ ଅସଲି ନକଲିର ପ୍ରବେଦ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଶିକ୍ଷା ଶିକ୍ଷଣ ପ୍ରତିଷ୍ଠାନ ଖୋର୍ଦ୍ଧାର ଅଧ୍ୟକ୍ଷ ତାପସ କୁମାର ନାୟକ ମୁଖ୍ୟବକ୍ତା ଭାବେ ନିଜର ଅଭିଭାଷଣରେ ବିକସିତ ଭାରତର ସପ୍ନ ପୂରଣ ପିଏମ୍ ଶ୍ରୀ ସ୍କୁଲର ସଂକଳ୍ପନା ର ପ୍ରୟାସ ପାଇଁ ଯସସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାଧୁବାଦ ଜଣାଇ ସୁସ୍ଥ ଶରୀର ଓ ସୁସ୍ଥ ମସ୍ତିଷ୍କର ସମନ୍ୱୟରେ ଏକ ସୁସ୍ଥ ସମାଜ ଗଠନ ତଥା ମନରୁ ନକାରାତ୍ମକ ଚିନ୍ତନ ଯେ ପୁସ୍ତକ ପଠନ ଦ୍ୱାରା ଦୂର ହୋଇପାରିବ ଏହା ନିଃସନ୍ଦେହ। ଅନ୍ୟତମ ଅତିଥିଭାବେ ସଂଯୁକ୍ତା କର ଓ ଫଂଚସଖା ଶିକ୍ଷା ସେତୁ ସଂଗଠନର ଅଧ୍ୟକ୍ଷ ତିଳୋତମା ପଟ୍ଟନାୟକ, ଅରୁଣ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ ଅବସରରେ ବିଦ୍ୟାଳୟର ମୁଖପତ୍ର 'ଜ୍ଞାନଦା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଟିକିରାଣୀ ଦାସଙ୍କୁ ସତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାକାର୍ଯ୍ୟ କୁ ବିଭୂତି ଭୂଷଣ ଜେନା ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ଶର୍ମିଷ୍ଠା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା

# ଗିରଫ ଛାତ୍ର ଜ୍ୟୋତିପ୍ରକାଶର ଆବେଦନ ହାଇକୋର୍ଟରେ ଖାରଜ, ଚାଲିବ ମାମଲା

କଟକ,(ସବ୍ୟୁ): ରାଜ୍ୟର ବହୁ ଚର୍ଚ୍ଚିତ ବାଲେଶ୍ୱର ପକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ଗିରଫ ହୋଇଥିବା ଅନ୍ୟତମ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଆବେଦନ ହାଇକୋର୍ଟରେ ଖାରଜ ହୋଇଯାଇଛି । ଏହି ମାମଲରେ ତାଙ୍କ ସମ୍ପୃକ୍ତିକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହାକୁ ବିଚାରକୁ ନେଇ ଜ୍ୟୋତିପ୍ରକାଶଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ଥିବା ଦର୍ଶାଇ ତାଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ପଲରେ ଜ୍ୟୋତିପ୍ରକାଶଙ୍କ ବିରୋଧରେ ଏବେ ମାମଲା ଚାଲିବା ସ୍ପଷ୍ଟ ହୋଇଯାଇଛି। ଏଫ.ଏମ୍ କଲେଜ୍‌ର ଛାତ୍ରୀ ସୋମ୍ୟାଶ୍ରୀ ୨୦୨୫ ଅଗଷ୍ଟରେ ଏହି କଲେଜ୍ ପରିସରରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ । ଏହି ଘଟଣା ସେତେବେଳେ ରାଜ୍ୟରେ ଚହଳ ସୃଷ୍ଟି କରିଥିଲା । ସେ ନିଆଁ ଲଗାଇଥିବା ସମୟରେ ଜ୍ୟୋତିପ୍ରକାଶ ଏହି ଘଟଣାର ଭିଡିଓ ସୁଟିଂ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ସୌମ୍ୟଶ୍ରୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ପୁଲିସ୍ ଜ୍ୟୋତିପ୍ରକାଶଙ୍କ ନାମରେ ମାମଲା ରୁଜୁ କରିଥିଲା । ଏହି ମାମଲାରେ ନିଜର ସମ୍ପୃକ୍ତି ନଥିବା ଦର୍ଶାଇ ସେ ପ୍ରଥମେ ବାଲେଶ୍ୱର ସେସନ୍ସ ଜଜ୍‌ରେ ଏକ ମାମଲା ରୁଜୁ କରିଥିଲେ। କିନ୍ତୁ ନିମ୍ନ ଅଦାଲତ ୨୦୨୫ ଡିସେମ୍ବର ୨୦ ତାରିଖରେ ଜ୍ୟୋତିପ୍ରକାଶଙ୍କ ପିଟିସନ୍‌କୁ ଖାରଜ କରି ଦେଇଥିଲେ ।ଫଳରେ ଏହି ଆଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅବେଦନକାରୀଙ୍କ ପକ୍ଷରୁ ଯୁକ୍ତିରେ ଦର୍ଶାଯାଇଥିଲା ଯେ, ଏହି ଘଟଣାରେ ସମସ୍ତ ଅଭିଯୋଗ ସମୀର କୁମାର ସାହୁ ଏବଂ ଦିଲ୍ଲୀପ କୁମାର ଘୋଷଙ୍କ ନାମରେ କରାଯାଇଛି। ତେଣୁ ଆବେଦନକାରୀ ସୌମ୍ୟଶ୍ରୀଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗ ଲାଗୁ ହେଉନାହିଁ । ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା । ରାଜ୍ୟ ସରକାର ଆବେଦନକାରୀଙ୍କ ବିରୋଧରେ ଥିବା ସିସିଟିଭି, ସିଡିଆର ଆଦି ସଂକ୍ରାନ୍ତରେ ଉଲ୍ଲେଖ କରିଥିଲେ ।

# ଏସିଆନ ପେଣ୍ଟସର ପ୍ରଥମ ସ୍ୱୀକୃତିପ୍ରାପ୍ତ ସର୍ଭିସ ସେଣ୍ଟର



ଭୁବନେଶ୍ୱର, (ସବ୍ୟୁ): ଦେଶର ଅନ୍ୟତମ ନାମୀ କମ୍ପାନୀ ଏସିଆନ ପେଣ୍ଟସର ଏକ ସ୍ୱୀକୃତିପ୍ରାପ୍ତ ଟୁଲସ୍ ସର୍ଭିସ ସେଣ୍ଟର ମଙ୍ଗଳବାର ଉନ୍ମୋଚିତ ହୋଇଛି। ଜୟଦେବ ବିହାର ଏନ-୫ରେ ଥିବା ପ୍ରଭାତ ପାୱାର ଟୁଲ୍ସ କମ୍ପାନୀ ତରଫରୁ ରାଜ୍ୟର ପ୍ରଥମ ସ୍ୱୀକୃତିପ୍ରାପ୍ତ ସର୍ଭିସ ସେଣ୍ଟର ଭାବେ ନିଯୁକ୍ତି ପାଇଛି। ଏହି ଅବସରରେ ପ୍ରଭାତ ପାୱାର ଟୁଲ୍ସ ଅଫିସରେ ଏକ ନିରାଡମ୍ବର ଉତ୍ସବ ଆୟୋଜିତ ହୋଇଥିଲା। ଏସିଆନ ପେଣ୍ଟସ୍ ପକ୍ଷରୁ ଏହାର ସିନିଅର ସର୍ଭିସ ଇଂଜିନିୟର ବିଶ୍ୱରଞ୍ଜନ ଓ ପ୍ରଭାତ ପାଓ୍ୱାର ଟୁଲ୍ସର ପ୍ରୋପାଇଟର ପ୍ରଭାତ କୁମାର ସାହୁ ଯୋଗଦେଇ ଏହି ସର୍ଭିସ ସେଣ୍ଟରର ଉତ୍ତୋରତର ଉନ୍ନତି କାମନା କରିଥିଲେ।

# ଓଡିଶା ମେଡିକାଲ ଡିଭାଇସେସ୍ ଏକ୍ସପୋ ଆୟୋଜନ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରେକ୍ଷାଳୟରେ "ଓଡିଶା ମେଡିକାଲ ଡିଭାଇସେସ୍ ଏକ୍ସପୋ ୨୦୨୬" ର ଆୟୋଜନ ପୂର୍ବର ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ, ଓମ୍‌ସା ର ରାଜ୍ୟ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଶ୍ରୀକାନ୍ତ କୁମାର ସାମଲ ଉପସ୍ଥିତ ରହି ଆସନ୍ତା ଫେବୃଆରୀ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ବରମୁଣ୍ଡା ପ୍ରଦର୍ଶନୀ ପଡିଆରେ ହେବାକୁ ଯାଉଥିବା ଓଡିଶା ମେଡିକାଲ ଡିଭାଇସେସ୍ ଏକ୍ସପୋ ୨୦୨୬ର ପ ମ ସଂସ୍କରଣ ବିଷୟରେ ବିସ୍ତୃତ ବିବରଣୀ ଦେଇଛନ୍ତି। ଏଥିରେ ପ୍ରଦର୍ଶନ ହେବାକୁ



ଥିବା ନୂତନ ଜ୍ଞାନ କୌଶଳରେ ନିର୍ମିତ ମେଡିକାଲ ଉପକରଣ ସ୍ୱାସ୍ଥ୍ୟ ଚିକିତ୍ସା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ ବୋଲି ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ ଜଣାଇଛନ୍ତି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ କମ୍ପାନୀ ଯୋଗଦେବା ସହ ଓଡିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭାଗୀୟ ମନ୍ତ୍ରୀ ଓ ସଚିବମାନେ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି।

# 'ଓଟିପି ଲିକେଜ୍ ଦ୍ୱାରା ହେଉଥିବା ଠକେଇ' ନୂତନ ଏଆଇ-ଚାଳିତ ସୁରକ୍ଷା ଆରମ୍ଭ କଲା ଏୟାରଟେଲ୍

ଭୁବନେଶ୍ୱର (ସବ୍ୟୁ): ସ୍କାମର ବିପଦର ମୁକାବିଲା କରିବା ପାଇଁ ଏହାର ନିରନ୍ତର ପ୍ରୟାସର ଏକ ଅଂଶ ଭାବରେ, ଏୟାରଟେଲ୍ ଏହାର ଅଭିନବ ଫ୍ରଡ୍ ଆଲର୍ଟ ଶୁଭାରମ୍ଭ କରିଛି, ଏକ ଏଆଇ-ଚାଳିତ, ଅତ୍ୟାଧୁନିକ ସମାଧାନ ଯାହା ଗ୍ରାହକମାନଙ୍କୁ ୱାନ୍-ଟାଇମ୍-ପାସୱାର୍ଡ (ଓଟିପି) ସମ୍ବନ୍ଧୀୟ ବ୍ୟାଙ୍କ ଠକେଇର ଦ୍ରୁତ ବର୍ଦ୍ଧିତ ବିପଦ ବିରୁଦ୍ଧରେ ପ୍ରକୃତ-ସମୟ ସୁରକ୍ଷା ପ୍ରଦାନ କରେ। ଠକମାନେ ଡେଲିଭରି ଭଳି ଦୈନନ୍ଦିନ ସେବା ପାଇଁ ଓଟିପି ସହିତ ଜଡିତ ଜରୁରୀତାର ସୁଯୋଗ ନିଅନ୍ତି ଏବଂ ଗ୍ରାହକମାନଙ୍କୁ ବ୍ୟାଙ୍କିଂ-ଟ୍ରାଞ୍ଜେକ୍ସନ-ଓଟିପି ସେୟାର କରିବାକୁ କହି ଠକନ୍ତି, ଯାହା ଫଳରେ ସେମାନଙ୍କ ଆକାଉଣ୍ଟ ସଞ୍ଚୟ ଠକେଇର ବିପଦରେ ପଡ଼ିଯାଏ। ଏୟାରଟେଲ୍‌ର ନୂତନ ଏଆଇ-ଚାଳିତ ସିଷ୍ଟମ୍ ଏପରି ସମ୍ଭାବ୍ୟ ବିପଦପୂର୍ଣ୍ଣ ପରିସ୍ଥିତିକୁ ଚିହ୍ନଟ କରେ ଏବଂ ସମ୍ପୃକ୍ତ ଗ୍ରାହକମାନଙ୍କୁ ଚେତାବନୀ ଦିଏ। ଯେତେବେଳେ ଏକ ସମ୍ଭାବ୍ୟ ବିପଦପୂର୍ଣ୍ଣ ଇନକମିଂ କଲ୍ ସମୟରେ ଏକ ବ୍ୟାଙ୍କ ଓଟିପି ଚିହ୍ନଟ ହୁଏ, ସେତେବେଳେ ଏୟାରଟେଲ୍ ଗ୍ରାହକଙ୍କୁ ଏକ ଫ୍ରଡ୍ ଆଲର୍ଟ ଯାଞ୍ଚ ସହିତ ହସ୍ତକ୍ଷେପ କରେ ଯାହା କଲରେ ଥିବା ସମୟରେ ଏକ ବ୍ୟାଙ୍କିଂ କାରବାର ଓଟିପି ପାଇଁ ସମ୍ମତି ଦେବାର ସମ୍ଭାବ୍ୟ ବିପଦ ବିଷୟରେ ହସ୍ତକ୍ଷେପ କରେ। ଏଆଇ-ଚାଳିତ ବୁଦ୍ଧିମତ୍ତା ଏବଂ ମାନବ ବିଚାରର ଏହି ଶକ୍ତିଶାଳୀ ମିଶ୍ରଣ ଗ୍ରାହକମାନଙ୍କୁ ଚିନ୍ତା କରିବା, ଯାଞ୍ଚ କରିବା ଏବଂ ସେମାନଙ୍କର ସୁରକ୍ଷା ଉପରେ ଦୃଢ଼ ନିୟନ୍ତ୍ରଣ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ପ୍ରଦାନ କରେ, ଯାହା ଫଳରେ ସ୍କାମରମାନେ ଶୋଷଣ କରୁଥିବା ବ୍ୟବଧାନକୁ ପ୍ରଭାବଶାଳୀ ଭାବରେ ବନ୍ଦ କରିଥାଏ। ଏହି ପଦକ୍ଷେପ ବିଷୟରେ ମତ ଦେଇ, ଏୟାରଟେଲ୍, ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଶାଶ୍ୱତ ଶର୍ମା କହିଛନ୍ତି, "ଆମେ ଏୟାରଟେଲ୍‌କୁ ଏକ ନିରାପଦ ନେଟୱାର୍କ କରିବା ପାଇଁ ଏକ ମିଶନରେ ଅଛୁ।

# ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ ୨୦୨୬



ଭୁବନେଶ୍ୱର, (ସବ୍ୟୁ): ଗାନ୍ଧୀ ଇନଷ୍ଟିଚ୍ୟୁଟ ଆଫ ଏକ୍ସଲେଣ୍ଟ ଟେକ୍ନୋକ୍ରାଟ୍ସ, ଘଂଗାପାଟଣା, ଭୁବନେଶ୍ୱର କୁ ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାରକୁ ଉପସଭାପତି ଇଂ ରାମ ନାରାୟଣ ସାବତ ଏବଂ ଅଧ୍ୟକ୍ଷ ଡାଃ ସୁଭ୍ରଜିତ୍ ପ୍ରଧାନ ଗ୍ରହଣ କରିଛନ୍ତି। ଏହି ପୁରସ୍କାର , ଗାନ୍ଧୀ ଇନଷ୍ଟିଚ୍ୟୁଟ ଆଫ ଏକ୍ସଲେଣ୍ଟ ଟେକ୍ନୋକ୍ରାଟ୍ସ, ଘଂଗାପାଟଣାର ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଅବଦାନ ପାଇଁ ପ୍ରଦାନ କରାଯାଇଛି। ଏହି ସମ୍ମାନ ସମସ୍ତ ଶିକ୍ଷାର୍ଥୀ, ଅଧ୍ୟାପକ ଏବଂ ସମସ୍ତ ସଦସ୍ୟଙ୍କ ପାଇଁ ଗର୍ବ ଏବଂ ଆନନ୍ଦର ବିଷୟ।

## ବେଦାନ୍ତ ଷ୍ଟେମରେ ୩୫% ସହିତ ଏହାର କର୍ମଶକ୍ତିରେ

# ୫୦% ମହିଳାଙ୍କୁ ନିଯୁକ୍ତି ଦେବାର ଲକ୍ଷ୍ୟ

ଭୁବନେଶ୍ୱର, (ସବ୍ୟୁ): ମହିଳା ଓ ବାଳିକା ଆର୍ନ୍ତଜାତୀୟ ଦିବସ ୧୧ ଫେବୃଆରୀ ଅବସରରେ ବେଦାନ୍ତ ଲିମିଟେଡ ଘୋଷଣା କରିଛି, ମହିଳାମାନେ ଏବେ ଏହାର ଷ୍ଟେମ ଫ୍ରେସର ନିଯୁକ୍ତିରେ ୩୫%ରୁ ଅଧିକ ଅଛନ୍ତି ଯାହାଦ୍ୱାରା ନେତୃତ୍ୱ ଓ ପରିଚାଳନାରେ ୪୫%କୁ ବୃଦ୍ଧି ପାଇଛି। ଚଳିତ ବର୍ଷ ଠାରୁ କମ୍ପାନି ୫୦%ରୁ ଅଧିକ ମହିଳାଙ୍କୁ ନିଯୁକ୍ତି ଦେବା ଲକ୍ଷ୍ୟ ରଖିଛି। ଏହି ସଫଳତା ଭାରତର ଧାତୁ, ଖଣି, ଉତ୍ପାଦନ ଏବଂ ଶକ୍ତି କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସଂଯୁକ୍ତ ରାଷ୍ଟ୍ରର ୨୦୨୬ ବିଜ୍ଞାନରେ ମହିଳା ଓ ବାଳିକାଙ୍କ ପାଇଁ ଅନ୍ତର୍ଜାତୀୟ ଦିବସର ଥିମ ସହ ସଂପୃକ୍ତ ଯାହା ବୈଜ୍ଞାନିକ ଶିକ୍ଷା, ନବସୃଜନ ଓ ନେତୃତ୍ୱ କ୍ଷେତ୍ରରେ ଲିଙ୍ଗ ସମାନତାକୁ ତ୍ୱରାନ୍ୱିତ କରିବା ଲାଗି ଆହ୍ୱାନ କରେ। ବେଦାନ୍ତର ପ୍ରଗତି ଦର୍ଶାଏ ଯେ ଶିକ୍ଷା ଓ ଦୀର୍ଘକାଳୀନ ବୈଜ୍ଞାନିକ ଏବଂ ବୈଷୟିକ କ୍ୟାରିୟର ମଧ୍ୟରେ କିପରି ସ୍ଥାୟୀ ଶିଳ୍ପ ନେତୃତ୍ୱାଧୀନ କାର୍ଯ୍ୟ ସେତୁ ଗଠନ କରିବାରେ ସାହାଯ୍ୟ କରେ। ଧାତୁ ଓ ଖଣି



କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣକୁ ପୁନଃପରିଭାଷିତ କରିବାରେ ବେଦନ୍ତ ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟିଛି। ଗତ କିଛି ବର୍ଷ ଧରି ବେଦାନ୍ତ ମୁଖ୍ୟ ଶିଳ୍ପ ଭୂମିକାରେ ମହିଳାମାନଙ୍କୁ ଅଗ୍ରାଧିକାର ଦେଇ ଆସୁଛି। ବେଦାନ୍ତ ଲିମିଟେଡର ଅଣ କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ହିନ୍ଦୁସ୍ତାନ ଜିଙ୍କ ଲିମିଟେଡର ଅଧ୍ୟକ୍ଷା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି ଯେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏକ ପ୍ରକୃତ ଆତ୍ମ ନିର୍ଭର ଏବଂ ଦୀକ୍ଷିତ ଭାରତ ଆଡକୁ ଭାରତର ଯାତ୍ରାକୁ ଆକାର ଦେବ। ବେଦାନ୍ତରେ ଆମେ ବିଶ୍ୱାସ କରୁ ଯେ ପ୍ରତିଭା ଏକାଠି ବଢିଲେ ଭବିଷ୍ୟତ ନିର୍ମାଣ ହୁଏ। ଭାରତରେ ପ୍ରଥମ ହୋଇ ମହିଳା ଖଣି ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଇବା ଓ ଖଣିରେ ରାତି ପାଳି କରିବାଠାରୁ ଆରମ୍ଭ କରି ସମସ୍ତ ମହିଳା ଆଲୁମିନିୟମ ଉତ୍ପାଦନ ଲାଇନ ଏବଂ ଲୋକୋମୋଟିଭ ନିର୍ମାଣ କରିବା ପର୍ଯ୍ୟନ୍ତ ମହିଳାମାନେ କାର୍ଯ୍ୟ କରୁଥିବା ଗର୍ବର ବିଷୟ। କେବଳ ଏତିକି ନୁହେଁ ବେଦାନ୍ତର ବ୍ୟବସାୟରେ, ମହିଳା ବୈଜ୍ଞାନିକ, ଇଂଜିନିୟର ଓ ପ୍ରଯୁକ୍ତିବିଦମାନେ ଖଣି, ଧାତୁ ବିଜ୍ଞାନ, ପ୍ରକ୍ରିୟା ଇଂଜିନିୟରିଂ, ପରିବେଶ ବିଜ୍ଞାନ ଭଳି ଶୃଙ୍ଖଳାରେ ସଫଳତା ଆଣୁଛନ୍ତି। ଜୀବନ ପର୍ଯ୍ୟାୟରେ ପ୍ରତିଭା ରଣନୀତିକୁ ସମର୍ଥନ କରି କ୍ୟାରିୟର ପ୍ରବେଶ, ପ୍ରଗତି ଓ ଦୀର୍ଘକାଳୀନ ସଂରକ୍ଷଣକୁ ବିସ୍ତାର କରୁଥିବା ଏକ ପ୍ରମୁଖ ବହୁମୁଖୀ ପ୍ରତିଭା ରଣନୀତି ଦ୍ୱାରା ଆଧାରିତ। ବେଦାନ୍ତ ସଭିଙ୍କ ପାଇଁ ଏକ ସ୍ୱଚ୍ଛ କ୍ୟାରିୟର ଅଭିବୃଦ୍ଧି ପଥ ପରିଷ୍କାର କରେ।

### ମହିଳା କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅନ୍ତର୍ଗତ ବିଜେବି ଇନ୍‌ଷ୍ଟିଚ୍ୟୁଟ ଠାରେ ମେକାନିକାଲ ବିଭାଗର ମହିଳା କର୍ମଚାରୀ ମଞ୍ଜୁଲତା ଶତପଥୀ ସିନିଅର ଟେକନିସିଆନ ରେଳବିଭାଗରୁ ଅବସର ନେଇଛନ୍ତି । ସେ ୧୯୯୪ ମସିହାରେ ନିଜ ସ୍ୱାମୀଙ୍କ ମୁର୍ତ୍ୟୁ ପରେ ଅନୁକମ୍ପାପୂର୍ଣ୍ଣ କୋଟାରେ ଚାକିରୀ ପାଇଥିଲେ ।ସେ ଜଣେ ଅତ୍ୟନ୍ତ ମିଳାପି ସ୍ୱଭାବର ହୋଇଥିବାବେଳେ କମ୍ପୁଟର ଚାଳନାରେ ସିଦ୍ଧହସ୍ତ ଥିଲେ ତା ସହିତ ଶ୍ରମିକ କଂଗ୍ରେସ ସଂଘଠନ ସହିତ ଯୋଡିହୋଇ କର୍ମଚାରୀଙ୍କ ମୌଳିକ ଅଧିକାର ନିମନ୍ତେ ସଦାସର୍ବଦା ସ୍ୱର ଉତ୍ତଳନ କରୁଥିଲେ। ଶାଖା ସମ୍ପାଦକ ଏଲ ଡ଼ି ମହାନ୍ତିଙ୍କ ସଂଯୋଜନାରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର , କେନ୍ଦ୍ରୀୟ ପଦାଧିକାରୀ ଏମ ଗୋପାଳ କ୍ରିଷ୍ଣା ରାଓ , ପି ରାଜା ରାଓ , ଏସ କେ ଦଳାଇ , ନାରୀନେତ୍ରୀ ରୁନି ବେହେରା, ଶରତ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ ।

## ପୁଣି ବିଶ୍ୱ ଦରବାରରେ ଓଡିଶା ପାଇଁ ଦେଶ ନିନ୍ଦିତ ହେଲା : କଂଗ୍ରେସ

# ତିବତୀୟାନ ଶିଶୁ ଦୁଷ୍କର୍ମର ଶିକାର ହେବା ନିନ୍ଦନୀୟ

ଭୁବନେଶ୍ୱର, (ସବ୍ୟୁ) : ଗଜପତି ଜିଲ୍ଲା ଚନ୍ଦ୍ରଗିରିରେ ଘଟିଥିବା ଅତ୍ୟନ୍ତ ଲଜ୍ୟାଜନକ ଦୁଷ୍କର୍ମ ଘଟଣା ଉପରେ ବୁଧବାର କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ ଗଭୀର ଉଦବେଗ ପ୍ରକାଶ କରି କହିଲେ ଯେ, ଓଡିଶା ମହିଳା ମାନଙ୍କ ପାଇଁ ଏକ ଅସୁରକ୍ଷିତ ସ୍ଥାନ ପାଲଟି ଯାଇଛି । ଏନସିଆରବି ରିପୋର୍ଟ ଅନୁସାରେ ମହିଳାଙ୍କ ଉପରେ ହିଂସାରେ ଓଡିଶା ଏକ ନମ୍ବର । ଡିସେମ୍ବର ୮.୨୦୨୫ ରେ ମୁଖ୍ୟମନ୍ତ୍ରୀ ଲିଖିତ ଭାବେ କହିଛନ୍ତି, ରାଜ୍ୟରେ ମାତ୍ର ୧୫ ମାସରେ ୪୦୯୪୩ ଜଣ ମହିଳାଙ୍କ ଉପରେ ହିଂସା ଘଟିଥିବାବେଳେ ୪ ହଜାରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଦୁଷ୍କର୍ମର ଶିକାର ହେବାକୁ ପଡିଛି । ଗୋପାଳପୁର ଗଣଦୁଷ୍କର୍ମ ପରେ ଆମେରିକା ରାଷ୍ଟ୍ରପତି ଆଡ଼ଭାଇଜରୀ ଜାରୀକରି ତାଙ୍କ ଦେଶର ମହିଳାଙ୍କୁ ଓଡିଶା ଆସିବାକୁ ବାରଣ କରିଥିଲେ




। ଫଳରେ ସାରା ବିଶ୍ୱରେ ଓଡିଶା ବଦନାମ ହୋଇଥିଲା । ସାରା ବିଶ୍ୱରେ ମୁଣ୍ଡ ତଳକୁ ହେଲାପରେ ମଧ୍ୟ ସରକାରଙ୍କ ଚେତା ପଶିଲା ନାହିଁ । ପୁନର୍ବାର ଗତ ୮ ତାରିଖ ଦିନ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଫାଣ୍ଡି ଅଞ୍ଚଳରେ ଜଣେ ୭ ବର୍ଷର ତିବ୍ବତୀୟାନ ଶିଶୁକନ୍ୟା ଦୁଷ୍କର୍ମ ଶିକାର ହୋଇଛି । ସାରା ଭାରତରେ ତିବ୍ବତୀୟାନ ଶିଶୁ ଦୁଷ୍କର୍ମର ଶିକାର ହେବା ଏହା ପ୍ରଥମ ଘଟଣା । ଏହି ଘଟଣା ପାଇଁ ରାଜ୍ୟ ଓ କେନ୍ଦ୍ରର ପର୍ଯ୍ୟଟନ ମନ୍ତ୍ରୀ ଦାୟୀ ହେବା ସହ ଉଭୟ ଗୃହ ବିଭାଗ ମଧ୍ୟ ଦାୟୀ । ସରକାରଙ୍କ ଉଦାସୀନତା ପାଇଁ ଆଜି ପୁଣି ଓଡିଶା ବିଶ୍ୱ ଦରବାରରେ ନିନ୍ଦିତ ହେଲା ବୋଲି ଶ୍ରୀମତୀ ସାହୁ ଅଭିଯୋଗ କରିଛନ୍ତି ।

# ହିଣ୍ଡାଲକୋ ହୀରାକୁଦ ସହଯୋଗରେ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ



ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହୀରାକୁଦ ର ପାରିପାର୍ଶିକ ଉନ୍ନୟନ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ହୀରାକୁଦ ଆନୁକୂଲ୍ୟରେ ସ୍ୱର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ହୀରାକୁଦର ତାରାସିଂପଡା ଠାରେ ଅନୁଷ୍ଠିତ ହୋଇ ଯାଇଅଛି ଓ ଏହି ଅବସରରେ ସ୍ଥାନୀୟ ଜନସାଧାରଣ ମାନଙ୍କୁ ସ୍ୱର୍ଶ କୁଷ୍ଠ ସଚେତନତା ଉପରେ ଡକ୍ଟର ବିଶ୍ୱନାଥ ମିଶ୍ର ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଏନ୍‌ଏଲ୍‌ଡବ୍ଲ୍ୟୁ ଜୟନ୍ତ ଦାସ, ପ୍ରବୀଣ ହରିପାଳ ଓ ସନ୍ତୋଷ ଜାମଡାଳିଆ ପ୍ରଭୃତି ଅଂଶଗ୍ରହଣ କରି ଉପସ୍ଥିତ ଜନସାଧାରଣଙ୍କୁ ସ୍ୱର୍ଶ କୁଷ୍ଠ ସଚେତନତା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ହିଣ୍ଡାଲକୋ ପାରିପାର୍ଶିକ ଉନ୍ନୟନ ବିଭାଗର ସରୋଜ କୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ । ବିଏନ୍‌ଏଲ୍‌ଡବ୍ଲ୍ୟୁ ଜୟନ୍ତ ଦାସ ଉପସ୍ଥିତ ନାଗରିକ ମାନଙ୍କୁ ସ୍ୱର୍ଶ କୁଷ୍ଠ ସଚେତନତାର ଶପଥ ପାଠ କରେଇବା ସହ ହିଣ୍ଡାଲକୋ ହୀରାକୁଦ ଏହି କାର୍ଯ୍ୟକ୍ରମକୁ ସପୂର୍ଣ୍ଣରୂପେ ସହଯୋଗ କରିଥିବାରୁ ହିଣ୍ଡାଲକୋକୁ ସାଧୁବାଦ ଦେଇଥିଲେ । ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଶ୍ରୀମତୀ ଜୟଶ୍ରୀ ରାଓ, ସନ୍ତୋଷ କୁମାର ତ୍ରିପାଠୀ, ମିଳନ କୁମାର ସାହୁ, ଫାର୍ମାସିଷ୍ଟ ସୌରଭ ନାୟକ, ପ୍ରତାପ ସିଂ ଓ ହୀରାକୁଦ ଅଞ୍ଚଳର ଆଶା କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ୪,୧୧୧.୮୦ କୋଟି ଟଙ୍କାର ଅନୁମୋଦନ

# ପଶ୍ଚିମ ଓଡିଶାର ଅଧିକ ଜିଲ୍ଲାକୁ ସାମିଲ ପାଇଁ ଅଂଶୀଦାରଙ୍କ ଦାବି

ଭୁବନେଶ୍ୱର, (ସବ୍ୟୁ): ୧୧ ଜିଲ୍ଲାରେ ୯,୯୨୪ ନିଯୁକ୍ତି ସୃଷ୍ଟି କରିବାକୁ ଆକଳନ କରାଯାଇଥିବା ୪,୧୧୧.୮୦ କୋଟି ଟଙ୍କାର ୨୩ଟି ନିବେଶ ପ୍ରସ୍ତାବକୁ ଓଡ଼ିଶା ସରକାରଙ୍କ ଅନୁମୋଦନକୁ ଶିଳ୍ପ ଅଂଶୀଦାରମାନେ ରାଜ୍ୟର ଉତ୍ପାଦନ ଗତି ପାଇଁ ଏକ ସକାରାତ୍ମକ ସଙ୍କେତ ଭାବରେ ସ୍ୱାଗତ କରିଛନ୍ତି। ତଥାପି, ଏହି ପ୍ରକଳ୍ପଗୁଡ଼ିକର ଭୌଗୋଳିକ ପ୍ରସାର ଚିନ୍ତା ସୃଷ୍ଟି କରିଛି, ୧୧ଟି ଲାଭାର୍ଥୀ ଜିଲ୍ଲା ମଧ୍ୟରୁ କେବଳ ଗୋଟିଏ ପଶ୍ଚିମ ଓଡିଶାରେ ଅବସ୍ଥିତ। ମଞ୍ଜୁରୀପ୍ରାପ୍ତ ପୋର୍ଟଫୋଲିଓ ଏକ ବିସ୍ତୃତ ସ୍ପେକ୍ଟ୍ରମ୍ କଭର କରୁଥିବା ବେଳେ - ଏରୋସ୍ପେସ୍ ଏବଂ ପ୍ରତିରକ୍ଷା, ଔଷଧ, ବୟନ ଏବଂ ପର୍ଯ୍ୟଟନ ଠାରୁ ଆରମ୍ଭ କରି ଖଣିଜ ଲାଭ, ଆଲୁମିନିୟମ ଡାଉନଷ୍ଟ୍ରିମ୍ ଏବଂ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ - ଅଧିକାଂଶ ନିବେଶ ଖୋର୍ଦ୍ଧା, କଟକ, ପୁରୀ, ଗଞ୍ଜାମ ଏବଂ ଯାଜପୁର ଭଳି ଉପକୂଳ ଏବଂ କେନ୍ଦ୍ରୀୟ ଜିଲ୍ଲାଗୁଡ଼ିକରେ କେନ୍ଦ୍ରିତ। ରାଜ୍ୟର ଶିଳ୍ପ ଅର୍ଥନୀତିରେ ବକ୍ସାଇଟ୍, ଲୁହା ଖଣିଜ ଏବଂ ଶକ୍ତିର ପ୍ରାଥମିକ ଅବଦାନକାରୀ ହେବା ସତ୍ତ୍ୱେ, ସଦ୍ୟତମ ଅନୁମୋଦନରେ ଏହାର ସୀମିତ ଉପସ୍ଥିତି ରହିଛି।

ଶିଳ୍ପ ସଂଗଠନଗୁଡ଼ିକ ଉଲ୍ଲେଖ କରିଛନ୍ତି ଯେ ସୁନ୍ଦରଗଡ଼, ସମ୍ବଲପୁର, କଳାହାଣ୍ଡି ଏବଂ ବଲାଙ୍ଗିର ପରି ଜିଲ୍ଲାଗୁଡ଼ିକ ପୂର୍ବରୁ ପ୍ରମୁଖ ଅପଷ୍ଟ୍ରିମ୍ ସମ୍ପତିର ଅଧିକାରୀ ଏବଂ ଡାଉନଷ୍ଟ୍ରିମ୍ ଉତ୍ପାଦନ, ଏମଏସଏମଇ ଏବଂ ମୂଲ୍ୟ-ସଂଯୋଜନ କ୍ଲଷ୍ଟର ପାଇଁ ପ୍ରାକୃତିକ ସ୍ଥାନ। "ମଞ୍ଜୁରୀଗୁଡ଼ିକ ଉତ୍ସାହଜନକ, କିନ୍ତୁ ସନ୍ତୁଳିତ ଆଂଚଳିକ ବଂଟନ ଗୁରୁତ୍ୱପୂର୍ଣ୍ଣ। କଂଚାମାଲ ଏବଂ ଶକ୍ତି ଯୋଗାଣ କରୁଥିବା କ୍ଷେତ୍ରଗୁଡ଼ିକ ମଧ୍ୟ ଚାକିରି ଏବଂ ଉଦ୍ୟୋଗର କେନ୍ଦ୍ର ହେବା ଉଚିତ," ଏକ ଆଲୁମିନିୟମ୍-ସଂଯୋଜିତ ଏମଏସଏମଇ ସଂଘର ଜଣେ ବରିଷ୍ଠ ପ୍ରତିନିଧି କହିଛନ୍ତି। ସରକାରୀ ବିଜ୍ଞପ୍ତିରେ ଇନଭେଂଟଗ୍ରୀଡ୍ ଇଣ୍ଡିଆର ଗଞ୍ଜାମରେ ମଲ୍ଟି-ଡ୍ରୋନ୍ ସୁବିଧା (୩୦୦ କୋଟି, ୧,୦୦୦ ଚାକିରି), ଖୋର୍ଦ୍ଧାରେ ନିଫା ଲିମିଟେଡର ରେଳ ଉପାଦାନ ୟୁନିଟ୍ (୩୮୪ କୋଟି, ୩୧୦ ଚାକିରି) ଏବଂ ସୁନ୍ଦରଗଡ଼ ଏବଂ ଦେବଗଡ଼ରେ ବଡ଼ ଖଣିଜ ଉପକାରିତା ପ୍ଲାଂଟ ଭଳି ମାର୍କି ପ୍ରକଳ୍ପଗୁଡ଼ିକୁ ହାଇଲାଇଟ୍ କରାଯାଇଛି। ତଥାପି, ବିଶ୍ଳେଷକମାନେ ସୂଚିତ କରିଛନ୍ତି ଯେ ନିଯୁକ୍ତି-ସଘନ କ୍ଷେତ୍ର - ବୟନଶିଳ୍ପ, ଆତିଥ୍ୟ, ଲଜିଷ୍ଟିକ୍ସ ଏବଂ ଔଷଧ - ପଶ୍ଚିମ ଓଡ଼ିଶା ବାହାରେ ମୁଖ୍ୟତଃ କ୍ଲଷ୍ଟର ହୋଇଛି।

ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ କିଛି କରିଡରରେ ନୂତନ ପୁଞ୍ଜିର ନିରନ୍ତର କେନ୍ଦ୍ରୀକରଣ ପଶ୍ଚିମ ଜିଲ୍ଲାଗୁଡ଼ିକରୁ ଶ୍ରମିକ ସ୍ଥାନାନ୍ତରକୁ ତୀବ୍ର କରିପାରେ। ପ୍ରତିବର୍ଷ ନିର୍ମାଣ, ସେବା ଏବଂ ଅସଙ୍ଗଠିତ ଉତ୍ପାଦନ କ୍ଷେତ୍ରରେ ପ୍ରାୟ ୩୫-୪୦ ପ୍ରତିଶତ ଶିଳ୍ପ ଶ୍ରମିକ ଅନ୍ୟ ରାଜ୍ୟକୁ ଚାଲିଯାଆନ୍ତି। "ପ୍ରତ୍ୟେକ ବଡ଼ ପ୍ରକଳ୍ପ ପରିବହନ, ଗୃହ, ଖୁଚୁରା ଏବଂ ସେବା କ୍ଷେତ୍ରରେ ଏକ ସ୍ଥାନୀୟ ଗୁଣକ ସୃଷ୍ଟି କରେ। ଯେତେବେଳେ ଅନୁମୋଦନଗୁଡ଼ିକ ଏକ ଅଂଚଳକୁ ବାଇପାସ୍ କରେ, ସମଗ୍ର ଏମଏସଏମଇ ଇକୋସିଷ୍ଟମ୍ ଗତି ହରାଇଥାଏ," ଜଣେ ପୂର୍ବତନ ରାଜ୍ୟ ଯୋଜନା ଅଧିକାରୀ ମତ ଦେଇଛନ୍ତି। ଅଂଶୀଦାରମାନେ ସଂଶୋଧନମୂଳକ ପଦକ୍ଷେପର ଏକ ସେଟ୍ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଡାଉନଷ୍ଟ୍ରିମ୍ ଆଲୁମିନିୟମ୍ ଏବଂ ଷ୍ଟିଲ୍ ୟୁନିଟ୍ ପାଇଁ ସ୍ଥାନ-ସଂଯୁକ୍ତ ପ୍ରୋତ୍ସାହନ, ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା ବେଲ୍ଟରେ ଉତ୍ସର୍ଗୀକୃତ ଜମି ବ୍ୟାଙ୍କ ଏବଂ ପଶ୍ଚିମ ଓଡ଼ିଶା ଏମଏସଏମଇରୁ ଅଗ୍ରାଧିକାର କ୍ରୟ ଅନ୍ତର୍ଭୁକ୍ତ। ସେମାନେ ଖାଦ୍ୟ ପ୍ରକ୍ରିୟାକରଣ, ଇଞ୍ଜିନିୟରିଂ ସାମଗ୍ରୀ ଏବଂ ନବୀକରଣୀୟ ଉପକରଣରେ କ୍ଷେତ୍ରୀୟ କ୍ଲଷ୍ଟର ସୃଷ୍ଟି କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି ଯେଉଁଠାରେ ଏହି ଅଂଚଳର ତୁଳନାତ୍ମକ ଲାଭ ଅଛି।

ରାଜ୍ୟର ସମୃଦ୍ଧ ଓଡ଼ିଶା ୨୦୩୬ ଦୃଷ୍ଟିକୋଣ ଅନ୍ତର୍ଭୁକ୍ତ ଏବଂ ନିଯୁକ୍ତି-ନେତୃତ୍ୱାଧୀନ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରେ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ଲକ୍ଷ୍ୟ ପାଇଁ ଏକ ସ୍ପଷ୍ଟ ଆଂଚଳିକ ନିବେଶ ଢାଂଚା ଆବଶ୍ୟକ ହେବ ଯାହା ନିଶ୍ଚିତ କରିବ ଯେ ଭବିଷ୍ୟତରେ ସିଙ୍ଗଲ୍ ୱିଣ୍ଡୋ ଅନୁମୋଦନ ସମ୍ବଳ ଭୂଗୋଳ ଏବଂ ନିଯୁକ୍ତି ଆବଶ୍ୟକତା ସହିତ ଅଧିକ ସମନ୍ୱିତ ହେବ। "ଓଡ଼ିଶାର ଶିଳ୍ପ କାହାଣୀ କେବଳ ନିବେଶ ସଂଖ୍ୟା ବିଷୟରେ ହୋଇପାରିବ ନାହିଁ; ଏହା ସେହି ଚାକିରିଗୁଡ଼ିକ କେଉଁଠାରେ ଆସିବ ସେ ବିଷୟରେ ମଧ୍ୟ ହେବା ଉଚିତ," ଏକ ଶିଳ୍ପ ଚାମ୍ବର ବିବୃତିରେ କୁହାଯାଇଛି। "ପଶ୍ଚିମ ଓଡ଼ିଶା ନିବେଶ ପାଇଁ ପ୍ରସ୍ତୁତ। ଏହାକୁ ସମାନୁପାତିକ ସୁଯୋଗର ଆବଶ୍ୟକତା ଅଛି।

# ଅଜିତ ପାୱାରଙ୍କ ମୃତ୍ୟୁକୁ ନେଇ ବଡ଼ ଖୁଲାସା

## ଶେଷ ମୁହୂର୍ତ୍ତରେ ବଦଳିଥିଲେ ପାଇଲଟ୍

ମୁମ୍ବାଇ:ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏନସିପି ନେତା ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ପରେ, ପରିବାର ସଦସ୍ୟମାନେ ଏବେ ଷଡ଼ଯନ୍ତ୍ରର ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଅଜିତ ପାୱାରଙ୍କ ପୁତୁରା ତଥା ଏନସିପି ଶରଦ ପାୱାର ଗୋଷ୍ଠୀ ବିଧାୟକ ରୋହିତ ପାୱାର ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦୁର୍ଘଟଣାକୁ ଏକ ଦୁର୍ଘଟଣା ନୁହେଁ ବରଂ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ସେ ମୁଖ୍ୟ ପାଇଲଟ୍ କ୍ୟାପ୍ଟେନ୍ ସୁମିତ କପୁରଙ୍କ ଭୂମିକାକୁ ବିଶେଷ ସନ୍ଦେହଜନକ ବୋଲି କହିଛନ୍ତି। ଜାନୁଆରି ୨୮ ତାରିଖରେ, ବାରାମତି ବିମାନବନ୍ଦର ନିକଟରେ ଲିଅରଜେଟ୍-୪୫ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ସମେତ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ପାଇଲଟ୍ ସୁମିତ କପୁର, କୋ-ପାଇଲଟ୍ ଶାମ୍ଭବୀ ପାଠକ, ପିଏସ୍‌ଓ ବିଦୀପ ଜାଧବ ଓ ବିମାନ ପରିଚାରିକା ପିଙ୍କି ମାଲି ଥିଲେ।ପ୍ରାରମ୍ଭିକ ତଦନ୍ତରେ ଖରାପ ପାଗ ଓ ଅବତରଣ ତ୍ରୁଟିକୁ ଏହି ଘଟଣା ପାଇଁ ଦାୟୀ କରାଯାଇଥିଲା। କିନ୍ତୁ ରୋହିତ ପାୱାର ମଙ୍ଗଳବାର ଦିନ ମୁମ୍ବାଇରେ ଓ ବୁଧବାର ଦିନ ଦିଲ୍ଲୀରେ ପୁଣିଥରେ



ସାମ୍ବାଦିକ ସମ୍ମିଳନୀରେ ଅନେକ ପ୍ରଶ୍ନ ଉଠାଇଛନ୍ତି। ଭାବପ୍ରବଣ ହୋଇ ପାୱାର କହିଛନ୍ତି, ମୋର କାକା ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା ବିଷୟରେ ଲୋକଙ୍କର ସନ୍ଦେହ ଅଛି। ମୋର ମଧ୍ୟ ସନ୍ଦେହ ଅଛି। ମୁଁ ମୋର ସୂତ୍ର ମାଧ୍ୟମରେ ସୂଚନା ସଂଗ୍ରହ କରିବାରେ ୧୩ ଦିନ ବିତାଇଛି। ଆମେ ଏହି ପ୍ରସଙ୍ଗ ବିଷୟରେ ବହୁତ ଭାବପ୍ରବଣ। ଆମେ ଜଣେ ପରିବାର ସଦସ୍ୟଙ୍କୁ ହରାଇଛୁ। ସେ ଜୋର୍ ଦେଇ କହିଛନ୍ତି, ମୋର ପ୍ରମୁଖ ଆପତ୍ତି ମୁଖ୍ୟ ପାଇଲଟ୍ କପୁରଙ୍କ ପ୍ରତି ରହିଛି। ରୋହିତ ଦାବି କରିଛନ୍ତି ଯେ, ପାଇଲଟ୍‌ଙ୍କ ଅତୀତ ସନ୍ଦେହଜନକ। ପୂର୍ବରୁ ମଦ୍ୟପାନ ପାଇଁ ତାଙ୍କୁ ତିନି ବର୍ଷ ପାଇଁ ନିଲମ୍ବିତ କରାଯାଇଥିଲା। ହ୍ୱାଟ୍ସଆପ୍ ଚାଟ୍ ଓ ମେସେଜ୍ ଉଦ୍ଧୃତି ଦେଇ ସେ ପଚାରିଛନ୍ତି, ଉଡ଼ାଣ ପୂର୍ବରୁ ବ୍ରେଥ୍ ଆନାଲାଇଜର ପରୀକ୍ଷା କରାଯାଇଥିଲା କି? ହଂକଂରୁ ଫେରିବା ପରେ କପୁର ମଦ୍ୟପାନ କରିଥିଲେ କି? ରୋହିତ ପାୱାର ବିମାନ ପରିଚାଳକ ଭିଏସ୍‌ଆର୍ କମ୍ପାନି ବିରୋଧରେ ମଧ୍ୟ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେ ଅଭିଯୋଗ କରିଛନ୍ତି, କମ୍ପାନିର ବିମାନ ବେଆଇନ ଭାବେ ପଛ ଭାଗରେ ଅତିରିକ୍ତ ଇନ୍ଧନ ସଂରକ୍ଷଣ କରିଥିଲା । ସେମାନଙ୍କର ରକ୍ଷଣାବେକ୍ଷଣରେ ଅବହେଳା ଥିଲା। ସେ କହିଛନ୍ତି ଯେ ଭିଏସ୍‌ଆର୍ ସୁରକ୍ଷା ମାନଦଣ୍ଡ ପାଳନ କରୁନଥିବା ସୂଚନା ଆମକୁ ମିଳିଛି। ସେ କ୍ଲିୟରାନ୍ସ ଇଞ୍ଜିନିୟର, ଗୁଣବତ୍ତା ଇଞ୍ଜିନିୟର ଓ ରକ୍ଷଣାବେକ୍ଷଣ ଇଞ୍ଜିନିୟରଙ୍କୁ ଅଟକ ରଖି ପଚରାଉଚରା କରିବାକୁ ଦାବି କରିଛନ୍ତି। ଶେଷ ମୁହୂର୍ତ୍ତରେ ପାଇଲଟ୍ ପରିବର୍ତ୍ତନ କରିବା ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ପ୍ରଥମେ ପାଇଲଟ୍ ସାହିଲ ମଦନ ଓ କୋ-ପାଇଲଟ୍ ଯଶଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସୁମିତ କପୁର ଓ ଶାମ୍ଭବୀ ପାଠକଙ୍କୁ ବଦଳାଯାଇଥିଲା। ରୋହିତ ପଚାରିଛନ୍ତି, ଟ୍ରାଫିକ୍ ଭିଡ଼ ଯୋଗୁ ପ୍ରଥମ ପାଇଲଟ୍ କାହିଁକି ପହଞ୍ଚି ପାରିଲେ ନାହିଁ। କିନ୍ତୁ କପୁର କିପରି ପହଞ୍ଚିଗଲେ। ସେ ଶେଷ ମୁହୂର୍ତ୍ତରେ ଟ୍ରାନ୍ସପଣ୍ଡର୍ ବନ୍ଦ ହୋଇଯିବା, ଭଏସ୍ ରେକର୍ଡିଂର ଅଭାବ ଓ ଅନ୍ୟାନ୍ୟ ଯାନ୍ତ୍ରିକ ତ୍ରୁଟି ବିଷୟରେ ସେ ଉଲ୍ଲେଖ କରିଛନ୍ତି। ରାଜ୍ୟସ୍ତରୀୟ ତଦନ୍ତ ଉପରେ ତାଙ୍କର ବିଶ୍ୱାସ ନଥିବାରୁ ରୋହିତ ପାୱାର ତଦନ୍ତକୁ ଏକ କେନ୍ଦ୍ରୀୟ ଏଜେନ୍ସି ତଥା ଦୁଇଟି ଅନ୍ତର୍ଜାତୀୟ ଏଜେନ୍ସି ଯେପରିକି ୟୁକେର ଏଏଆଇବି କିମ୍ବା ଫ୍ରାନ୍ସର ବିଇଏ ଉପରେ ନ୍ୟସ୍ତ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହା ଏକ ୧୦୦% ଷଡ଼ଯନ୍ତ୍ର। ଏକ ସାଧାରଣ ଦୁର୍ଘଟଣା ନୁହେଁ। ତାଙ୍କର ଏଭଳି ମନ୍ତବ୍ୟ ରାଜନୈତିକ ଝଡ଼ ସୃଷ୍ଟି କରିଛି। ଏନ୍‌ସିପି(ଏସ୍ପି) ମୁଖ୍ୟ ଶରଦ ପାୱାର ପ୍ରଥମେ ଏହାକୁ ଏକ ଦୁର୍ଘଟଣା ବୋଲି କହିଥିଲେ। କିନ୍ତୁ ରୋହିତଙ୍କ ଅଭିଯୋଗ ପାରିବାରିକ ମତଭେଦକୁ ପଦାରେ ପକାଇଛି। ଏହି ମାମଲା ମହାରାଷ୍ଟ୍ର ରାଜନୀତିରେ ଏକ ନୂତନ ବିବାଦ ସୃଷ୍ଟି କରିଛି।

# ଇସ୍ପାତ ବିପ୍ଳବକୁ ଶକ୍ତି ପ୍ରଦାନ ପ୍ରବନ୍ଧ ସେୟାର କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଏଚ୍ ଡି କୁମାରସ୍ୱାମୀଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ, ସେୟାର କରିଛନ୍ତି, ଯେଉଁଥିରେ ବର୍ଣ୍ଣନା କରାଯାଇଛି ଯେ କାର୍ବନ କ୍ୟାପଚର ପ୍ରଯୁକ୍ତିବିଦ୍ୟା କିପରି ଭାରତର ପରବର୍ତ୍ତୀ ଇସ୍ପାତ ବିପ୍ଳବକୁ ଶକ୍ତି ପ୍ରଦାନ କରିପାରିବ। "ନେଟ୍ ଜିରୋ ୨୦୭୦ ପ୍ରତିବଦ୍ଧତା, ରଣନୈତିକ ନିବେଶ, ହାଇଡ୍ରୋଜେନ୍ ପଦକ୍ଷେପ ଏବଂ ଆହୁରି ଅନେକ କିଛି ପାଇଁ ଆମର ନିର୍ଦ୍ଦେଶିତ ପ୍ରୟାସ କିପରି ଅଭିବୃଦ୍ଧି, ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ଆଗେଇ ନେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ମାର୍ଗ ଦର୍ଶନ କରାଇବ ସେ ସମ୍ପର୍କରେ ଏହି ପ୍ରବନ୍ଧରେ ଲେଖାଯାଇଛି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି।

"କାର୍ବନ କ୍ୟାପଚର ଭାରତର ପରବର୍ତ୍ତୀ ଇସ୍ପାତ ବିପ୍ଳବକୁ ଶକ୍ତି ଦେଇପାରେ। "ନେଟ୍ ଜିରୋ



୨୦୭୦ ପ୍ରତିବଦ୍ଧତା, ରଣନୈତିକ ନିବେଶ, ହାଇଡ୍ରୋଜେନ୍ ପଦକ୍ଷେପ ଏବଂ ଆହୁରି ଅନେକ କିଛି ପାଇଁ ଆମର ନିର୍ଦ୍ଦେଶିତ ପ୍ରୟାସ କିପରି ଅଭିବୃଦ୍ଧି, ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ଆଗେଇ ନେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ମାର୍ଗ ଦର୍ଶନ କରାଇବ ସେ ସମ୍ପର୍କରେ ପ୍ରବନ୍ଧରେ କେନ୍ଦ୍ର ମନ୍ତ୍ରୀ ଏଚ୍ ଡି କୁମାରସ୍ୱାମୀ ଲେଖିଛନ୍ତି' ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି।

# ସ୍କୁଲ ଭିତରେ ଆଖିବୁଜା ଗୁଳିମାଡ଼

ଥାଇଲ୍ୟାଣ୍ଡ: ଥାଇଲ୍ୟାଣ୍ଡର ସୋଙ୍ଗଖଲାରେ ଜଣେ ବନ୍ଧୁକଧାରୀ ଯୁବକର ନାରକୀୟ କାଣ୍ଡ ଦେଖିବାକୁ ମିଳିଛି। ଏକ ସ୍କୁଲରେ ପଶି ଆଖିବୁଜା ଗୁଳିମାଡ଼ କରିବା ଫଳରେ ୨୨ଜଣ ଛାତ୍ରଛାତ୍ରୀଙ୍କ ସମେତ ୩୪ ଜଣଙ୍କ ଜୀବନ ଚାଲିଯାଇଛି। ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ ଜଣେ ୧୮ ବର୍ଷୀୟ ଯୁବକ ଏକ 'ଏମ୍-୪' ବନ୍ଧୁକରୁ ଆଖିବୁଜା ଗୁଳିମାଡ଼ କରିଥିଲେ। ପୁଲିସ ଏବେ ଘଟଣାର ତଦନ୍ତ କରୁଛି। ସ୍କୁଲକୁ ସିଲ୍ କରାଯିବା ସହ ସେହି ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଉକ୍ତ ଯୁବକର ଭଉଣୀ ସେହି ସ୍କୁଲରେ ପଢୁଥିଲେ। ବନ୍ଧୁକ ଧରି ସଶସ୍ତ୍ର ଯୁବକ ଜଣକ ସେହି ଶିକ୍ଷକଙ୍କୁ ଖୋଜୁଥିଲା ଯିଏ କିଛି ଦିନ ପୂର୍ବରୁ ତାଙ୍କ ଭଉଣୀଙ୍କୁ ପାଠ ପଢ଼ାକୁ ନେଇ ମାଡ଼ ମାରିଥିଲେ। ଭଉଣୀକୁ ମାଡ଼ ମରା ଘଟଣା ନେଇ ଯୁବତ ଜଣକ ଏପରି କରିଥାଇପାରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।ସେପଟେ, ଗୁଳିକାଣ୍ଡ ପରେ ଆକ୍ରମଣକାରୀ ଅନେକ ପିଲା ଓ ଶିକ୍ଷକଙ୍କୁ



ବନ୍ଧକ କରିନେଇଛି। ସ୍କୁଲ ଭିତରେ ଏବେ ବି ଅନେକ ଛାତ୍ର ଫସି ରହିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ସ୍ୱତନ୍ତ୍ର ବାହିନୀ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୁଲିସ ସମଗ୍ର ସ୍କୁଲକୁ ଘେରି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ଆକ୍ରମଣକାରୀର ପରିଚୟ ଏପର୍ଯ୍ୟନ୍ତ ଜଣାପଡିନାହିଁ। ପୁଲିସ ତଦନ୍ତ କରୁଛି, ଏବଂ ଆହତମାନଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

# ପାକିସ୍ତାନକୁ ଟଏଲେଟ ପେପର ଭଳି ବ୍ୟବହାର କରୁଛି ଆମେରିକା: ଆସିଫ

ନୂଆଦିଲ୍ଲୀ: ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ଆମେରିକା ଉପରେ ଗମ୍ଭୀର ଆରୋପ ଲଗାଇଛନ୍ତି। ତାଙ୍କ ଦେଶକୁ ଆମେରିକା ରଣନୈତିକ ଲାଭ ପାଇଁ ବ୍ୟବହାର କରୁଥିବା ଏବଂ ଉଦ୍ଦେଶ୍ୟ ହାସଲ କରିବା ପରେ ଟଏଲେଟ୍ ପେପର୍ ଖଣ୍ଡ ପରି ପରିତ୍ୟାଗ କରୁଥିବା ଅଭିଯୋଗ କରିଛନ୍ତି। ପାକିସ୍ତାନର ଜାତୀୟ ପରିଷଦରେ ଭାଷଣ ଦେଇ ଆସିଫ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ପ୍ରାୟତଃ ତା'ର ଆତଙ୍କବାଦ ଇତିହାସକୁ ଅସ୍ୱୀକାର କରିଥାଏ। ପାକିସ୍ତାନୀ ମନ୍ତ୍ରୀ ଦୁଇଟି ଆଫଗାନ ଯୁଦ୍ଧରେ ଇସଲାମାବାଦର ସମ୍ପୃକ୍ତିକୁ ଏକ ଭୁଲ ଭାବରେ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ ଆଜି ପାକିସ୍ତାନରେ ଆତଙ୍କବାଦ ଅତୀତର ଭୁଲର ପରିଣାମ। ଆସିଫ ୧୯୯୯ ପରେ ୱାଶିଂଟନ ସହିତ ପାକିସ୍ତାନର ପୁନଃ ସମ୍ପର୍କ ବିଷୟରେ କହିଥିଲେ। ଦେଶ ବହୁତ କ୍ଷତି ସହିଥିଲା, ବିଶେଷକରି ଆଫଗାନିସ୍ତାନ କ୍ଷେତ୍ରରେ। ୧୯୯୯ ପରେ ବିଶେଷକରି ୧୧ ସେପ୍ଟେମ୍ବର ୨୦୦୧ ଆକ୍ରମଣ ପରେ ଆମେରିକା ସହିତ ପୁନଃ ସମ୍ପର୍କ ସ୍ଥାପନର ମୂଲ୍ୟ ବହୁତ ଅଧିକ ଥିଲା।

# ଥାନ୍ୟା ନାଥନ ସି ଭାରତର ପ୍ରଥମ ୧୦୦% ଦୃଷ୍ଟିହୀନ ମହିଳା ବିଚାରପତି

ତିରୁଅନନ୍ତପୁରମ: କେରଳର କନ୍ନୁରର ଜଣେ ୨୪ ବର୍ଷୀୟା ମହିଳା ଆଇନଜୀବୀ ଥାନ୍ୟା ନାଥନ ସି ରାଜ୍ୟ ତଥା ଦେଶର ପ୍ରଥମ ୧୦୦% ଦୃଷ୍ଟିହୀନ ମହିଳା ବିଚାରପତି ହୋଇପାରିଛନ୍ତି। ଜଣେ ଆଇନଜୀବୀ ଭାବେ ସେ ବର୍ଷେ ହେଲା ଅଭ୍ୟାସ କରୁଥିବାବେଳେ କେରଳ ନ୍ୟାୟିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏହାଦ୍ୱାରା ସେ ରାଜ୍ୟର ପ୍ରଥମ ଦୃଷ୍ଟିହୀନ ନ୍ୟାୟିକ ଅଧିକାରୀ ହୋଇପାରିଛନ୍ତି। ଥାନ୍ୟା ପ୍ରଥମ ଥର ପରୀକ୍ଷା ଦେଇଥିବାବେଳେ ଭିନ୍ନକ୍ଷମଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ଥାନ୍ୟା ହେଲେ ପ୍ରଥମ ଦୃଷ୍ଟିହୀନ ମହିଳା ବିଚାରପତି

ଗତବର୍ଷ ସୁପ୍ରିମକୋର୍ଟଙ୍କ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ନ୍ୟାୟିକ ଅଧିକାରୀ ଚାକିରିରୁ ନିଷେଧ କରାଯିବା ଉଚିତ୍ ନୁହେଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଥାନ୍ୟାଙ୍କ ଚୟନ ପାଇଁ ପଥ ପ୍ରଶସ୍ତ କରିଥିଲା। କୋର୍ଟରେ ସ୍କ୍ରିନ୍ ରିଡର ଓ ଡିକ୍ଟେସନ ଆପ୍ ଥାନ୍ୟାଙ୍କ କାର୍ଯ୍ୟ ସହଜ କରୁଛି। ସେ ଆଶା କରୁଛନ୍ତି ଯେ, ଇ-କୋର୍ଟ କାର୍ଯ୍ୟକାରୀ ହେବା ସହିତ କୋର୍ଟଗୁଡ଼ିକର ଆଧୁନିକୀକରଣ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ କୋର୍ଟ ରୁମଗୁଡ଼ିକୁ ଅଧିକ ସୁଗମ କରିବ। ଥାନ୍ୟା ଜଣେ ଏନ୍‌ଆରଆଇ ଜଗନ୍ନାଥ ଓ ଗୃହିଣୀ ବବିତାଙ୍କ ଝିଅ। ତାଙ୍କ ଭଉଣୀ ତାରା ବିଦେଶରେ ପଢୁଛନ୍ତି। ଥାନ୍ୟା କନ୍ନୁରରେ ଶିକ୍ଷା ଗ୍ରହଣ କରିଥିଲେ। ଏହାପୂର୍ବରୁ ୨୦୧୩ରେ ରାଜସ୍ଥାନର ବ୍ରହ୍ମାନନ୍ଦ ଶର୍ମା ଦେଶର ପ୍ରଥମ ୧୦୦ % ଦୃଷ୍ଟିହୀନ ବିଚାରପତି ହୋଇପାରିଥିଲେ।

# ସାଇବର ଠକଙ୍କୁ ଅମିତ ଶାହଙ୍କ କଡ଼ା ଚେତାବନୀ

ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ସାଇବର ଓ ଡିଜିଟାଲ ଠକେଇ ଉପରେ ଖୁବ୍ ଶୀଘ୍ର ଅଂକୁଶ ଲାଗିବ ଓ ସିବିଆଇର ନୂଆ ଅସ୍ତ୍ର ୧୪-ସି (ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର) ମାଧ୍ୟମରେ ଠକେଇ ଉପରେ ଲଗାମ ଲଗାଯିବ। ଏବେ ଯେପରି ଦେଶରୁ ନକ୍ସଲ ସଫେଇ ଚାଲିଛି ସେହିଭଳି ସାଇବର କ୍ରାଇମ ଓ ସମ୍ପର୍କିତ ସବୁ ଅପରାଧ ଉପରେ ଅଙ୍କୁଶ ଲାଗିବ। ଏହି ଅବସରରେ ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର ମାଧ୍ୟମରେ S4C ପୋର୍ଟାଲକୁ ଲଞ୍ଚ କରାଯାଇଛି। ଦେଶରେ ଏହି ସଣ୍ଟର ପ୍ରଥମକରି ଲଞ୍ଚ ହୋଇଛି। ଏହାର ଉଦ୍ଦେଶ୍ୟ ସାଇବର ଓ ଡିଜିଟାଲ ଠକଙ୍କ ଉପରେ ନଜର ରଖିବା। ଖୁବ୍ ଶୀଘ୍ର ଭାରତର ଅଧିକାଂଶ ଏଜେନ୍ସୀ ସିବିଆଇ ଅଧିନରେ ଏହି ସେଣ୍ଟର ସହ ଯୋଡି ହୋଇ ଏକାଠି କାମ କରିବେ। ସାଇବର ସ୍କାମ ଓ ଠକେଇର ଇକୋ ସିଷ୍ଟମକୁ ସମାପ୍ତ କରିବା ପାଇଁ ସିବିଆଇ ଦ୍ୱାରା ଆୟୋଜନ କରାଯାଇଥିବା ସେମିନାରରେ କେନ୍ଦ୍ର ଗୃହମନ୍ତ୍ରୀ ଡିଜିଟାଲ ଯୁଗର ଚ୍ୟାଲେଞ୍ଜ ଓ ଏହା ବିରୋଧରେ ସିବିଆଇର ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଦୁଇ ଦିବସୀୟ କାର୍ଯ୍ୟକ୍ରମ ଦିଲ୍ଲୀ ଭାରତ ମଣ୍ଡପମରେ ଅନୁଷ୍ଠିତ ହେଉଛି। ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ୮ ହଜାର କୋଟି ଟଙ୍କାରୁ ଅଧିକ ବ୍ୟାଙ୍କ ଠକେଇ ପଇସା ଫ୍ରିଜ କରିବା,ଏଜେନ୍ସୀ ୧୨ଲକ୍ଷ ସିମକାର୍ଡ ବ୍ଲକ୍ କରିବା , ମ୍ୟୁଲ ଆକାଉଣ୍ଟ ହଣ୍ଟର ଆପ ଆପଣେଇବା ଯୋଗୁ ଏଜେନ୍ସୀକୁ ତାରିଫ କରିଛନ୍ତି। ସେହିପରି ୧୯୩୦ ହେଲପଲାଇନ ନମ୍ବରକୁ ଆହୁରି ମଜଭୁତ କରିବା ଏବଂ ଅନ୍ତର୍ଜାତୀୟ ସହଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଗୃହମନ୍ତ୍ରୀ କହିଛନ୍ତି ଯେ ୩୦ ନଭେମ୍ବର ୨୦୨୫ ସୁଦ୍ଧା ୨୩ଲକ୍ଷ ୬୧ ହଜାର ସାଇବର ଠକେଇ ଅଭିଯୋଗ ମିଳିଛି। ଏଥିରେ ଏକ ଏପରି ମାମଲା ବି ଥିଲା ଯେଉଁଥିରେ ୨୦ ହଜାର କୋଟି ଟଙ୍କା ଫ୍ରଡ ହୋଇଥିଲା। ସେଥିରୁ ଆମେ ୮ ହଜାର କୋଟି ଟଙ୍କା ଫ୍ରିଜ କରିପାରିଛୁ। ଆମ ଏଜେନ୍ସୀମାନେ ଡିସେମ୍ବର ୨୦୨୫ ସୁଦ୍ଧା ୧୨ଲକ୍ଷ ସିମ କାର୍ଡ ବ୍ଲକ୍ କରିଛନ୍ତି। ଆଜିର ସମୟରେ ମ୍ୟୁଲ ଆକାଉଣ୍ଟ ସର୍ଭିସ ଭଳି କିଣାବିକା ହେଉଛି। ଏଣୁ ଆରବିଆଇ ଓ ଗୃହମନ୍ତ୍ରାଳୟ ମିଳିତ ଯେଉଁ ମ୍ୟୁଲ ଆକାଉଣ୍ଟ ହଣ୍ଟର ଆପ ତିଆରି କରିଛନ୍ତି ତାକୁ ସବୁ ସରକାରୀ ଓ ପ୍ରାଇଭେଟ ବ୍ୟାଙ୍କ ଆପଣେଇବା ଉଚିତ। ଏଥି ପାଇଁ ଖୁବ୍ ଶୀଘ୍ର ଏସଓପି ଅଣାଯିବ। ଏହା ଦ୍ୱାରା ଦେଶରେ ୭୦% ସାଇବର ଅପରାଧକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ଗୃହମନ୍ତ୍ରୀ କହିଛନ୍ତି।

# ସରକାରଙ୍କ ବଡ଼ ଡିଜିଟାଲ ଷ୍ଟ୍ରାଇକ୍

## ନକଲୀ ଫଟୋରେ ଲାଗିବ ଟ୍ୟାଗ୍

ନୂଆଦିଲ୍ଲୀ: ଭାରତ ସରକାର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସୀ (ଏଆଇ) ଜେନେରେଟେଡ କଣ୍ଟେଣ୍ଟ ଓ ଡିପଫେକ କଣ୍ଟେଣ୍ଟକୁ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏଥିରେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଆପତ୍ତିଜନକ ପୋଷ୍ଟ ୩ ଘଣ୍ଟାରେ ହଟାଇବା ଜରୁରି କରାଯାଇଛି। ସେହିପରି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏଆଇ ଜେନେରେଟେଡ କଣ୍ଟେଣ୍ଟରେ କ୍ଲିୟର ଲେବୁଲ ଦେଖାଇବା ମଧ୍ୟ ଜରୁରି। ଏହା ଦ୍ୱାରା ୟୁଜର ଜାଣି ପାରିବେ ଏହି କଣ୍ଟେଣ୍ଟ ଅସଲି ନା ନକଲୀ।

ଏବେ ଏଆଇ ଆଧାରିତ ଡିପଫେକ୍ ଭିଡିଓ ଏବଂ ଅଡିଓ ଦ୍ରୁତ ଭାଇରାଲ ହେଉଥିବାର ଦେଖାଯାଉଛି। ଏପରି ଅଡିଓ ଏବଂ ଭିଡିଓରେ ଘଟଣାକୁ ଭୁଲ ଉପାୟରେ ପ୍ରଦର୍ଶିତ କରାଯାଉଛି। ଏଣୁ ଏହି ନିୟମ ଆଇଟି ନିୟମ ଟ୍ରାନ୍ସପରେନ୍ସୀ କୁ ପ୍ରୋତ୍ସାହିତ କରିବ। ନୂଆ ନିୟମ ୨୦ ଫେବୃଆରୀ ୨୦୨୬ରୁ ଲାଗୁ ହେବ। ଏହି ନିୟମକୁ ଫେସବୁକ୍, ୟୁଟ୍ୟୁବ ଓ ଇଂଷ୍ଟାଗ୍ରାମରେ ପାଳନ ହେବା ଜରୁରି । ନିୟମ ପାଳନ ନ ହେଲେ ଦଣ୍ଡ ଅଥବା ଆଇନଗତ ଉତ୍ତରଦାୟି ହେବାକୁ ପଡିବ। ଭାରତ ସରକାର ଇଣ୍ଟରମିଡିଆରୀ ଗାଇଡଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଇଥିକ୍ସ କୋଡ ୨୦୨୧ରେ ସଂଶୋଧନ କରିଛନ୍ତି।

ଏହି ନୂଆ ନିୟମକୁ ଏଆଇ ଜେନେରେଟେଡ କଣ୍ଟେଣ୍ଟ ଖାସ କରି ଡିପଫେକ ଭିଡିଓ, ଅଡିଓ ଏବଂ ନକଲୀ ଛବିର ତ୍ରୁଟିପୂର୍ଣ୍ଣ ବ୍ୟବହାର ରୋକିବା ଲାଗି ତିଆରି କରାଯାଇଛି। ଏବେ ଏଆଇ କଣ୍ଟେଣ୍ଟରେ କ୍ଲିୟର ଓ ପ୍ରମୁଖ ଲେବୁଲ ଦର୍ଶାଇବା ଅନିବାର୍ଯ୍ୟ ହେବ। ନିୟମ ଅନୁସାରେ ସୋସିଆଲ ମିଡିଆ ପ୍ଲାଟଫର୍ମରୁ




ବିବାଦୀୟ ଛବି, ଭିଡିଓ ଅଥବା ଅଡିଓ କୁ ୩ ଘଣ୍ଟା ମଧ୍ୟରେ ହଟାଇବାକୁ ପଡିବ। ପୂର୍ବରୁ ଏଥି ପାଇଁ ୩୬ ଘଣ୍ଟା ସମୟ ଥିଲା। ସେହିପରି କଣ୍ଟେଣ୍ଟ ଏଆଇ ଦ୍ୱାରା ତିଆରି ଅଥବା ବଦଳାଯାଇଛି କି ବୋଲି ପ୍ଲାଟଫର୍ମ ୟୁଜରଙ୍କୁ ପଚାରିବ। ଯଦି ପୋଷ୍ଟ ଏଆଇ ଆଧାରିତ ତେବେ ଏହାକୁ କ୍ଲିୟରଲି ଲେବୁଲ କରିବାକୁ ପଡିବ।

# ଟ୍ରମ୍ପ ମାନିଲେ ଭାରତର ସର୍ତ୍ତ

ନୂଆଦିଲ୍ଲୀ: ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ନେଇ ଯେଉଁ ସହମତି ହୋଇଛି ସେଥିରେ ଆମେରିକା ଡାଲି ରପ୍ତାନୀ କରିବ ସେ ନେଇ କୌଣସି ଉଲ୍ଲେଖ ନାହିଁ। ଏହି କଥା ଆମେରିକା ରାଷ୍ଟ୍ରପତି ଭବନ ହ୍ୱାଇଟହାଉସ୍ ପକ୍ଷରୁ ସଂଶୋଧିତ ସଂକ୍ଷିପ୍ତ ବିବରଣୀ (ଫ୍ୟାକ୍ଟସିଟ୍)ରେ ସ୍ପଷ୍ଟ ହୋଇଛି। ତେବେ ଦିନକ ପୂର୍ବରୁ ଆମେରିକା ଯେଉଁ ଫ୍ୟାକ୍ଟସିଟ୍ ଜାରି କରିଥିଲା ସେଥିରେ ଡାଲି କଥା ଉଲ୍ଲେଖ ଥିଲା। ହେଲେ ନୂଆ ବିବରଣୀରେ ଏହା ନାହିଁ।

ସେହିପରି ପୂର୍ବରୁ ହ୍ୱାଇଟ୍ ହାଉସ୍ ପକ୍ଷରୁ ଏହି ଦାବି କରାଯାଇଥିଲା ଯେ ଭାରତ ଆଗାମୀ ୫ ବର୍ଷରେ ଆମେରିକାରୁ ୫୦୦ ବିଲିୟନ ଡଲାର ମୂଲ୍ୟର ଉତ୍ପାଦ କ୍ରୟ ନିମନ୍ତେ ସଂକଳ୍ପବଦ୍ଧ, ହେଲେ ଏବେ କୁହାଯାଇଛି ଯେ ଭାରତ କ୍ରୟ କରିବାର ଉଦ୍ଦେଶ୍ୟ ରଖିପାରେ, ହେଲେ ଏଥିରେ କୌଣସି ବାଧ୍ୟବାଧକତା ନାହିଁ।ଉଲ୍ଲେଖଯୋଗ୍ୟ ଯେ ଦିନକ ପୂର୍ବରୁ ଜାରି ଫ୍ୟାକ୍ଟସିଟ୍ କୁ ନେଇ ବିରୋଧୀ ଦଳ ବୁଧବାର ଗୃହରେ ସରକାରଙ୍କୁ ଘେରିଥିଲେ। ହେଲେ ଏବେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଟ୍ରମ୍ପ ପ୍ରଶାସନ ଯେଉଁଭଳି ଫ୍ୟାକ୍ଟସିଟ୍ କୁ ନେଇ ନିଜର ଭାଷା ନରମ କରିଛି



ଏଥିରୁ ଜଣାପଡୁଛି ୱାସିଂଟନ ଏହି ବୁଝାମଣାକୁ ରାଜନୈତିକ ରୂପେ ସମ୍ବେଦନଶୀଳ ପ୍ରସଙ୍ଗରେ ଅଧିକ ସତର୍କତାର ସହ ଉପସ୍ଥାପନ କରୁଛି। ପୂର୍ବ ବିବରଣୀରେ କିଛି ଡାଲି ସମ୍ପର୍କରେ ଉଲ୍ଲେଖ ଥିଲା। ହେଲେ ଏବେ ସଂଶୋଧିତ ଫ୍ୟାକ୍ଟସିଟ୍ ରୁ ଏହାକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି। ଏହାର ଠିକ ଦିନକ ପୂର୍ବରୁ ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଭାରତୀୟ କୃଷି ଓ ଚାଷୀଙ୍କ ପାଇଁ ସମ୍ବେଦନଶୀଳ କୌଣସି ପ୍ରକାରର ଖାଦ୍ୟାନ୍ନ ଖୋଲା ଯାଉ ନାହିଁ। ହେଲେ ଡାଲି ଭାରତରେ ସମ୍ବେଦନଶୀଳ କୃଷି ଉତ୍ପାଦ, ଏଥିରେ ଟାରିଫରେ କୌଣସି ପ୍ରକାରର ପରିବର୍ତ୍ତନ ଘରୋଇ ବଜାରକୁ ପ୍ରଭାବିତ କରିପାରେ।

ସେହିପରି ୫୦୦ ବିଲିୟନ ଡଲାରର ଆମେରିକା ଉତ୍ପାଦ ଯେପରିକି ଏନର୍ଜୀ, ସୂଚନା ପ୍ରଯୁକ୍ତି ଓ କୋଇଲା ଆଦି କ୍ରୟରେ ଭାରତର ଇଚ୍ଛା ଉପରେ ଜୋର ଦେବା ପାଇଁ ଯେଉଁ ପରିବର୍ତ୍ତନ କରାଯାଇଛି ଏହା ଟ୍ରମ୍ପ ପ୍ରଶାସନର ନରମ ଆଭିମୁଖ୍ୟକୁ ଦର୍ଶାଉଛି। ସେହିପରି ଡିଜିଟାଲ ଟ୍ୟାକ୍ସକୁ ନେଇ ପ୍ରଥମେ କୁହାଯାଇଥିଲା ଭାରତ ଏହି ସର୍ଭିସେସ୍ ଟ୍ୟାକ୍ସ ହଟାଇ ଦେବ। ହେଲେ ସଂଶୋଧିତ ବିବରଣୀରୁ ଏହି ଏହି ଦାବି ହଟାଇ ଦିଆଯାଇଛି। ଏବେ କେବଳ ଏତିକି କୁହାଯାଇଛି ଦୁଇ ଦେଶ ନିଜର ଡିଜିଟାଲ ବ୍ୟାପାର ନିୟମରେ ମଜଭୁତ ଦ୍ୱିପାକ୍ଷୀୟ ଆଲୋଚନା କରିବେ। ଏଥିରେ ଥିବା ପକ୍ଷପାତପୂର୍ଣ୍ଣ ପ୍ରଥା ଓ ବାଧା ଦୂର କରିବା ପାଇଁ ଜୋର ଦିଆଯାଇଛି। ଏହି ସଂଶୋଧନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାର ୪ ଦିନ ପରେ ଜାରି ମୂଳ ମିଳିତ ବୟାନ ସହ ଅଧିକ ମେଳ ଖାଉଛି। ପୂର୍ବରୁ ଯେଉଁ ଫ୍ୟାକ୍ଟସିଟ୍ ଜାରି କରାଯାଇଥିଲା ସେଥିରେ ଭାରତ ସରକାର ଅସହଜ ଥିଲେ।

# ଗୁରୁବାର ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ

ନୂଆଦିଲ୍ଲୀ: ଗୁରୁବାର ସାରା ଦେଶରେ ବ୍ୟାଙ୍କ କର୍ମଚାରୀମାନେ ଧର୍ମଘଟରେ ବସିବେ। ଅନେକ ବ୍ୟାଙ୍କ ୟୁନିଅନ ଦ୍ୱାରା ଡାକରା ଦିଆଯାଇଥିବା ଏହି ଧର୍ମଘଟ ନିୟମିତ ବ୍ୟାଙ୍କ ସେବା ଉପରେ ପ୍ରଭାବ ପକାଇବ କି ନାହିଁ ସେନେଇ ଏବେ ଚିନ୍ତା ବଢ଼ିଛି। କାହିଁକିନା ଏପର୍ଯ୍ୟନ୍ତ କୌଣସି ସରକାରୀ ବ୍ୟାଙ୍କ ଛୁଟି ଘୋଷଣା କରାଯାଇ ନଥିଲେ ବି, ବ୍ୟାଙ୍କ ଅଫ୍ ବରୋଦା, ଏସବିଆଇ ଓ ପିଏନବି ସମେତ ଅନେକ ସରକାରୀ ବ୍ୟାଙ୍କ ଧର୍ମଘଟ ଦିନ ସେବା ବନ୍ଦ ରଖିବାକୁ ଚେତାବନୀ ଦେଇଛନ୍ତି।

ଏହି ଧର୍ମଘଟର ମୁଖ୍ୟ କାରଣ ହେଉଛି ନଭେମ୍ବର ୨୦୨୫ରେ ଅଧିସୂଚିତ ଚାରୋଟି ନୂତନ ଶ୍ରମ ସଂହିତା, ଯାହା ୨୯ଟି ପ୍ରଚଳିତ ଶ୍ରମ ଆଇନର ସ୍ଥାନ ନେବ। ଟ୍ରେଡ୍ ୟୁନିଅନଗୁଡ଼ିକ ଯୁକ୍ତି ବାଢ଼ିଛି ଯେ ନୂତନ ସଂହିତାଗୁଡ଼ିକ ଶ୍ରମିକ ବିରୋଧୀ, ଯାହା କର୍ମଚାରୀଙ୍କ ଅଧିକାର ଓ ହକକୁ ଛଡ଼ାଇ ନେଇପାରେ। ଏହା ସହ ବ୍ୟାଙ୍କ କର୍ମଚାରୀମାନେ ଦୀର୍ଘଦିନ ଧରି ସପ୍ତାହରେ ୫ ଦିନ କାମ (ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ) ଲାଗୁ କରିବାକୁ ଦାବି କରୁଛନ୍ତି, ଯାହା ଦ୍ୱାରା କାମ ଓ ବ୍ୟକ୍ତିଗତ




ଜୀବନର ସମତୁଳନ ରହିପାରିବ। ଏପର୍ଯ୍ୟନ୍ତ, କୌଣସି ପ୍ରମୁଖ ବ୍ୟାଙ୍କ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଫେବୃଆରୀ ୧୨ ତାରିଖରେ ସରକାରୀ ବ୍ୟାଙ୍କିଂ ଛୁଟି ଘୋଷଣା କରିନାହିଁ। ଏହାର ଅର୍ଥ ହେଉଛି ବ୍ୟାଙ୍କଗୁଡ଼ିକ ଖୋଲା ରହିବ, କିନ୍ତୁ ଯଦି ବହୁ ସଂଖ୍ୟକ କର୍ମଚାରୀ ଧର୍ମଘଟରେ ଯୋଗ ଦିଅନ୍ତି, ତେବେ ଶାଖା-ସ୍ତରୀୟ ସେବା ସାମାନ୍ୟ ବାଧାପ୍ରାପ୍ତ ହୋଇପାରେ।

ଏହି ଧର୍ମଘଟକୁ ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୋଇଜ୍ ଆସୋସିଏସନ୍ (ଏଆଇବିଇଏ), ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏସନ୍ (ଏଆଇବିଓଏ), ଓ ବ୍ୟାଙ୍କ ଏମ୍ପ୍ଲୋଇଜ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ବିଇଏଫଆଇ) ଭଳି ପ୍ରମୁଖ ବ୍ୟାଙ୍କ ୟୁନିଅନ୍ ଡାକରା ଦେଇଛନ୍ତି। ଏହାକୁ ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ (ସିଟିୟୁ) ସମର୍ଥନ କରିଛନ୍ତି।

# ଆମେରିକା, ଭେନେଜୁଏଲାରୁ ଆସିବ ଅଧିକ ତେଲ

ନୂଆଦିଲ୍ଲୀ: ଆଗାମୀ ଦିନରେ ଆମେରିକା ଓ ଭେନେଜୁଏଲାରୁ ଅଧିକ ତେଲ ଭାରତକୁ ଆସିବ। ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ହେବା ପରେ ତୈଳ କ୍ରୟ ରଣନୀତିରେ ପରିବର୍ତ୍ତନ କରିବାକୁ ତୈଳ କମ୍ପାନିଗୁଡ଼ିକୁ ସରକାର କହିଛନ୍ତି। ତେଲ କିଣିବା ବେଳେ ଆମେରିକା ଓ ଜେନେଜୁଏଲା ତେଲକୁ ପ୍ରାଥମିକତା ଦେବାକୁ ସେମାନଙ୍କୁ କୁହାଯାଇଛି। ସେଥିପାଇଁ ଟ୍ରେଡରମାନଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବାକୁ ପରାମର୍ଶ ଦିଆଯାଇଛି। ତେବେ ଏହି ଦୁଇ ଦେଶରୁ ତେଲ ମଗାଇବା ଏତେ ସହଜ ହେବନାହିଁ। ପ୍ରଥମ ଆହ୍ୱାନ ହେଉଛି ଆମେରିକୀୟ ତେଲ ହେଉଛି ହାଲୁକା ଓ ମିଠା। ସେଥିରେ ସଲ୍ଫର୍ ମାତ୍ରା କମ୍ ରହୁଛି। ଭାରତୀ ତୈଳ ବିଶୋଧନ କାରଖାନାଗୁଡ଼ିକୁ ମଧ୍ୟମ ଧରଣର ଅଶୋଧିତ ତୈଳ ବିଶୋଧନ କରିବା ଲାଗି ନିର୍ମାଣ କରାଯାଇଛି। ସେଥିରେ ଏଭଳି ହାଲୁକା ତେଲକୁ ବିଶୋଧନ କରିବାକୁ ହେଲେ ଅଧିକ ନିବେଶ କରିବାକୁ ପଡ଼ିବ। ଅନ୍ୟତମ ବଡ଼ ଆହ୍ୱାନ ହେଉଛି ପରିବହନ ଖର୍ଚ୍ଚ। ଆମେରିକାରୁ ଭାରତକୁ ତେଲ ମଗାଇବାକୁ ହେଲେ ଜାହାଜକୁ ଲମ୍ବା ଦୂର ଯାତ୍ରା କରିବାକୁ ପଡ଼ିବ। ତେଣୁ ପରିବହନ ଖର୍ଚ୍ଚ ଯଥେଷ୍ଟ ବଢ଼ିଯିବ। ଭାରତୀୟ କମ୍ପାନିଗୁଡ଼ିକ ଚାହିଲେ ତା'ଠାରୁ କମ୍ ମୂଲ୍ୟରେ ପଶ୍ଚିମ ଆଫ୍ରିକା ଓ କଜାଖସ୍ତାନରୁ ତେଲ କିଣିପାରିବେ। ଭେନେଜୁଏଲାର ତେଲ ବିକ୍ରି କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇଟି ବଡ଼ ଟ୍ରେଡିଂ କମ୍ପାନି ଭିଟଲ୍ ଗ୍ରୁପ୍ ଓ ଟ୍ରାଫିଗୁରା ଗ୍ରୁପ୍କୁ ଦାୟିତ୍ୱ ଦେଇଛନ୍ତି। ନିକଟରେ ଭାରତୀୟ ତୈଳ ନିଗମ, ଭାରତ ପେଟ୍ରୋଲିୟମ କର୍ପୋରେସନ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ୪ ନିୟୁତ ବ୍ୟାରେଲ ଭେନେଜୁଏଲା ତେଲ କିଣିଥିଲେ।



ଭେନେଜୁଏଲା ତେଲର ମାନ ଅଧିକ ଖରାପ ରହୁଥିବାରୁ ତାହାକୁ ବିଶୋଧନ କରିବା ମଧ୍ୟ ଆଉ ଏକ ବଡ଼ ଆହ୍ୱାନ। ବର୍ତ୍ତମାନ ସମୟରେ ଭେନେଜୁଏଲାରୁ ଯେତିକି ତେଲ ଆସୁଛି କେବଳ ସେତିକି ତେଲକୁ ସେମାନେ ବିଶୋଧନ କରିବା କ୍ଷମତା ରଖିଛନ୍ତି। ୨୦୨୨ରେ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବାପରେ ଭାରତ ନିଜ ଆବଶ୍ୟକତାର ସିଂହଭାଗ ତୈଳ ରୁଷରୁ ମଗାଉଥିଲା। ରୁଷ ମଧ୍ୟ ବିପୁଳ ରିହାତିରେ ତେଲ ବିକୁଥିଲା। କିନ୍ତୁ ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଦାୟିତ୍ୱ ସମ୍ଭାଳିବା ପରେ ଭାରତର ରୁଷ ତେଲ କ୍ରୟକୁ ସହ୍ୟ କରିପାରିନଥିଲେ। ରୁଷରୁ ତେଲ କିଣୁଥିବାରୁ ଗତବର୍ଷ ସେ ଭାରତ ଉପରେ ଜରିମାନା ଆକାରରେ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲେ। ରୁଷ ଉପରେ ଆର୍ଥିକ ଚାପ ସୃଷ୍ଟି କରିବାକୁ ଦୁଇଟି ବଡ଼ ତୈଳ କମ୍ପାନି ଉପରେ କଟକଣା ଲଗାଇ ଭାରତ ଉପରେ ଚାପ ସୃଷ୍ଟି କରିଥିଲେ। ଏହି ଘଟଣା ପରେ ଭାରତୀୟ ତୈଳ କମ୍ପାନିଗୁଡ଼ିକ ରୁଷ ତେଲ ମଗାଇବା ବେଳେ ଅଧିକ ସତର୍କ ହୋଇପଡ଼ିଥିଲେ। ନିକଟରେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ହେବା ପରେ ଶୁଳ୍କ ୧୮ ପ୍ରତିଶତକୁ ହ୍ରାସ ପାଇଛି। ରୁଷରୁ ତେଲ କିଣା ବନ୍ଦ କରିବାକୁ ଭାରତ କହିଥିବା ଟ୍ରମ୍ପ ଦାବି କରୁଛନ୍ତି।

## ଟି -୨୦ ବିଶ୍ୱକପ୍

# ଡବଲ୍ ସୁପର ଓଭରରେ ଦ. ଆଫ୍ରିକା ବିଜୟୀ

ଅହମ୍ମଦାବାଦ, ୧୧।୨(ଏଜେନ୍ସି) : ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଗ୍ରୁପ ଡିରେ ଏକ ମ୍ୟାଚରେ ଡବଲ ସୁପର ଓଭର ଲଢେଇ ଦେଖିବାକୁ ମିଳିଛି। ଆଫଗାନିସ୍ତାନ ଦଳ ଶକ୍ତିଶାଳୀ ଦ.ଆଫ୍ରିକା ବିପକ୍ଷରେ କଡା ସଂଘର୍ଷ କରିଥିଲା। ଏପରିକି ମ୍ୟାଚର ଫଳାଫଳ ଦୁଇଥର ସୁପର ଓଭରରେ ନିର୍ଣ୍ଣୟ ହୋଇଥିଲା। ଆଫଗାନିସ୍ତାନ ମ୍ୟାଚ ହାରିଥିଲେ ବି କ୍ରିକେଟ୍ ପ୍ରେମୀଙ୍କ ହୃଦୟ ଜିତିଛି। ବୁଧବାର ଟି -୨୦ ବିଶ୍ୱକପ୍ ଏକ ରୋମାଞ୍ଚକର ମ୍ୟାଚ ଦର୍ଶକ ଦେଖିବାକୁ ପାଇଥିଲେ। ପ୍ରଥମେ ମ୍ୟାଚ ଟାଇ ହୋଇଥିଲା। ତା ପରେ ସୁପର ଓଭରରେ ପୁଣି ଟାଇ। ଏହାପରେ ଦ୍ୱିତୀୟ ସୁପର ଓଭର ହୋଇଥିଲା। ଏହି ଲଢେଇରେ ବାଜିମାରିଥିଲା ଦ. ଆଫ୍ରିକା। ଦ୍ୱିତୀୟ ସୁପର ଓଭର ଜିତିବାକୁ ଆଫଗାନିସ୍ତାନ ପାଇଁ ୨୪ ରନର ଟାର୍ଗେଟ ମିଳିଥିଲା। ପ୍ରଥମ ଦୁଇବଲରେ କୌଣସି ରନ ନମିଳିବା ସହ ମହମ୍ମଦ ରବିଙ୍କୁ କେଶବ ମହରାଜ ଆଉଟ କରିଥିଲେ। ରହମନୁଲା ଗୁରବାଜ ତିନୋଟି ବଲରେ କ୍ରମାଗତ ଛକା ମାରିଥିଲେ। ଶେଷ ବଲରେ ୬ ବଲର ଆବଶ୍ୟକତା ଥିଲା। ସେ ଆଉଟ ହେବାରୁ ଆଫଗାନିସ୍ତାନ ଦୁଃଖଦ ପରାଜୟର ସମ୍ମୁଖୀନ ହୋଇଥିଲା। ମୂଳ ମ୍ୟାଚରେ ମଧ ଗୁରବାଜ ୪୨ ବଲରେ ବିସ୍ଫୋରକ ୮୪ ରନର ଇନିଂସ ଖେଳି ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। କିନ୍ତୁ ଆଫଗାନିସ୍ତାନ ଏହି ମ୍ୟାଚ ଜିତିପାରିନାହିଁ।

ଏହି ପରାଜୟ ସହ ବିଶ୍ୱକପ୍‌ର ସୁପର ୮ ରେ ପ୍ରବେଶ କରିବାର ଆଶା ମଧ୍ୟ ଦଳରେ ଏକପ୍ରକାର ମୌଳି ଯାଇଛି। ଦ.ଆଫ୍ରିକା ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୭ ରନ କରିଥିଲା। ଜବାବ୍‌ରେ ଆଫଗାନିସ୍ତାନ ୧୯.୪ ଓଭରରେ ୧୮୭ ରନ କରିବାରୁ ମ୍ୟାଚ ଡ୍ର



ରହିଥିଲା। ପ୍ରଥମ ସୁପର ଓଭରରେ ଆଫଗାନିସ୍ତାନ ୬ ବଲରେ ୧୭ ରନ କରିଥିଲା। ଜବାବ୍‌ରେ ଦ. ଆଫ୍ରିକା ଗୋଟିଏ ୱିକେଟ ହରାଇ ୧୭ ରନ କରିବାକୁ ସକ୍ଷମ ହୋଇଥିଲା। ପୁଣି ଦ୍ୱିତୀୟ ସୁପର ଓଭରରେ ଦ. ଆଫ୍ରି ୨୩ ରନ କରିଥିଲା। ଜବାବ୍‌ରେ ଆଫଗାନିସ୍ତାନ ୧୯/୨ ରନ କରିବାକୁ ସକ୍ଷମ ହୋଇଥିଲା।

ଦ.ଆଫ୍ରିକା ପ୍ରଥମ ମ୍ୟାଚରେ କାନାଡାକୁ ଏବଂ ଦ୍ୱିତୀୟ ମ୍ୟାଚରେ ଆଫଗାନିସ୍ତାନକୁ ହରାଇ ୪ ପଏଣ୍ଟ ହାସଲ କରିଛି। ତେଣୁ ଦଳର ସୁପର ୮ ପ୍ରବେଶ ଆଶା ବଢିଯାଇଛି। ସେହିଭଳି ଆଫଗାନିସ୍ତାନ ଦଳ ପ୍ରଥମ ନ୍ୟୁଜିଲାଣ୍ଡ ଠାରୁ ହାରିଥିଲା ଏବଂ ଦ୍ୱିତୀୟ ମ୍ୟାଚରେ ଦ. ଆଫ୍ରିକାଠାରୁ ପରାଜିତ ହୋଇଛି।

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ହାଇଭୋଲଟେଜ୍ ଲଢେଇ ସମ୍ପୂର୍ଣ୍ଣ ରୋମାଞ୍ଚରେ ଭରିଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଦ. ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୭ ରନ କରିଥିଲା। ୧୮୮ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଆଫଗାନିସ୍ତାନ ରହମନୁଲ୍ଲା ଗୁରବାଜଙ୍କ ୪୨ ବଲରେ ୮୪ ଓ ଶେଷ ଭାଗରେ ନୁର ଅହମ୍ମଦଙ୍କ ୯ ବଲରେ ୧୫ ରନ ଯୋଗୁଁ ସମସ୍ତ ୱିକେଟ ହରାଇ ୧୮୭ ରନ କରିଥିଲା। ମ୍ୟାଚ ଏକଦା ଦ. ଆଫ୍ରିକା ହାତରେ ଥିବା ବେଳେ ଶେଷ ଓଭରରେ ବୋଲିଂ କରୁଥିବା କାଗିସୋ ରବାଡାଙ୍କ ଭୁଲ ଯୋଗୁଁ ମ୍ୟାଚ ଟାଇ ହୋଇଥିଲା। ଶେଷ ଓଭରରେ ଆଫଗାନିସ୍ତାନକୁ ୧୩ ରନର ଆବଶ୍ୟକତା ଥିଲା,ହାତରେ କେବଳ ଗୋଟିଏ ୱିକେଟ ବାକି ଥିଲା। ପ୍ରଥମ ବଲରେ ରବାଡା ୱିକେଟ ନେଇଥିଲେ ହେଁ ଏହା ନୋ ବଲ ହୋଇଥିଲା। ପରବର୍ତ୍ତୀ ବଲରେ ୱାଇଡ୍ ପକାଇଥିଲେ। ତେଣୁ ୬ ବଲରେ ୧୨ ରନର ଆବଶ୍ୟକତା ଥିଲା। ପ୍ରଥମ ବଲ ଡଟ୍ ହୋଇଥିଲା । ଦ୍ୱିତୀୟ ବଲରେ ନୁର ଛକା ମାରିଥିଲେ। ୪ ବଲରୁ ୫ ରନର ଆବଶ୍ୟକତା ଥିବା ବେଳେ ତୃତୀୟ ବଲ ଡଟ୍ ହୋଇଥିଲା। ପରବର୍ତ୍ତୀ ବଲରେ ରବାଡା ପୁଣି ନୋ ପକାଇଥିଲେ। ନୁର ୨ ରନ ହାସଲ କରିଥିଲେ। ୩ ବଲରେ ୨ ରନ ଓ ନୁରଙ୍କ ଆଗରେ ଫ୍ରି ହିଟ୍ ରହିଥିଲା। ସେ ବଲକୁ ମାରି ୨ ରନ୍ ନେଉଥିବା ବେଳେ ଅନ୍ୟପଟେ ଥିବା ଫଜଲ ହକ୍ ଫାରୋକି ରନ ଆଉଟ୍ ହୋଇଥିଲେ। ତେଣୁ ମ୍ୟାଚ ସୁପର ଓଭରକୁ ଯାଇଥିଲା। ୪ ଓଭରରେ ୨୬ ରନ ଦେଇ ୩ ୱିକେଟ ନେଇଥିବା ଲୁଙ୍ଗି ଏନଗ୍ରିଡଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

# ଜାମ୍ପା, ନାଥନଙ୍କ ଘାତକ ବୋଲିଂ ଅଷ୍ଟ୍ରେଲିଆ ବିଜୟୀ

ଗ୍ରୁପ ବି ର ଏକ ମ୍ୟାଚରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳ ୬୭ ରନ ବ୍ୟବଧାନରେ ଆୟରଲାଣ୍ଡକୁ ଧରାସାୟୀ କରିଛି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୨ ରନ କରିଥିଲା। ଜବାବରେ ଆୟରଲାଣ୍ଡ ୧୬.୫ ଓଭରରେ ୧୧୫ କରି ଅଲଆଉଟ ହୋଇଥିଲା। ୪ ୱିକେଟ ଅକ୍ତିଆର କରିଥିବା ନାଥନ୍ ଏଲିସଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।



ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ଇଂଲିସ୍ ୩୭, କାମେରନ ଗ୍ରିନ ୨୧, ମାର୍ଟ ରେନସା ୩୭, ମାର୍କସ ଷ୍ଟୋୟନିସ ୪୫, କୁପର କନୋଲି ୧୧ ଏବଂ ଜାଭିୟର ବାର୍ଟଲେଟ୍ ୧୧ ରନ କରିଥିଲେ। ତେଣୁ ଦଳ ୨୦ ଓଭରରେ ୬ ୱିକେଟ ହରାଇ ୧୮୨ ରନ କରିଥିଲା। ଜବାବ୍‌ରେ ଆୟରଲାଣ୍ଡ ୧୮୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୧୬.୫ ଓଭରରେ ୧୧୫ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ କେବଳ ଜର୍ଜ ଡକରିଲ ୪୧ ରନର ଇନିଂସ ଖେଳିଥିଲେ। ଲୋରକାନ ଟୁକର ୨୪, ରସ ଆଦିର ୧୨, ମାର୍କ ଆଦିର ୧୨, ଗାରେଥ ଡିଲାନି ୧୧ ରନ କରିଥିଲେ। ଅଷ୍ଟ୍ରେଲିଆର ଆଡାମ ଜାମ୍ପା ୪ ଓଭରରେ ୨୩ ରନ ଦେଇ ୪ ଟି ଏବଂ ନାଥନ ଏଲିସ୍ ୩.୫ ଓଭରରେ ଗୋଟିଏ ମେଡନ ସହ ୧୨ ଦେଇ ୪ ୱିକେଟ ଅକ୍ତିଆର କରିଥିଲେ। ମାଥ୍ୟୁ କୁହେନମ୍ୟାନ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

# କଥା ବଦଳାଇଲା ବାଂଲାଦେଶ

ନୂଆଦିଲ୍ଲୀ, ୧୧।୨(ଏଜେନ୍ସି) : ବାଂଲାଦେଶ ସରକାରରେ କ୍ରୀଡା ପରାମର୍ଶଦାତା ଭାବେ କାମ କରୁଥିବା ଆସିଫ ନଜରୁଲ ଟି -୨୦ ବିଶ୍ୱକପ୍ ବିବାଦରେ ଚକିତ କଲା ଭଳି କଥା ବଦଳାଇଛନ୍ତି। ଟି -୨୦ ବିଶ୍ୱକପରେ ଭାଗ ନନେବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଖେଳାଳି ଓ ବାଂଲାଦେଶ କ୍ରିକେଟ ବୋର୍ଡର ଥିଲା। ଏଥିରେ ସରକାରଙ୍କର କୌଣସି ଭୂମିକା ନାହିଁ ବୋଲି ସେ କହିଛନ୍ତି। ଏପରି ବୟାନ ସମସ୍ତଙ୍କୁ ଚକିତ କରିଛି। କାରଣ ପୂର୍ବରୁ ସେ ନିଜେ କହିଥିଲେ ଯେ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟ ମ୍ୟାଚ ଖେଳିବାକୁ ବାଂଲାଦେଶ କ୍ରିକେଟ ଦଳ ଭାରତ ନଜିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ସରକାର ନେଇଛନ୍ତି। ବାଂଲାଦେଶ କ୍ରିକେଟ ଓ ବିସିବି ସହ ଟି -୨୦ ବିଶ୍ୱକପରେ ଭାଗ ନନେବା ପାଇଁ ହୋଇଥିବା ବୈଠକରେ ସେ ନିଜେ ଉପସ୍ଥିତ ରହିଥିଲେ। ବାଂଲାଦେଶ ସରକାର ସୁରକ୍ଷା ଆଳ କରି ଦଳକୁ ଭାରତ ପଠାଇନଥିଲେ। ସେହିପରି ଏଥିରେ ବାଂଲାଦେଶ କ୍ରିକେଟରଙ୍କୁ ବିଶେଷ କିଛି କହିବାକୁ ସୁଯୋଗ ଦିଆଯାଇନଥିଲା।

ଜାନୁଆରୀ ୨୨ରେ ଆସିଫ ସର୍ବ ସମ୍ମୁଖରେ କହିଥିଲେ ସରକାର କାହିଁକି ଏପରି ନିଷ୍ପତ୍ତି




ନେଲେ। ପୂରା ଘଟଣା ସମ୍ପର୍କରେ ଏପରି ବୈଠକ ହୋଇଥିଲା। ମୋର ଆଶା ଏହି ବୈଠକ ପରେ ଖେଳାଳିମାନେ ସବୁ ବୁଝିଯାଇଥିବେ। ଏହାଛଡା ଆଉ କୌଣସି ଆଲୋଚନା ହୋଇନାହିଁ। ଆଇସିସିଠାରୁ ଆମକୁ ନ୍ୟାୟ ମିଳିଲାନି। ଆମେ ବିଶ୍ୱକପ୍ ଖେଳିବୁ କି ନଖେଳିବୁ ସେ କଥା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଉପରେ ନିର୍ଭର କରେ। ହେଲେ ମଙ୍ଗଳବାର ଗଣମାଧ୍ୟମକୁ ଦେଇଥିବା ବୟାନରେ ପୂର୍ବ କଥାରୁ ସମ୍ପୂର୍ଣ୍ଣ ଓହରିଯାଇଛନ୍ତି। ସେ କହିଛନ୍ତି ବିଶ୍ୱକପ୍ ନଖେଳିବାର ଅନୁତାପ ଆଦୌ ନାହିଁ। ବିଶ୍ୱକପ୍ ନଖେଳିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ବିସିବି ଓ ଖେଳାଳିମାନେ ନେଇଥିଲେ। ସେମାନେ ବାଂଲାଦେଶ କ୍ରିକେଟର ସୁରକ୍ଷା, ଲୋକଙ୍କ ସୁରକ୍ଷା ଓ ଜାତୀୟ ସୁରକ୍ଷାକୁ ସମ୍ମାନ ଦେଇ ଏପରି ବଳିଦାନ ଦେଇଛନ୍ତି। ବିଶ୍ୱକପ୍ ନଖେଳିବା ନିଷ୍ପତ୍ତିରେ ସରକାର କୌଣସି ଭୂମିକା ଗ୍ରହଣ କରିନଥିଲେ। ସୁରକ୍ଷା ଆଳ ଦେଖାଇ ବାଂଲାଦେଶ ତାର ମ୍ୟାଚ ଗୁଡିକ ଭାରତ ବଦଳରେ ଶ୍ରୀଲଙ୍କାରେ ଆୟୋଜନ କରିବାକୁ ଆଇସିସିକୁ କହିଥିଲା। ହେଲେ ଆଇସିସି କୌଣସି କଥା ଶୁଣିନଥିଲା। ବାଂଲାଦେଶ ଜିଦରେ ଅଟଳ ରହିବାରୁ ଆଇସିସି ଦଳକୁ ବାଦ ଦେଇ ସ୍କଟଲାଣ୍ଡକୁ ସାମିଲ କରିଥିଲା।

# ହସ୍ପିଟାଲରେ ଅଭିଶେକ ଶର୍ମା

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି) : ଟି -୨୦ ବିଶ୍ୱକପ୍‌ର ଦ୍ୱିତୀୟ ମ୍ୟାଚ ପୂର୍ବରୁ ଭାରତ ପାଇଁ ଚିନ୍ତା ବଢିଯାଇଛି। ଦଳର ତାରକା ଓପନର ଅଭିଶେକ ଶର୍ମା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ନାମ୍ବିଆ ବିପକ୍ଷ ମ୍ୟାଚ ଖେଳିବା ନେଇ ଅନିଶ୍ଚିତତା ଦେଖା ଦେଇଛି। ଅଭିଶେକ ଶର୍ମାଙ୍କ ପେଟରେ ସଂକ୍ରମଣ ହୋଇଛି। ଆଗାମୀ ୧୫ ତାରିଖରେ ଭାରତ - ପାକିସ୍ତାନ ହାଇଭୋଲଟେଜ ମ୍ୟାଚ ହେବାକୁ ଯାଉଛି। ପେଟ ଯନ୍ତ୍ରଣା ଯୋଗୁଁ ଅଭିଶେକ ଚିକିତ୍ସିତ ହେଉଥିବା ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଶେକ ପେଟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଆମେ ଆଶା କରୁଛୁ ଯେ ସେ ଦୁଇ ଦିନ ମଧ୍ୟରେ ଫିଟ୍ ହୋଇ ମ୍ୟାଚ ପାଇଁ ଉପଲବ୍ଧ ହେବେ। ଟି -୨୦ ବିଶ୍ୱକପ୍‌ରେ ଆମେରିକା ବିପକ୍ଷରେ ଭାରତ ପ୍ରଥମ ମ୍ୟାଚରେ ଅଭିଶେକ ଅସୁସ୍ଥ ଥିଲେ। ଏହା ସତ୍ତ୍ୱେ ସେ ମୁମ୍ବାଇରେ ମ୍ୟାଚ ଖେଳିଥିଲେ। ସେ ଏହି ମ୍ୟାଚରେ ଖାତା ଖୋଲି ପାରିନଥିଲେ। ଫିଲ୍ଡିଂ ମଧ୍ୟ କରିବାକୁ ଆସିନଥିଲେ। ବିଗତ ୨୪ ଘଣ୍ଟା ମଧ୍ୟରେ ତାଙ୍କ ଅବସ୍ଥା ଖରାପ ହୋଇଛି। ଫଳରେ ଏବେ ଟିମ୍ ଇଣ୍ଡିଆ ପାଇଁ ଚିନ୍ତା ବଢିଛି।

# ଦୁବାଇ ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସ : ରଞ୍ଜିତଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୧୧।୨(ସବ୍ୟୁ) : ଓଡିଶାର ପାରା ଆଥଲେଟ୍ ରଞ୍ଜିତ ଚାନ୍ଦ ଦୁବାଇ ବିଶ୍ୱ ପାରା ବିଶ୍ୱ ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସ ପ୍ରତିଯୋଗିତାର ପୁରୁଷ ଏଫ୍ ୪୬ ଜାଭେଲିନ୍ ଥ୍ରୋରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ରଞ୍ଜିତ୍ ୫୨.୭୫ ମିଟର ଥ୍ରୋ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ବର୍ଗରେ ବିଶ୍ୱ ଚାମ୍ପିଅନ ରିଙ୍କୁ ହୁଦା ୫୯.୪୬ ମିଟର ଫିଙ୍ଗି ସ୍ୱର୍ଣ୍ଣ ଏବଂ କେନିଆର ନାଥନ କେମ୍ବୋଇ ୫୪.୧୧ ମିଟର ଫିଙ୍ଗି ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ହିମାଂଶୁ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର, (ସବ୍ୟୁ) - ସର୍ବଭାରତୀୟ ହିମାଂଶୁ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ବାଲେଶ୍ୱର ପରମିଟ ପଡିଆ ଠାରେ ଉଦଘାଟିତ ହୋଇଯାଇଛି । ହିମାଂଶୁ ହରି ଫାଉଣ୍ଡେସନ ଆନୁକୁଲ୍ୟରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ବାଲେଶ୍ୱରର ହରି ପ୍ଲାଷ୍ଟ ଓ ହାଇଦ୍ରାବାଦର ଆରଟି ବୟେଜ ମଧ୍ୟରେ ଖେଳା ଯାଇଥିଲା । ଉଦଘାଟନୀ ଉତ୍ସବରେ ପୂର୍ବାଞ୍ଚଳ ଜୋନ ପୋଲିସ ଡିଆଇଜି ପିନାକ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର କ୍ରୀଡ଼ା ପରମ୍ପରାକୁ ଉଜ୍ଜୀବିତ ରଖିବା ଦିଗରେ ଏହା ଏକ ପ୍ରଶଂସନୀୟ ଉଦ୍ୟମ ବୋଲି କହିଥିଲେ । ଏହି ଆୟୋଜନ ମାଧ୍ୟମରେ ଫୁଟବଲ ଖେଳରେ ବାଲେଶ୍ୱରର ଗୌରବ ବଢ଼ିବା ନେଇ ସେ ଆଶା ପ୍ରକାଶ ସହ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ । ଚାନ୍ଦିପୁର ସ୍ଥିତ ପିଏକ୍ସଇ ମିଲିଟାରୀ ଓ୍ୱିଙ୍ଗର କର୍ଣ୍ଣେଲ ରାମଚନ୍ଦ୍ର କ୍ଷେତ୍ରୀ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ଉପ ସଭାପତି ତଥା ଆନ୍ତର୍ଜାତୀୟ ଫୁଟବଲ କୋଚ ମହମ୍ମଦ ସାହିଦ ଜବାର, ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆୟୋଜକଙ୍କ ସମେତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଫାଉଣ୍ଡେସନର ଚେୟାରମେନ ଯୁବ ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ ଏଥିରେ ପୌରୋହିତ୍ୟ କରିବା ସହିତ ଟୁର୍ଣ୍ଣାମେଣ୍ଟର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ ।

## ତମାଣ୍ଡୋ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ୪ର୍ଥ ଲିଗ୍ ମ୍ୟାଚରେ ଏମସିସି କାକଟପୁର ବିଜୟୀ

ଖଣ୍ଡଗିରି,୧୧।୨(ସବ୍ୟୁ): ତମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ପ୍ରିମିୟର କ୍ରୀକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଏମସିସି କାକଟପୁର ଓ ମାଇଟି ୟଙ୍ଗଷ୍ଟାର ପରସ୍ପରକୁ ଭେଟିଥିଲେ। ଆଜି ୪ର୍ଥ ଲିଗ ମ୍ୟାଚରେ ଏମସିସି କାକଟପୁର ୬ ରନରେ ମାଇଟି ୟଙ୍ଗଷ୍ଟାରକୁ ପରାସ୍ତ କରିଛି। ଆଜି ମାଇଟି ୟଙ୍ଗଷ୍ଟାର ପ୍ରଥମେ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ଏମସିସି କାକଟପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୯୦ ରନ କରିବାରେ ସକ୍ଷମ ହୋଇଥିଲେ। ଏମସିସି ଦଳ ପକ୍ଷରୁ ଇଲୁ ଗୋଛାୟତ ୨୨ ବଲରେ ୩୫ ରନ,ଆଇ ଏସ ଗିରି ୩୯ ବଲରେ ୪୫ ରନ ଓ ଉଦୟ ଯାଟ ୨୬ ବଲରେ ୪୫ ରନ ସଂଗ୍ରହ କରିଥିଲେ। ସେହିଭଳି ମାଇଟ ୟଙ୍ଗଷ୍ଟାର ପକ୍ଷରୁ ଶୁଭମ ୪ ଓଭର ବୋଲିଂ କରି ୧୦ ରନ ଦେଇ ୨ଟି ୱିକେଟ ଦଖଲ କରିଥିଲେ। ଖେଳର ଦ୍ବିତୀୟ ଇନିଙ୍ଗସରେ ମାଇଟି ୟଙ୍ଗଷ୍ଟାର ୧୯୧ ରନ ବିଜୟ ଲକ୍ଷ ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୪ ରନରେ ସିମିତ ରହିଥିଲେ। ଫଳରେ ମାଇଟି ୟଙ୍ଗଷ୍ଟାର ୬ ରନରେ ପରାଜୟ ହୋଇଥିଲା। ମାଇଟି ୟଙ୍ଗଷ୍ଟାର ପକ୍ଷରୁ ଦିପକ କୁମାର ପରିଡା ୨୭ ବଲରେ ୨୧ ରନ, ଶୁଭମ ୩୫ ବଲରେ ୭୯ ରନ ସଂଗ୍ରହ କରିଥିଲେ ମଧ ଦଳ ପରାଜୟ ବରଣ କରିଥିଲା। ଏମସିସି କାକଟପୁର ପକ୍ଷରୁ ଉଦୟ ଜାଠ ୪ ଓଭରରେ ୨୯ ରନ ଦେଇ ୨ ୱିକେଟ ଦଖଲ କରିଥିବା ବେଳେ ଦିପକ ପାତ୍ର ୪ ଓଭରରେ ୨୨ ରନ ଦେଇ ୩ ୱିକେଟ ଦଖଲକୁ ନେଇଥିଲେ। ଆଜିର ମ୍ୟାଚରେ ସୁଧାକର ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦୟ ଜାଠଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚ ପରିଚାଳନା କରିଥିଲେ ସୁରେନ୍ଦ୍ର ପାତ୍ର ଓ ବିଭୁ ପ୍ରସାଦ ଚୌଧୁରୀ। ଆଗାମୀ କାଲି ବିଜେତା ୱାରିଅସ ଓ ଆରସି ବ୍ରହ୍ମପୁର ପରସ୍ପରକୁ ଭେଟିବେ।

# ୧୯ରୁ ବିହାରିଲାଲ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର, ୧୧।୨(ସବ୍ୟୁ) : ଚଳିତ ମାସ ୧୯ ରୁ ୨୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ବିହାରିଲାଲ୍ ଷ୍ଟାଡିୟମରେ ୨୭ତମ ବିହାରିଲାଲ୍ ଜେନା ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଏଥିରେ ରାଜ୍ୟର କଟକ, ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧା ଅଞ୍ଚଳରୁ ୧୬ ଦଳ ଅଂଶଗ୍ରହଣ କରିବେ। ୧୦ ଓଭର ଫର୍ମାଟରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ସିନିୟର ଏବଂ ସୁପର ସିନିୟର ଦଳ ଏଥିରେ ଖେଳିବେ। ରାଜ୍ୟର ଅନେକ ଜଣାଶୁଣା କ୍ରିକେଟର ବିଭିନ୍ନ କ୍ଲବ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଖେଳୁଥିବା ବେଳେ ସୁପର ସିନିୟର ଦଳରେ ବହୁ ପୂର୍ବତନ ରଣଜୀ ଖେଳାଳିଙ୍କୁ ଦେଖିବାକୁ ମିଳିବ। ଏଥର ବିଜେତା ଦଳକୁ ୫୦ ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରାଯିବ। ଏହାବ୍ୟତୀତ ପ୍ରତ୍ୟେକ




ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ ଏବଂ ମ୍ୟାନ ଅଫ ଦ ସିରିଜ ପ୍ରଦାନ କରାଯିବ। ଫାଇନାଲ ମ୍ୟାଚକୁ ରୋଚକ କରିବା ପାଇଁ ୧୦ ଓଭର ପରିବର୍ତ୍ତେ ୧୦୧ ବଲ ଖେଳାଯିବ। ଶେଷ ଓଭର ଫ୍ରି ହିଟ୍ ରହିବ।

ପେଶାଦାର ବର୍ଗରେ ରାମଶ୍ୱର ସ୍ପୋର୍ଟିଂ, ପ୍ରଗତି ସ୍ପୋର୍ଟିଂ, ପାରା ମାଉଣ୍ଟ, ଏମସିସି, ଜାଗୃତି, ସହିଦ ସ୍ପୋର୍ଟିଂ, କିଶୋର କ୍ଲବ ଏବଂ ମହାବୀର ସ୍ପୋର୍ଟିଂ ଅଂଶଗ୍ରହଣ କରିବେ। ସେହିଭଳି ଭେଟରାନ୍ ବର୍ଗରେ ପୁରୀର ମହାବୀର କ୍ଲବ, ସହିଦ ସ୍ପୋର୍ଟିଂ, ଏମ୍‌ସିସି, କିଶୋର କ୍ଲବ, ବିହାରୀଲାଲ୍, ନିମାପଡା, ପାୟରିୟର ପୁରୀ ଏବଂ ଯଦୁପୁର ଅଂଶଗ୍ରହଣ କରିବେ।

ବୁଧବାର ବିହାରୀଲାଲ୍ ଟ୍ରଷ୍ଟ ହେଡ୍ ପକ୍ଷରୁ ସାମ୍ବାଦିକ ସମ୍ମଳନୀ ଆୟୋଜନ କରାଯାଇ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏତଦ୍ ବ୍ୟତୀତ ବିହାରୀଲାଲ୍ ସ୍ପୋର୍ଟ ଟ୍ରଷ୍ଟ ଦଳର ଜର୍ସି ଉନ୍ମୋଚନ ହୋଇଥିଲା। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ବିହାରୀଲାଲ୍ ସ୍ପୋର୍ଟ ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ଜେନା ଭୁବନେଶ୍ୱର ୬୨ ନଂ ୱାର୍ଡର ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ବିହାରୀଲାଲ୍ ସ୍ପୋର୍ଟ ଟ୍ରଷ୍ଟର ସଦସ୍ୟ ମନୋଜ ପାତ୍ର , ତାପସ ଦଳେଇ, ତୋଫାନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ପ୍ରଶାନ୍ତ ସ୍ମାରକୀ ଅଲ ଓଡ଼ିଶା ଆଇନଜୀବୀ କ୍ରିକେଟ୍




ଭୁବନେଶ୍ୱର,୧୧।୨(ସବ୍ୟୁ): ଭୁବନେଶ୍ୱର ବାରା ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୧୧ତମ ପ୍ରଶାନ୍ତ ରାଉତ ସ୍ମାରକୀ ଅଲଓଡ଼ିଶା ଆଇନଜୀବୀ ଟି-୨୦ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିନ ଅନୁଷ୍ଠି ଦୁଇଟି କ୍ୱାର୍ଟର ଫାଇନାଲରେ ବୋର୍ଡ ଅଫ ରେଭେନ୍ୟୁ ଏବଂ ହାଇକୋର୍ଟ ଦଳ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ କ୍ୱାର୍ଟର ଫାଇନାଲରେ ଢେଙ୍କାନାଳ ବାର ଆସୋସିଏସନ୍ ଏବଂ ବୋର୍ଡ ଅଫ୍ ରେଭେନ୍ୟୁ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ଟସ୍ ଜିତି ଢେଙ୍କାନାଳ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବୋର୍ଡ ଅଫ ରେଭେନ୍ୟୁ ୧୫ ଓଭରରେ ୫ ୱିକେଟ ହରାଇ ୧୨୦ ରନ କରିଥିଲା। ଜବାବ୍‌ରେ ଢେଙ୍କାନାଳ ୧୫ ଓଭରରେ ୮ ୱିକେଟ୍ ହରାଇ ୧୦୫ ରନ କରିବାକୁ ସକ୍ଷମ ହୋଇଥିଲା। ୧୫ ରନ

## ସେମିରେ ବୋର୍ଡ ଅଫ ରେଭିନ୍ୟୁ, ହାଇକୋର୍ଟ

ବ୍ୟବଧାନରେ ବୋର୍ଡ ଅଫ ରେଭେନ୍ୟୁ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ୨୮ ବଲରୁ ୪୦ ରନ କରିଥିବା ରାଜେଶ ରୋହନ ଦାସଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ଚତୁର୍ଥ କ୍ୱାର୍ଟର ଫାଇନାଲରେ ହାଇକୋର୍ଟଦଳ ୧୪୫ ରନ ବ୍ୟବଧାନରେ ଢେଙ୍କାନାଳକୁ ହରାଇଛି। ଏହି ମ୍ୟାଚରେ ହାଇକୋର୍ଟ ଦଳ ୧୮ ଓଭରରେ ୮ ୱିକେଟ୍ ହରାଇ ୨୩୫ ରନ କରିଥିଲା। ଜବାବ୍‌ରେ ଢେଙ୍କାନାଳ ୧୪.୨ ଓଭରରେ ୯ ୱିକେଟ୍ ହରାଇ ୯୦ ରନ କରିବାକୁ ସକ୍ଷମ ହୋଇଥିଲା। ଭକ୍ତି ସାମଲଙ୍କୁ ୧୧୦ ରନ୍‌ର ଶତକୀୟ ଇନିଂସ ପାଇଁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।

# ବିଶ୍ୱକପରୁ ମିଚେଲ ମାର୍ଶ ଆଉଟ




ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି) : ଚଳିତ ଟି -୨୦ ବିଶ୍ୱକପରେ ଅଷ୍ଟ୍ରେଲିଆକୁ ବଡ ଝଟକା ଲାଗିଛି। ଦଳର ଅଧିନାୟକ ମିଚେଲ ମାର୍ଶ ଟୁର୍ଣ୍ଣାମେଣ୍ଟରୁ ବାଦ ପଡିଛନ୍ତି। ମାର୍ଶଙ୍କ ଜଙ୍ଘରେ ଆଘାତ ଲାଗିଛି। ଫଳରେ ସେ ଆୟରଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିନଥିଲେ। ପରବର୍ତ୍ତୀ ସମୟରେ ମାର୍ଶଙ୍କୁ ବିଶ୍ୱକପରୁ ବାଦ ଦିଆଯାଇଛି। ତାଙ୍କ ସ୍ଥାନରେ ଷ୍ଟିଭେନ୍ ସ୍ମିଥଙ୍କୁ ଦଳରେ ସାମିଲ କରାଯାଇଛି। ଅଷ୍ଟ୍ରେଲିଆ କ୍ରିକେଟ୍ ବୋର୍ଡ ଏକ ଅଫିସିଆଲ ବିବୃତି ଜାରି ଏହି ସୂଚନା ଦେଇଛି। ମାର୍ଶଙ୍କ ଜଙ୍ଘରେ ଆଘାତ ଯୋଗୁଁ ତାଙ୍କୁ ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ତେଣୁ ସେ ଅଷ୍ଟ୍ରେଲିଆ ଫେରିଯିବେ। ଷ୍ଟିଭେନ୍ସ ସ୍ମିଥ୍ ଶ୍ରୀଲଙ୍କା ଗସ୍ତରେ ଅଷ୍ଟ୍ରେଲିଆ ଦଳରେ ଷ୍ଟାଣ୍ଡ ବାଏ ଭାବେ ଯୋଗ ଦେବେ। ସ୍ମିଥ୍ ୨୦୨୪ ଫେବୃଆରୀ ପରଠାରୁ ଅଷ୍ଟ୍ରେଲିଆ ପାଇଁ କୌଣସି ଟି -୨୦ ଖେଳିନାହାଁନ୍ତି। ସେ ବିଗବାସ୍ ଲିଗରେ ସିଡନୀ ସିକ୍ସର୍ସ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ। ଆୟରଲାଣ୍ଡ ବିପକ୍ଷ ମ୍ୟାଚରେ ମିଚେଲ ମାର୍ଶଙ୍କ ଅନୁପସ୍ଥିତରେ ଟ୍ରେଭିସ ହେଡଙ୍କୁ ଦଳରେ ନେତୃତ୍ୱ ଦିଆଯାଇଥିଲା।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି